*ଆସନ୍ତା ୫ ବର୍ଷରେ ଭାରତ ଏବଂ ଓଡ଼ିଶାର ଅର୍ଥନୀତି, ରାଜନୀତିର କିଭଳି ସ୍ଥିତି ରହିବ। ପ୍ରାକୃତିକ ବିପର୍ଯ୍ୟୟ ଦେଶ ଓ ରାଜ୍ୟକୁ କେତେ ପ୍ରଭାବିତ କରିବ। କୃଷି କ୍ଷେତ୍ରର ସ୍ଥିତି କ'ଣ ରହିବ। କରୋନା ଭଳି ଆଉ କିଛି ମହାମାରୀ ଆଶଙ୍କା ରହିଛି କି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ପରିଣାମ କ'ଣ ହେବ। ସାଧାରଣ ନାଗରିକ ଆଗାମୀ ବର୍ଷ କିଭଳି ବିତାଇବେ। ଏଭଳି କିଛି ପ୍ରଶ୍ନର ଉତ୍ତର ଦେଇଛନ୍ତି ରାଜ୍ୟର ବିଭିନ୍ନ ଅଞ୍ଚଳର ଜଣାଶୁଣା ଜ୍ୟୋତିର୍ବିଦ୍।*



## ଶାସକ ଦଳ ମଜଭୁତ ରହିବ



ଭାରତର ଗ୍ରହସ୍ଥିତି ଦେଖିବାକୁ ଗଲେ ମକର ରାଶି ବକ୍ରଗତି କରି ଆସୁଛି। ଫଳରେ ଭାରତକୁ ଆଗାମୀ ପାଞ୍ଚବର୍ଷ ବହୁ ସତର୍କତା ସହ ଚଳିବାକୁ ପଡ଼ିବ। ରାଜନୈତିକ ଦଳଗୁଡ଼ିକ ଅସନ୍ତୋଷ, ବାଦବିବାଦରେ ଜଡ଼ିତ ରହି ଅସ୍ଥିରତା ସୃଷ୍ଟି କରିବା ଦ୍ୱାରା ଦେଶବାସୀଙ୍କୁ ବହୁ ସମସ୍ୟାକୁ ସାମ୍ନା କରିବାକୁ ପଡ଼ିପାରେ। ଶାସକ ଦଳ ମଜଭୁତ ରହିବ। ପୁନର୍ବାର ଶାସକ ଦଳ କ୍ଷମତାକୁ ଆସିବା ବହୁ ସମ୍ଭାବନା ରହିଛି। ଓଡ଼ିଶାର ରାଜନୈତିକ ପରିସ୍ଥିତି ସୁଦୃଢ଼ ଥିଲେ ମଧ ଆଗାମୀ ଦିନରେ ଆର୍ଥିକ ଅନଟନ ଦେଖାଦେବ। ସରକାର ତାହାର ନିରାକରଣ କରିବେ। ଆଗାମୀ ଦିନରେ ନିର୍ବାଚନ ସମୟ ପୂର୍ବରୁ ଗୋଷ୍ଠୀ କନ୍ଦଳ ଶାସକ ଦଳ ପାଇଁ କ୍ଷତିକାରକ ହୋଇପାରେ। କେବଳ ଶାସକ ଦଳ ନୁହେଁ, ପ୍ରମୁଖ ରାଜନୈତିକ ଦଳରେ ଗୋଷ୍ଠୀକନ୍ଦଳ ଦେଖାଦେଇପାରେ, ଯଦ୍ଦ୍ୱାରା ପ୍ରକୃତ ଜନପ୍ରତିନିଧି ଶାସକ କିମ୍ବା ବିରୋଧୀ ଦଳକୁ ଆସିବା ପାଇଁ ସୁଯୋଗ ପାଇବେ ନାହିଁ। ଆଗାମୀ ୫ ବର୍ଷରେ ଦେଶ, ରାଜ୍ୟରେ ବନ୍ୟା, ବାତ୍ୟା, ଭୂସ୍ଖଳନ, ଜଳବାୟୁ ପରିବର୍ତ୍ତନ ବୃଦ୍ଧି ପାଇବା ସହ ଚାଷ କ୍ଷେତ୍ରରେ ବାଧା ସୃଷ୍ଟି ହେବ। ପ୍ରାକୃତିକ ବିପର୍ଯ୍ୟୟ ଦେଶ ଓ ରାଜ୍ୟର ଅର୍ଥନୀତି ଉପରେ ପ୍ରଭାବ ପକାଇବ। ଆଗାମୀ ୫ ବର୍ଷ ମଧ୍ୟରେ କରୋନା ଭଳି ଅନେକ ମହାମାରୀ ଲାଗି ରହିବ, ଯାହାକି ଦେଶ ଓ ରାଜ୍ୟର କ୍ଷତି ଘଟାଇବା ସହ ଅନେକ ଧନଜୀବନ ନଷ୍ଟ କରିବା ଆଶଙ୍କା ରହିଛି। ଅନ୍ୟପକ୍ଷରେ ରୁଷିଆ ଓ ୟୁକ୍ରେନ ଯୁଦ୍ଧ ଉଭୟ ଦେଶର ଅନେକ କ୍ଷୟ ଘଟାଇଛି। ଆଗାମୀ ୨ ବର୍ଷ ୬ ମାସ ପର୍ଯ୍ୟନ୍ତ ଏହି ଯୁଦ୍ଧ ସାରା ବିଶ୍ୱରେ ଭୟଙ୍କର ରୂପ ଧାରଣ କରିବା ସହ ମହାମାରୀ ଦେଖାଦେବ।

**-ବିନାୟକ ଶତପଥୀ, ରାଜ ପୁରୋହିତ, ଜ୍ୟୋତିଷ, ମାଲକାନଗିରି**

## ଦେଖାଦେବ ଜଳ ସଙ୍କଟ



ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ଭାରତ ବୈଦେଶିକ ନୀତି ଯୋଗୁ କେତେକ ସ୍ଥାନରେ ନୂତନ ସମସ୍ୟାର ସମ୍ମୁଖୀନ ହେବ। ଫଳରେ କେତେକ ପୁରାତନ ବନ୍ଧୁଦେଶ ସହ ସମ୍ପର୍କ ବ୍ୟାହତ ହୋଇପାରେ। ରାଜନୈତିକ ଅସ୍ଥିରତା ରହିଲେ ମଧ ବିରୋଧୀ ଦଳ ବଳଶାଳୀ ହେବା ଆଶା କ୍ଷୀଣ। ବୈଦେଶିକ ଗବେଷଣା ସଫଳ ହେବ। ଓଡ଼ିଶାରେ ରାଜନୈତିକ ବିଭେଦ ଦେଖାଦେଇପାରେ। ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଧନଜୀବନ କ୍ଷତି ହେବ। ୨୦୨୪ ଓ ୨୦୨୫ ରାଜ୍ୟରେ କୌଣସି ଅଜଣା ରୋଗରେ ଛୋଟ ପିଲାମାନେ ସଂକ୍ରମିତ ହେବାର ଜଣାପଡୁଛି। ରାଜ୍ୟର ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଫସଲହାନି ହେବା ସହ ଯାନବାହନ ଦୁର୍ଘଟଣାଜନିତ ମୃତ୍ୟୁହାର ବୃଦ୍ଧି ହେବ। ଛାତ୍ର ଓ କର୍ମଚାରୀଙ୍କ ଆନ୍ଦୋଳନ ସହ ଅର୍ଥନୈତିକ ବିପର୍ଯ୍ୟୟ ଘଟିବ। କୃଷି କ୍ଷେତ୍ରରେ ସାମ୍ପ୍ରତିକ ଉନ୍ନତି ହେଲେ ମଧ ଜଳ ସଙ୍କଟ ଯୋଗୁ ଚାଷୀମାନେ ଅନେକ ସମୟରେ ଅସନ୍ତୁଷ୍ଟ ହୋଇପାରନ୍ତି।

**- କମଳ ଲୋଚନ ଦାଶ, ଜ୍ୟୋତିଷ ବିଶାରଦ, ବାରକୋଟ, ଦେବଗଡ଼**

## ରୁଷିଆ ମୁଣ୍ଡ ନୁଆଁଇବ



ଭାରତର ରାଜନୈତିକ ପଦକ୍ଷେପ ବିଶ୍ୱରେ ପ୍ରଶଂସା ସାଉଁଟିବ। ଅର୍ଥନୈତିକ ସ୍ଥିତିକୁ ପର୍ଯ୍ୟାଲୋଚନା କଲେ ରାଜନୈତିକ ବ୍ୟକ୍ତିବିଶେଷ, ଅମଲାତନ୍ତ୍ର ଏବଂ ଶିଳ୍ପପତିମାନେ ଆପୋସ ବୁଝାମଣା କରି ସ୍ଥିତି ସୁଦୃଢ଼ କରି ନେବେ। ଭାରତ ବାହାରୁ କିଛି ଅର୍ଥ ଆସିବ। ସେହିପରି କେତେଜଣ ପୁଞ୍ଜିପତିଙ୍କର ଅର୍ଥରାଶି ଭାରତୀୟ ବିତ୍ତୀୟ ସଂସ୍ଥାରେ ମିଶିବ। ଏଣୁ ଆର୍ଥିକ ସ୍ଥିତି ସମାନୁପାତିକ ହେବ। ଓଡ଼ିଶାରେ ଆଗକୁ ଏକ ଝୁଲନ୍ତା ରାଜନୀତି ହୋଇଯିବ। ଆର୍ଥିକ, ରାଜନୈତିକ, ପ୍ରଶାସନିକ, ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ କ୍ଷେତ୍ରରେ ଓଡ଼ିଶାବାସୀଙ୍କ ପାଇଁ ସେତେଟା ଭଲ ହେବ ନାହିଁ। ବର୍ତ୍ତମାନ ମାଳିକା ଅନୁସାରେ ମୀନ ଶନି ଯୁକ୍ତ। ଏଣୁ ଦେଶ ଓ ରାଜ୍ୟ ପାଇଁ ପ୍ରତି ମାସରେ କିଛି ନା କିଛି ଦୈବୀ ଦୁର୍ବିପାକ ୨୦୨୪ ପର୍ଯ୍ୟନ୍ତ ଲାଗି ରହିବ। କୃଷି କ୍ଷେତ୍ରରେ ବୈଜ୍ଞାନିକମାନେ ଯେତେ ଉଦ୍ୟମ କଲେ ମଧ ଦୈବୀ ଦୁର୍ବିପାକ ଯୋଗୁ ଚାଷୀମାନଙ୍କ ମଧ୍ୟରେ ନିରୁତ୍ସାହିତ ଭାବ ଦେଖାଦେବ। ବିଶ୍ୱରେ ଶସ୍ୟହାନି ଘଟିବ। ଭାରତରେ ତଦନୁରୂପ ପ୍ରଭାବ ପଡ଼ିବ। ଚାଷୀମାନେ କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ରହିବେ। କରୋନା ଯେପରି ଆମ୍ଭମାନଙ୍କୁ ଶାନ୍ତିରେ ଶୁଆଇ ଦେଲାନାହିଁ। ସେହିଭଳି ୨୦୨୩ ଓ ୨୦୨୪ରେ ଦୁଇ ପ୍ରକାର ଭୂତାଣୁ ଆକ୍ରମଣାତ୍ମକ ହୋଇ ପ୍ରବେଶ କରିବେ। ହାର୍ଟ, କିଡ଼ନୀ, ଲଙ୍ଗସ୍, ବ୍ରେନ ଏହାର ପ୍ରଭାବରେ ଅକାମୀ ହୋଇଯିବ। ଏହାର ନିଦାନ ଡାକ୍ତରମାନେ କରିପାରିବେ ନାହିଁ। ବର୍ତ୍ତମାନ ରୁଷିଆ ଓ ୟୁକ୍ରେନ ଯୁଦ୍ଧ ଚାଲିଛି। ଅତି ଗର୍ବେ ହତ ଲଙ୍କା ପୂର୍ବକ ୟୁକ୍ରେନକୁ ୭ ଗୋଟି ଦେଶ ସହଯୋଗ କରିବେ। ଫଳରେ ରୁଷିଆ ମୁଣ୍ଡ ନୁଆଇବା ପାଇଁ ବାଧ ହେବ। ଆପୋସ ସମାଧାନ ପୂର୍ବକ ଓହରିଯିବ। ମେଷଠାରୁ ମୀନ ପର୍ଯ୍ୟନ୍ତ ଅନୁଧାନ କଲେ ବହୁ ବ୍ୟକ୍ତିବିଶେଷଙ୍କର ରାହୁ ମହାଦଶା, ଶନି ମହାଦଶା, କେତୁ ମହାଦଶା ପଡୁଛି। ମୋଟାମୋଟି ଭାବେ ସମସ୍ତେ ବର୍ତ୍ତମାନ ନିରାନନ୍ଦରେ ଜୀବନଯାପନ କରୁଛନ୍ତି। ସତେ ଯେମିତି ମଣିଷ ମାନସିକ ପଙ୍ଗୁ ପାଲଟିଯାଇଛି। ଆନନ୍ଦ, ଶାନ୍ତି ଓ ଭ୍ରାତୃଭାବ ଦୂରେଇ ଯାଇଛି। ସଦ୍‌ଗୁରୁଙ୍କ ପରାମର୍ଶ, ଆଧାତ୍ମିକ ଏବଂ ସାତ୍ତ୍ୱିକ ଜୀବନଯାପନ ଶାନ୍ତି ଦେବ।

**-ଜ୍ୟୋତିର୍ବିଦ୍ ମନୋଜ କୁମାର ଦାଶ**
**ଖଣ୍ଡପଡ଼ା ସାମନ୍ତ ଛକ, ନୟାଗଡ଼**

## ଓଡ଼ିଶାରେ ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ



ଭାରତର ଅର୍ଥନୀତି ଆଗାମୀ ଦିନରେ ସଦୃଢ଼ ହେବ। ବର୍ତ୍ତମାନର ସରକାରଙ୍କ ହିଁ ଆଧିପତ୍ୟ ବଜାୟ ରହିବ। ଓଡ଼ିଶାରେ ଶାସକ ଦଳର ସ୍ଥିତି ଭଲ ରହିବ। ଓଡ଼ିଶାର ଅର୍ଥନୀତି ମଧ୍ୟମ ସ୍ଥିତିରେ ରହିବ, ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ। ୨୦୨୪- ୨୦୨୫ରେ ଦେଶରେ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେବ। ବନ୍ୟା, ବାତ୍ୟା, ଭୂକମ୍ପ ଭଳି ବିପର୍ଯ୍ୟୟ ବଢ଼ିବ, ଯାହାକି ଦେଶର ଆର୍ଥିକ ମାନଦଣ୍ଡକୁ ଦୋହଲାଇ ଦେବ। ବିମାନ ଓ ରେଳ ଦୁର୍ଘଟଣା ସଂଖ୍ୟା ମଧ ବୃଦ୍ଧି ପାଇବ। ବିଶିଷ୍ଟ ରାଜନେତାଙ୍କ ବିୟୋଗ ଘଟିବ। ରାଜ୍ୟରେ ମହାବାତ୍ୟା ଭଳି ପରିସ୍ଥିତି ଉପୁଜିବ। ଜଳବାୟୁ ପରିବର୍ତ୍ତନର ପରିସ୍ଥିତି ଗମ୍ଭୀର ଭାବରେ ଦେଖାଦେବ। କୃଷି କ୍ଷେତ୍ରରେ ଦେଶ ଅତ୍ୟନ୍ତ ପ୍ରଭାବିତ ହେବ। କୃଷକଙ୍କ ଆୟ କମିବ। ଉତ୍ପାଦନ ପରିମାଣ ହ୍ରାସ ପାଇବ। ସାଧାରଣ ବର୍ଗର ଲୋକଙ୍କ ପାଇଁ ଆଗାମୀ ପାଞ୍ଚବର୍ଷରେ ଚଳିବା କଷ୍ଟସାଧ ହେବ। ଦରଦାମ ବୃଦ୍ଧି ସାଧାରଣ ଲୋକଙ୍କୁ ଅଧିକ ପ୍ରଭାବିତ କରିବ। ଯୋଜନା ମୁତାବକ କାର୍ଯ୍ୟ ନ ପାଇ ଅସନ୍ତୋଷ ସୃଷ୍ଟି ହେବ, ରୋଜଗାର ହ୍ରାସ ଯୋଗୁ ପରିବାରର ବୋଝ ବଢ଼ିବ। ସେହିପରି କରୋନା ଭଳି ନୂଆ ନୂଆ ରୋଗ ପୃଥିବୀରେ ବ୍ୟାପିବ, ଯାହା ଦ୍ୱାରା ଆମ ଦେଶ ମଧ ପ୍ରଭାବିତ ହେବ। ରୁଷିଆ-ୟୁକ୍ରେନ୍ ମଧ୍ୟରେ ରାଜନୈତିକ ବୁଝାମଣା ହେବ। ୟୁକ୍ରେନ୍ ଆତ୍ମସମର୍ପଣ ପାଇଁ ବାଧ ହେବ, ଯୁଦ୍ଧ ବନ୍ଦ ହେବ।

**-ପଣ୍ଡିତ ସୁଦର୍ଶନ ତ୍ରିପାଠୀ**
**ପାଞ୍ଜି ଗଣନାକାର, ପାରଳାଖେମୁଣ୍ଡି**

## ଗୁରୁତ୍ୱପୂର୍ଣ୍ଣ ପଦବୀରେ ନୂଆ ମୁହଁ



୨୦୨୪ ମସିହାରେ ବୈଦେଶିକ ପୁଞ୍ଜିନିବେଶ ବୃଦ୍ଧି ପାଇବ, ଶିକ୍ଷକ୍ଷେତ୍ରରେ ଅଗ୍ରଗତି ହେବ। ବହୁ ବିଦେଶୀ ରାଷ୍ଟ୍ର ଭାରତ ଉପରେ ନିର୍ଭର କରିବେ। ମୁଣ୍ଡପିଛା ଆୟର ବୃଦ୍ଧି ଘଟିବ। କୃଷି ଜନିତ ଉତ୍ପାଦନ ବୃଦ୍ଧି ପାଇବ। ୨୦୨୯ ବେଳକୁ ଭାରତର ଅର୍ଥନୀତି ସୁଦୃଢ ହେବ। କୃଷି କ୍ଷେତ୍ରରେ ବହୁ ଅଗ୍ରଗତି ଘଟିବ। ନୂତନ ତଥା ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାର ଦ୍ୱାରା ଉତ୍ପାଦନ ବୃଦ୍ଧିପାଇବ। ବର୍ତ୍ତମାନର ଯୁବ ସମାଜ ଆଗକୁ କୃଷି କ୍ଷେତ୍ରରେ ଅଧିକ ଧ୍ୟାନ ଦେବେ। ଦେଶରେ ବର୍ତ୍ତମାନର ଶାସକ ଦଳ ବହୁ ପ୍ରତିବନ୍ଧକ ତଥା ବୁଝାମଣା ଭିତ୍ତିରେ ପୁନର୍ବାର ସରକାର ଗଠନ କରିବ। ତୁଳନାତ୍ମକ ଭାବେ ଅନ୍ୟ ରାଜ୍ୟଗୁଡ଼ିକଠାରୁ ଓଡ଼ିଶାର ଅର୍ଥନୀତି ବିଶେଷ ପରିବର୍ତ୍ତନ ହେବ ନାହିଁ। ରାଜ୍ୟରେ ବେକାରୀ ସଂଖ୍ୟା ବୃଦ୍ଧିପାଇବ। ବର୍ତ୍ତମାନର ଶାସକ ଦଳ ପୁନଃକ୍ଷମତାକୁ ଆସିବ। ଗୁରୁତ୍ୱପୂର୍ଣ୍ଣ ପଦବୀରେ ନୂଆ ମୁହଁ ଆସିବ। ୨୦୨୪ ଓ ୨୦୨୫ରେ ଭାରତର ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକରେ ବାତ୍ୟା ଓ ବନ୍ୟା ହେତୁକ ଧନଜୀବନ ପ୍ରଭାବିତ ହେବ। ଓଡ଼ିଶାରେ ମଧ ୨୦୨୫ ଓ ୨୦୨୬ରେ ବାତ୍ୟା ଜନିତ କ୍ଷୟକ୍ଷତିର ଆଶଙ୍କା ରହିଛି। ୨୦୨୩ ଜୁନ୍‌ରୁ କରୋନାର ପ୍ରଭାବ ପୂରା କମିଯିବ। ମୃତ୍ୟୁହାର ସମ୍ପୂର୍ଣ୍ଣ କମିଯିବ। ଆସନ୍ତା ୫ ବର୍ଷ ମଧ୍ୟରେ କରୋନା ଭଳି ମହାମାରୀ ଆଶଙ୍କା ନାହିଁ। ସାଧାରଣ ଲୋକେ ଅଧିକ ଭୋଗ ବିଳାସ ଆଡ଼କୁ ମନ ବଳାଇବେ। ଶ୍ରମ କମିଯିବ। ସହଜ ରାସ୍ତାକୁ ଆପଣାଇବେ। ପ୍ରତ୍ୟେକ ବ୍ୟକ୍ତି ମାନସିକ ବ୍ୟସ୍ତତା ଆଡ଼କୁ ଗତି କରିବେ। ଅନ୍ୟପକ୍ଷରେ ୟୁକ୍ରେନ ଶେଷରେ ରୁଷିଆ ସହ ସନ୍ଧି କରିବ। ୨୦୨୩ ଫେବୃୟାରୀ ପର୍ଯ୍ୟନ୍ତ ସ୍ଥିତି ଖରାପ ରହିବ।

**-ଜ୍ୟୋତିର୍ବିଦ୍ ରୁଦ୍ର କୁମାର ବିଶ୍ୱାଳ, ଜାନିଗୁଡା, କୋରାପୁଟ**

## ସାଧାରଣ ରୋଗ ଭାବେ ରହିଯିବ କରୋନା



ଭାରତର ଅର୍ଥନୀତିରେ କୌଣସି ଅବନତି ଘଟିବ ନାହିଁ। ରାଜନୀତି କ୍ଷେତ୍ର ଠିକ୍ ରହିବ। ବିରୋଧୀ ଗୋଷ୍ଠୀ ଅସ୍ଥିରତା ସୃଷ୍ଟି କରିବାକୁ ଚେଷ୍ଟା କରିବେ, ଜନମତ ହାସଲ କରିପାରିବେ ନାହିଁ। କେନ୍ଦ୍ର ସରକାରଙ୍କ ପ୍ରତି କୌଣସି ବିପଦ ନାହିଁ। ଓଡ଼ିଶାରେ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ରାଜନୀତି କ୍ଷେତ୍ରରେ ଆଗାମୀ ୫ ବର୍ଷ ପାଇଁ ସରକାର ପରିବର୍ତ୍ତନ ହେବ ନାହିଁ। ବର୍ତ୍ତମାନର ସରକାର ପୁଣି କ୍ଷମତାକୁ ଆସିବ। ସେହିପରି ଦେଶରେ ସେଭଳି କିଛି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ସ୍ଥିତି ସୃଷ୍ଟି ହେବ ନାହିଁ। ସାମୟିକ ବନ୍ୟା ହେଲେ ବି ଉଦ୍‌ବେଗଜନକ ହେବନାହିଁ। କୃଷି କ୍ଷେତ୍ରରେ ଉନ୍ନତି ହେବ। କୃଷକଙ୍କ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉଲ୍ଲେଖନୀୟ ପଦକ୍ଷେପ ନେବେ। କରୋନା ସାଧାରଣ ରୋଗ ଭଳି ସ୍ଥିତିରେ ରହିବ। ଆଉ କୌଣସି ନୂତନ ପ୍ରାଣଘାତକ ମହାମାରୀର ଆଶଙ୍କା ନାହିଁ। ଅନ୍ୟପକ୍ଷରେ ରୁଷିଆ-ୟୁକ୍ରେନ ଯୁଦ୍ଧର ଅବସାନ ଘଟିବ। ଆଗାମୀ ୩ ମାସ ମଧ୍ୟରେ ଯୁଦ୍ଧର ଗତିଶୀଳତା କମିଯିବ।

**-ଜ୍ୟୋତିର୍ବିଦ୍ ଡ.ନିର୍ମଳ ଚନ୍ଦ୍ର ମିଶ୍ର, ବାଲିଗୁଡ଼ା, କନ୍ଧମାଳ**

## ବିଶ୍ୱ ଯୁଦ୍ଧରେ ଭାରତ କ୍ଷତିଗ୍ରସ୍ତ ହେବ



ଭାରତର ଲଗ୍ନ-ବୃଷ, ରାଶି-କର୍କଟ ଓ ନକ୍ଷତ୍ର-ପୁଷ୍ୟା। ଭାରତ ଯେତେବେଳେ ସ୍ୱାଧୀନତା ପାଇଲା ସେ ସମୟରେ କାଳସର୍ପ ଯୋଗ ବିଦ୍ୟମାନ ଥିଲା ଏବଂ ପଞ୍ଚଗ୍ରହ କୂଟ କର୍କଟ ରାଶିରେ ଥିଲା। ତେଣୁ ଭାରତ ସ୍ୱାଧୀନ ହେବା ପରଠାରୁ କେବେ ମଧ ସ୍ୱାବଲମ୍ବୀ ହୋଇପାରୁନାହିଁ। ଅର୍ଥ କ୍ଷେତ୍ରରେ ମଙ୍ଗଳ ବିଦ୍ୟମାନ, ମଙ୍ଗଳ ଏକ ପାପଗ୍ରହ ତେଣୁ ଅର୍ଥନୈତିକ ସମୃଦ୍ଧି ହୋଇ ପାରୁନାହିଁ । ରାଜନୀତି କ୍ଷେତ୍ରରେ ବୃହସ୍ପତି ବିଦ୍ୟମାନ ଥିବାରୁ ରାଜନୈତିକ ପରିବର୍ତ୍ତନ ଘଟି ଭାରତ ଅଗ୍ରଗାମୀ ହେଉଛି। ୧୧।୯।୨୦୨୫ ପର୍ଯ୍ୟନ୍ତ ଭାରତର ଚନ୍ଦ୍ର ମହାଦଶା ଚାଲୁଛି। ସେ ପର୍ଯ୍ୟନ୍ତ ଭାରତର ରାଜନୀତିରେ ବା ଅର୍ଥନୀତିରେ କୌଣସି ପରିବର୍ତ୍ତନ ହେବ ନାହିଁ। ତା'ପରେ ଏକ ବିଶ୍ୱ ଯୁଦ୍ଧରେ ଭାରତ ପକ୍ଷଭୁକ୍ତ ହୋଇ ବହୁ କ୍ଷୟକ୍ଷତିର ସମ୍ମୁଖୀନ ହେବା ସମ୍ଭାବନା ରହିଛି। ଭାରତକୁ ବହୁ ଆର୍ଥିକ କ୍ଷତି ସହିବାକୁ ପଡ଼ିବ। ଆଶଙ୍କା ରହିଛି। ଅପରପକ୍ଷରେ ଆସନ୍ତା ଦୁଇ ବର୍ଷ ପରେ ଓଡିଶାର ଆର୍ଥିକ ସ୍ଥିତି ଦୋହଲିଯିବ। ରାଜନୀତି କ୍ଷେତ୍ରରେ ପରିବର୍ତ୍ତନ ଘଟିବ। ଦରବୃଦ୍ଧି ଯୋଗୁ ଜନସାଧାରଣ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଦାୟୀ କରି ଅସନ୍ତୁଷ୍ଟ ରହିବେ। ୧୦।୧୨।୨୦୨୨ରୁ ୧୧।୭।୨୦୨୩ ମଧ୍ୟରେ ଚନ୍ଦ୍ର ମହାଦଶାରେ କେତୁ ଅନ୍ତର୍ଦ୍ଦଶା ଚାଲିବାକୁ ଥିବାରୁ ବହୁ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ଘଟିବ। ମହାବାତ୍ୟା, ଅତ୍ୟନ୍ତ ଗ୍ରୀଷ୍ମ ପ୍ରବାହ, ଭୂକମ୍ପ ଆଦି ଦେଖାହେବ। ୮।୩।୨୦୨୫ ଠାରୁ ରକ୍ତ ଚନ୍ଦ୍ର ମହାଦଶାରେ ରବି ଅନ୍ତର୍ଦ୍ଦଶା ରହିବ। କାରଣରୁ କୃଷି କ୍ଷେତ୍ର ପାଣିପାଗ ଦ୍ୱାରା ବିଶେଷ ପ୍ରଭାବିତ ହେବା ଆଶଙ୍କା ରହିଛି। ସେହିପରି ଷଷ୍ଠ ସ୍ଥାନରେ ବୃହସ୍ପତି, ଷଷ୍ଠାଧିପତି ଶୁକ୍ର ଅସ୍ତ। ଏପରିସ୍ଥିତିରେ ମହାମାରୀ ଆଶଙ୍କା ରହୁଛି। କିନ୍ତୁ ବୃହସ୍ପତିଙ୍କ କୃପାରୁ ମହାମାରୀ ସେତେ ବ୍ୟାପିବ ନାହିଁ। କାରଣ ବୃହସ୍ପତି ଏକ ଶୁଭଫଳ ପ୍ରଦାୟକ ଗ୍ରହ। ଯଦିଓ ବିଶ୍ୱରେ ମହାମାରୀ ଦେଖାଦେବ, ତଥାପି ଭାରତରେ ତାହା ଏତେ ମାତ୍ରାରେ କ୍ଷୟକ୍ଷତି କରିପାରିବ ନାହିଁ। ସୃଷ୍ଟାରମ୍ଭ ଜାତକ ଅନୁସାରେ ଯାହା ଜଣାପଡୁଛି ରୁଷିଆ-ୟୁକ୍ରେନ ଯୁଦ୍ଧ ୨୦୨୫ ମସିହା ଶେଷ ପର୍ଯ୍ୟନ୍ତ ଲାଗି ରହିବ। ଶେଷରେ ଏକ ବିଶ୍ୱ ଯୁଦ୍ଧ ହୋଇ ସମାପ୍ତ ହେବ।

**- ମେଡେନ୍ କୁମାର ବିଶି, ଜ୍ୟୋତିର୍ବିଦ୍ ତଥା ଜଣାଶୁଣା ପାଞ୍ଜି ଗଣକ, ସୋନପୁର**

## କୂଟନୀତିରେ ଭାରତ ଦୃଢ଼ ହେବ



ସ୍ୱାଧୀନ ଭାରତର କୁଣ୍ଡଳୀରୁ ଜଣାଯାଏ ଯେ ବୃଷ ଲଗ୍ନରେ ରାହୁ ଉଚ୍ଚସ୍ଥ, ମିତ୍ର ଗୃହୀ, ଏଣୁ ବଳବାନ। ନାଗରିକ ସଂଘର୍ଷମୟ ଜୀବନ ପାଇବେ। ଦ୍ୱିତୀୟତଃ ମଙ୍ଗଳ ଭୂମିପୁତ୍ର। ପାରମ୍ପରିକ କୃଷି କ୍ଷରଣ ହେତୁ କ୍ଷେତ୍ର ଦୁର୍ବଳ ହେବ। ଷଷ୍ଠସ୍ଥ ବୃହସ୍ପତି ଶତ୍ରୁଗୃହୀ। କୂଟନୀତିରେ ଭାରତ ଦୃଢ଼ ହେବ। କାର୍ମେଶ ଶନି ଶତ୍ରୁ ଗୃହୀ। ଦେଶରେ ଆଳସ୍ୟ ବିରାଜମାନ କରିବ। ଏକତ୍ର ପଞ୍ଚଗ୍ରହଙ୍କ ସ୍ଥିତିରେ କୁଟୁମ୍ବଭାବ ଆଧାରରେ ଭାରତ ପୃଥିବୀର ନେତୃତ୍ୱ ନେବ। ପେଟ୍ରୋଲ ଭଳି ଅତି ଆବଶ୍ୟକ ପଦାର୍ଥର ମୂଲ୍ୟ ବଢ଼ିବ ଓ ଏହାଦ୍ୱାରା ଅର୍ଥନୀତି ବାଧିତ ହେବ। ରାଜନୀତି କ୍ଷେତ୍ରରେ କେନ୍ଦ୍ରୀୟ ଓ କ୍ଷେତ୍ରୀୟ ବିଚାର ଦୃଢ଼ ହେବ। କେନ୍ଦ୍ର ବ୍ୟାପକ ବିକାଶ ମାର୍ଗରେ ସାମୂହିକ ଉତ୍‌ଥାନ କଲା ବେଳେ କ୍ଷେତ୍ରୀୟ ଲୋଭନୀୟ ବସ୍ତୁ ବିନିମୟରେ ଜନସେବା କରିବ। ଏହାଦ୍ୱାରା ସାମାଜିକ ଜୀବନଚର୍ଯ୍ୟା ବଢ଼ିବ, ଜିଡିପିର ଦୁର୍ବଳ ସ୍ଥିତି ରହିବ। ଚତୁର୍ଥରେ ଗୁରୁଚାନ୍ଦ୍ରୀ ଯୋଗ ହେତୁ ରାଷ୍ଟ୍ର ସୁଖଦ ଜୀବନ ପାଇବ। ଓଡ଼ିଶାର ଜୀବନଧାରାରେ ମହିଳା ସଶକ୍ତୀକରଣ ହେତୁ ସାମାଜିକ ସଂଗଠନ ସରକାରଙ୍କ ସହଭାଗିତାରେ ଶାନ୍ତି ଆଣିବ। ଅସମାନତା ବର୍ଷା, ବାତ୍ୟା, ବନ୍ୟା, ମରୁଡି ରାଷ୍ଟ୍ର ତଥା ଓଡିଶାରେ ମଧ ଦେଖିବାକୁ ମିଳିବ। ଜଙ୍ଗଲ ପଦା ହେତୁ ରତ୍ନଗର୍ଭା ଭୂମି ଅନୁର୍ବର ରହୁଛି। ସିଂହ, ହାତୀ, ଚିତା, ବିଲୁଆ ଭଳି ପଶୁ ଓ ଦୂଷିତ ସାର ପ୍ରୟୋଗ ଦ୍ୱାରା ଜିଆ, ବେଙ୍ଗ, ଚଟୁଆ, ଶାଗୁଣା ଭଳି ଉପକାରୀ ପ୍ରାଣୀଙ୍କ ନିଃଶେଷ ସ୍ଥିତି ହେତୁ ଆଗାମୀ ଦିନରେ ଦେଶରେ କୃଷିକ୍ଷେତ୍ର ପ୍ରଭାବିତ ହେବ। ମଙ୍କିଫକ୍ସ ଭଳି ଅଦ୍ଭୁତ ରୋଗ ଜାତ ହେବ ଓ ପ୍ରୟୋଗାତ୍ମକ ଚିକିତ୍ସା ଦ୍ୱାରା ମୃତ୍ୟୁହାର ବିଶ୍ୱରେ, ରାଷ୍ଟ୍ରରେ ଓ ପ୍ରଦେଶରେ ଦୃଷ୍ଟିଗୋଚର ହେବ। ରୁଷିଆ, ୟୁକ୍ରେନ ଯୁଦ୍ଧ ଘଟଣା ବଢ଼ି ଚାଲିବ। ୟୁକ୍ରେନର ଅହମିକା ପାଇଁ ଧନଜୀବନ କ୍ଷରଣ ହେବ। ରୁଷିଆ- ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଅକ୍ଟୋବର ଶେଷ ବେଳକୁ ସମାପ୍ତ ହେବ। ପ୍ରତାରଣା ଦ୍ୱାରା ୟୁକ୍ରେନ ଦବିବ।

**-ଟୀକେଶ୍ୱର ଗୁରୁ, ସେନାନିବୃତ୍ତ ଜ୍ୟୋତିଷାଧ୍ୟାପକ**
**ବିଦ୍ୟାଭୂଷଣ ସଂସ୍କୃତ ମହାବିଦ୍ୟାଳୟ, ବଲାଙ୍ଗୀର**

## ଦେଶରେ ମିଳିତ ସରକାର ଗଠନ ହେବ



ଆସନ୍ତା ୫ ବର୍ଷ ଦେଶର ଅର୍ଥନୀତିରେ ପ୍ରଗତି ହେବ। ରାଜନୀତିରେ ମିଳିତ ସରକାର ଗଠନ ହେବ। ଓଡ଼ିଶାରେ ଛୋଟ ମୋଟ ରାଜନୈତିକ ସଙ୍କଟ ସୃଷ୍ଟି ହେଲେ ସୁଦ୍ଧା ସ୍ଥିର ସରକାର ରହିବ। ୨୦୨୪ରେ ମରୁଡ଼ି, ୨୦୨୫ରେ ମହାବାତ୍ୟା, ୨୦୨୬ରେ ଭୂତାଣୁଜନିତ ମହାମାରୀ ଆଶଙ୍କା ରହିଛି। ବର୍ଷାରେ ଅନିୟମିତତା ଯୋଗୁ ଚାଷ ପ୍ରଭାବିତ ହେବ। ଦେଶ ତଥା ରାଜ୍ୟରେ ଉତ୍ପାଦନ ହ୍ରାସ ପାଇବ। ସ୍ୱଳ୍ପମିଆଦୀ ଚାଷ ହେବ, ଦୀର୍ଘମିଆଦୀରେ ବିଫଳ ରହିବ। ୨୦୨୩ରେ ଭାରତର ହସ୍ତକ୍ଷେପ ପରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧର ସମାଧାନ ହେବ। ରାଶିଫଳ ଅନୁଯାୟୀ ସାଧାରଣ ଲୋକ ଖାଉଟି ସାମଗ୍ରୀର ଅଭାବ ଯୋଗୁ ଏବଂ ଅହେତୁକ ଦରବୃଦ୍ଧି ପାଇଁ ବିଶେଷ ପ୍ରଭାବିତ ହେବେ। ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବ।

**-ଜ୍ୟୋତିର୍ବିଦ୍ ତ୍ରିଲୋଚନ ପାଳ, ଖଲ୍ଲିକୋଟ, ଗଞ୍ଜାମ**

## ପ୍ରାକୃତିକ ବିପର୍ଯ୍ୟୟ ଦାଉ ସାଧିବ



ଆଗାମୀ ୫ ବର୍ଷରେ ଦେଶର ରାଜନୀତି କ୍ଷେତ୍ରରେ ବହୁ ବିଶୃଙ୍ଖଳା ଦେଖାଦେଇପାରେ। ପଦବୀ ପାଇଁ ନିଜ ନିଜ ମଧ୍ୟରେ ସଂଘର୍ଷ ଓ ଟଣାଓଟରା ଲାଗିରହିବ। ଏକଚ୍ଛତ୍ରବାଦ ଶାସନ ଆଶା ରଖି ଦଳୀୟ ବିଭାଜନ ହେବା ଆଶଙ୍କା ଅଛି। ଆର୍ଥିକ ସ୍ଥିତିର ମାନ ବଦଳିବ। ଲୁଟ୍, ଶୋଷଣ ବିଭିନ୍ନ ଦେଣନେଣ କାରବାର ଚାଲିବ। ଅର୍ଥ ସଙ୍କଟ କୃତ୍ରିମ ଭାବରେ ସୃଷ୍ଟି ହେବାର ଆଶଙ୍କା ରହିଛି। ଓଡ଼ିଶାର ସ୍ଥିତି ସେତେ ଭଲ ରହିବ ନାହିଁ। ଖାଦ୍ୟାଭାବ, ଦରଦାମ ବୃଦ୍ଧି, ରାଜନୀତି କ୍ଷେତ୍ରରେ ଅଦଳବଦଳ, ରାଜନୀତିରେ ଭ୍ରଷ୍ଟାଚାର ଆଶଙ୍କା କରାଯାଉଛି। ରତ୍ନ ଓ ଧାତୁର ମୂଲ୍ୟ ବିଶ୍ୱ ସ୍ତରରେ ହ୍ରାସ ପାଇପାରେ। ଘନ ଘନ ଭୂସ୍ଖଳନ, ବାତ୍ୟା, ମରୁଡ଼ି, ଅଦିନ କୁହୁଡ଼ି, ଅସାମାଜିକ କାର୍ଯ୍ୟ, ଅଗ୍ନି ପ୍ରବାହ ବଢ଼ିବା ଆଶଙ୍କା ରହିଛି। (ଦକ୍ଷିଣ-ପଶ୍ଚିମ)ନୈଋତ-ପଶ୍ଚିମାଞ୍ଚଳରେ ହିଂସାକାଣ୍ଡ, ଗୋଳାବାରୁଦା କାରବାର, ହତ୍ୟା ଆଦି ଦେଖାଦେବ। ଭାରତ ଅନ୍ୟ ଦେଶଗୁଡ଼ିକୁ ସାହାଯ୍ୟ କରିବାର ଆଶା ରଖି ବିଫଳ ହେବ। ଘୂର୍ଣ୍ଣିଝଡ଼, ସମୁଦ୍ର କୂଳ ଲଙ୍ଘିବାର ଆଶଙ୍କା ରହିଛି। କୃଷିଜାତ ଦ୍ରବ୍ୟ ଉତ୍ପାଦନରେ ବ୍ୟାଘାତ, ଉତ୍ପାଦନ ହ୍ରାସ ଓ ଉଚ୍ଚ ମୂଲ୍ୟରେ ବିକ୍ରି, ବେପାରୀମାନଙ୍କ ମଧ୍ୟରେ ଅବିଶ୍ୱାସ, ବାଣିଜ୍ୟରେ ଅବନତି ଓ ଆମଦାନୀ ରପ୍ତାନିରେ ବ୍ୟାଘାତ ଘଟିବା ଆଶଙ୍କା ଅଛି। ମହାମାରୀ ଆଶଙ୍କା ଯଦିଓ ସେତେ ଭୟଙ୍କର ନାହିଁ, କିନ୍ତୁ ମୃତ୍ୟୁ ହାର, ଅପମୃତ୍ୟୁର ସଂଖ୍ୟା ବଢ଼ିବ। ଚର୍ମ, ମସ୍ତିଷ୍କ, ଗଳା ରୋଗର ମାତ୍ରା ବଢ଼ିବା ଜଣାଯାଏ ଏବଂ ବିଭିନ୍ନ ଅକାଳ ମୃତ୍ୟୁ ଘଟିବା ଆଶଙ୍କା ରହିଛି। ରୁଷିଆ ଓ ୟୁକ୍ରେନ୍ ଯୁଦ୍ଧକୁ ଭିତ୍ତିକରି ସମଗ୍ର ବିଶ୍ୱରେ ଅନେକ କୁପ୍ରଭାବ ପଡ଼ିବ। ଦେଶ ଦେଶ ମଧ୍ୟରେ ମିତ୍ରତା ପ୍ରତ୍ୟକ୍ଷ ଭାବରେ ନଷ୍ଟ ହେବ। ବହୁମୁଖୀ ରାଷ୍ଟ୍ର ବିପ୍ଳବର ଆଶଙ୍କା ଘଟିପାରେ। ଆଗାମୀ ୫ ବର୍ଷରେ ସାଧାରଣ ଲୋକ ଅନେକ ମାତ୍ରାରେ ପ୍ରଭାବିତ ହେବେ। ଖାଦ୍ୟାଭାବ, ବିଭିନ୍ନ ଶିଶୁ ରୋଗ, ଶିକ୍ଷା କ୍ଷେତ୍ରରେ ବାଧା ଉପୁଜିପାରେ। ଆଧାତ୍ମିକ ଅନୁଷ୍ଠାନରେ ପ୍ରବୃତ୍ତ ହେବା, ଦୈବୀ ଉପାସନା କରିବା, ଆରାଧ ଦେବଦେବୀଙ୍କର ପୂଜାର୍ଚ୍ଚନା କରିବା ପ୍ରୟାସ ଜାରି ରଖିଲେ ମଙ୍ଗଳ ହେବ।

**-ଜ୍ୟୋତିଷାଚାର୍ଯ୍ୟ ହିମାଂଶୁ ଭୂଷଣ ମହାପାତ୍ର, ବରୁହାଁ, କବିରପୁର, ଯାଜପୁର**

## ଆଗାମୀ ୨ ବର୍ଷ ମୁଦ୍ରାସ୍ଫୀତି ଚିନ୍ତା



ବର୍ତ୍ତମାନ ସମ୍ବତ ୨୦୭୯ ଚାଲୁଛି। ଏହି ସମ୍ବତ୍ସରର ନାଁ ନଳ ଏବଂ ଏହାର ଅଧିପତି ଶୁକ୍ର। ଏହି ସମ୍ବତରେ ବିଶ୍ୱବାସୀ ଆର୍ଥିକ ପତନ, ଯୁଦ୍ଧ ଏବଂ ଅଗ୍ନି ସମ୍ବନ୍ଧୀୟ ଭୟ ଅନୁଭବ କରିବେ। ଜନସାଧାରଣ କର୍ମକ୍ଷେତ୍ରରେ ବାଧାବିଘ୍ନର ସମ୍ମୁଖୀନ ହେବେ। ବିଶ୍ୱସ୍ତରରେ ବାଣିଜ୍ୟ ବ୍ୟବସାୟରେ ବାଧା ଉପୁଜିବାର ଆଶଙ୍କା ରହିଛି। ଆମଦାନୀ ଏବଂ ରପ୍ତାନି ବାଧାପ୍ରାପ୍ତ ହେବ। ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଶକ୍ତି ପ୍ରଦର୍ଶନ ଏବଂ ଯୁଦ୍ଧ ଭୟ ରହିବ। କରୋନା ଭଳି ଅନ୍ୟ କୌଣସି ମହାମାରୀର ଆଶଙ୍କା ନାହିଁ। ପୃଥିବୀର ମୁଖ୍ୟ ଦେଶଗୁଡ଼ିକ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିବ। ଭାରତର ଶାନ୍ତି ପ୍ରତିଷ୍ଠା ଦିଗରେ ବିଶ୍ୱ ଆସ୍ଥା ପ୍ରକଟ କରିବ। ରୁଷିଆ ଏବଂ ୟୁକ୍ରେନ ଯୁଦ୍ଧ ବିରତି ପାଇଁ ବିଳମ୍ବ କରିବେ ଏବଂ ଯୁଦ୍ଧ ୨୦୨୨ ଶେଷପର୍ଯ୍ୟନ୍ତ ବଳବତ୍ତର ରହିବ। ଆସନ୍ତା ୫ ବର୍ଷ ମଧ୍ୟରେ ବିଶ୍ୱରେ ବିଭିନ୍ନ ଉତ୍‌ଥାନ ପତନ ସତ୍ତ୍ୱେ ଭାରତର ଆର୍ଥିକ ସ୍ଥିତି ସୁଦୃଢ ରହିବ। ମୁଦ୍ରାସ୍ଫୀତି ଯୋଗୁ ପ୍ରଜାମାନଙ୍କ ପାଇଁ ଆଗାମୀ ୨ ବର୍ଷ ମୁଣ୍ଡବିନ୍ଧାର କାରଣ ହୋଇପାରେ। ଅନ୍ତର୍ଜାତୀୟ କ୍ଷେତ୍ରରେ ଭାରତ ନିଜର ସ୍ଥିତି ବଜାୟ ରଖିବା ସହିତ ସମ୍ମାନ ବୃଦ୍ଧି କରିବ। ମହାକାଶ ଗବେଷଣା ଏବଂ ଭେଷଜ ବିଜ୍ଞାନ କ୍ଷେତ୍ରରେ ଆଲୋଡ଼ନ ସୃଷ୍ଟି ହେବ। ରାଜନୈତିକସ୍ତରରେ ବିରୋଧୀ ଶକ୍ତିମାନଙ୍କ ଏକତା ନୂତନ ସମୀକରଣ ସୃଷ୍ଟି କରିବ। ବିଶ୍ୱ ଜଳବାୟୁରେ ପରିବର୍ତ୍ତନ ଦ୍ୱାରା ଭାରତର କୃଷି ବାଧାପ୍ରାପ୍ତ ହେବ। ଓଡ଼ିଶାରେ ଯୁବଶକ୍ତିମାନେ ବିଜ୍ଞାନ, କମ୍ପ୍ୟୁଟର, ଅର୍ଥନୀତି, କ୍ରୀଡା ଏବଂ ଭେଷଜ ବିଜ୍ଞାନ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ମଧ ସରକାରଙ୍କ ଉପଯୁକ୍ତ ପଦକ୍ଷେପ ଦ୍ୱାରା ଜନସାଧାରଣଙ୍କୁ ଆଶ୍ୱସ୍ତି ମିଳିବ। ବିଶ୍ୱର ଜଳବାୟୁରେ ପରିବର୍ତ୍ତନ ଯୋଗୁ ଭାରତ ଏବଂ ଓଡ଼ିଶାର କୃଷି ୭% ପ୍ରଭାବିତ ହେବା ଆଶଙ୍କା ରହିଛି।

**-ଜ୍ୟୋତିର୍ବିଦ୍ ମନୋରଞ୍ଜନ ପୃଷ୍ଟି ,**
**କୋଟ, ଅଲଣାହାଟ,ଜଗତ୍‌ସିଂହପୁର**

## ବିଶ୍ୱ ପାଣିପାଗ ଅବସ୍ଥାରେ ଜଟିଳ ପରିସ୍ଥିତି



ଭାରତରେ ଆଗାମୀ ୨ବର୍ଷ ଅର୍ଥନୀତି ପାଇଁ ଅନୁକୂଳ ସମୟ ରହିଛି। ଅର୍ଥନୈତିକ ପ୍ରଗତି ଓ ବିକାଶର ଧାରା ସୁଗମ ହେବ। ରାଜନୈତିକ ସ୍ଥିରତା ବୃଦ୍ଧି ପାଇବ। ତେବେ ୨୦୨୫ ବେଳକୁ ବିଭିନ୍ନ ରାଜ୍ୟ ତଥା ଆଞ୍ଚଳିକସ୍ତରରେ ରାଜନୈତିକ ଅସ୍ଥିରତା ଦେଖାଦେବ। ଓଡ଼ିଶାରେ ନୂତନ ନେତୃତ୍ୱ ସୃଷ୍ଟିର ସମ୍ଭାବନା ୨୦୨୫ରେ ଦେଖାଦେବ। ସେହିପରି ଆଗାମୀ ଦିନରେ ବାତ୍ୟାର ପ୍ରକୋପ ବୃଦ୍ଧି ପାଇବ। ଘୂର୍ଣ୍ଣିଝଡ଼, ବାତ୍ୟା ଦେଖାଦେବ। ତେବେ ଜଳ ପ୍ଲାବନର ଆଶଙ୍କା କମ୍ ରହିବ। ୨୦୨୫ରେ ବନ୍ୟାର ପ୍ରକୋପ ଦେଖାଦେବ। ୨୦୨୭ରେ ଅଗ୍ନିଜନିତ ବିପର୍ଯ୍ୟୟରେ ସୂର୍ଯ୍ୟଙ୍କ ଉତ୍ତାପ ଓ ଅଗ୍ନିକାଣ୍ଡ ଦେଖାଦେବ। ଆଗାମୀ ପାଞ୍ଚବର୍ଷ ପାଇଁ ବିଶ୍ୱ ପାଣିପାଗ ଅବସ୍ଥାରେ ଅଧିକ ଜଟିଳ ପରିସ୍ଥିତି ଦେଖାଦେବ। ୨୦୨୦ ରୁ ୨୦୨୨ ମଧ୍ୟରେ ଗୋଚର ସ୍ଥିତିରେ ପ୍ରାଧାନ୍ୟ ବହନ କରୁଥିବା ଗ୍ରହଗଣଙ୍କ ସ୍ଥିତି ଦୁର୍ବଳ ରହିଥିଲା। ବର୍ତ୍ତମାନ ମଧ ସେହି ସ୍ଥିତିରୁ କିଛିଟା ଉନ୍ନତି ଆସିଛି। ତେଣୁ ୨୦୨୩-୨୪ ମଧ୍ୟରେ ମହାମାରୀର ଆଶଙ୍କା ଏତେଟା ଗୁରୁତ୍ୱପୂର୍ଣ୍ଣ ବା ଭୟ ସୃଷ୍ଟି କରିପାରିବ ନାହିଁ। ରୁଷିଆ - ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ବସ୍ତୁତଃ ଶିଥିଳତା ଆଡ଼କୁ ଗତି କରିବ। ଏହି ଉତ୍ତେଜନା ପ୍ରଶମିତ ହୋଇ ନୂତନ ମଧ୍ୟସ୍ଥି ପରିପ୍ରେକ୍ଷୀରେ ସମାଧାନ ବାଟ ମିଳିବ। ସାଧାରଣ ଲୋକଙ୍କ ନିମନ୍ତେ ରାଶିଫଳ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ସମଗ୍ର ଜ୍ୟୋତିଷ ଶାସ୍ତ୍ର ପରିପେକ୍ଷୀରେ ରାଶିଫଳ ବିଚାରରେ ୧୨ ଗୋଟି ରାଶିକୁ ଗ୍ରହଣ କରି ବାର ଭାଗର ଫଳାଦେଶ ମୋଟାମୋଟି ଭାବରେ ମିଳିଥାଏ। ରାଶିଫଳରୁ ମନୁଷ୍ୟର ଭାଗ୍ୟଫଳ ୧୫ ଶତକଡ଼ା ହୋଇଥିବା ବେଳେ ମନୁଷ୍ୟ ତାହାର ପରିବେଶ ଯଥା ବୃତ୍ତିଗତ ଓ ପାରିବାରିକ ପାରିପାର୍ଶ୍ୱିକ ପରିସ୍ଥିତିକୁ ନେଇ ୧୦ଶତକଡ଼ା ଫଳ ପାଇଥାଏ। ଅବଶିଷ୍ଟ ୭୫ ପ୍ରତିଶତ ଭାଗ୍ୟଫଳ ମନୁଷ୍ୟର ନିଜ ବ୍ୟକ୍ତିଗତ ଜାତକ ପ୍ରଭାବରୁ ମିଳିଥାଏ।

**– ଅନାମ ଚନ୍ଦ୍ର ସାହୁ , ଜ୍ୟୋତିର୍ବିଦ, ପୁରୀ**

## ଅଚିହ୍ନା ବ୍ୟାଧି ହେବ



ଅର୍ଥନୀତି କ୍ଷେତ୍ରରେ ଅନ୍ୟ ଦେଶ ତୁଳନାରେ ଆମ ଦେଶରେ ଅନେକ ସମସ୍ୟା ରହିବ ନାହିଁ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଏବଂ ରାଜ୍ୟରେ ଦେଶକୁ ଚଳାଉଥିବା ପ୍ରଶାସକମାନଙ୍କ ସମୟ ଭଲ ଚାଲିଛି। ଏମାନଙ୍କୁ ବୃହସ୍ପତିଙ୍କ ଶୁଭଦୃଷ୍ଟି ରହିଛି। ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ରାଶିରେ ଦ୍ୱିତୀୟରେ ଶନି ରହୁଛନ୍ତି। ତେଣୁ ପ୍ରାକୃତିକ ବିପର୍ଯ୍ୟୟ, ଚୋରି, ଡକାୟତି, ମାରପିଟ୍ ବଢ଼ିବା ଆଶଙ୍କା ରହିଛି । ଅଚିହ୍ନା ବ୍ୟାଧି ହେବ, ଘରେ ଘରେ ଅଯଥା କଥାକୁ ନେଇ କଳି ଘଟଣା ହୋଇପାରେ। ରୁଷିଆ-ୟୁକ୍ରେନ ଯୁଦ୍ଧର ସମାଧାନ ହେବା ସମ୍ଭାବନା ରହିଛି। କିନ୍ତୁ ଏହା ପୂର୍ବରୁ ଉଭୟ ଦେଶ ପକ୍ଷରୁ ବ୍ୟାପକ କ୍ଷୟକ୍ଷତି ହେବ। ସମସ୍ତଙ୍କର ରାଶି ସମାନ ନୁହେଁ। ଶନି ବର୍ତ୍ତମାନ ମକରରେ ରହୁଛନ୍ତି। ୫ ରାଶି ଉପରେ ଶନିର କୁପ୍ରଭାବ ପଡ଼ିବ ।

**-ଜ୍ୟୋତିର୍ବିଦ୍ ଅନନ୍ତ ରଥ, ଗୌତମ ନଗର, ୫ମ ଗଳି, ରାୟଗଡ଼ା**

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୦,୦୭,୪୨,୭୪୨ | ୬୪,୭୧,୬୦୧ | ୫୭,୪୮,୮୯,୮୯୪ |
| ଭାରତ | ୪,୪୩,୩୯,୪୨୯ | ୫,୨୭,୩୩୨ | ୪,୩୭,୧୨,୨୧୮ |
| ଓଡ଼ିଶା | ୧୩,୨୫,୦୬୧ | ୯୧୬୩(+୫୩) | ୧୩,୧୩,୩୬୦ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



# କାର୍ ଭିତରୁ ଶଳା, ଭିଣୋଇଙ୍କ ମୃତଦେହ ଜବତ


ମୃତ ତାପସ ଓ ପ୍ରତାପ


ନାଳକୁ ଭାସିଯାଇଥିବା କାର୍ ମଧ୍ୟରୁ ଶଳା, ଭିଣୋଇଙ୍କ ମୃତଦେହ ଉଦ୍ଧାର କରାଯାଉଛି।

**ବନ୍ୟାପାଣିରେ କାର୍ ଭାସିଯିବା ଘଟଣା**

**ମାମୁଙ୍କ ଏକାଦଶାହ ପାଇଁ ନିମନ୍ତ୍ରଣକାର୍ଡ ବାଣ୍ଟି ଫେରୁଥିଲେ**

ସମ୍ବଲପୁର/କୁଚିଣ୍ଡା,୨୧।୮(ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଫାସିମାଲ-ଲଇଡ଼ା ରାସ୍ତାର ନକଟିପାଲି ଗାଁ ନିକଟସ୍ଥ ବାରଟେଙ୍ଗରା ନାଳ ବନ୍ୟାପାଣିରେ ଶନିବାର ରାତିରେ ଭାସି ଯାଇଥିବା କାର୍ ଭିତରୁ ରବିବାର ଶଳା, ଭିଣୋଇଙ୍କ ମୃତଦେହ ଜବତ ହୋଇଛି। ସେମାନେ ହେଲେ ଜମନକିରା ବ୍ଲକ କୁଚିଣ୍ଡା ଥାନା ଗୁଣ୍ଡୁରୁଚୁଆଁ ଗ୍ରାମର ଶଳା ତାପସ ନାଏକ (୫୦) ଓ ଭିଣୋଇ ପ୍ରତାପ ପଟେଲ (୫୨)। ପରିବାର ଲୋକଙ୍କ ଉପସ୍ଥିତିରେ ସକାଳ ପ୍ରାୟ ୬ଟା ସମୟରେ ଅଗ୍ନିଶମ ବିଭାଗ କର୍ମଚାରୀ ଓ ପୋଲିସ ପ୍ରଖର ସ୍ରୋତରେ ପାଣି ଭିତରୁ କାର୍ କାଚ ଭାଙ୍ଗି ମୃତଦେହ ବାହାର କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲା। ଗାଁରେ ଶୋକାକୁଳ ପରିବେଶରେ ଦୁହିଁଙ୍କ ଅନ୍ତିମ ସଂସ୍କାର କରାଯାଇଛି।

ମିଳିଥିବା ରିପୋର୍ଟ ଅନୁସାରେ, ପ୍ରତାପ ପେସାରେ ଜଣେ ଇଞ୍ଜିନିୟର। ସେ ସିଙ୍ଗାପୁରରେ ଚାକିରି ଛାଡ଼ି ଗତମାସରେ ଗାଁକୁ ଆସିଥିଲେ। ତାପସ ଜୈବିକ ପ୍ରଣାଳୀରେ ଚାଷ କରି ଚର୍ଚ୍ଚାରେ ଥିବା ଜଣେ ପ୍ରତିଷ୍ଠିତ ଚାଷୀ ହୋଇଥିବା ବେଳେ ଦିଲ୍ଲୀରେ ଭାରତୀୟ ଜୀବନ ବୀମା ନିଗମରେ କାମ କରୁଥିଲେ। ସେ ଗ୍ରାମକୁ ମଝିରେ ମଝିରେ ଆସି ରହୁଥିଲେ। ତାପସଙ୍କ ମାମୁଙ୍କର ନିକଟରେ ପରଲୋକ ଘଟିଥିବାରୁ ତାଙ୍କ ଏକାଦଶାହ ପାଇଁ ସେ ଭିଣୋଇ ପ୍ରତାପଙ୍କ ସହ ଶନିବାର ଅପରାହ୍ନରେ କାର୍ଡ ବାଣ୍ଟିବାକୁ ଗୁଣ୍ଡୁରୁଚୁଆଁ ଗ୍ରାମରୁ ଏକ କାର୍‌ରେ ବାହାରି ଥିଲେ। ଯିବା ସମୟରେ ଉକ୍ତ ନାଳରେ ପାଣିର ସ୍ରୋତ ଅଧିକ ନ ଥିଲା। ସେମାନେ ଫାସିମାଲ ରାସ୍ତା ଦେଇ ଲଇଡ଼ା ଅଞ୍ଚଳକୁ ଯାଇଥିଲେ। ଉକ୍ତ ଅଞ୍ଚଳରେ ନିଜ ସମ୍ପର୍କୀୟମାନଙ୍କ ଘରେ କାର୍ଡ ବଣ୍ଟନ କରି ସନ୍ଧ୍ୟା ୭ଟାରେ ଫେରୁଥିଲେ। ହେଲେ ପ୍ରବଳ ବର୍ଷା ହୋଇଥିବାରୁ ବାରଟେଙ୍ଗରା ନାଳରେ ପାଣି ସ୍ରୋତ ବଢ଼ି ଯାଇଥିଲା। ପୋଲ ଉପରେ ପ୍ରାୟ ୨ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଥିଲା। ହେଲେ ଶଳା ଭିଣୋଇ ସାହସ କରି ନାଳ ପାର ହେବାକୁ ଚେଷ୍ଟା କରିଥିଲେ। କିନ୍ତୁ ପ୍ରଖର ସ୍ରୋତ କାର୍‌କୁ ଭସାଇ ନେଇଥିଲା। ସ୍ଥାନୀୟ ଲୋକମାନେ ଏହା ଦେଖି କୁଚିଣ୍ଡା ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବରପାଇ କୁଚିଣ୍ଡା ଉପଜିଲାପାଳ ଆଦିତ୍ୟ ଗୋଏଲ ଓ ଏସ୍‌ଡିପିଓ ରାଜକିଶୋର ମିଶ୍ର ମଧ୍ୟ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ ହେଁ ରାତି ହୋଇଯିବାରୁ ଫେରି ଆସିଥିଲେ। ସକାଳେ ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ନାଳଠାରୁ କିଛି ଦୂରରେ ଏକ ଗଛ ପାଖରେ କାର୍‌ଟି ଅଟକି ରହିଥିବା ଦେଖିବାକୁ ମିଳିଥିଲା। ରଶି ଲଗାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ କାର୍ ଭିତରୁ ଦୁହିଁଙ୍କୁ ବାହାର କରିଥିଲେ। ଏନେଇ କୁଚିଣ୍ଡା ଥାନା ଅଧିକାରୀ ଶୋଭାକର ସେଠଙ୍କୁ ପଚାରିବାରେ ନାଳରେ ଅଧିକ ପାଣି ପ୍ରବାହିତ ହେଉଥିବାରୁ ଅନ୍ୟମାନେ ଅପେକ୍ଷା କରିଥିଲେ। ହେଲେ ସେମାନେ ନାଳ ପାର ହେବାରୁ ଏପରି ଦୁର୍ଘଟଣା ଘଟିଲା ବୋଲି କହିଥିଲେ।

# ଗୁଜରାଟରେ ୧୦ ହଜାର କୋଟିର ଅବକାରୀ ଠକେଇ

- ଭାଜପା ବିରୋଧରେ ଅଭିଯୋଗ ଆଣିଲେ ସିସୋଡିଆ
- ଲୁକ୍ ଆଉଟ୍ ସର୍କୁ୍ୟଲାର ଜାରି ହୋଇନି: ସିବିଆଇ

ନୂଆଦିଲ୍ଲୀ,୨୧।୮

କେନ୍ଦ୍ର ଓ ଦିଲ୍ଲୀ ସରକାର ମଧ୍ୟରେ ଟଣାଓଟରା ଚରମ ସୀମାରେ ପହଞ୍ଚିଲାଣି। ଦିଲ୍ଲୀ ସରକାରଙ୍କ ଅବକାରୀ ନୀତି ୨୦୨୧-୨୨ର କାର୍ଯ୍ୟକାରିତାରେ ଅନିୟମିତତା ହୋଇଥିବା ଦର୍ଶାଇ ଉପରାଜ୍ୟପାଳ ବିନୟ ସକ୍ସେନା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଏହାର ତଦନ୍ତ ସୁପାରିସ କରିବା ପରଠାରୁ ସ୍ଥିତି ଆହୁରି ଖରାପ ହେବାରେ ଲାଗିଛି। ସିବିଆଇ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ଘରେ ଶୁକ୍ରବାର ଚଢ଼ାଉ କରିଥିଲା। ତଦନ୍ତ ବ୍ୟୁରୋ ପକ୍ଷରୁ ଦାଏର ଏଫ୍‌ଆଇଆର୍‌ରେ ଅବକାରୀ ବିଭାଗ ଦାୟିତ୍ୱରେ ଥିବା ସିସୋଡିଆଙ୍କ ସମେତ ୧୫ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଥିବାବେଳେ ସେ ଏଯାଏ ମୁକୁଳିପାରି ନାହାନ୍ତି। ଏବେ ସିସୋଡିଆ ନିଜ ଗିରଫଦାରି ଆଶଙ୍କା କରିଛନ୍ତି। ଭାଜପା ଶାସିତ ଗୁଜରାଟରେ ବର୍ଷକୁ ୧୦,୦୦୦ କୋଟି ଟଙ୍କାର ଅବକାରୀ ଟିକସ ଠକେଇ ଚାଲିଥିବାବେଳେ ସିବିଆଇ ସେଥିପ୍ରତି ଆଖି ବୁଜିଦେଇ ତାଙ୍କ ନାଁରେ ଲୁକ୍ ଆଉଟ୍ ସର୍କୁ୍ୟଲାର (ଏଲ୍‌ଓସି) ଜାରି କରିଥିବା ସିସୋଡିଆ କହିଛନ୍ତି। ଅନ୍ୟପକ୍ଷେ ଅଦ୍ୟାବଧି କୌଣସି ଅଭିଯୁକ୍ତଙ୍କ ବିରୋଧରେ ଏଲ୍‌ଓସି ଜାରି ହୋଇ ନ ଥିବା ସିବିଆଇ ପକ୍ଷରୁ କୁହାଯାଇଛି। ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏହାକୁ ଦଳର ଆବାହକ ତଥା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ବଢ଼ୁଥିବା ଜାତୀୟ ପତିଆରାକୁ ନ୍ୟୁନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚକ୍ରାନ୍ତ ବୋଲି ଅଭିହିତ କରିଛି। ଅପରପକ୍ଷରେ ଭାଜପା କହିଛି, ହ୍ୟାଣ୍ଡକଫ୍ କେଜ୍‌ରିୱାଲଙ୍କ ନିକଟତର ହେବାରେ ଲାଗିଛି।

୨୦୧୭ ନଭେମ୍ବର ୧୭ରୁ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀରେ ନୂଆ ଅବକାରୀ ନୀତି ପ୍ରଚଳିତ ଥିବାବେଳେ ଗତ ଜୁଲାଇରେ ଏହାର ସିବିଆଇ ତଦନ୍ତ ପାଇଁ ଉପରାଜ୍ୟପାଳ ସୁପାରିସ କରିଥିଲେ। ଏକ୍ସାଇଜ୍ ପଲିସି ସ୍କାମ୍‌ର ତଦନ୍ତ ଭାର ସିବିଆଇ ହାତକୁ ଯିବା ପରେ ଦିଲ୍ଲୀ ରାଜନୀତି ଚଳଚଞ୍ଚଳ ହୋଇଉଠିଛି। କେନ୍ଦ୍ର ସରକାର ଦିଲ୍ଲୀର ଶିକ୍ଷା ଓ ସ୍ୱାସ୍ଥ୍ୟ ମଡେଲକୁ ନେଇ ଈର୍ଷାନ୍ୱିତ ହୋଇ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ଏଏପି ନେତାମାନଙ୍କ ବିରୋଧରେ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଏଜେନ୍ସି କାର୍ଯ୍ୟାନୁଷ୍ଠାନକୁ 'ଡ୍ରାମା' କହି ନିଜ ଗିରଫଦାରି ଆଶଙ୍କା କରିଥିବାବେଳେ କୌଣସି ଅଭିଯୁକ୍ତଙ୍କ ବିରୋଧରେ ଲୁକ୍ ଆଇଟ୍ ସର୍କୁ୍ୟଲାର ଜାରି କରାଯାଇ ନ ଥିବା ରବିବାର ସିବିଆଇ ପକ୍ଷରୁ କୁହାଯାଇଛି। ଲୁକ୍ ଆଉଟ୍ ସର୍କୁ୍ୟଲାର ଜାରି କରାଗଲେ ସିସୋଡିଆ ସରକାରଙ୍କୁ ନ ଜଣାଇ ଦେଶଛାଡ଼ି ବାହାରକୁ ଯାଇପାରିବେ ନାହିଁ। ଜବତ ଦସ୍ତାବିଜଗୁଡ଼ିକୁ ଯାଞ୍ଚ କରି ଜେରା ପାଇଁ ନୋଟିସ କରାଯାଉଛି ବୋଲି ଜଣେ ସିବିଆଇ ଅଧିକାରୀ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନାନୁସାରେ ସିବିଆଇ ସ୍କାନରରେ ସିସୋଡିଆଙ୍କ ଘନିଷ୍ଠ ସହଯୋଗୀମାନଙ୍କ ସହ ହୋଇଥିବା ବହୁ କୋଟି ଟଙ୍କାର ଅନ୍ୟୁନ ୨ଟି ଆର୍ଥିକ କାରବାର ରହିଛି। ମଦ ବ୍ୟବସାୟୀ ତଥା ଇଣ୍ଡୋ ସ୍ପିରିଟ୍ ମାଲିକ ସମୀର ମାହେନ୍ଦ୍ରୁ ଏହି ଅନିୟମିତତାରେ ସମ୍ପୃକ୍ତ ଥିବା ସିବିଆଇ ଜାଣିବାକୁ ପାଇଛି। ମଦ ଲାଇସେନ୍ସ ପାଇଁ ବେପାରୀଙ୍କଠାରୁ ସଂଗୃହୀତ ଟଙ୍କାକୁ ସିସୋଡିଆଙ୍କ ସହଯୋଗୀ ଅମିତ୍ ଆରୋରା (ଗୁରୁଗ୍ରାମସ୍ଥିତ ବଡ୍ଡି ରିଟେଲ ପ୍ରା.ଲି଼. ଡାଇରେକ୍ଟର), ଦୀନେଶ ଆରୋରା ଓ ଅରୁଣ ପାଣ୍ଡେ କେତେଜଣ ଅମଲାତନ୍ତ୍ରୀଙ୍କ ଆକାଉଣ୍ଟକୁ ପଠାଇଥିବା ଏଫ୍‌ଆଇଆର୍‌ରେ ଦର୍ଶାଯାଇଛି। ଭାଜପାର ଦିଲ୍ଲୀ ଅଧ୍ୟକ୍ଷ ଅଦେଶ ଗୁପ୍ତା ଓ ରାଷ୍ଟ୍ରୀୟ ମୁଖପାତ୍ର ଗୌରବ ଭାଟିଆ ରବିବାର କେଜ୍‌ରିୱାଲଙ୍କୁ ଏହି ଦୁର୍ନୀତିର ମାଷ୍ଟରମାଇଣ୍ଡ ଅଭିହିତ କରିଛନ୍ତି। ଏଥିସହ ତାଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନରେ କେଜ୍‌ରିୱାଲ ଓ ମୋଦିଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଲଢ଼େଇ ହେବ ବୋଲି ଏଏପି କହୁଛି। ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ ଓ ଗୋଆ ବିଧାନସଭା ନିର୍ବାଚନରେ କ'ଣ ହେଲା ତାହା ସମସ୍ତେ ଜାଣନ୍ତି। ଆଗକୁ ମଧ୍ୟ ଏଏପିକୁ ଭୋଟର ଜବାବ ଦେବେ ବୋଲି ଗୌରବ କହିଛନ୍ତି।

> ଭାଜପା ଶାସିତ ଗୁଜରାଟରେ ବର୍ଷକୁ ୧୦,୦୦୦ କୋଟି ଟଙ୍କାର ଅବକାରୀ ଟିକସ ଠକେଇ ହେଉଛି। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ସବୁକିଛି ଜାଣିଶୁଣି ଆଖି ବୁଜିଦେଇଛି। ସେମାନେ ଏହାକୁ ନେଇ ଚିନ୍ତିତ ଥିଲେ ଗୁଜରାଟରେ ଲୋକେ ବିଷାକ୍ତ ମଦ ପିଇ ମରନ୍ତେ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହଇରାଣ କରିବା ପାଇଁ ସିବିଆଇ, ଇଡିକୁ ବ୍ୟବହାର କରୁଛନ୍ତି। ଏଥର ସେମାନେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଟାର୍ଗେଟ କରିବା ପାଇଁ ଅବକାରୀ ନୀତିରେ ଦୁର୍ନୀତି ହୋଇଥିବା ନେଇ ଭିତ୍ତିହୀନ ଅଭିଯୋଗ ଆଣିଛନ୍ତି।
>
> - ମନୀଷ ସିସୋଡିଆ, ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ




ବାଲେଶ୍ୱର ଜିଲା ମଥାନୀ-ବସ୍ତା ଗାନ୍ଧୀ ଛକ ରାସ୍ତାରେ ରବିବାର ଜଳକା ନଦୀର ବନ୍ୟାଜଳ ପ୍ରବାହିତ ହେଉଛି।


ବନ୍ୟାଜଳ ପ୍ରବାହିତ ହେବା ଯୋଗୁ ଯାଜପୁର ଜିଲା ଦଶରଥପୁର ବ୍ଲକ ଅଧୀନ କାଣୀ ନଦୀର ବ୍ରହ୍ମଚାରୀପାଟଣାଠାରେ ୩ ଦିନ ତଳେ ମରାମତି ହୋଇଥିବା ଘାଇ ରବିବାର ପୁଣି ଭାଙ୍ଗିଯାଇଛି।

## ୪ ବରିଷ୍ଠ ଅଗ୍ନିଶମ ଅଧିକାରୀଙ୍କୁ ବନ୍ୟାଞ୍ଚଳ ଦାୟିତ୍ୱ

ଭୁବନେଶ୍ୱର,(ବ୍ୟୁରୋ)୨୧।୮

ଲଗାଣ ବର୍ଷା ଫଳରେ ଉତ୍ତର ଓଡ଼ିଶାରେ ପୁଣି ବନ୍ୟାସ୍ଥିତି ଉପୁଜିଛି। ସୁବର୍ଣ୍ଣରେଖା ଓ ବୈତରଣୀରେ ବନ୍ୟା ଆସିବାରୁ ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଉଥିବାବେଳେ ବନ୍ୟା ବିପନ୍ନଙ୍କୁ ସ୍ଥାନାନ୍ତର, ଉଦ୍ଧାର, ରିଲିଫ୍ ବଣ୍ଟନରେ ସହାୟତା ପାଇଁ ଅଗ୍ନିଶମ ଡିଜି ସନ୍ତୋଷ ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ୪ ବରିଷ୍ଠ ଅଧିକାରୀଙ୍କୁ ଯାଜପୁର, ଭଦ୍ରକ, ବାଲେଶ୍ୱର ଜିଲାକୁ ପଠାଯାଇଛି। ଭଦ୍ରକ ଜିଲା ଚିଫ୍ ଫାୟାର ଅଫିସର (ଏସ୍‌ଏଜି) ଡି.କେ ସ୍ୱାଇଁଙ୍କୁ ଭଦ୍ରକ ଦାୟିତ୍ୱ ଦିଆଯାଇଥିବାବେଳେ କଟକ ସେଣ୍ଟ୍ରାଲ ରେଞ୍ଜର ଫାୟାର ଅଫିସର ବିଚିତ୍ର କୁମାର ପଣ୍ଡାଙ୍କୁ ବାଲେଶ୍ୱର, ଓଡ୍ରାଫ ଫାୟାର ଅଫିସର ରମେଶ ଚନ୍ଦ୍ର ମାଝିଙ୍କୁ ଯାଜପୁର ଏବଂ ବାଲେଶ୍ୱର ଡିଏଫ୍‌ଓ ସତ୍ୟପିର୍ ବେହେରାଙ୍କୁ ଜଳେଶ୍ୱର ଅଞ୍ଚଳ ଦାୟିତ୍ୱ ଦିଆଯାଇଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ୬ ବର୍ଷର ଶିଶୁ ମୃତ

ରାଉରକେଲା ଅଫିସ,୨୧।୮

ରାଉରକେଲା ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ସେକ୍ଟର-ଏ ବ୍ଲକରେ ରବିବାର ବିଦ୍ୟୁତ୍ ଆର୍ଥିଂ ତାର ସଂସ୍ପର୍ଶରେ ଆସି ଜଣେ ଶିଶୁଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅଭିଷେକ ପରମାଣିକ(୬)। ଏ ନେଇ ପୋଲିସ ଏକ ମାମଲା (ନଂ.୧୪୧।୮) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ବନ୍ଧମୁଣ୍ଡାର ରାଜୁ ପରମାଣିକଙ୍କ ଘର ପଛପଟ ବାଡ଼ିରେ ଏକ ବିଦ୍ୟୁତ୍ ଆର୍ଥିଂ ତାର ଝୁଲି ରହିଥିଲା। ରବିବାର ସକାଳ ସାଢ଼େ ୭ଟାରେ ରାଜୁଙ୍କ ପୁଅ ଅଭିଷେକ ବାଡି ଫୁଲ ତୋଳିବାକୁ ପଛପଟକୁ ଯାଇଥିବାବେଳେ ଉକ୍ତ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବନ୍ଧମୁଣ୍ଡା ରେଲୱେ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ୨୩ରୁ ପୁଣି ବର୍ଷା

ଭୁବନେଶ୍ୱର, ୨୧।୮(ବ୍ୟୁରୋ)

ମାସକରେ ଲଗାତର ୩ ଲଘୁଚାପ ଯୋଗୁ ପ୍ରବଳ ବର୍ଷା ହେବା ଫଳରେ ରାଜ୍ୟରେ ବନ୍ୟା ପରିସ୍ଥିତି ଲାଗିରହିଛି। ଅଧିକାଂଶ ଅଞ୍ଚଳରେ ଲୋକେ ପାଣି ଘେରରେ ନାନା ଦୁର୍ଦ୍ଦଶା ଭିତରେ କାଳାତିପାତ କରୁଛନ୍ତି। ତେବେ ଦୁଇଦିନ ଧରି ଶୁଖିଲା ପାଗ ବନ୍ୟା ବିପନ୍ନଙ୍କୁ ଆଶ୍ୱସ୍ତ ଦେଇଥିବାବେଳେ ଏବେ ବର୍ଷା ପାଇଁ ପୁଣି ଚିନ୍ତା ବଢ଼ିଛି। ଆସନ୍ତା ୨୩ ତାରିଖରୁ ରାଜ୍ୟରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ବିଶେଷକରି ଉପକୂଳ, ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡ଼ିଶାରେ ଘଡ଼ଘଡ଼ି ସହ ବର୍ଷା ହେବାର ଆଶଙ୍କା ରହିଛି। ୨୩ ତାରିଖରେ ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ହେବ। ଏଥିପାଇଁ ଏହି ତିନି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିଦିନ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, କଳାହାଣ୍ଡି, କନ୍ଧମାଳ ଓ ରାୟଗଡ଼ାରେ ଝଡ଼ତୋଫାନ ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିଭଳି ୨୪ରେ ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ଅନୁଗୋଳ ଓ ଢେଙ୍କାନାଳରେ ସ୍ୱଳ୍ପ ଧରଣର ବର୍ଷା ହେବା ସହିତ ବଜ୍ରପାତ ନେଇ ପାଣିପାଗ କେନ୍ଦ୍ର ସତର୍କ କରାଇଛି। ବଜ୍ରପାତ ନେଇ ଏସବୁ ଜିଲାକୁ ୨୪ରୁ ୨୫ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେପଟେ ରବିବାର ଅପରାହ୍ନ ସାଢ଼େ ୫ଟା ସୁଦ୍ଧା ବାଲେଶ୍ୱର ଜିଲାରେ ସର୍ବାଧିକ ୨୯.୨ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ହୀରାକୁଦରେ ୨୨, ସମ୍ବଲପୁରରେ ୧୨.୨, ସୋନପୁର ୧୦.୮, ଅନୁଗୋଳ ୯, ନୟାଗଡ଼ ୮, ବଲାଙ୍ଗୀର ୫, ପାରଳାଖେମୁଣ୍ଡି ୬.୮ ଓ ବରଗଡରେ ୬.୨ମିମି ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

## କେନ୍ଦ୍ରାପଡ଼ାକୁ ଯାତ୍ରୀବାହୀ ଟ୍ରେନ୍ ଚଳାଇବା ଲାଗି ରେଳମନ୍ତ୍ରୀଙ୍କୁ ଚିଠି ଲେଖିଲେ ରାଜ୍ୟପାଳ

କେନ୍ଦ୍ରାପଡ଼ା ଅଫିସ, ୨୧।୮

କେନ୍ଦ୍ରାପଡ଼ା ଜିଲାକୁ ଯାତ୍ରୀବାହୀ ରେଳ ଚଳାଚଳ ଦାବିରେ କେନ୍ଦ୍ରାପଡ଼ା ଜିଲା ବିକାଶ ପରିଷଦ ପକ୍ଷରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବିର ଯଥାର୍ଥତା ଥିବା ଦର୍ଶାଇ ରାଜ୍ୟପାଳ ଗତ ୨୦ ତାରିଖରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ଚିଠି (ନଂ. ୯୦୨) ଲେଖିଛନ୍ତି। ଏଥିରେ ରାଜ୍ୟପାଳ ଦର୍ଶାଇଛନ୍ତି, ଗତ ୧୦ ତାରିଖରେ କେନ୍ଦ୍ରାପଡ଼ା ଜିଲା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲି। ୭୦ ବର୍ଷର ସ୍ୱାଧୀନତା ପରେ କେନ୍ଦ୍ରାପଡ଼ା ଜିଲା ରେଳ ମାନଚିତ୍ରରେ ସ୍ଥାନ ପାଇଥିବା ଆଲୋଚନା ହୋଇଥିଲା। ତେବେ ୫ ବର୍ଷ ହେଲା ଏହି ରେଳପଥ କେବଳ ପଣ୍ୟ କାରବାର ହେଉଛି। ଯାତ୍ରୀବାହୀ ରେଳ ଚଳାଚଳ ଆରମ୍ଭ ହୋଇ ନ ଥିବା କେନ୍ଦ୍ରାପଡ଼ା ଜିଲା ବିକାଶ ପରିଷଦ ପକ୍ଷରୁ ସ୍ମାରକପତ୍ରରେ କୁହାଯାଇଥିଲା। କେନ୍ଦ୍ରାପଡ଼ା ଜିଲା ଐତିହାସିକ ଓ ସାଂସ୍କୃତିକ ଦୃଷ୍ଟିରୁ ସମୃଦ୍ଧ। ସେହିପରି ରାଜନୈତିକ ଓ ପର୍ଯ୍ୟଟନ କ୍ଷେତ୍ର ପାଇଁ ମଧ୍ୟ ପ୍ରସିଦ୍ଧ। କେନ୍ଦ୍ର ସରକାର ଆଜାଦୀ କା ଅମୃତ ମହୋତ୍ସବରେ ଯୋଗାଯୋଗକୁ ଗୁରୁତ୍ୱ ଦେଉଥିବାରୁ ପାରାଦୀପ-ହରିଦାସପୁର ରେଳପଥରେ କେନ୍ଦ୍ରାପଡ଼ାକୁ ଯାତ୍ରାବାହୀ ରେଳର ଚଳାଚଳା ବ୍ୟବସ୍ଥା କରିବାକୁ ରାଜ୍ୟପାଳ ଲାଲ ଚିଠିରେ ଉଲ୍ଲେଖ କରିଛନ୍ତି।

## ପଦ୍ମଶ୍ରୀ କମଳା ପୂଜାରୀ ଅସୁସ୍ଥ



ଜୟପୁର,୨୧।୮ (ନି.ପ୍ର.)

ପାରମ୍ପରିକ ଜୈବିକ ଚାଷର ପ୍ରଚାରପ୍ରସାର କରିବା ଦିଗରେ ବିଶେଷ ଭୂମିକା ଗ୍ରହଣ କରିଥିବା କୋରାପୁଟ ଜିଲାର ପଦ୍ମଶ୍ରୀ କମଳା ପୂଜାରୀ ରବିବାର ଅସୁସ୍ଥ ହୋଇପଡ଼ିଛନ୍ତି। କମଳା ଜ୍ୱର ସହ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ତାଙ୍କୁ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ସ୍ୱତନ୍ତ୍ର କ୍ୟାବିନ୍‌ରେ ରଖି ଚିକିତ୍ସା କରାଯାଉଛି। ଆବଶ୍ୟକ ହେଲେ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯିବ ବୋଲି ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ମାସକ ତଳେ କମଳା ଅସୁସ୍ଥ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସୁସ୍ଥ ହେବା ପରେ ଘରକୁ ଫେରିଥିଲେ।

# ରଦ୍ଦ ହେଲା ଡେପୁଟି କଲେକ୍ଟରଙ୍କ ସ୍ତ୍ରୀଙ୍କ ରାଶନ କାର୍ଡ

ମାଲକାନଗିରି, ୨୧।୮ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଡେପୁଟି କଲେକ୍ଟର ସ୍ତ୍ରୀଙ୍କ ନାମରେ ରାଶନ କାର୍ଡ କରି ଜମି ଖଜଣା ବାବଦକୁ ଅର୍ଥ କମ୍ ଦେଇ ପଟ୍ଟା ହାତେଇବା ଘଟଣା ଶନିବାର ଜଣାପଡ଼ିବା ପରେ ଉକ୍ତ କାର୍ଡକୁ ରବିବାର ରଦ୍ଦ କରାଯାଇଛି। ସେ କିପରି କାର୍ଡ ପାଇଲେ ଏବଂ ଏଥିରେ କେଉଁମାନେ ସମ୍ପୃକ୍ତ ତା'ର ତଦନ୍ତ କରାଯାଇ ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ମାଲକାନଗିରି ବ୍ଲକ ଯୋଗାଣ ଅଧିକାରୀ ହୃଷୀକେଶ ନାୟକ କହିଛନ୍ତି।

ଖବରରୁ ଜଣାପଡିଛି, ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିବା ଲଳିତ ମଣ୍ଡଳଙ୍କ ସ୍ତ୍ରୀଙ୍କ ନାମରେ ରାଶନ କାର୍ଡ ପ୍ରସ୍ତୁତ କରାଯାଇ ପୌର ପରିଷଦ ଲାଣ୍ଡ ରାଇଟ ଜମି ପ୍ରମାଣ ପତ୍ର ପାଇଁ ୧୦,୮୦୦ ଟଙ୍କା ଖଜଣା ଆକାରରେ ଦେଇ ଜମି ପ୍ରମାଣପତ୍ର ପାଇଥିଲେ। ତେବେ ସରକାରଙ୍କ ନିୟମ ଅନୁଯାୟୀ ଗରିବ ଲୋକେ ରାଶନ କାର୍ଡ ପାଇବା କଥା। ରାଶନ କାର୍ଡଧାରୀ ୧୦,୮୦୦ ଟଙ୍କା ଜମି ପ୍ରମାଣପତ୍ର ପାଇଁ ଦେବାର ନିୟମ ଥିବା ବେଳେ ସ୍ୱଚ୍ଛଳ ଲୋକଙ୍କୁ ଏହି ପ୍ରମାଣପତ୍ର ପାଇଁ ପ୍ରାୟ ୬୫,୦୦୦ ଟଙ୍କା ଖଜଣା ଆକାରରେ ଦେବାକୁ ପଡିବ ବୋଲି ନିୟମ ରହିଛି। ଏହି ଅଧିକ ଖଜଣାରୁ ବର୍ତ୍ତିବା ପାଇଁ ମଣ୍ଡଳଙ୍କ ସ୍ତ୍ରୀ ବିନୋତାରାନୀ ମଣ୍ଡଳଙ୍କ ନାମରେ ଥିବା ରାଶନ କାର୍ଡକୁ ବ୍ୟବହାର କରାଯାଇଛି। ମାଲକାନଗିରି ସହରରେ ବିଭିନ୍ନ ବସ୍ତିରେ ମୂଳନିବାସୀ ଭାବେ ବର୍ଷ ବର୍ଷ ଧରି ଅନେକ ବ୍ୟକ୍ତି ସରକାରୀ ଜମିରେ ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଏପର୍ଯ୍ୟନ୍ତ ରାଶନ କାର୍ଡ କିମ୍ବା ଘରଡିହ ପଟ୍ଟା ମିଳି ନ ଥିବା ବେଳେ ଜଣେ ଉଚ୍ଚପଦସ୍ଥ ସରକାରୀ ଅଧିକାରୀ କିପରି ନିଜ ସ୍ତ୍ରୀଙ୍କ ନାମରେ ରାଶନ କାର୍ଡ କରି ସରକାରୀ ସୁବିଧା ନେଲେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଆଇନଜୀବୀ ତଥା ନାଗରିକ ସୁରକ୍ଷା ମଞ୍ଚ ସଦସ୍ୟ ରାମ ପଟ୍ଟନାୟକ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।



**ଆଜିର ମନ୍ତବ୍ୟ**

"ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସମାଜକୁ ସଜାଗ ଓ ଏକାଠି କରିବା ପାଇଁ ଉଦ୍ୟମ ଚଳାଇଛି। ଏହାଦ୍ୱାରା ସାରା ବିଶ୍ୱ ଆଗରେ ଭାରତ ଏକ ମଡେଲ ଭାବେ ଉଭା ହୋଇପାରିବ। **-ମୋହନ ଭାଗବତ, ଆର୍‌ଏସ୍‌ଏସ୍ ମୁଖ୍ୟ**"

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ସିଦ୍ଧାର୍ଥ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିଦେଶୀ ଛାତ୍ରୀଛାତ୍ରଙ୍କ ପାଇଁ ୨୫% ଅତିରିକ୍ତ ସିଟ୍

**ନୂଆଦିଲ୍ଲୀ, ୨୧।୮**

ଭାରତରେ ଅନ୍ତର୍ଜାତୀୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଇଁ ୟୁନିଭର୍ସିଟି ଗ୍ରାଣ୍ଟ କମିଶନ (ୟୁଜିସି) ନୂଆ ପଦକ୍ଷେପ ନେବାକୁ ଯୋଜନା କରିଛନ୍ତି। ଏଣିକି ଦେଶର ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ବିଦେଶୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ୨୫% ଅତିରିକ୍ତ ସିଟ୍ ସୃଷ୍ଟି କରିପାରିବେ। ଏଥିସହ ନାମଲେଖା ପାଇଁ ସେମାନଙ୍କୁ କୌଣସି ପ୍ରବେଶିକା ପରୀକ୍ଷା ଦେବାକୁ ପଡ଼ିବ ନାହିଁ ବୋଲି ୟୁଜିସି ଅଧ୍ୟକ୍ଷ ଜଗଦେଶ କୁମାର କହିଛନ୍ତି। ଭାରତର ୟୁଜି ଏବଂ ପିଜି ପ୍ରୋଗ୍ରାମର ଅନ୍ତର୍ଜାତୀୟକରଣ କରିବା ପାଇଁ ଗତ ସପ୍ତାହରେ ୟୁଜିସି ପକ୍ଷରୁ ବସିଥିବା ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି କୁମାର ସୂଚନା ଦେଇଛନ୍ତି।

ସମ୍ପୃକ୍ତ ଅନୁଷ୍ଠାନର ମୋଟ କ୍ଷମତାଠାରୁ ଅଧିକ ଅତିରିକ୍ତ ସିଟ୍ କରାଯିବା ସମ୍ବନ୍ଧୀୟ ନିଷ୍ପତ୍ତି ନିର୍ଦ୍ଦିଷ୍ଟ ନିୟମାବଳୀ ଅନୁସାରେ ନିଆଯିବ। ଭିତ୍ତିଭୂମି, ଅଧ୍ୟାପିକା ଅଧ୍ୟାପକ ଏବଂ ଅନ୍ୟ ଆବଶ୍ୟକ କର୍ମଚାରୀଙ୍କ ସଂଖ୍ୟା ଆଦିକୁ ଦୃଷ୍ଟିରେ ରଖି ନିୟାମକଙ୍କ ଦ୍ୱାରା ସିଟ୍ ସଂଖ୍ୟା ବୃଦ୍ଧି ବାବଦରେ ବିଚାର କରାଯିବ। ଭାରତୀୟ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ବିଦେଶୀ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ସମତୁଲ୍ୟ ଶିକ୍ଷାଯୋଗ୍ୟତା ଭିତ୍ତିରେ ନାମଲେଖା ପାଇଁ ଅନୁମତି ଦେଇପାରନ୍ତି। ଯୋଗ୍ୟତା ମାପକାଠି ନିର୍ଦ୍ଧାରଣ ୟୁଜିସି କିମ୍ବା ଏହା ଦ୍ୱାରା ଗଠିତ ଅନ୍ୟ କୌଣସି ସଂସ୍ଥା କରିବ। ବିଦେଶୀ ଛାତ୍ରୀଛାତ୍ରଙ୍କ ନାମଲେଖା ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଇବ। ତେବେ ଭାରତ ସରକାର ଓ ଏବଂ ଅନ୍ୟ ଦେଶ ମଧ୍ୟରେ କିମ୍ବା ଶିକ୍ଷା ଅନୁଷ୍ଠାନଗୁଡ଼ିକ ମଧ୍ୟରେ ହୋଇଥିବା ଚୁକ୍ତିନାମା ଓ ଏକ୍ସଚେଞ୍ଜ ପ୍ରୋଗ୍ରାମ ଅଧୀନରେ ଅର୍ନ୍ତଜାତୀୟ ବିଦ୍ୟାର୍ଥୀମାନଙ୍କ ପାଇଁ ଏହି ଅତିରିକ୍ତ ସିଟ୍ ଉପଲବ୍ଧ ହେବ ନାହିଁ। ଅତିରିକ୍ତ ସିଟ୍ କେବଳ ବିଦେଶୀ ଛାତ୍ରୀଛାତ୍ରଙ୍କ ପାଇଁ ଏବଂ ଏଥିରୁ କୌଣସି ସିଟ୍ ଖାଲି ପଡ଼ିଲେ ଅନ୍ୟ କେଉଁ ପିଲା ସେଥିରେ ନାମ ଲେଖାଇପାରିବେ ନାହିଁ। ବହିର୍ବ୍ୟାପାର ମନ୍ତ୍ରଣାଳୟ ତଥ୍ୟ ଅନୁସାରେ, ୨୦୨୧ରେ ମୋଟ ୨୩,୪୩୯ ବିଦେଶୀ ଛାତ୍ରୀଛାତ୍ର ଭାରତ ଆସିଥିଲେ। କରୋନା ମହାମାରୀ ପୂର୍ବରୁ ୨୦୧୯ରେ ଉଚ୍ଚଶିକ୍ଷା ପାଇଁ ୭୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାରତ ଆସିଥିଲେ।



# ପଦ ଛାଡ଼ିଲେ ଏନ୍‌ଏସ୍‌ଓ ସିଇଓ

**ଜେରୁଜେଲମ, ୨୧।୮**



ଇସ୍ରାଏଲର ପେଗାସସ୍ ସ୍ପାଏୱେର ପ୍ରସ୍ତୁତକାରୀ କମ୍ପାନୀ ଏନ୍‌ଏସ୍‌ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଶାଲେଭ ହୁଲିଓ ପଦ ଛାଡ଼ିଛନ୍ତି। ଏନ୍‌ଏସ୍‌ଓରେ ହୋଇଥିବା ଅଦଳବଦଳ ଅନୁଯାୟୀ ତାଙ୍କୁ ଇସ୍ତଫା ଦେବାକୁ କୁହାଯାଇଛି। କମ୍ପାନୀର ଅନ୍ୟତମ ପ୍ରତିଷ୍ଠାତା ହୁଲିଓଙ୍କ ସ୍ଥାନରେ ଚିଫ୍ ଅପରେଟିଂ ଅଫିସର ୟାରୋନ୍ ଶୋହାଟ୍‌ଙ୍କୁ ଅନ୍ତରୀଣ ସିଇଓ ନିଯୁକ୍ତ କରାଯାଇଛି। ନୂଆ ସିଇଓ ନିଯୁକ୍ତି ପର୍ଯ୍ୟନ୍ତ ସେ ଦାୟିତ୍ୱ ତୁଲାଇବେ। ଗତବର୍ଷ ଗୁପ୍ତଚରଗିରି ପାଇଁ ଉଦ୍ଦିଷ୍ଟ ଫୋନ୍ ସର୍ଭେଲାନ୍ସ ସଫ୍ଟୱେର ପେଗାସସ୍ ବ୍ୟବହାର କରି ଭାରତ ସମେତ ଅନେକ ଦେଶର ବିଶିଷ୍ଟ ବ୍ୟକ୍ତିଙ୍କ ଗୋପନୀୟ ତଥ୍ୟ ହାସଲ ଖବର ପ୍ରଘଟ ହେବା ପରେ ବିବାଦ ମୁଣ୍ଡ ଟେକିଥିଲା। ତେବେ ଏନ୍‌ଏସ୍‌ଓ କୌଣସି ଭୁଲ କାମ କରିନାହିଁ ବୋଲି ସଫେଇ ଦେଇଥିଲା।

**classifieds Everyday**
0674-2580101, 2549302

real estate

**SALE**

**Infocity-II, Madanpur** ପାଖରେ **2000sqft.**କୁ **24,00,000/-** ଟଙ୍କାରେ ପାଚେରି ସହ **plot** ବିକ୍ରିହେବ। **7978617023.** D-1270

ସ୍ଥିତିବାନ ଘରବାରି ଫ୍ଲଟ୍ ପାଚେରି ସହିତ ବିକ୍ରିହେବ। ଉତ୍ତରା ଟଙ୍କପାଣିରୋଡ୍ ପାଖରେ। 9861201010. D-73856

Low cost plot sqft.-180/- to 290/- near ସାକ୍ଷୀଗୋପାଳ, ପୁରୀ, କଟକ, IIT ଅରଗୁଳ ପାଖରେ immediate possession road ସହିତ ମିଳୁଛି। 9692213354. D-73955

ପୁରୀ ମେରାଇନ୍ ଡ୍ରାଇଭ୍ roadକୁ ଲାଗି commercial, sub plot ଘରବାଡ଼ି ସହିତ ମିଳୁଛି। 9692213354. D-73954

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ଫ୍ଲଟ୍‌କୁ 3,60,000/- (outright). 9439660381. D-73299

Bhubaneswar Gangapada Maharaja କଲେଜକୁ ଲାଗି 1500sqft. plot-12,75,000/- ନେଇ ଘର କରନ୍ତୁ। (40 plot available). 9938016295. D-73298

construction

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1116

**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295

healthcare

Newly open SPA positively health benefit with expert. Contact: 7749976301. D-73859

Newly open full body massage 1099 free massage one. Mo: 9583808247. D-1164

**Relax, Refresh your body, Mind at Saikrupa Spa with best therapies. 8984068077.** D-1248

Newly open full body massage, ladies and gents. 7846923244. D-73956

Refresh your body with best therapist Ashirvad Panchakarma harbal SPA Kesarimall. 8926173473. D-73951

astrology

ଘରେ କିମ୍ବା plotରେ ବାସ୍ତୁଦୋଷ ଥିବାପରି ମନେହେଉଛି କି? ବିଳମ୍ବ ନକରି ଯୋଗାଯୋଗ "ଆଷ୍ଟ୍ରୋବାସ୍ତୁ ସମାଧାନ।" 7978736177. D-68297

**AFFIDAVIT**

By virtue of an affidavit sworn before Notary Public dated 20.08.2022 I Dhirendra Kumar Jena, Vill-Paripotali, Post-Jopana, Pipili, Puri-752105 have changed my daughter's name from Linsha Rachel to Linsha Jena. Henceforth she will be known as Linsha Jena for all purpose. D-71353

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରକୁ ସାଜେ ବୁଢ଼ୀ,
ବିଲକୁ ସାଜେ ଆଡ଼ି।**

ପୁରୁଖା ବ୍ୟକ୍ତି ଘରର ମୁରବି ଏବଂ ମର୍ଯ୍ୟାଦାବନ୍ତ ବୋଲି କୁହାଯାଏ। ବୃଦ୍ଧ ବୃଦ୍ଧା ବା ବୟସ୍କ ବ୍ୟକ୍ତି ହିଁ ଘରର ଅସଲ ଜଗୁଆଳ ହେବା ସହ ନିଜ ସାଂସାରିକ ଅଭିଜ୍ଞତା ବଳରେ ଘର ପରିବାରକୁ ଏକ ସୂତ୍ରରେ ବାନ୍ଧି ରଖିବାକୁ ସକ୍ଷମ ହୋଇଥାନ୍ତି। ସେହିପରି ଜମି ବା ବିଲରେ ରହିଥିବା ହିଡ଼ ଜମିର ଜଳଧାରଣ କ୍ଷମତାକୁ ବୃଦ୍ଧି କରାଇବାରେ ସହାୟକ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଘର ବୋଲୁଛି ଯା ଯା
ମଶାଣି ବୋଲୁଛି ଆ ଆ।**

ମିଛ ମାୟାର ଏହି ସଂସାରରେ କେହି କାହାର ନୁହଁନ୍ତି। ଏହା ଜାଣି ମଧ୍ୟ ଅନେକେ ସାଂସାରିକ ମୋହ ମାୟାରୁ ନିଜକୁ ମୁକ୍ତ ରଖି ପାରି ନ ଥାନ୍ତି। ବୟସ ଅତ୍ୟଧିକ ହେଲେ ବି ବହୁ ଲୋକଙ୍କର ଘର ସଂସାର ପ୍ରତି ମୋହ ମାୟା ତୁଟୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୫ ଅଧ୍ୟାପିକାଙ୍କୁ ଦୁର୍ବ୍ୟବହାର

## ୭ କମର୍ସ ଛାତ୍ରଙ୍କ ବିରୋଧରେ ଅଭିଯୋଗ

**ନୟାଗଡ଼ ଅଫିସ, ୨୧।୮**

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ୫ ଅଧ୍ୟାପିକାଙ୍କୁ ୭ ଛାତ୍ର ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତ ଅଧ୍ୟାପିକାମାନେ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିବା ପରେ ଘଟଣା ଲୋକଲୋଚନକୁ ଆସିଛି। ଅଭିଯୋଗ ଅନୁଯାୟୀ, ମହାବିଦ୍ୟାଳୟର ଇଣ୍ଟରନାଲ ପରୀକ୍ଷା ଚାଲୁଥିବା ସମୟରେ ଜଣେ କମର୍ସ ଛାତ୍ରଙ୍କୁ କପି କରିବା ବେଳେ ଜଣେ ଅଧ୍ୟାପିକା ଧରିଥିଲେ। କପି କାହିଁକି ଧରିଲ ବୋଲି କହି ସମ୍ପୃକ୍ତ ଛାତ୍ରଜଣକ ଅଧ୍ୟାପିକାଙ୍କ ସହ ଯୁକ୍ତିତର୍କ କରିବା ସହିତ ଗାଳିଗୁଲଜ ଓ ଖରାପ ବ୍ୟବହାର କରିଥିଲେ। ସେହିପରି ମହାବିଦ୍ୟାଳୟର ୪ ଅଧ୍ୟାପିକାଙ୍କୁ ୬ଜଣ ଯୁକ୍ତ ୩ କମର୍ସ ଛାତ୍ର ଅନୁରୂପ ଭାବେ ଦୁର୍ବ୍ୟବହାର ଓ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏନେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ କୁମାର ପ୍ରଧାନଙ୍କୁ ପଚାରିବାରୁ ୨ଟି ଅଭିଯୋଗ ହୋଇଛି। ସୋମବାର ଷ୍ଟାଫ୍ କାଉନସିଲ ବୈଠକ ହେବାର ଅଛି। ଏଥିରେ ଏ ସଂକ୍ରାନ୍ତରେ ଆଲୋଚନା ହେବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଚାଇନା ମୁକାବିଲା ପାଇଁ ଜାପାନର ୧,୦୦୦ ମିଶାଇଲ

**ଟୋକିଓ, ୨୧।୮**

ଆମେରିକା ହାଉସ୍ ସ୍ପିକର ନାନ୍ସି ପେଲୋସିଙ୍କ ତାଇପେଇ ଗସ୍ତ ପରେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲଏ) ପକ୍ଷରୁ କରାଯାଇଥିବା ସମରାଭ୍ୟାସବେଳେ ଜାପାନର ଏକ୍ସକ୍ଲୁସିଭ୍ ଇକୋନୋମିକ୍ ଜୋନ୍(ଇଇଜେଡ୍)ରେ ୫ଟି ଦୂରଗାମୀ କ୍ଷେପଣାସ୍ତ୍ର ପଡ଼ିଥିଲା। ଏହାକୁ ନେଇ କ୍ଷୁବ୍ଧ ଜାପାନ ଚାଇନାର ମୁକାବିଲା ପାଇଁ ୧,୦୦୦ ଦୂରଗାମୀ କ୍ଷେପଣାସ୍ତ୍ର ମୁତୟନ କରିବାକୁ ପ୍ରସ୍ତୁତି ଚଳାଇଛି। ଜାପାନ ପ୍ରତିରକ୍ଷା ମନ୍ତ୍ରୀ ନୋବୁଓ କିଶି ଏହାକୁ ଜାତୀୟ ନିରାପତ୍ତା ଓ ନାଗରିକଙ୍କ ସୁରକ୍ଷା ପ୍ରତି ଗମ୍ଭୀର ବିପଦ ବୋଲି କହିଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଉତ୍ତର କୋରିଆ ଓ ଚାଇନା ସଂଲଗ୍ନ ନାନ୍‌ସେଇ ଦ୍ୱୀପରେ ଅନ୍ୟୂନ ୧ ହଜାର କ୍ରୁଜ୍ ମିଶାଇଲ ମୁତୟନ କରାଯିବ। ଜାହାଜ ଓ ବିମାନଗୁଡ଼ିକରୁ ଏହି ମିଶାଇଲ ୧୦୦ କି.ମି. ଦୂର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ।

# ୧୦ଦିନ ହେବ ଘରକୁ ଫେରିପାରୁ ନାହାନ୍ତି ଛାତ୍ରୀଛାତ୍ର



ୟୁବକମାନେ ନାଳରେ ପଶି ଶୁଖିଲା ଖାଦ୍ୟ ସାମଗ୍ରୀ ପାରମସାହିରେ ପହଞ୍ଚାଇବା ପାଇଁ ଚେଷ୍ଟା କରୁଛନ୍ତି।

**ନାଳରେ ଆସିଲା ବର୍ଷାଜଳ**

**ଟେନ୍‌ସା, ୨୧।୮ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ ମାଲଦା ଗ୍ରାମପଞ୍ଚାୟତର ପାରମସାହି ଗ୍ରାମରୁ ବାହାରକୁ ପାଠପଢ଼ିବାକୁ ଯାଇଥିବା ଛାତ୍ରୀଛାତ୍ର ୧୦ଦିନ ହେବ ଘରକୁ ଫେରିପାରୁ ନାହାନ୍ତି। ଗ୍ରାମକୁ ଯିବା ଆସିବା କରିବାକୁ ହେଲେ ଏକ ନାଳ ପାରି ହେବାକୁ ପଡ଼ିଥାଏ। ବର୍ଷା ଯୋଗୁ ନାଳରେ ଅଧିକ ପାଣି ଆସିବା ସହ ପ୍ରଖର ସ୍ରୋତ ଯୋଗୁ ନାଳରେ ଯାଇ ଆସି ହେଉନାହିଁ। ନାଳ ପାରିହୋଇ କୋଇଡାକୁ ଆସିଥିବା ଲୋକେ ଓ ଛାତ୍ରୀଛାତ୍ର ଘରକୁ ଯାଇପାରୁ ନାହାନ୍ତି। ପାରମସାହିରେ ୧୫ ପରିବାରର ୧୦୦ରୁ ଅଧିକ ଲୋକ ବାସକରନ୍ତି। ବର୍ଷା ଆସିଲେ ଉକ୍ତ ଗ୍ରାମର ଲୋକଙ୍କ ଦୁଃଖ ବଢ଼ିଯାଏ। ନାଳରେ ହଠାତ୍ ବର୍ଷା ଜଳ ଆସିଯିବାରୁ କଲେଜ ଆସିଥିବା ଛାତ୍ରୀଛାତ୍ରଙ୍କ ସହ କାର୍ଯ୍ୟ କରିବାକୁ ଆସିଥିବା ଲୋକେ ଘରକୁ ଫେରି ନ ପାରି ଫସି ରହିଛନ୍ତି। ସେମାନେ ନିଜର ବନ୍ଧୁବାନ୍ଧବ, ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଛନ୍ତି। ସେପଟେ ୧୦ଦିନ ହେବ ନାଳ ପାରିହୋଇ ଗାଁ ଲୋକେ ଆସିପାରୁ ନ ଥିବାରୁ ଏବେ ପନ୍ଦର ପରିବାରଙ୍କ ପାଖରେ ଖାଦ୍ୟ ସାମଗ୍ରୀ ମଧ୍ୟ ସାରିଗଲାଣି। ଫଳରେ ଭୋକଉପାସରେ ପନ୍ଦର ପରିବାର ଦିନ କାଟୁଛନ୍ତି। ବିପନ୍ନଙ୍କ ପାଖରେ ସ୍ଥାନୀୟ ପ୍ରଶାସନ ପହଞ୍ଚି ନ ଥିବାବେଳେ ଅଞ୍ଚଳର କେତେଜଣ ଯୁବକ ମାଲଦା ସରପଞ୍ଚଙ୍କ ସହାୟତାରେ ଶୁଖିଲା ଖାଦ୍ୟ ସାମଗ୍ରୀ ପହଞ୍ଚାଇବା ପାଇଁ ଚେଷ୍ଟା କରୁଥିଲେ। କିନ୍ତୁ ନାଳର ପ୍ରଖର ସ୍ରୋତରେ ବିପନ୍ନଙ୍କ ପାଖରେ ପହଞ୍ଚିବା ସମ୍ଭବ ହେଉନାହିଁ।

**ପ୍ରଥମ ପୃଷ୍ଠାରୁ...**

## ସୁବର୍ଣ୍ଣରେଖାରେ ...

ଏହାର ପ୍ରଭାବ ସୋମବାର ସନ୍ଧ୍ୟା ପର୍ଯ୍ୟନ୍ତ ପଡ଼ିବ। ଏହାକୁ ଦୃଷ୍ଟିରେ ରଖି ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ ଓ ଅଗ୍ନିଶମ ବାହିନୀର ୪୦ ଟିମ୍ ମୁତୟନ ହେବେ ବୋଲି ଏସ୍‌ଆର୍‌ସି ସୂଚନା ଦେଇଛନ୍ତି। ବନ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମନ୍ତ୍ରୀ ପ୍ରତାପ ଦେବଙ୍କୁ ଉକ୍ତ ଅଞ୍ଚଳକୁ ପଠାଇଛନ୍ତି। ସେ ସମସ୍ତ ଜନ ପ୍ରତିନିଧିମାନଙ୍କୁ ନେଇ ସ୍ଥିତିର ମୁକାବିଲା ଦିଗରେ କାମ କରୁଛନ୍ତି। ବନ୍ୟା ଯୋଗୁ ବାଲେଶ୍ୱର ଜିଲାରେ ୧.୧୫ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ଯୁଗ୍ମ ଏସ୍‌ଆର୍‌ସି ପଦ୍ମନାଭ ବେହେରା କହିଛନ୍ତି।

ଆଖୁଆପଦାରେ ବୈତରଣୀ ବିପଦ ସଙ୍କେତ ଉପରେ ରହିଛି। ଆଖୁଆପଦାରେ ଜଳପତନ ୧୮.୯୯ମିଟର ରହିଥିବା ବେଳେ ଏହା ବୃଦ୍ଧି ପାଉଛି। ବୈତରଣୀ ପାଇଁ ଯାଜପୁର ଓ ଭଦ୍ରକ ଜିଲାକୁ ଆଲର୍ଟରେ ରଖିଛୁ। ବ୍ରାହ୍ମଣୀ ଉପରେ ମଧ୍ୟ ତୀକ୍ଷ୍ଣ ନଜର ରହିଥିବା ଏସ୍‌ଆର୍‌ସି କହିଛନ୍ତି। ସେହିପରି ଶିମିଳିପାଳରେ ପ୍ରବଳ ବର୍ଷା ଯୋଗୁ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଛି। ବର୍ତ୍ତମାନ ପର୍ଯ୍ୟନ୍ତ ବୁଢ଼ାବଳଙ୍ଗ ବିପଦ ସଙ୍କେତ ଅତିକ୍ରମ କରିନାହିଁ। କିଛି ସ୍ଥାନରେ ଏହାର ଜଳସ୍ତର ଖସିବା ଆରମ୍ଭ କରିଛି। କାଣୀ ନଦୀରେ ହୋଇଥିବା ଘାଇର ମରାମତି ହୋଇପାରି ନ ଥିଲା। ତେଣୁ ପୁଣି ବନ୍ୟା ଆସିବାରୁ ସେଠାରେ ପାଣି ପଶିବା ଆରମ୍ଭ ହୋଇଯାଇଛି।

ଅପରପକ୍ଷେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ହାରାହାରି ୧୫.୩ ବୃଷ୍ଟିପାତ ରେକର୍ଡ କରାଯାଇଛି। ରବିବାର ଅପରାହ୍ନ ସୁଦ୍ଧା ହୀରାକୁଦର ଜଳପତନ ୬୨୧.୨୬ ଫୁଟ ରହିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ଲକ୍ଷ ୬୮ହଜାର ୪୫୧ କ୍ୟୁସେକ ଜଳ ପ୍ରବେଶ କରୁଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୧ଲକ୍ଷ ୨୦ହଜାର ୧୭୧ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ଖଇରମାଳଠାରେ ୩ଲକ୍ଷ ୬୫ହଜାର କ୍ୟୁସେକ, ବଡ଼ମୂଳଠାରେ ୫ଲକ୍ଷ ୭୬ହଜାର କ୍ୟୁସେକ, ମୁଣ୍ଡଳୀଠାରେ ୮ଲକ୍ଷ ୬୦ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ମୁଣ୍ଡଳୀ ସମେତ ମହାନଦୀର ସବୁ ସ୍ଥାନରେ ଜଳପତନ କ୍ରମଶଃ ହ୍ରାସ ପାଉଛି।

ମିଳିଥିବା ସୂଚନାନୁସାରେ, ଏବେ ସୁଦ୍ଧା ୧୩ ଜିଲାର ୭୩ ବ୍ଲକ ୬୦୯ ପଞ୍ଚାୟତର ୨,୨୩୮ ଗ୍ରାମ ପ୍ରଭାବିତ ହୋଇଛି। ରାଜ୍ୟର ୭୬୮ ଗ୍ରାମ ଜଳ ଘେରରେ ରହିଥିବା ବେଳେ ୫ଲକ୍ଷ ୪୫ହଜାର ଲୋକ ଜଳବନ୍ଦୀରେ ରହିଛନ୍ତି। ଏସବୁ ଅଞ୍ଚଳର ୩୨୪ ରିଲିଫ କେନ୍ଦ୍ରରେ ୧ଲକ୍ଷ ୨୪ହଜାର ଲୋକଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଛି। ବନ୍ୟା ପ୍ରଭାବରେ ୫ଲକ୍ଷ ୬୧ହଜାର ୪୧୮ ବିଦ୍ୟୁତ ଉପଭୋକ୍ତା କ୍ଷତିଗ୍ରସ୍ତ ହୋଇଥିବା ବେଳେ ସେଥିମଧ୍ୟରୁ ୫ଲକ୍ଷ ୨୧ହଜାର ୫୬୦ ଉପଭୋକ୍ତାଙ୍କୁ ବିଦ୍ୟୁତ ସଂଯୋଗ ଦିଆଯାଇସାରିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୮୫ ମେଡିକାଲ ରିଲିଫ କେନ୍ଦ୍ର ଖୋଲା ଯିବା ସହ ୧୧୫ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଚିକିତ୍ସା ଟିମ୍ ମୁତୟନ ହୋଇଛି। ଏହି ସମୟରେ ୭,୩୦୦ ସାଧାରଣ ରୋଗର ଚିକିତ୍ସା ହୋଇଥିବାବେଳେ ୧୨ ସାପ କାମୁଡ଼ା ଘଟଣାର ଚିକିତ୍ସା କରାଯାଇଥିବା ଏସ୍‌ଆର୍‌ସିଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ବାଲେଶ୍ୱର ଜିଲାପାଳଙ୍କୁ ...

ଏସ୍‌ଆରସି (ସ୍ୱତନ୍ତ୍ର ରିଲିଫ୍ କମିଶନର) କ୍ଷମତା ପ୍ରଦାନ କରିଛନ୍ତି। ସାଧାରଣତଃ ଏହି କ୍ଷମତା କୌଣସି ଜିଲାପାଳଙ୍କୁ ମିଳି ନ ଥାଏ। ଦିନେ ଦୁଇ ଦିନ ମଧ୍ୟରେ ବାଲେଶ୍ୱରରେ ବନ୍ୟା ସ୍ଥିତି ଜଟିଳ ହେବାର ଆଶଙ୍କା ରହିଥିବାରୁ ଏପରି ନିର୍ଦ୍ଦେଶ ଦିଆଯାଇଛି। ଯଦି ଜରୁରିକାଳୀନ ସ୍ଥିତିର ଉଦ୍ଧାର କାର୍ଯ୍ୟ ପାଇଁ ହେଲିକପ୍ଟର ଆବଶ୍ୟକ ପଡ଼େ, ତେବେ ତାହା ଯୋଗାଇ ଦେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨ ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୁବର୍ଣ୍ଣରେଖା ନଦୀରେ ସନ୍ଧ୍ୟାରୁ ସୋମବାର ସକାଳ ୧୦ଟା ଭିତରେ ଜଳସ୍ତର ବୃଦ୍ଧି ପାଇବ। ଫଳରେ ଅନ୍ୟ ଅଧିକାରୀମାନଙ୍କୁ ମଧ୍ୟ ଭଦ୍ରକ, ବାଲେଶ୍ୱରର ବିଭିନ୍ନ ଦାୟିତ୍ୱ ଦିଆଯାଇଛି।

## ୩ ଦିନରେ ...

ଶନିବାର ସୁଦ୍ଧା ରାଜ୍ୟରେ ୨୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୨ ଆହତ ହୋଇଥିଲେ। ସର୍ବାଧିକ କ୍ଷତି ମଣ୍ଡି, କଙ୍ଗରା ଓ ଚମ୍ବା ଜିଲାରେ ଘଟିଛି। ହିମାଚଳରେ ୩ ଦିନରେ ୩୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ହଜାର ଲୋକ ବିଭିନ୍ନ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି। ସେହିପରି ଉତ୍ତରାଖଣ୍ଡରେ ବାଦଲ ଫଟା ବର୍ଷା ଯୋଗୁ ୪ ଜଣଙ୍କ ଜୀବନ ଯାଇଥିବାବେଳେ ଅନ୍ୟ ୧୩ ଜଣ ନିଖୋଜ ହୋଇଯାଇଛନ୍ତି। ଓଡ଼ିଶାରେ କାନ୍ଥ ଭୁଶୁଡ଼ି ଓ ବନ୍ୟାଜଳରେ ଭାସିଯାଇ ଅନ୍ୟୂନ ୬ ଜଣଙ୍କ ମୃତ୍ୟୁ ଘଟିଛି। ରାଜ୍ୟର ପ୍ରାୟ ୮ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ସରକାର ୧୨୦,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି। ସେହିପରି ଝାଡ଼ଖଣ୍ଡର ରାମଗଡ଼ ଜିଲାରେ ନଲକାରି ନଦୀର ଉଚ୍ଛୁଳା ପାଣିରେ ୫ ଜଣ ଭାସିଯାଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କର୍ମକ୍ଷେତ୍ରରେ କୌଣସି ଘଟଣାକୁ କେନ୍ଦ୍ରକରି କିଛି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଦ୍ୱିଜା ନକ୍ଷତ୍ର ଆକସ୍ମିକ ଅର୍ଥ ଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ଲାଭ କରି ଖୁସି ରହିବେ। ପ୍ରତି କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତି ସୁଧାରି ନେବେ। ବାହାର ଜାଗାରେ ସତର୍କତାର ସହ କାମ ନ କଲେ ବିବାଦ ସୃଷ୍ଟି ହୋଇପାରେ।

**ବୃଷ**
ଆକସ୍ମିକ ଆବଶ୍ୟକତା କାରଣରୁ ଖର୍ଚ୍ଚ ବୃଦ୍ଧି ପାଇ ଦୁଶ୍ଚିନ୍ତାକୁ ବଢ଼ାଇ ଦେବ। ଅବଶ୍ୟ ହିତୈଷୀ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିବେ। ରୋହିଣୀ ନକ୍ଷତ୍ର ନିର୍ମାଣ କାର୍ଯ୍ୟ ମନ୍ଥର ହେବ କିନ୍ତୁ ସମସ୍ୟାର ସମାଧାନ ହୋଇଯିବ। ପାରିବାରିକ, ପ୍ରଶାସନ, ଯାନବାହନ ଓ ଯାତ୍ରାରୁ ସୁଫଳ ପାଇପାରନ୍ତି।

**ମିଥୁନ**
କର୍ମଜଞ୍ଜାଳ ବୃଦ୍ଧି କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ଋଣ ପରିଶୋଧ ସକାଶେ ବିଭିନ୍ନ ଧନ୍ଦା କରିବାକୁ ମନ ବଳାଇପାରନ୍ତି। ପୁନର୍ବସୁ ନକ୍ଷତ୍ରର କର୍ମକ୍ଷେତ୍ରରେ, ବ୍ୟବସାୟରେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣକଲେ ମନ୍ଦ ହେବନି। ଶିଳ୍ପ, ବାଣିଜ୍ୟ, କଳା ଓ ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ**
ପାରିବାରିକ ବ୍ୟତିକ୍ରମ ଓ ଆର୍ଥିକ ସମସ୍ୟା ନେଇ ମନରେ ଦୁର୍ଭାବନା ସୃଷ୍ଟି ସୂଚନା ରହିଛି। ଅଶ୍ଳେଷା ନକ୍ଷତ୍ରର କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ଼ କରି କଳହ ଘଟିପାରେ। ଅଫିସ୍ କାମରେ ସହକର୍ମୀଙ୍କ ସହ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ କରିପାରିବେ। କଳା, ସାହିତ୍ୟ, ସଙ୍ଗୀତ ଓ ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ସିଂହ**
ମଘା ନକ୍ଷତ୍ର ଅନ୍ୟମାନଙ୍କ ସକାଶେ ଯେତେ ସୁଯୋଗ ସୃଷ୍ଟି କଲେ ମଧ୍ୟ ସେମାନଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। କର୍ମକ୍ଷେତ୍ର ଓ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ବନ୍ଧୁଙ୍କ ଦ୍ୱାରା ପ୍ରଭାବିତ ହୋଇ ଏକସଙ୍ଗେ ଗୁଡ଼ିଏ କାମ ହାତକୁ ନେବା କାରଣରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ହଜି ଯାଇଥିବା କିମ୍ବା ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ।

**କନ୍ୟା**
ପୂର୍ବାଫାଲଗୁନୀ ନକ୍ଷତ୍ର କେତେକ କାରଣକୁ ନେଇ କିମ୍ବା ବୃଥା ସନ୍ଦେହ କରି ନିଜ ଲୋକଙ୍କୁ ଭୁଲ ବୁଝିପାରନ୍ତି। ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନରେ ଭୟ ସୃଷ୍ଟି କରିବ। ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ସମ୍ଭାବନା ରହିଛି। ଗୃହ ସଜ୍ଜା,ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡ଼ିବାରେ ମନୋନିବେଶ କରିବେ।

**ତୁଳା**
ବିଗତ ଦିନର ଘଟଣାବଳୀକୁ ନେଇ ମନ ଅସ୍ଥିର ରହିବ। ବୃଥା ସନ୍ଦେହ ଓ ମତପାର୍ଥକ୍ୟଜନିତ ସାଧାରଣ କଥାରୁ ପରିବାରରେ ଝଡ଼ ଉଠିପାରେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ, ନଚେତ୍ ନତୁବା କଳହର ସୂତ୍ରପାତ ହୋଇପାରେ। ସ୍ୱାତୀ ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇପାରିବ।

**ବିଛା**
ଅନ୍ୟମାନଙ୍କ କଥାରେ ଭାସିଯାଇ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାକୁ ସମାଧାନ କରିବାରେ ଯତ୍ନବାନ ହୋଇପାରନ୍ତି। ଜ୍ୟେଷ୍ଠା ନକ୍ଷତ୍ର ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେଲେ ମଧ୍ୟ ବିଜୟୀ ହେବେ। ବନ୍ଧୁଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ।

**ଧନୁ**
ମୂଳା ନକ୍ଷତ୍ରର ମନ ଭଲ ନ ଥିବା କାରଣରୁ ଆପଣଙ୍କ ବ୍ୟବହାର ବନ୍ଧୁଙ୍କ ମନରେ ଅଘାତ ଦେଇପାରେ। ଆଜି ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ ମଧ୍ୟ କ୍ଷତିରେ ପଡିବେ ନାହିଁ। ବିଦ୍ୟୁତ୍ ଉପକରଣ, ପୋଷାକ ବ୍ୟବସାୟ, ଶେୟାର ବଜାର, ପନିପରିବା ଦୋକାନୀ, ହୋଟେଲ ମାଲିକମାନେ ଖୁସି ରହିବେ।

**ମକର**
ବନ୍ଧୁଙ୍କ କଥାକୁ ସହଜରେ ଗ୍ରହଣ କଲେ କର୍ମକ୍ଷେତ୍ରରେ ସମସ୍ୟାରୁ ମୁକୁଳି ଯାଇ ପାରନ୍ତି। ଶ୍ରବଣା ନକ୍ଷତ୍ର ପୂର୍ବାହ୍ନରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ଶିକ୍ଷା, ପରୀକ୍ଷା, ପ୍ରଶାସନିକ ଆଲୋଚନା, ଗଠନମୂଳକ କାମ, ଲେଖାପଢ଼ା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ।

**କୁମ୍ଭ**
କର୍ମକ୍ଷେତ୍ରରେ ସତର୍କତା ରକ୍ଷା ନ କଲେ ବିଭିନ୍ନ ସମସ୍ୟା ଆସିପାରେ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସଭାସମିତି, ସାମ୍ବାଦିକତା, ମାମଲା ସମାଧାନ ଓ ଆନୁଷ୍ଠାନିକ କାର୍ଯ୍ୟରେ ବନ୍ଧୁମିଳନ ଘଟିପାରେ। ଶତଭିଷା ନକ୍ଷତ୍ର ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି।

**ମୀନ**
ରେବତୀ ନକ୍ଷତ୍ର କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ର କରି ସହକର୍ମୀଟି ସହ ବିବାଦ ବୃଦ୍ଧି ହୋଇପାରେ। ଈର୍ଷା ଓ ଅସୂୟାର ବଶବର୍ତ୍ତୀ ହୋଇ ନିଜ ଚତୁଃପାର୍ଶ୍ୱସ୍ଥ ଆତ୍ମୀୟମାନେ ବିଶ୍ୱାସଘାତକତା କରିପାରନ୍ତି। ପାରିବାରିକ କ୍ଷେତ୍ରରେ ପଛକଥା ନ ଭାବି ଏହି ସମୟର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ।

## ମହିଳାଙ୍କୁ କଚାଡ଼ି ମାରିଦେଲା ହାତୀ

ରାଜଗାଙ୍ଗପୁର, ୨୧।୮ (ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ଅଞ୍ଚଳରେ ରବିବାର ଭୋର ସମୟରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାଲିଡିହି ପଞ୍ଚାୟତ ଡୁଡିଡୁଙ୍ଗୁରିଟୋଲି ନିବାସୀ ସୁକମଣି ମିଞ୍ଜ(୩୨)। ସେ ଭୋରରେ ନିଜ ବାଡ଼ିକୁ ଯାଉଥିବା ସମୟରେ ଦନ୍ତା ଟାଣି ନେଇ କଚାଡ଼ି ମାରି ଦେଇଥିଲା। ରାଜଗାଙ୍ଗପୁର ବନବିଭାଗ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ପଠାଯିବା ସହ ତଦନ୍ତ ଜାରି ରହିଛି।

## ଜଟଗଡ଼ ଗାଁରେ ପୁଣି ଝାଡ଼ାବାନ୍ତି: ଜଣେ ମୃତ, ୧୭ ଆକ୍ରାନ୍ତ

ନୂଆପଡ଼ା ଅଫିସ,୨୧।୮: ନୂଆପଡା ଜିଲା କୋମନା ବ୍ଲକ ଜଟଗଡ଼ ଗାଁରେ ଏକ ମାସ ପରେ ପୁଣିଥରେ ଗତ ୧୯ ତାରିଖରୁ ୩ ଦିନ ହେବ ଝାଡ଼ାବାନ୍ତିରେ ୧୭ଜଣ ଆକ୍ରାନ୍ତ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ କୋମନା ଥାନା କୋଟ୍ରିବାହାଲି ଗାଁର ଫୁଲମତି ବନଛୋର (୩୬)। ସେ ଝାଡ଼ାବାନ୍ତିରେ ଆକ୍ରାନ୍ତ ତାଙ୍କ ମା'ବାପାଙ୍କ ସେବା କରିବାକୁ ଏଠାକୁ ଆସିଥିଲେ। ଗାଁର ୧୩ଜଣ ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବେଳେ ତରବୋଡ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୪ଜଣ ଚିକିତ୍ସିତ ହେଉଛନ୍ତି। ଗାଁରେ ଏକ ଡାକ୍ତରୀଟିମ୍ କ୍ୟାମ୍ପ କରି ଝାଡ଼ାବାନ୍ତି ଲକ୍ଷଣ ଦେଖାଦେଉଥିବା ଲୋକଙ୍କୁ ପରୀକ୍ଷା କରି ଚିକିତ୍ସା କରୁଛନ୍ତି। ସେମାନଙ୍କ ମଧ୍ୟରେ ଗୁରୁତର ହେଲେ ତରବୋଡ କିମ୍ବା ନୂଆପଡ଼ାକୁ ପଠାଯାଉଛି। ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ମିତା ପ୍ରଧାନ (୧୮), ମମିତା ବାଗ (୨୦), ନିତା ପ୍ରଧାନ (୧୯), ଭାସ୍କର ପ୍ରଧାନ (୪୨), ବୈଦେହୀ କଟା (୭୦), ଧନପତି ପ୍ରଧାନ (୩୦), ମଧୁ ମାଝି (୪୫), ରାମେଶ୍ୱର ମାଝି (୨୫), ବିଜେ କୁମାର ସାହୁ (୫୫), ପିଙ୍କି ସାହୁ (୨୫), କୁମାରୀ ସାହୁ (୫୦), ମମିତା ମାଝି (୨୨), ସୋନୁ ସାହୁ (୨୬) ଚିକିତ୍ସିତ ହେଉଛନ୍ତି। ସେହିପରି କମଳା ପ୍ରଧାନ (୪୫), ପାନ ପ୍ରଧାନ (୬୫), ସୁମିତ ପ୍ରଧାନ (୯) ଓ ବେନି ନାଗ (୨୭) ତରବୋଡ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଚୌଧୁରୀ ଶୋଭାରାଣୀ ମିଶ୍ରଙ୍କୁ ପଚାରିବାରୁ ଆମ ଡାକ୍ତରୀ ଟିମ୍ ସେଠାରେ ସଜାଗ ହୋଇରହିଛନ୍ତି। ଗାଁର ସମସ୍ତଙ୍କୁ ପରୀକ୍ଷା କରି ଲକ୍ଷଣ ଥିବା ଲୋକଙ୍କୁ ଚିକିତ୍ସା କରାଯାଉଛି। ଅବସ୍ଥା ଗୁରୁତର ହେଲେ କିମ୍ବା ଝାଡ଼ାବାନ୍ତି ନ କମିଲେ ନୂଆପଡାକୁ ରେଫର କରାଯାଉଛି ବୋଲି କହିଛନ୍ତି।

# ଦାବିରେ ରହିଗଲା 'ଫିଲିଗ୍ରୀ ହବ୍'

**ପୁରୁଷୋତ୍ତମ ସାହୁ**
**କଟକ ଅଫିସ, ୨୧।୮**



**କଟକ ତାରକସି ହସ୍ତକଳା**

କଟକର ତାରକସି ହସ୍ତକଳା କାରୁକାର୍ଯ୍ୟ ଦିନକୁ ଦିନ ଲୁପ୍ତ ହେବାକୁ ଯାଉଛି। ଯେଉଁ ହସ୍ତକଳା କଟକକୁ ଏକଦା ରୌପ୍ୟ ନଗରୀ(ସିଲ୍ଭର ସିଟି)ର ପରିଚୟ ଦେଇଥିଲା ସେହି କାରୁକାର୍ଯ୍ୟ ଏବେ ଇତିହାସ ପାଲଟିବାକୁ ଯାଉଛି। ପାଞ୍ଚଶହ ବର୍ଷ ପୁରୁଣା ଏହି କାରିଗରି କୌଶଳ ଦ୍ୱାରା ନିର୍ମିତ ଭିନ୍ନ ଭିନ୍ନ ଚାନ୍ଦି ମୂର୍ତ୍ତି, ଗହଣା, ଗୃହ ସୌନ୍ଦର୍ଯ୍ୟକରଣ ଉପକରଣ, ଦେବୀ ପ୍ରତିମା, ନାରୀଙ୍କ ଭୂଷଣ ଆକାରରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଅଳଙ୍କାର ଇତ୍ୟାଦି କଟକରୁ ୟୁରୋପ ଦେଶକୁ ରପ୍ତାନି ମଧ୍ୟ ହେଉଥିଲା। ଦିଲ୍ଲୀ, ବମ୍ବେ ଓ ଆଗ୍ରାରୁ କଞ୍ଚାମାଲ୍ ଆସି ଏଠାରେ ହାତରେ ନିର୍ମାଣ କରାଯାଇ ଦେଶ ତଥା ଦେଶ ବାହାରକୁ ବିକ୍ରି ପାଇଁ ରପ୍ତାନି ହେଉଥିଲା। ଫଳରେ ଅନ୍ତର୍ଜାତୀୟ ମୁଦ୍ରା ମଧ୍ୟ ଆମ ରାଜ୍ୟକୁ ଆସିବା ସହ ଅର୍ଥନୈତିକ ବିକାଶରେ ସହଭାଗିତା ହେଉଥିଲା। ସମୟକ୍ରମେ ବୈଷୟିକ କୌଶଳର ପ୍ରୟୋଗ ଏବଂ ମେଶିନରେ ସିଂହଭାଗ ତାରକସି କାର୍ଯ୍ୟ କରାଯିବାରୁ କାରିଗରଙ୍କ ହାତ ଖାଲି କରିଦେଇଛି। ଆବଶ୍ୟକ କାମ ନ ମିଳିବାରୁ ଦିନକୁ ଦିନ ତାରକସି କାର୍ଯ୍ୟରୁ କାରିଗରମାନେ ମୁହଁ ଫେରାଇ ଅନ୍ୟ ବ୍ୟବସାୟ ପ୍ରତି ମନ ବଳାଉଛନ୍ତି। ଅନ୍ୟପକ୍ଷରେ ସରକାରୀ ପ୍ରୋତ୍ସାହନ ଅଭାବ ଯୋଗୁ ମଧ୍ୟ ଏହି ବ୍ୟବସାୟରୁ ଉଭୟ କାରିଗର ଓ ବ୍ୟବସାୟୀ ମୁହଁ ଫେରାଉଥିବା ଜଣାଯାଇଛି। କରୋନା ମହାମାରୀ ପୂର୍ବରୁ ଏହି ଶିଳ୍ପର ଚାହିଦା ବେଶ୍ ଅଧିକ ରହିଥିଲା। କେବଳ କଟକ ସହରରେ ୩୦ରୁ ଉର୍ଦ୍ଧ୍ୱ ଦୁର୍ଗା ମେଢ଼ ଚାନ୍ଦିରେ ନିର୍ମାଣ ହେଉଥିଲା। ସେହିପରି ଢେଙ୍କାନାଳ, ପୁରୀ, ରାଉରକେଲା ସହରରେ ମଧ୍ୟ ଚାନ୍ଦିମେଢ଼ରେ ଦୁର୍ଗାପୂଜା ଅନୁଷ୍ଠିତ ହେଉଥିଲା। ଗୋଟିଏ ମେଢ଼ରେ ଆନୁମାନିକ ୨କୋଟି ଟଙ୍କାର ଚାନ୍ଦି ବ୍ୟବହାର ହେଉଥିଲା, ଫଳରେ ସହସ୍ରାଧିକ କାରିଗର ଏଥିରେ ନିୟୋଜିତ ହେବା ସହ ନିଜର ଆର୍ଥିକ ମେରୁଦଣ୍ଡ ସୁଦୃଢ଼ କରିପାରୁଥିଲେ। କରୋନା ମହାମାରୀ ଯୋଗୁ ୨ବର୍ଷ ହେଲା ଦଶହରା ପୂଜା ବନ୍ଦ ହୋଇଥିବାବେଳେ ଅଧିକାଂଶ ପୂଜା କମିଟିର ଆର୍ଥିକ ସ୍ଥିତି ମଧ୍ୟ ଦୋହଲି ଯାଇଛି। କଟକ ସହରରେ ୫ଶହରୁ ଉର୍ଦ୍ଧ୍ୱ ଚାନ୍ଦି ଗହଣା ବ୍ୟବସାୟ ପ୍ରତିଷ୍ଠାନ ଥିବାବେଳେ ଏହି ସଂଖ୍ୟା ଏବେ ଏକ ଶହରେ ପହଞ୍ଚିଛି। ଦୈନିକ କାରବାର ଏକ କୋଟିରୁ ଉର୍ଦ୍ଧ୍ୱ ଥିବାବେଳେ ଏବେ ୧୦ଲକ୍ଷ ଟଙ୍କାର କାରବାର ହୋଇପାରୁ ନ ଥିବା ଅନୁସନ୍ଧାନରୁ ଜଣାଯାଇଛି। କେବଳ କଟକ ସହରର ମାନସିଂହପାଟଣା, ମହମଦିଆ ବଜାର ଅଞ୍ଚଳରେ ଦୁଇ ହଜାରରୁ ଉର୍ଦ୍ଧ୍ୱ ତାରକସି କାରିଗର ଥିବାବେଳେ ଏବେ ହ୍ରାସପାଇ ୫ ଶହରେ ପହଞ୍ଚିଛି। ଏହି କାର୍ଯ୍ୟ କରି ଦୈନିକ ୫ଶହ ଟଙ୍କା ରୋଜଗାର କରିବା କଷ୍ଟକର ହୋଇପଡ଼ିଛି। କଟକ ସହରର ହରିପୁର ରୋଡ୍, ଦୋଳମୁଣ୍ଡାଇ, ନିମଚଉଡି, ଅଲିସାବଜାର, ନୟାସଡକ ଓ ଚାନ୍ଦିନୀଚୌକ ଅଞ୍ଚଳ ତାରକସିରେ ନିର୍ମିତ ଚାନ୍ଦି ଅଳଙ୍କାର ବ୍ୟବସାୟ ପାଇଁ ବେଶ୍ ପରିଚିତ ସହ ରାଜ୍ୟ ଓ ଦେଶ ବାହାରେ ମଧ୍ୟ ପ୍ରସିଦ୍ଧି ଲାଭ କରିଛି। କାରିଗର ସଂଖ୍ୟା ହ୍ରାସ ଯୋଗୁ ଏହି ବଜାର ଏବେ ନାମକୁ ମାତ୍ର ଚାଲିଥିବାବେଳେ ଗ୍ରାହକଙ୍କ ଚାହିଦା ମଧ୍ୟ ପୂରଣ କରିବାରେ ଅକ୍ଷମତା ଥିବା ଅଧିକାଂଶ ବ୍ୟବସାୟୀ ପ୍ରକାଶ କରିଛନ୍ତି। ୨୦୧୪ରେ କଟକ ସିଲ୍ଭର ଶିଳ୍ପୀ ସଂଘ ଭିନ୍ନ ଭିନ୍ନ ଦାବି ସହ କଟକରେ ଏକ ତାରକସୀ କେନ୍ଦ୍ର (ଫିଲିଗ୍ରୀ ହବ୍) ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କୁ ଜଣାଇଥିଲେ ହେଁ ଏଯାବତ୍ ସରକାର କୌଣସି ପଦକ୍ଷେପ ନେଇ ନ ଥିବା ଜଣାଯାଇଛି। ରାଜ୍ୟର କଟକ କିମ୍ବା ଭୁବନେଶ୍ୱରଠାରେ କେବଳ ତାରକସି ଚାନ୍ଦିର ଏକ ଫିଲିଗ୍ରୀ ହବ୍ ପ୍ରତିଷ୍ଠା କରାଗଲେ ଅନ୍ତର୍ଜାତୀୟ ବଜାରରୁ ବୈଦେଶିକ ମୁଦ୍ରା ଆସିବା ସହ ତାରକସି କାରିଗର ଓ ବ୍ୟବସାୟୀଙ୍କ ଆର୍ଥିକ ମେରୁଦଣ୍ଡ ସୁଦୃଢ଼ ହେବା ସହ ରାଜ୍ୟର ଆର୍ଥିକ ମାନଦଣ୍ଡ ବୃଦ୍ଧିରେ ସହାୟକ ହୋଇପାରନ୍ତା ବୋଲି ସାଧାରଣରେ ଦାବି ହେଉଛି।

### ସେମାନଙ୍କ ମୁହଁରୁ...



"ମୋର ଶହେ ବର୍ଷର ପୁରୁଣା ଫ୍ୟାକ୍ଟ୍ରି ରହିଛି। ଆମ ପରିବାର ପିଢ଼ି ପରେ ପିଢ଼ି ଏହି କାରଖାନା ଚଳାଇ ଆସୁଛୁ। ପୂର୍ବରୁ ୫୦ଜଣ କାରିଗର ଏଠାରେ କାର୍ଯ୍ୟ କରୁଥିବାବେଳେ ଏବେ ମାତ୍ର ୨ଜଣ କାରିଗର ଓ ଆମ ପରିବାର ସଦସ୍ୟ ମିଶି କାମ କରିବାକୁ ପଡୁଛି। ପୂର୍ବରୁ ଘରୋଇ ଫର୍ନିଚର ସହ ଅଳଙ୍କାର, ଠାକୁର ମୁକୁଟ, ମୂର୍ତ୍ତିକାର୍ଯ୍ୟ ଏଠାରେ ହେଉଥିବାବେଳେ ଏବେ କେବଳ ଠାକୁର କାମ ହିଁ କରାଯାଉଛି। ସରକାରୀ କାମ ପୂର୍ବ ଭଳି ଆଉ ମିଳୁନି କି ବଜାର ମଧ୍ୟ ନାହିଁ। ସରକାରୀ ସ୍ତରରେ ଉଦ୍ୟମ ହେଲେ ଏହି ଶିଳ୍ପ ପୁଣି ପୂର୍ବ ଅବସ୍ଥାକୁ ଫେରିପାରନ୍ତା।

**- ନିରାକାର ଦାସ, ଫ୍ୟାକ୍ଟ୍ରି ମାଲିକ, କଟକ**



"ଦୈନିକ ୪ଶହ ଟଙ୍କା ପାରିଶ୍ରମିକ ମିଳୁଛି। ପୂର୍ବରୁ ସମସ୍ତ ପ୍ରକାର କାମ ମିଳୁଥିଲା। ଏପରି କି ଲୋକମାନଙ୍କ ଭିନ୍ନ ଭିନ୍ନ କାରୁକାର୍ଯ୍ୟ ଉପରେ ଆଗ୍ରହ ଥିଲା। ଏବେ କେବଳ ମେଢ଼ କାର୍ଯ୍ୟ ମିଳୁଛି। ଏତେକମ୍ ପାରିଶ୍ରମିକରେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ସରକାର ଅନେକଥର ସର୍ଭେ କରି ଚିହ୍ନଟ କରିଛନ୍ତି କାରିଗରମାନଙ୍କୁ କିନ୍ତୁ ଏପର୍ଯ୍ୟନ୍ତ କୌଣସି ସରକାରୀ ସାହାଯ୍ୟ ମିଳିନି। ସରକାର ଏକ ଫିଲିଗ୍ରୀ ହବ୍ ପ୍ରତିଷ୍ଠା କରି କାରିଗରମାନଙ୍କୁ ନିୟୋଜିତ କରାଯାଇ ବଜାର ସୃଷ୍ଟି କରିପାରିଲେ ଏ ଶିଳ୍ପ ପୁଣି ପୂର୍ବପରି ଚାଲିବା ସହ ଆଗାମୀ ପିଢ଼ି ମଧ୍ୟ ଏହାକୁ ଏକ ଜୀବନଜୀବିକା ଭାବେ ଗ୍ରହଣ କରି ଆତ୍ମନିର୍ଭରଶୀଳ ହୋଇପାରନ୍ତେ।

**- ଭଗବାନ ଦାସ, କାରିଗର, କଟକ**




ରାଜସ୍ଥାନରେ ୯ବର୍ଷର ଅନୁସୂଚିତ ଜାତିର ଛାତ୍ର ଇନ୍ଦ୍ର ମେଘୱାଲ ପାଣି ପିଇଦେବାରୁ ପ୍ରଧାନଶିକ୍ଷକ ପିଟିପିଟି ହତ୍ୟା କରିବା ଘଟଣା ପ୍ରତିବାଦରେ ମୂଳନିବାସୀ ଛାତ୍ର ଓ ଯୁବ ସାମ୍ମୁଖ୍ୟ ପକ୍ଷରୁ ରବିବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।

# ବ୍ରହ୍ମପୁର ଜେଲ ଅଧୀକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

### ପୋଲିସ ଡିଜିଙ୍କୁ ଚିଠି ଲେଖିଲେ କେରଳ ହାଇକୋର୍ଟ

ଭୁବନେଶ୍ୱର,୨୧।୮(ବ୍ୟୁରୋ)

ବ୍ରହ୍ମପୁର ସର୍କଲ ଜେଲ ଅଧୀକ୍ଷକ (ସୁପରିଣ୍ଟେଣ୍ଡେଣ୍ଟ) ନିଜ କର୍ତ୍ତବ୍ୟରେ ଅବହେଳା କରିଥିବା ଅଭିଯୋଗ ହୋଇଛି। ତେଣୁ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ କେରଳ ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ଓଡ଼ିଶା ପୋଲିସ ଡିଜିଙ୍କୁ ଚିଠି ଲେଖିଛନ୍ତି। ଚିଠି ପାଇବା ପରେ ଗତ ୧୯ତାରିଖରେ କ୍ରାଇମ୍‌ବ୍ରାଞ୍ଚ ଜେଲ ମହାନିର୍ଦ୍ଦେଶକଙ୍କୁ ଅଧୀକ୍ଷକଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କହିଛି।

ସୂଚନାଅନୁଯାୟୀ, କେରଳ ମାଠିଲାକମ୍ ଥାନା ଅଞ୍ଚଳରେ ଶ୍ରମିକ ଭାବେ କାମ କରୁଥିବା ଗଞ୍ଜାମ ଜିଲା ଗଙ୍ଗପୁର ଥାନା ଅନ୍ତର୍ଗତ ଜାହାଡ଼ା ଗ୍ରାମର ତୁଫାନ୍ ମଲ୍ଲିକ ତାଙ୍କ ୩ ସହଯୋଗୀଙ୍କ ସହ ମିଶି ୨୦୧୯ରେ ସେଠାକାର ଜଣେ ୨୪ ବର୍ଷୀୟ ଯୁବକଙ୍କୁ ହତ୍ୟା କରିଥିଲେ। ଏନେଇ ସ୍ଥାନୀୟ ପୋଲିସ ଏକ ମାମଲା (ନଂ.୫୮୩/୨୦୧୯) ରୁଜୁ କରି ତୁଫାନ୍‌ଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ ପଠାଇଥିଲା। ତେବେ ୨୦୨୧ ମାର୍ଚ୍ଚ ୧୮ରେ ତୁଫାନ୍‌ଙ୍କୁ ଜାମିନ ମିଳିଥିଲା। କୋର୍ଟଙ୍କ ବିନା ଅନୁମତିରେ ତୁଫାନ କେରଳ ଛାଡ଼ିବେ ନାହିଁ ଏବଂ ଆବଶ୍ୟକ ସମୟରେ ପୋଲିସ ନିକଟରେ ହାଜର ହେବାକୁ ଜାମିନରେ ସର୍ତ୍ତ ରହିଥିଲା। ତେବେ ତୁଫାନ ଏହାକୁ ଅବଜ୍ଞା କରି ଓଡ଼ିଶା ଚାଲି ଆସିଥିଲେ। ପରେ ଜଣେ ନାବାଳିକାଙ୍କୁ ଯୌନ ଉତ୍ପୀଡ଼ନ ଦେବା ଅଭିଯୋଗରେ ପୋକ୍ସ ଆଇନର ଦଫା ୮ରେ ଗଞ୍ଜାମ ପୋଲିସ ତୁଫାନଙ୍କୁ ଗିରଫ କରିଥିଲା। ତାଙ୍କୁ ୨୦୨୧ ଜୁନ ୫ରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲ। ଅନ୍ୟପକ୍ଷେ କେରଳ ଇରିଞ୍ଜାଲାକୁଡ଼ା କୋର୍ଟ ବ୍ରହ୍ମପୁର ସର୍କଲ୍ ଜେଲ କର୍ତ୍ତୃପକ୍ଷଙ୍କ ନିକଟକୁ ଅଭିଯୁକ୍ତ ତୁଫାନଙ୍କ ବିରୋଧରେ ୨୦୨୨ ଫେବୃୟାରୀ ୨୩ରେ ଏକ ୱାରେଣ୍ଟ ପଠାଇଥିଲେ। ଜେଲ କର୍ତ୍ତୃପକ୍ଷ ୱାରେଣ୍ଟ ପାଇବା ପରେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ଏହାପରେ ଅସଦାଚରଣ ମାମଲାରେ ତୁଫାନ ଜାମିନ ପାଇ ଏପ୍ରିଲ ୫ରେ ଜେଲରୁ ବାହାରିଥିଲେ। ହେଲେ ତୁଫାନ୍ ଜାମିନରେ ଆସିବା ପୂର୍ବରୁ ତାଙ୍କ ବିରୋଧରେ କେରଳ କୋର୍ଟଙ୍କ ୱାରେଣ୍ଟ ଆସିଥିଲେ ମଧ୍ୟ ଏନେଇ ଜେଲ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେଇଥିବା ସମ୍ପର୍କରେ ଇରିଞ୍ଜାଲାକୁଡ଼ା କୋର୍ଟ କେରଳ ହାଇକୋର୍ଟଙ୍କୁ ଅବଗତ କରିଥିଲେ।

# ଟେବୁଲ ହଲାଇଦେବାରୁ ଛାତ୍ରଙ୍କୁ ମାଡ଼

- **ଚିକିତ୍ସା ପରେ ବିଇଓଙ୍କ ନିକଟରେ ଅଭିଯୋଗ**
- **ଘରେ ନ ଜଣାଇବାକୁ ଭୟ ଦେଖାଇଥିଲେ ପ୍ରଧାନଶିକ୍ଷକ**

ନୟାଗଡ଼ ଅଫିସ/ଓଡ଼ଗାଁ, ୨୧।୮(ସ୍ୱ.ପ୍ର.)

ଦଣ୍ଡମୁକ୍ତ ଅଞ୍ଚଳରେ ଦଣ୍ଡ ଦିଆଯାଇଛି। ଏଥିରେ ଜଣେ ଛାତ୍ର ଆହତ ହୋଇଛନ୍ତି। ଟେବୁଲ୍ ହଲାଇ ଦେବାରୁ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ୍ ଓଡ଼ଗାଁ ୟୁଜିଏମ୍‌ଇ ସ୍କୁଲର ପ୍ରଧାନଶିକ୍ଷକ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କୁ ବେତରେ ମାଡ ମାରିଥିବା ଅଭିଯୋଗ ହୋଇଛି। ସଂପୃକ୍ତ ଛାତ୍ର ଘରେ ପହଞ୍ଚିବା ପରେ ତାଙ୍କ ମା'ବାପା ଓଡ଼ଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ପୁଅର ଚିକିତ୍ସା କରାଇଛନ୍ତି। ଏ ସମ୍ପର୍କରେ ଛାତ୍ରଙ୍କ ମା'ବାପା ଅଭିଯୋଗ କରିବାକୁ ଓଡ଼ଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ହେଲେ ବିଇଓ ଅଫିସରେ ନ ଥିବାରୁ ବଡବାବୁଙ୍କ ନିକଟରେ ଅଭିଯୋଗ କରି ଫେରିଛନ୍ତି। ମାଡ଼ ଖାଇଥିବା ଛାତ୍ରଙ୍କ ବାପା ଦିଲ୍ଲୀପ ସେଠୀ ଓ ମା'ବାସନ୍ତୀ ସେଠୀଙ୍କ ଅଭିଯୋଗ ଅନୁଯାୟୀ, ପୁଅ ଅଜିତ୍ ଉପରୋକ୍ତ ସ୍କୁଲର ଚତୁର୍ଥ ଶ୍ରେଣୀର ଛାତ୍ର। ଗତ ଶୁକ୍ରବାର ସ୍କୁଲରେ ପାଠ ପଢ଼ା ଯାଉଥିବା ସମୟରେ ଟେବୁଲ ହଲାଇ ଦେବାରୁ ଅଜିତ୍‌ଙ୍କୁ ପ୍ରଧାନଶିକ୍ଷକ କାର୍ତ୍ତିକେଶ୍ୱର ପଣ୍ଡା ବେତରେ ପିଟିଥିଲେ। ପୁଅ ଘରକୁ ଫେରିବା ପରେ ଦେହର କ୍ଷତ ଚିହ୍ନ ଦେଖି କାରଣ ପଚାରିଥିଲୁ। ହେଲେ ସେ କିଛି କହି ନ ଥିଲା। ଡାକ୍ତରଖାନାକୁ ନେବା ବେଳେ ପ୍ରଧାନଶିକ୍ଷକ ମାଡ ମାରିଥିବା କହିଥିଲା। ଏନେଇ ଶନିବାର ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କୁ ଭେଟିବାକୁ ଯାଇଥିଲୁ। ହେଲେ ସେ ନ ଥିଲେ। ବଡବାବୁ ଘଟଣା ଆଗକୁ ନ ନେବାକୁ ପରାମର୍ଶ ଦେଲେ। ଆମେ ସୋମବାର ପୁଣି ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବୁ। ଯିଏ ଦୋଷ କରିଛନ୍ତି ସେ ଦଣ୍ଡ ପାଇବା ଦରକାର ବୋଲି ଏହି ଦମ୍ପତି କହିଛନ୍ତି। ଏନେଇ ପ୍ରଧାନଶିକ୍ଷକ ପଣ୍ଡାଙ୍କୁ ପଚାରିବାରୁ ଅଜିତ୍‌ଙ୍କୁ ମାଡ ମାରିବା ଘଟଣାର ସତ୍ୟତା ନାହିଁ। ୨ ସାଙ୍ଗ ଖେଳକୁଦ ସମୟରେ ଖଣ୍ଡିଆ ଖାବରା ହୋଇଛନ୍ତି। ଶନିବାର ଅଜିତଙ୍କ ମା'ବାପା ସ୍କୁଲକୁ ଆସିବା ପରେ ଘଟଣା ସମ୍ପର୍କରେ ମୁଁ ଜାଣିଥିଲି। ମାଡ଼ ମାରିବା ଘଟଣା ସତ୍ୟ ନୁହେଁ ବୋଲି ସେମାନଙ୍କୁ ମୁଁ ବୁଝାଇ କହିଥିଲି ବୋଲି ସେ କହିଛନ୍ତି। ବ୍ଲକ ଶିକ୍ଷା ଅଧିକାରୀ ଗୀତାରାଣୀ ସାହୁ କୁହନ୍ତି, ସରକାରୀ କାମରେ ବାହାରେ ଥିବାବେଳେ ଅଜିତ୍‌ଙ୍କ ମା'ବାପା ଅଭିଯୋଗ କରିବାକୁ ଆସିଥିଲେ। ଛାତ୍ରଙ୍କ ଦେହରେ ମାଡ଼ ହୋଇଥିବାର ଚିହ୍ନ ଥିଲା। ବଡ଼ବାବୁଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହା ଜାଣିବା ପରେ ମୁଁ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିବାକୁ ଅଜିତ୍‌ଙ୍କ ମା'ବାପାଙ୍କୁ ପରାମର୍ଶ ଦେଇଛି। ସୋମବାର ଘଟଣାର ତଦନ୍ତ ହେବ। ତଦନ୍ତ ପରେ ସତ୍ୟତା ଜଣାପଡିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଜିଲା ଶିକ୍ଷା ଅଧିକାରୀ ଅଙ୍କୁର ବାରିକ କୁହନ୍ତି, ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବି।

## ଦୁର୍ଘଟଣାରେ ଟିପିଡବ୍ଲ୍ୟୁଓଡିଏଲ୍ ଅଧିକାରୀଙ୍କ ମୃତ୍ୟୁ

ସମ୍ବଲପୁର,୨୧।୮(ବ୍ୟୁରୋ)

ସଡକ ଦୁର୍ଘଟଣାରେ ଟିପିଡବ୍ଲ୍ୟୁଓଡିଏଲ୍ ଅଧିକାରୀ ପୁଣ୍ୟଶ୍ଳୋକ ସ୍ୱାଇଁ (୩୦)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର କଟକ ମର୍କତନଗର ଥାନା ସେକ୍ଟର ୬ରେ ବୋଲି ଜଣାଯାଇଛି। ସେ ପ୍ରାୟ ୨ବର୍ଷ ହେଲା ବୁର୍ଲା ଟିପିଡବ୍ଲ୍ୟୁଓଡିଏଲ କର୍ପୋରେଟ ଅଫିସରେ କାର୍ଯ୍ୟରତ ଥିଲେ। ପ୍ରକାଶ ଯେ, ଶନିବାର ରାତି ୮ଟାରେ ପୁଣ୍ୟଶ୍ଳୋକ ଅଫିସ କାର୍ଯ୍ୟରେ ସମ୍ବଲପୁର ଆସି ବାଇକ୍ ଯୋଗେ ବୁର୍ଲାକୁ ଫେରୁଥିଲେ। ସମ୍ବଲପୁର-ବରଗଡ ୫୩ ନଂ ଜାତୀୟ ରାଜପଥ ପାର୍ଶ୍ୱ ଲକ୍ଷ୍ମୀଡୁଙ୍ଗୁରୀ ପାହାଡ ନିକଟରେ ତାଙ୍କ ବାଇକକୁ ଏକ ଟ୍ରକ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଖବର ପାଇ କ୍ଷେତରାଜପୁର ପୋଲିସ ଉଦ୍ଧାର କରି ଗୁରୁତର ଅବସ୍ଥାରେ ବୁର୍ଲା ମେଡିକାଲକୁ ନେଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ ମେଡିକାଲକୁ ନିଆଯିବା ସମୟରେ ରେଢ଼ାଖୋଲ ନିକଟରେ ତାଙ୍କର ମୃତ୍ୟୁ ଘଟିଥିଲା। ରେଢ଼ାଖୋଲ ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଟ୍ରାକ୍ଟରରେ ବୁହାହେଲେ ରୋଗୀ

- **କାଦୁଅ ରାସ୍ତା, ଅଧାରେ ଅଟକିଲା ଆମ୍ବୁଲାନ୍ସ**

ସମ୍ବଲପୁର,୨୧।୮(ବ୍ୟୁରୋ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଡକରା ପଞ୍ଚାୟତ ରାଶିଖାଇ ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ରାସ୍ତା କାଦୁଅ ଯୋଗୁ ଆମ୍ବୁଲାନ୍ସ ଅଧାରେ ଅଟକି ରହିବାରୁ ରୋଗାକ୍ରାନ୍ତ ନୀରବତୀ ବେହେରାଙ୍କୁ ଟ୍ରାକ୍ଟର ଯୋଗେ ପ୍ରାୟ ୧ କିଲୋମିଟର ଯିବାକୁ ପଡିଛି। ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ରୋଗୀଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି ଯେ, ନୀରବତୀ ଶନିବାର ରାତିରେ ଜ୍ୱର ଓ ଝାଡାବାନ୍ତି ଯୋଗୁ ଗୁରୁତର ହୋଇ ପଡ଼ିଥିଲେ। ସକାଳେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା। ଆମ୍ବୁଲାନ୍ସ ଆସିଥିଲେ ହେଁ ରାସ୍ତା କାଦୁଅ ଥିବାରୁ ଘରୁ ପ୍ରାୟ ୧ କିଲୋମିଟର ଦୂରରେ ଅଟକି ରହିଥିଲା। ଫଳରେ ରୋଗୀଙ୍କୁ ଟ୍ରାକ୍ଟର ଟ୍ରଲିରେ ଆମ୍ବୁଲାନ୍ସ ପାଖକୁ ନିଆଯାଇଥିଲା। ନୀରବତୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଏଥିପାଇଁ ଜିଲା ଓ ବ୍ଲକ ପ୍ରଶାସନ ତଥା ସ୍ଥାନୀୟ ନେତୃବୃନ୍ଦଙ୍କ ଅବହେଳାକୁ ଦାୟୀ କରାଯାଇଛି। ଏ ସମ୍ପର୍କରେ ମାନେଶ୍ୱର ବିଡ଼ିଓ ନୀଳାମ୍ବର ମହାନନ୍ଦ କହିଛନ୍ତି ଯେ, ଉକ୍ତ ଗ୍ରାମକୁ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କରାଯାଇଛି। ହେଲେ ରୟତି ଜମି ଥିବାରୁ କେତେକ ସ୍ଥାନରେ ରାସ୍ତା ନିର୍ମାଣ ଛାଡ଼ି ଦିଆଯାଇଛି। ଫଳରେ ଏଭଳି ସମସ୍ୟା ଉପୁଜିଛି।



କାଦୁଅ ରାସ୍ତା ଯୋଗୁ ଟ୍ରାକର ଯୋଗେ ରୋଗୀଙ୍କୁ ବୁହାଯାଉଛି।

ଆମେ ଯାହାକୁ ହିନ୍ଦୁ ଧର୍ମ କହୁ– ତାହା ହେଉଛି ପ୍ରକୃତରେ ଶାଶ୍ୱତ ବା ସନାତନ ଧର୍ମ। କାରଣ– ଏହା ହେଉଛି ବିଶ୍ୱଜନୀକ ଧର୍ମ, ଯାହାକି ଅନ୍ୟ ସମସ୍ତ ଧର୍ମକୁ ଆଲିଙ୍ଗନ କରେ। କୌଣସି ଧର୍ମ ଯଦି ବିଶ୍ୱଜନୀନ ନୁହେଁ– ତେବେ ତାହା ସନାତନ ହୋଇ ପାରେନା। **–ଶ୍ରୀଅରବିନ୍ଦ**



# ଗୋଟେ ପାଇଲେ ଗୋଟେ ଖସିଲା

ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ସମେତ ୧୩ ଜଣଙ୍କ ବିରୋଧରେ ୨୧ ଅଗଷ୍ଟରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) 'ଲୁକ୍ ଆଉଟ୍ ସର୍କ୍ୟୁଲାର' ଜାରି କରିଥିବା ଗଣମାଧ୍ୟମରେ ଚର୍ଚ୍ଚା ହୋଇଛି। ଦିଲ୍ଲୀ ଅବକାରୀ ନୀତିରେ ଦୁର୍ନୀତି ହୋଇଥିବା ନେଇ ସିବିଆଇ ପକ୍ଷରୁ ଇତିମଧ୍ୟରେ ସିସୋଡିଆଙ୍କ ବାସଭବନ ସହ ଅନ୍ୟମାନଙ୍କ ଘରେ ଚଢ଼ାଉ ମଧ୍ୟ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଜଣେ ବ୍ୟକ୍ତି ଫେରାର ହୋଇଥିଲେ କିମ୍ବା ଆଇନ ସଂକ୍ରାନ୍ତ ପ୍ରବର୍ତ୍ତନ ସଂସ୍ଥା ଦ୍ୱାରା ଖୋଜା ପଡୁଥିଲେ ସେ ଯେଭଳି ଦେଶ ବାହାରକୁ ଯାଇ ନ ପାରିବେ, ସେଥିଲାଗି ଲୁକ୍ ଆଉଟ୍ ସର୍କ୍ୟୁଲାର ବାହାର କରାଯାଇଥାଏ। ଏଠାରେ ସିସୋଡିଆ ଓ ଅନ୍ୟମାନେ ସାଧାରଣରେ ଉପସ୍ଥିତ ଥିବା ବେଳେ ସେମାନଙ୍କ ବିରୋଧରେ ଏଭଳି ନୋଟିସ ଜାରି କରିବାର ପ୍ରୟୋଜନ ଥିଲା ଭଳି ମନେହୁଏ ନାହିଁ। ଆହୁରି ଆଶ୍ଚର୍ଯ୍ୟର କଥା ଯେ, ସିବିଆଇ ଲୁକ୍ ଆଉଟ୍ ସର୍କ୍ୟୁଲାର ଜାରି କରି ନାହିଁ ବୋଲି କହିବା ପରେ ଅଡୁଆ ସ୍ଥିତି ସୃଷ୍ଟି ହୋଇଛି। ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ କୁହାଯାଇଛି ଯେ, ମୋଦି ସରକାର ପ୍ରଥମେ ସିସୋଡିଆଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର ଜାରି କରି ତାହାକୁ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ନିକଟକୁ ପଠାଇଦେଇଛି। ଏଏପି ମୁଖ୍ୟ ମୁଖପାତ୍ର ସୌରଭ ଭରଦ୍ୱାଜ ଏକ ଖବରଦାତା ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ, ସିସୋଡିଆ ଦିଲ୍ଲୀରେ ଅଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ତାଙ୍କୁ ଯେଉଁଠିକୁ ଡାକିବେ ସେ ଯାଇପାରିବେ। ଯଦି ପ୍ରଧାନମନ୍ତ୍ରୀ ଚାହାନ୍ତି ସିସୋଡିଆଙ୍କ ଏବି ୧୭ ବାସଭବନକୁ ଆସିପାରିବେ, ତେବେ ତାଙ୍କୁ ସ୍ୱାଗତ କରାଯିବ।

> **ନିର୍ବାଚନରେ ଗୋଟିଏ ରାଜନୈତିକ ଦଳ ଅନ୍ୟ ପାର୍ଟିକୁ ହରାଇ ବାହାଦୁରି ନେଇପାରିଲେ ତାହାର ଦମ୍ଭ ବଢ଼ିଥାଏ। କିନ୍ତୁ ପେଞ୍ଚ କରାଯାଇ ରାଜନୈତିକ ବିରୋଧୀଙ୍କୁ ସରକାରୀ କଳ ଅପବ୍ୟବହାର କରି ଚାପିଦେବାର ପ୍ରୟାସ କେତେଦୂର ଭୋଟରଙ୍କ ଦ୍ୱାରା ଗ୍ରହଣୀୟ ହେଉଛି, ତାହା ଦେଖିବାକୁ ମିଳିବ।**

ଉପରୋକ୍ତ ଘଟଣାକ୍ରମକୁ ଦେଖିଲେ କେନ୍ଦ୍ର ସରକାର ଓ ଦିଲ୍ଲୀ ସରକାର ଏବେ ଦିଲ୍ଲୀର ଅବକାରୀ ନୀତିକୁ ନେଇ ମୁହାଁମୁହିଁ ସ୍ଥିତିରେ ଉପନୀତ। ଏ କ୍ଷେତ୍ରରେ ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସାକ୍ସେନା ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଆଲୋଚନା ହେଉଛି। ସିସୋଡିଆ ଓ ଅନ୍ୟମାନଙ୍କ ବିରୋଧରେ ଦାଏର କରାଯାଇଥିବା ଏତଲାରେ ଦର୍ଶାଯାଇଛି ଯେ, ଦିଲ୍ଲୀ ଅବକାରୀ ନୀତି ୨୦୨୧–୨୨ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ବିନା ଅନୁମୋଦନରେ କାର୍ଯ୍ୟକାରୀ କରାଯାଇଥିଲା। ସେଥିରେ ଟେଣ୍ଡର ଡକାଯିବା ପରେ କେତେ ଜଣ ଲାଇସେନ୍ସଧାରୀଙ୍କୁ ଅନୁଚିତ ଅନୁଗ୍ରହ ପ୍ରଦର୍ଶନ କରାଯାଇଥିବାରୁ ସରକାରୀ ତହବିଲକୁ ୧୪୪ କୋଟି ୩୬ ଲକ୍ଷ ଟଙ୍କା କ୍ଷତି ସହିବାକୁ ପଡ଼ିଛି। ମନୀଷ ସିସୋଡିଆ ଅବକାରୀ ମନ୍ତ୍ରୀ ଥିବାରୁ ତାଙ୍କ ଜାଣତରେ ସବୁକିଛି ହୋଇଛି ବୋଲି ଭାଜପା ଅଭିଯୋଗ ଆଣିଛି। ତେଣୁ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଲାଗି ଭାଜପା ଦାବି କରିଛି। କିନ୍ତୁ ଦେଖିଲା ବେଳକୁ ଉପରାଜ୍ୟପାଳ ସାକ୍ସେନା ଅବକାରୀ ନୀତିରେ ଗଡ଼ବଡ଼ ହୋଇଥିବା ବିଷୟ ପଦାକୁ ଆଣିଥିଲେ। ତାଙ୍କ ଦ୍ୱାରା ଅଣାଯାଇଥିବା ଅବକାରୀ ନୀତି ସଂକ୍ରାନ୍ତ ଅଭିଯୋଗକୁ ଆଧାର କରି ସିବିଆଇ ତଦନ୍ତ ଓ ଚଢ଼ାଉ କରିଛି। ହୁଏତ ସିବିଆଇ ପାଖରେ କୌଣସି ଠୋସ୍ ପ୍ରମାଣ ନାହିଁ। ସେଥିପାଇଁ ବିଭିନ୍ନ ଲୋକଙ୍କ ବାସଭବନ ଉପରେ ଚଢ଼ାଉ କରାଯାଇ ସେଥିରୁ ଅନ୍ୟ କିଛି କାଗଜପତ୍ର ମିଳିଲେ ତାହାକୁ ବ୍ୟବହାର କରି ଭବିଷ୍ୟତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଯଦି ଅବକାରୀ ନୀତିରେ ତ୍ରୁଟି ଥିବ ସେଥିରେ ସମ୍ପୂର୍ଣ୍ଣ ସରକାରୀ ବ୍ୟବସ୍ଥା, ଏପରି କି ଦିଲ୍ଲୀ ବିଧାନସଭାର ସମ୍ପୃକ୍ତି ଥିବ ବୋଲି ଧରାଯିବ। ଅନ୍ୟପଟେ ଯଦି ଅବକାରୀ ମାମଲାର ତଦନ୍ତରୁ କୌଣସି ଗୁରୁତ୍ୱପୂର୍ଣ୍ଣ ଦଲିଲ ସିବିଆଇ ହାତରେ ପଡ଼ି ନ ଥିବ, ତେବେ ଗୁଜରାଟ ନିର୍ବାଚନକୁ ଆଖିରେ ରଖି ଏହି ରାଜନୈତିକ ପଦକ୍ଷେପ ଭାଜପାକୁ ପାଲଟା ମାଡ଼ କରିଦେଇପାରେ।

ବର୍ତ୍ତମାନ ଦେଶର ରାଜନୈତିକ ପ୍ରେକ୍ଷାପଟକୁ ଦେଖିଲେ ଭାଜପା ବିଭିନ୍ନ ରାଜ୍ୟରେ ସ୍ଥିତି ଜାହିର କରିବା ଲାଗି ଯେନତେନ ପ୍ରକାରେ ଉଦ୍ୟମ କରୁଛି। ମହାରାଷ୍ଟ୍ରରେ ଶିବସେନାକୁ ଭାଙ୍ଗିବାରେ ସଫଳତା ହାସଲ ପାଇଁ ଭାଜପାର ରାଜନୈତିକ ଦକ୍ଷତା ପରିବର୍ତ୍ତେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଅନେକ ଶିବସେନା ବିଧାୟକଙ୍କୁ ନୋଟିସ ଅଧିକ କାମ ଦେଇଥିଲା। ସେହି ସଫଳତାର ମଉଜମଜଲିସ ଶେଷ ହେବା ପୂର୍ବରୁ ବିହାରରେ ନୀତୀଶଙ୍କ ଠୋକର ପୁନର୍ବାର ଭାଜପାକୁ ଅସୁବିଧାରେ ପକାଇଦେଇଛି। ସତେଯେମିତି 'ଗୋଟେ ଆସିଲେ ଆଉ ଗୋଟେ ଖସିଯାଉଛି'। ତେଣୁ ସର୍ବୋଚ୍ଚରେ ଥିବା ଗୁଜରାଟ ରାଜ୍ୟ ଏବଂ ତାହାର ଚଳିତବର୍ଷ ଶେଷ ଆଡ଼କୁ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଭାଜପାର ସ୍ଥିତି ଟଳମଳ ହେଉଥାଇପାରେ ବୋଲି ଏଏପି ନେତା ମନୀଷ ସିସୋଡିଆଙ୍କ ଉପରେ କ୍ରୋଧ ପ୍ରକଟ ଇଙ୍ଗିତ କରୁଥାଇପାରେ। ଗୁଜରାଟ ଖସିଲେ ୨୦୨୪ ପାର୍ଲାମେଣ୍ଟ ନିର୍ବାଚନରେ ଭାଜପାର ସ୍ଥିତି ଅତ୍ୟନ୍ତ ଦୁର୍ବଳ ହୋଇଯାଇପାରେ।

ବାସ୍ତବରେ ନିର୍ବାଚନରେ ଗୋଟିଏ ରାଜନୈତିକ ଦଳ ଅନ୍ୟ ପାର୍ଟିକୁ ହରାଇ ବାହାଦୁରି ନେଇପାରିଲେ ତାହାର ଦମ୍ଭ ବଢ଼ିଥାଏ। ଗଣତନ୍ତ୍ରରେ ଲୋକଙ୍କ ସମର୍ଥନ ବଡ଼ କଥା। କିନ୍ତୁ ପେଞ୍ଚ କରାଯାଇ ରାଜନୈତିକ ବିରୋଧୀଙ୍କୁ ସରକାରୀ କଳ ଅପବ୍ୟବହାର କରି ଚାପିଦେବାର ପ୍ରୟାସ କେତେଦୂର ଭୋଟରଙ୍କ ଦ୍ୱାରା ଗ୍ରହଣୀୟ ହେଉଛି ତାହା ଦେଖିବାକୁ ମିଳିବ।

# ବନ୍ୟା, ମହାନଦୀ ଓ ହୀରାକୁଦ ବନ୍ଧ



ଡ.ପ୍ରଫୁଲ୍ଲ କୁମାର ସାହୁ

ଓଡ଼ିଶା ଏକ ନଦୀବହୁଳ ରାଜ୍ୟ ହୋଇଥିବାରୁ ବନ୍ୟା ସମସ୍ୟା ତା'ର ଚିର ସହଚର। ଦିନ ଥିଲା ବନ୍ୟା ବିପ୍ୱାତ ଯୋଗୁ ଅଣ୍ଟାସଳଖି ଠିଆହୋଇ ପାରୁ ନ ଥିଲା ରାଜ୍ୟ। ବିଶେଷକରି ବଡ଼ ନଦୀ ଭାବରେ ପରିଚିତ ମହାନଦୀ ଥିଲା ଓଡ଼ିଶାର ସବୁଠାରୁ ବଡ଼ ଦୁଃଖ। ଛତିଶଗଡ଼ର ଅମରକଣ୍ଟକ ପର୍ବତମାଳାରୁ ଝରିଆସିଥିବା ଏହି ନଦୀ ବାଟରେ ସିଓନାଥ, ଜୋଙ୍କ ଓ ହାସଦେବ ଆଦି ଉପନଦୀକୁ ସାଙ୍ଗରେ ଯୋଡି ପହଞ୍ଚିଛି ଓଡ଼ିଶାର ଅବିଭକ୍ତ ସମ୍ବଲପୁର ଜିଲାରେ। ହୀରାକୁଦ, ସୋନପୁର, ଟିକରପଡ଼ା, ହରଭଙ୍ଗା, ବୌଦ୍ଧ ଦେଇ କଟକର ନରାଜଠାରେ ପହଞ୍ଚିବା ପୂର୍ବରୁ ତା'ର ବକ୍ଷ ଆହୁରି ବିସ୍ତାରିତ ହୋଇଛି ଇବ୍, ଅଙ୍ଗ ଓ ତେଲ ଆଦି ନଦୀର ସମାବେଶରେ। ବାଟରେ କାଠଯୋଡ଼ି, ବିରୂପା, ପାଇକା, ଲୁଣା ଆଦି ନଦୀକୁ ଜନ୍ମ ଦେଇ ପାରାଦୀପର ହୁକିତୋଳାଠାରେ ମୁହାଣ ମେଲି ନିଜକୁ ଅଜାଡ଼ି ଦେଇଛି ବଙ୍ଗୋପସାଗରରେ। ଭରା ଯୌବନରେ ଗିରିଗହ୍ୱର ଓ ସମତଳ ଅଞ୍ଚଳ ଅତିକ୍ରମ କରି ସେ ଯେତେବେଳେ ଛନ ଛନ ଗତିରେ ଧାଇଁଥିଲା ସାଗର ଆଶ୍ଳେଷ ପାଇଁ ସେତେବେଳେ ତା' ଗତିର ଉଦ୍ଦାମତା ଆଗରେ ହାର ମାନିଥିଲା କଙ୍କରିତ ପଥର ବନ୍ଧୁରତା ଓ ଶିଳାରାଜିର ଅହଂକାର। ଦେଶ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଅତି ଉଦ୍ଦଣ୍ଡ ଥିଲା ରୂପ। କୂଳ ଲଘୁଥିଲା ଫି' ବର୍ଷ। ଜିଭ ଲହଲହ କରି ଚାଟି ନେଉଥିଲା କେତେ ଧନ ଜୀବନ ଓ କ୍ଷେତବାର। ଉଚ୍ଛନ୍ନ ହୋଇଯାଉଥିଲା ଅବବାହିକାର ହଜାର ହଜାର ଗାଁ। ତା'ର ଏହି ବିପ୍ୱାତ କାରଣରୁ ଅଣ୍ଟାସଳଖି ଠିଆ ହୋଇ ପାରୁ ନ ଥିଲା ଓଡ଼ିଶା।

୧୯୩୭ ମସିହା ପ୍ରଳୟଙ୍କରୀ ବନ୍ୟାର ତାଣ୍ଡବଲୀଳା ପରେ ଓଡ଼ିଶାକୁ ଘାରିଥିଲା କରାଳ ବନ୍ୟାରୁ ମୁକୁଳିବାର ଚିନ୍ତା। ବହୁ ବିଚାର ବିମର୍ଶ ପରେ ସମ୍ବଲପୁରର ହୀରାକୁଦଠାରେ ଏକ ବହୁମୁଖୀ ନଦୀବନ୍ଧ ଯୋଜନା ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ ପ୍ରଖ୍ୟାତ ଇଞ୍ଜିନିୟର ସାର୍ ବିଶ୍ୱେଶ୍ୱରାୟା। ଏହି ପ୍ରସ୍ତାବର ଯଥାର୍ଥତା ଅନୁଭବ କରି ୧୯୪୫ ମସିହାରେ ଏ ସମ୍ପର୍କରେ ସରକାରଙ୍କୁ ସୁପାରିସ କଲେ ତତ୍କାଳୀନ ବିଦ୍ୟୁତ୍ ଶକ୍ତି ଓ ଜଳସମ୍ପଦ କମିଶନର ଅଧ୍ୟକ୍ଷ ତଥା ବିଖ୍ୟାତ ଇଞ୍ଜିନିୟର ଅଯୋଧ୍ୟା ନାଥ ଖୋସାଲା। ଏହି ସୁପାରିସଭିତ୍ତିରେ ଗଠନ ହେଲା ସେଣ୍ଟ୍ରାଲ ୱାଟର ୱେଜ୍ ଇରିଗେଶନ ଓ ନାଭିଗେଶନ କମିଶନ। ୧୯୪୭ ମାର୍ଚ୍ଚ ୧୫ ତାରିଖରେ ହୀରାକୁଦ ଜଳ ଭଣ୍ଡାର ନିର୍ମାଣ ଲାଗି ଭିତ୍ତି ସ୍ଥାପନ କଲେ ତତ୍କାଳୀନ ରାଜ୍ୟପାଳ ହାଥ ଥ୍ରୋନ ଲୁଏସ। ମାତ୍ର ବିଡ଼ମ୍ବନାର ବିଷୟ ଯୋଜନାକୁ ବିରୋଧ କରି ପଶ୍ଚିମ ଓଡ଼ିଶାରେ ଆରମ୍ଭ ହେଲା ଜନ ଆନ୍ଦୋଳନ। ସେମାନଙ୍କ ଯୁକ୍ତି ଥିଲା ହୀରାକୁଦ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ ହେଲେ ପ୍ରଭୂତ କ୍ଷତି ସହିବ ପଶ୍ଚିମ ଓଡ଼ିଶା। ବିସ୍ଥାପିତ ହେବେ ହଜାର ଲୋକ। ଏହି ଯୁକ୍ତି ନେଇ ସେମାନେ ଯୋଜନା ବିରୋଧରେ ସରକାରଙ୍କ ନିକଟରେ ଉପସ୍ଥାପନ କଲେ ଦୃଢ଼ ଦାବି। ମହାତ୍ମା ଗାନ୍ଧୀଙ୍କୁ ବି ସାକ୍ଷାତ କରି ଅନୁରୋଧ ଜଣେଇଲେ ଏଥିରେ ହସ୍ତକ୍ଷେପ ପାଇଁ। ମାତ୍ର ଗାନ୍ଧିଜୀ କ'ଣ ଚାହିଁବେ – ଓଡ଼ିଶା ସବୁଦିନେ ଗରିବ ହୋଇ ରହୁ ବୋଲି!



ସ୍ୱାଧୀନତା ପରେ ଦେଶର ଦ୍ରୁତ ବିକାଶ ଉପରେ ଗୁରୁତ୍ୱ ଦେଲେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ। ସେ ବୁଝିଥିଲେ କୃଷିର ବିକାଶ ପାଇଁ ପ୍ରଥମ ଆବଶ୍ୟକତା ଜଳସେଚନ। ତେଣୁ ଓଡ଼ିଶାରେ କୃଷିର ଉନ୍ନତିକୁ ତ୍ୱରାନ୍ୱିତ କରିବା ପାଇଁ ସେ ସମ୍ବଲପୁର ଆସି ଆଉଥରେ ହୀରାକୁଦ ବନ୍ଧର ଶୁଭଦେଲେ ୧୯୪୮ ମସିହା ଏପ୍ରିଲ ୧୨ ତାରିଖରେ। ଇଞ୍ଜିନିୟରମାନଙ୍କ ପାରଦର୍ଶତା, ପ୍ରଧାନମନ୍ତ୍ରୀଙ୍କ ଆନ୍ତରିକତା ଓ ଡ.ହରେକୃଷ୍ଣ ମହତାବଙ୍କ ସାମ, ଦାନ, ଦଣ୍ଡ ଓ ଭେଦନୀତି ଯୋଗୁ ଯଥା ସମୟରେ ସମ୍ପୂର୍ଣ୍ଣ ହେଲା ଭାରତର ଅନ୍ୟତମ ବୃହତ୍ ଜଳଭଣ୍ଡାରର ନିର୍ମାଣ କାର୍ଯ୍ୟ। ଶହେ କୋଟି ଦୁଇ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଜଳଭଣ୍ଡାରକୁ ୧୯୫୭ ମସିହା ଜାନୁଆରୀ ୧୩ତାରିଖରେ ଲୋକାର୍ପିତ କରି ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ କହିଲେ, ଏହି ବହୁମୁଖୀ ନଦୀବନ୍ଧ ଯୋଜନା ହେବ ଦେଶ ପ୍ରଗତିର ମାଇଲଖୁଣ୍ଟ। ସେବେଠାରୁ ହୀରାକୁଦ ନଦୀବନ୍ଧ ଯୋଜନା ସହାୟତାରେ ରାଜ୍ୟରେ ବନ୍ୟା ନିୟନ୍ତ୍ରଣ ସାଙ୍ଗକୁ ଜଳସେଚିତ ହେଲା ମହାନଦୀ ଅବବାହିକାରେ ଥିବା ୬୫,୭୨୮ ବର୍ଗ କିମି ପରିମିତ ଚାଷଜମି। ବୁର୍ଲା ଓ ଚିପିଲିମାରେ ଉତ୍ପାଦିତ ହେଲା ୩୪୭ ମେଗାୱାଟ ବିଜୁଳି ଶକ୍ତି। ବଦଳିଗଲା ଓଡ଼ିଶାର ଅର୍ଥନୈତିକ ଚିତ୍ର। ଯେଉଁ ନଦୀକୁ ଦିନେ କୁହାଯାଉଥିଲା ଓଡ଼ିଶାର ଦୁଃଖ, ସେହି ନଦୀ ପାଲଟିଗଲା ୧୫ଟି ଜିଲାର ଅଧିବାସୀଙ୍କ ପାଇଁ ଜୀବନ ଜୀବିକାର ଆଧାର। ଓଡ଼ିଶାର ଜୀବନରେଖା।

କୌଣସି ଅଞ୍ଚଳର ଶ୍ରୀ ଓ ସମୃଦ୍ଧିରେ ସହାୟକ ହୁଏ ନଦୀ। ଯେମିତି ମହାନଦୀ ଓଡ଼ିଶାର ଅର୍ଥନୀତିକୁ ସମୃଦ୍ଧ କରିବା ସହିତ ବିଭିନ୍ନ ସ୍ଥାନରେ ପ୍ରକାଶ ପାଇଛି ତା'ର ସୌନ୍ଦର୍ଯ୍ୟମୟୀ ରୂପ। ମହାନଦୀ ସବୁଠାରୁ ସୌନ୍ଦର୍ଯ୍ୟମୟୀ ହୋଇ ଉଠିଛି ସୁବର୍ଣ୍ଣପୁର ସହର ପାଦଦେଶରେ। ସେଠାରେ ତା'ର ସୌନ୍ଦର୍ଯ୍ୟରେ ଅଭିଭୂତ ହୋଇ କୋଶଳାନନ୍ଦ କାବ୍ୟରେ ତାକୁ ଦ୍ୱିତୀୟ ବାରାଣସୀ ବୋଲି କହିଛନ୍ତି ପଣ୍ଡିତ ଗଙ୍ଗାଧର ମିଶ୍ର। ବିନିକାରୁ ସୁବର୍ଣ୍ଣପୁର ଦେଇ ବୌଦ୍ଧ ପର୍ଯ୍ୟନ୍ତ ଶୋଭାମୟୀ ମହାନଦୀକୁ କୁହାଯାଏ ଚିତ୍ରୋତ୍ପଳା। ସତରେ ଚିତ୍ରୋତ୍ପଳାକୁ ଯିଏ ଦେଖିନାହିଁ, ସେ ଆକଳନ କରିପାରିବନି ମହାନଦୀର ସୁଷମା। ମହାନଦୀର ପ୍ରାକୃତିକ ସୁଷମା ନିମନ୍ତେ ୧୯୭୪ ମସିହାରୁ ଐତିହାସିକ ସୁବର୍ଣ୍ଣପୁର ସହରକୁ ମିଳିଛି ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା।

ରୂପରୁ ଭାବ ଓ ଭାବରୁ ଜାତ ସଙ୍ଗୀତ। ମହାନଦୀକୁ ନେଇ ସମ୍ଭବ ହୋଇଛି ସେହି ଭାବଚିତ୍ରର ତ୍ରିବେଣୀ ସଙ୍ଗମ। ଅପରୂପା ମହାନଦୀକୁ ଦେଖି ଚଳଚଞ୍ଚଳ ହୋଇ ଉଠିଛି ଭାବମୁଗ୍ଧ କବିର କଲମ। ତା'ର ଅଫୁରନ୍ତ ସୌନ୍ଦର୍ଯ୍ୟରେ ବିହ୍ୱଳ ହୋଇ କବି କେତେବେଳେ ତା' ଗର୍ଭରେ ଜ୍ୟୋସ୍ନା ବିହାର କରିଛି ତ ଆଉ କେତେବେଳେ ରୋମାଞ୍ଚିତ ହୋଇ ତା' ଗର୍ଭରେ ଭସାଇ ଦେଇଛି କାଗଜ ଡଙ୍ଗା। ତା'ର ବହୁଭିନ୍ନ ରୂପକୁ ଦୃଷ୍ଟିରେ ରଖି କିଏ ତାକୁ ଓଡ଼ିଶାର ଗଙ୍ଗା କହେ ତ କିଏ କହେ ଗଳାରମାଳା ଚିତ୍ରୋତ୍ପଳା। ତାଜମହଲ ହେଉ କି କୋଣାର୍କ, ମଣିଷ ଯେତେ ସବୁ ଆଶ୍ଚର୍ଯ୍ୟଜନକ କୀର୍ତ୍ତି ସ୍ଥାପନ କରିଛି ତାହା ପ୍ରାୟତଃ ଅଧିକାଂଶ ନଦୀ କୂଳରେ। ମହାନଦୀ କୂଳେ କୂଳେ ଗଢ଼ିଉଠିଛି ଭଦ୍ରାମ୍ବିକା, ସୁବର୍ଣ୍ଣମେରୁ, ସମଲେଶ୍ୱରୀ, ସିଦ୍ଧେଶ୍ୱର, ସିଦ୍ଧେଶ୍ୱରୀ, ନୀଳମାଧବ, ଚର୍ଚ୍ଚିକା, ରାମନାଥ, ନୃସିଂହନାଥ, ଚମ୍ପେଶ୍ୱର, ଭଟ୍ଟାରିକା, ଚଣ୍ଡୀ, ଧବଳେଶ୍ୱର ଓ ମା' ଗଡ଼ଚଣ୍ଡୀଙ୍କ ପ୍ରାଚୀନ ପୀଠ। କେବଳ ଆର୍ଥନୀତିକ ଦୃଷ୍ଟିରୁ ନୁହେଁ, ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ଓଡ଼ିଶା ସହ ମହାନଦୀର ସମ୍ପର୍କ ଅଭିନ୍ନ ଓ ଅତୁଟ। ମାତ୍ର ଆମର ଅପରିଣାମଦର୍ଶିତା ଯୋଗୁ ଶ୍ରୀହୀନ ହେଲାଣି ପୁଣ୍ୟତୋୟା ମହାନଦୀ। ଆମର ପ୍ରାଚୀନ ଜ୍ଞାନ ଓ ଆଧୁନିକ ବିଜ୍ଞାନ ନଦୀକୁ ସଭ୍ୟତାର ଜନ୍ମଦାତ୍ରୀ ବୋଲି କହିବା ସତ୍ତ୍ୱେ ଦେଶର ପ୍ରାୟ ସବୁ ନଦୀ ଏବେ ବିପଦଗ୍ରସ୍ତ। ଧମନୀରେ ଶୁଦ୍ଧ ରକ୍ତ ପ୍ରବାହିତ ହେଲା ଭଳି ନଦୀଗୁଡ଼ିକରେ ସ୍ୱଚ୍ଛ ଜଳ ପ୍ରବାହିତ ହେବା ଦରକାର। ମାତ୍ର ମହାନଦୀର ଜଳ ଏବେ ଭୟଙ୍କର ଭାବେ ପ୍ରଦୂଷିତ।

ହୀରାକୁଦ ଜଳଭଣ୍ଡାରରେ ପଡ଼ିବା ପୂର୍ବରୁ ମହାନଦୀକୁ ଏବେ ଅତିକ୍ରମ କରିବାକୁ ପଡୁଛି ଅନେକଗୁଡ଼ିଏ ବନ୍ଧ, ଚେକ୍‌ଡ୍ୟାମ ଓ ବ୍ୟାରେଜ। ଛତିଶଗଡ଼ରେ କାର୍ଯ୍ୟକ୍ଷମ ଏସବୁ ପ୍ରକଳ୍ପ ଯୋଗୁ କ୍ରମାଗତ କମୁଛି ହୀରାକୁଦ ଜଳଭଣ୍ଡାରକୁ ପ୍ରବେଶ କରୁଥିବା ଜଳର ପରିମାଣ। ମହାନଦୀ ଆଉ ଆଗଭଳି ଚିରସ୍ରୋତା ହୋଇ ନାହିଁ। କେବଳ ବର୍ଷା ଋତୁକୁ ଛାଡ଼ିଦେଲେ ଅନ୍ୟ ସମୟରେ ତା'ର ଖଣ୍ଡବିଖଣ୍ଡିତ ଜଳଧାରାକୁ ବଳିଯାଉଛି ପୋତିହୋଇ ପଡ଼ିଥିବା ବାଲିପଠାର ବିସ୍ତୃତି। ଧୀରେ ଧୀରେ ମଲା ନଈରେ ପରିଣତ ହେବାକୁ ବସିଲାଣି ମହାନଦୀ। ଅନ୍ୟପକ୍ଷରେ ବର୍ଷାଦିନେ ଛତିଶଗଡ଼ ଅତ୍ୟଧିକ ଜଳ ନିଷ୍କାସନ କରିବା ଫଳରେ ମହାନଦୀ ଅବବାହିକାରେ ସୃଷ୍ଟି ହେଉଛି ବନ୍ୟା ବିପ୍ୱାତ।

**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ଘର କରିବୁ କେବେ



ଡ.ସତ୍ୟ ନାରାୟଣ ମିଶ୍ର

ପ୍ରତ୍ୟେକ ମଣିଷ ଆଶା କରିଥାଏ ଜୀବନର ସାଂସାରିକ ପୂର୍ଣ୍ଣାଙ୍ଗ ପ୍ରାପ୍ତି, ଯାହା ନିର୍ଭର କରିଥାଏ ଆବଶ୍ୟକତାକୁ ସମ୍ମୁଖୀନ ହେବା ପାଇଁ ରୋଜଗାର, ପରିବାର ଲାଗି ବିବାହ ଓ ବାସ ନିମନ୍ତେ ଘର। ତେବେ ରୋଜଗାର ଓ ବିବାହ ଏକ ନିର୍ଦ୍ଦିଷ୍ଟ ସମୟର ମଧ୍ୟରେ ନିର୍ବାହ ହେଉଥିବା ବେଳେ, ଘର କରିବା ନିର୍ଭର କରିଥାଏ ବିଶେଷତଃ ଆର୍ଥିକ ସ୍ଥିରତା ଓ ମନୋବୃତ୍ତିର ବ୍ୟାବହାରିକ ଚିନ୍ତାଧାରା ଉପରେ। ସାମ୍ପ୍ରତିକ ସମାଜରେ ଯେତେବେଳେ ଜଣେ ଅନ୍ୟ ସହ ସାକ୍ଷାତ୍ ହୋଇଥାଏ ସେତେବେଳେ ଗୋଟିଏ ପ୍ରଶ୍ନ ଆଘାତ କରିଥାଏ ଯେ ଘର କରିବୁ କେବେ? କାରଣ ମଣିଷର ଜୀବନରେଖା ଧୀରେଧୀରେ ଅସ୍ତମିତ ହୋଇଥାଏ ଓ ପ୍ରୌଢ଼ାବସ୍ଥା ପୂର୍ବରୁ ମଣିଷ ଘର କରିବା ଉଚିତ ବୋଲି ସାଧାରଣରେ ଆଲୋଚନା ହୋଇଥାଏ। ତେବେ ଅନେକେ ଗ୍ରହଣ କରିଥାନ୍ତି ଯେ ଜୀବନରେ ଘର କରିବା ଅର୍ଥ ଆଡ଼ମ୍ବରପୂର୍ଣ୍ଣ ସରଞ୍ଜାମରେ ସୌଖୀନ ଅଟ୍ଟାଳିକା ନିର୍ମାଣ କରିବା। ବର୍ତ୍ତମାନ ସମାଜରେ ଯଦି କୌଣସି ବ୍ୟକ୍ତି ନିକଟରେ ଉଚ୍ଚମାନର ସୁରମ୍ୟ ଅଟ୍ଟାଳିକା ନ ଥାଏ, ତେବେ ସେ ସମାଜରେ ପ୍ରଗତିଶୀଳ ବ୍ୟକ୍ତି ନୁହେଁ ବୋଲି ଅନେକେ ଚିନ୍ତା କରିଥା'ନ୍ତି। ଅତଏବ ଘରର ସଂଜ୍ଞାକୁ ଆଲୋଚନା କଲେ ପ୍ରତୀୟମାନ ହୋଇଥାଏ ଯେ ଘର ହେଉଛି ତାହା ଯେଉଁଠି ମଣିଷ ଆନନ୍ଦରେ ବସବାସ କରିଥାଏ ଓ ଉତ୍ତମ ବାସସ୍ଥାନର ମର୍ଯ୍ୟାଦାରେ ଅଭିମନ୍ତ୍ରିତ ହୋଇଥାଏ। ସହଜ ଶବ୍ଦରେ କହିବାକୁ ଗଲେ, ଗୋଟିଏ ଗୃହ ହେଉଛି ଚାରୋଟି କାନ୍ଥ ଓ କୋଠରି ସହିତ ଏକ କୋଠା। ସୁଖ, ଶାନ୍ତି, ସ୍ନେହ, ସୌହାର୍ଦ୍ଦ୍ୟ, ଆନ୍ତରିକତା, ସମନ୍ୱୟ ଓ ନିଜ ନିଜ ମଧ୍ୟରେ ଶ୍ରଦ୍ଧା ହେଉଛି ଏକମାତ୍ର ବାସ୍ତବ ଯାହା ଏକ ଅଟ୍ଟାଳିକା ବା ଚାରିକାନ୍ଥଯୁକ୍ତ କୋଠରିକୁ ଘର କରିପାରେ। ଜଣେ ବ୍ୟକ୍ତି ମାନସିକ ବିଷାଦ ଓ ଅଶାନ୍ତ ହୃଦୟରେ ଗୋଟିଏ ବଡ଼ ପ୍ରାସାଦରେ ରହିପାରେ, ମାତ୍ର ସେ ଅବାଞ୍ଛିତ ଓ ଏକାକୀ ଅନୁଭବ କରିବେ। କିନ୍ତୁ ଯେତେବେଳେ ଜଣେ ଦରିଦ୍ର ଶାନ୍ତିପୂର୍ଣ୍ଣ ଜୀବନଯାପନ କରୁଥିବେ ସେତେବେଳେ ସେ ଘରେ ଥିବେ ବୋଲି ନିଶ୍ଚୟ ଅନୁଭବ କରିବେ, କାରଣ ଘର ହେଉଛି ଏକ ଚିନ୍ତା, କାର୍ଯ୍ୟ ଓ ସହମତିର ସମନ୍ୱୟ। ସମାଜରେ ଅନେକ ଲୋକ ଅଛନ୍ତି, ଯେଉଁମାନେ ଆଭିଜାତ୍ୟପୂର୍ଣ୍ଣ ସୁରମ୍ୟ ଅଟ୍ଟାଳିକାରେ ରହନ୍ତି, କିନ୍ତୁ କୌଣସି କ୍ଷେତ୍ରରେ ସନ୍ତୁଷ୍ଟ ନୁହନ୍ତି ତଥା ପାରିବାରିକ ବିଶୃଙ୍ଖଳା, ଅବାଞ୍ଛିତ ଆଶାର ରୋଗ ଦ୍ୱାରା ମର୍ମାହତ ହୋଇଥା'ନ୍ତି। ମାତ୍ର ବହୁତ ଲୋକ ଅଛନ୍ତି ଯେଉଁମାନେ ନିଜ ପରିବାର ସହିତ ଗୋଟିଏ ଛୋଟ ନିମ୍ନ ଶ୍ରେଣୀର କୋଠରିରେ ରହନ୍ତି, ତଥାପି ସେମାନେ ଖୁସି ଓ ଆନନ୍ଦରେ ଜୀବନ ଅତିବାହିତ କରନ୍ତି। ସେମାନଙ୍କ ନିକଟରେ ପରିବାର ହେଉଛି ଏକ ଚୁମ୍ବକୀୟ ଆକର୍ଷଣ ଓ ସ୍ନେହ ବନ୍ଧନର ଘର।

ମଣିଷର ବଞ୍ଚିବା ପାଇଁ ଉଭୟ ଗୃହ ଓ ଘର ଆବଶ୍ୟକ। ଗୃହ ଓ ଘର ଦୁଇଟି ଶବ୍ଦ ଯାହାକି ସମ୍ପୂର୍ଣ୍ଣ ଭିନ୍ନ, ତଥାପି, ଅଧିକାଂଶ ସମୟରେ, ଏହାର ଅର୍ଥ ସମାନ ଭାବରେ ଦେଖାଯାଏ। ଘର ଏକ ଶାରୀରିକ ବସ୍ତୁ ଭାବରେ ବିବେଚନା କରାଯାଏ ଯାହା ରୌଦ୍ରତାପ, ବର୍ଷା, ଶୀତ ଆଦିରୁ ରକ୍ଷା କରିଥାଏ। ଅନେକେ ବିଶ୍ୱାସ କରନ୍ତି ଯେ ଯଦି ସେମାନଙ୍କ ଘର ବଡ଼ ହୁଏ, ତେବେ ସେମାନେ ସମାଜର ସବୁଠାରୁ ଧନୀ ଏବଂ ସୁଖୀ ବ୍ୟକ୍ତି। ଅନ୍ୟପକ୍ଷରେ ସମ୍ପର୍କର ଘର ହେଉଛି ସମ୍ପୂର୍ଣ୍ଣ ଭିନ୍ନ ଚିନ୍ତାଧାରା, ଯେଉଁଠି କେବଳ ବିଦ୍ୟମାନ ଥାଏ ଆନନ୍ଦ, ସନ୍ତୁଷ୍ଟ, ପ୍ରସନ୍ନତା, ସେବା ଇତ୍ୟାଦି। ଅନେକ ବ୍ୟକ୍ତି ଅତ୍ୟନ୍ତ ମୂଲ୍ୟବାନ ବଡ଼ ଓ ସୁନ୍ଦର ଘର କିଣିବାକୁ ସକ୍ଷମ ହୋଇପାରନ୍ତି, କିନ୍ତୁ ସେମାନେ ପରିବାର ସଦସ୍ୟଙ୍କଠାରୁ ଉତ୍ପନ୍ନ ହେଉଥିବା ଆନନ୍ଦ କ୍ରୟ କରିପାରିବେ ନାହିଁ। ଉକ୍ତ ଘରକୁ ନିର୍ମାଣ କରିବାକୁ ହେଲେ ଆବଶ୍ୟକ ଉପକରଣ କୌଣସି କ୍ରୟ ବିକ୍ରୟ ସ୍ଥାନରେ ଉପଲବ୍ଧ ନ ଥାଏ, ତାହା ଥାଏ କେବଳ ମଣିଷର ଜିହ୍ୱାରେ ଓ ବ୍ୟବହାରରେ। ଯେଉଁଥିରେ ସୃଷ୍ଟି ହୋଇଥାଏ ହୃଦୟର ଘର ଓ ଯାହା କେବେ ଧରାଶାୟୀ ହୋଇପାରେନା। ସ୍ନେହ ଶ୍ରଦ୍ଧା ସମ୍ପର୍କର ଘର ପାଇଁ ଅର୍ଥ ଆବଶ୍ୟକ ହୋଇ ନ ଥାଏ, ସେଥିପାଇଁ ଆବଶ୍ୟକ ହୋଇଥାଏ କେବଳ ମନୋବୃତ୍ତି ଓ ଇଚ୍ଛାଶକ୍ତି। ଘର ହେଉଛି ଏକ ସ୍ଥାନ ଯାହା ସମସ୍ତଙ୍କୁ ସାନ୍ତ୍ୱନା ଦେଇଥାଏ। ଘର ହେଉଛି ଏପରି ଏକ ସ୍ଥାନ ଯେଉଁଠାରେ ଜଣେ କେବଳ ଆରାମଦାୟକ ଅନୁଭବ କରେ ନାହିଁ, ବରଂ ଏହା ଏପରି ଏକ ସ୍ଥାନ ଯେଉଁଠି ମଣିଷ ନିଜକୁ ସୁରକ୍ଷିତ ଓ ସହବନ୍ଧନରେ ବାନ୍ଧି ହୋଇ ନିର୍ମାଣ କରିଥାଏ ଏକ ସମ୍ପର୍କର ସେତୁ। ଘର ଇଟା କିମ୍ବା କାଠ ଦ୍ୱାରା ନୁହେଁ ବରଂ ପରିବାରର ବନ୍ଧନ ଦ୍ୱାରା ନିର୍ମିତ। ଘର ହେଉଛି ଏକ ସ୍ଥାନ ଯାହା ଜଣେ ବ୍ୟକ୍ତିଙ୍କୁ ଅଗଣିତ ସ୍ମୃତି ଓ ମୂଲ୍ୟବୋଧକୁ ମନେ ପକାଇଥାଏ। ଯେତେବେଳେ ଜଣେ ବ୍ୟକ୍ତି ଅଧିକ ବିଷୟବସ୍ତୁ ପ୍ରବଣ ହୋଇଥାନ୍ତି, ସେତେବେଳେ ସେ ଘର ନିର୍ମାଣ ପରିବର୍ତ୍ତେ ଭୋଗ୍ୟ ବସ୍ତୁର ସଂଗ୍ରହ ଉପରେ ଅଧିକ ଦୃଷ୍ଟି ନିକ୍ଷେପ କରିଥାନ୍ତି, ଯାହା ଜୀବନରେ ଶାନ୍ତି ଅପସରି ନେଇଥାଏ।



ଜଣେ ବ୍ୟକ୍ତି ସମଗ୍ର ଦୁନିଆର ପ୍ରତ୍ୟେକ ବସ୍ତୁ ପାଇପାରେ କିନ୍ତୁ ଯଦି ଏହାର ଉତ୍ତର ଦାୟିତ୍ୱ ସୁଚାରୁରୂପେ ନିରୂପଣ କରିବାରେ ସକ୍ଷମ ହୋଇ ନ ଥାଏ ବା ନିଜକୁ ପରିଚିତ କରାଇବାରେ ବିଫଳ ହୋଇଥାଏ, ତେବେ ଉକ୍ତ ବସ୍ତୁବାଦୀ ଘର ବା ଅଟ୍ଟାଳିକାର ମୂଲ୍ୟ କିଛି ନ ଥାଏ ବୋଲି ସ୍ୱୀକାର କରିବାକୁ ହୋଇଥାଏ। ମାତ୍ର ସମୟ ଯେତିକି ଆଗକୁ ବଢୁଛି, ଘରର ସଂଜ୍ଞା ଓ ଘର ଭାବରେ ଯାହା ଦେଖାଯାଉଛି ତାହା ବଦଳି ଯାଉଛି। ବର୍ତ୍ତମାନ ବ୍ୟକ୍ତି ନିକଟରେ ଅନେକ ଅର୍ଥ, କ୍ଷମତା, ବୁଦ୍ଧି, କୌଶଳ ଆଦି ପରିପୂର୍ଣ୍ଣ ହୋଇଛି ଓ ଅତ୍ୟାଧୁନିକ ଗୃହ ମଧ୍ୟ ନିର୍ମାଣ କରୁଛି, ହେଲେ ଘର ରୂପକ ବାସସ୍ଥାନ କରିବାରେ ଅନେକେ ଅକ୍ଷମ। ମଧୁସୂଦନ ରାଓଙ୍କ ଉକ୍ତିରେ 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର'। ମଣିଷର ବୟସ ଅତିକ୍ରାନ୍ତ ହୋଇ ଚାଲିଛି ଓ ଇଟା ବାଲି ପଥର ସିମେଣ୍ଟ ତଥା ସୌଖୀନ ସରଞ୍ଜାମର ସଂଗ୍ରହ କରିବାରେ ମଣିଷ ନିରନ୍ତର ପ୍ରୟାସ ଜାରି କରୁଛି ଓ ସେଥିରୁ ସେ କେବଳ ପାଉଛି ଗୃହ ନିର୍ମାଣର ସାଙ୍କେତିକ ଠିକଣା। ପରିଶେଷରେ ଅନେକ କ୍ଷେତ୍ରରେ ଗୃହ ନିର୍ମାଣ କରି ମଣିଷର ଶେଷ ଜୀବନ ଅତିବାହିତ ହୋଇଥାଏ ସେବାଘରେ ବା ଜରା ନିବାସରେ। ତେଣୁ ଜୀବନର ସମସ୍ତ ସମୟ ଯଦି ଗୃହ ଉପକରଣ ସଂଗ୍ରହ କରିବାରେ ନିୟୋଜିତ କରିବୁ, ତେବେ 'ଘର କରିବୁ କେବେ'?

**ଅଭିଲେଖାଧିକାରୀ**
**ଜାତୀୟ ଅଭିଲେଖାଗାର, ଭାରତ ସରକାର**
**ମୋ: ୯୯୩୭୩୪୫୯୦୦**

## ଏଇ ଭାରତରେ

ଉତ୍ତର ପ୍ରଦେଶ ମୁଜାଫରନଗରର ସାମାଜିକ କର୍ମୀ ଶାଲୁ ସୋନି ୧୫ ବର୍ଷ ହେଲା ନିଜ ଜୀବନର ସମସ୍ୟାକୁ ଭୁଲି ଅନ୍ୟମାନଙ୍କ ପାଇଁ କାର୍ଯ୍ୟ କରୁଛନ୍ତି। କରୋନା ସମୟରେ ଅଚିହ୍ନା ମୃତଦେହ ଦାହ କରିବା ଆରମ୍ଭ କରିଥିଲେ। ଏବେ ସୁଦ୍ଧା ୫୦୦ରୁ ଊର୍ଦ୍ଧ୍ୱ ମୃତଦେହ ଦାହ କରିସାରିଲେଣି। କେବଳ ଏତିକି ନୁହେଁ, ମହିଳାମାନଙ୍କୁ ଆତ୍ମନିର୍ଭର ଓ ଆତ୍ମରକ୍ଷା ପାଇଁ ପ୍ରଶିକ୍ଷଣର ବ୍ୟବସ୍ଥା କରିଛନ୍ତି। ଏହି କାର୍ଯ୍ୟ ସେ ସାକ୍ଷୀ ୱେଲ୍‌ଫେୟାର ଟ୍ରଷ୍ଟ ଦ୍ୱାରା କରୁଛନ୍ତି। ମହିଳାମାନଙ୍କୁ ସେ ଭୋକେଶନାଲ ଟ୍ରେନିଂ ଦେଇ ସେମାନଙ୍କୁ ରୋଜଗାରକ୍ଷମ କରିବାରେ ମୁଖ୍ୟ ଭୂମିକା ମଧ୍ୟ ନିଭାଉଛନ୍ତି। ଶାଲୁଙ୍କ ସହ ତାଙ୍କ ଦୁଇ ସନ୍ତାନ ରହୁଛନ୍ତି। ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ରହି ପିଲାଙ୍କ ଯତ୍ନ ସହ ଏସବୁ କାର୍ଯ୍ୟ କରି ନିଜ ପାଇଁ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। ଏବେ ଶାଲୁଙ୍କ ସହ ବହୁ କର୍ମୀ ସାମିଲ ହୋଇଛନ୍ତି। ସବୁଠୁ ବଡ଼ କଥା ହେଉଛି ଶବ ସଂସ୍କାର ପରେ ଅଚିହ୍ନା ବ୍ୟକ୍ତିଙ୍କ ଅସ୍ଥି ନେବା ଲାଗି କେହି ନ ଥିବାରୁ ସେ ନିଜେ ତାହା ସଂଗ୍ରହ କରି ପରିବାରର ସଦସ୍ୟ ଭଳି ଯଥାରୀତି ତାହାକୁ ବିସର୍ଜନ କରୁଛନ୍ତି। ଏଭଳି କାର୍ଯ୍ୟ କରି ବାସ୍ତବ ମାନବିକତାର ପ୍ରକୃଷ୍ଟ ଉଦାହରଣ ସାଜିଛନ୍ତି ୩୭ ବର୍ଷୀୟା ଶାଲୁ।

## ୨୫ ବର୍ଷ ତଳର ଧରିତ୍ରୀ

**୨୨ ଅଗଷ୍ଟ ୧୯୯୭**

- ଚୀନର ଉପକୂଳ ଅଞ୍ଚଳରେ ପ୍ରଳୟଙ୍କରୀ ଝଡ଼ବାତ୍ୟା ପ୍ରବାହ ଫଳରେ ୧୫୦ ଜଣଙ୍କ ଅକାଳ ମୃତ୍ୟୁ।
- ଶ୍ରୀଲଙ୍କାର ଉତ୍ତରାଞ୍ଚଳରେ ଥିବା ତାମିଲ ଗେରିଲା ଅଧ୍ୟୁଷିତ ସହରକୁ ଅକ୍ତିଆର କରିବା ସକାଶେ ଅଗ୍ରସର ହେଉଥିବା ସେନା ସହ ଗେରିଲାମାନଙ୍କ ଘମାଘୋଟ ସଂଘର୍ଷ ଘଟିବା ଫଳରେ ୨୬୫ ନିହତ।
- ବିହାର ଗୋଖାଦ୍ୟ ଦୁର୍ନୀତିରେ ଅଭିଯୁକ୍ତ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ୍ନାଥ ମିଶ୍ରଙ୍କ ନିୟମିତ ଜାମିନ ଆବେଦନ ଖାରଜ।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | 4 | | | | |
| | | | | 7 | | | | 9 |
| 1 | 9 | | | | 8 | | | |
| | | 8 | | 2 | | 6 | 1 | |
| 6 | | | | | 3 | | | 2 |
| | | 5 | | | 1 | | | |
| | 3 | | | 6 | | | | 1 |
| | 7 | 1 | 3 | | | | 2 | |
| | | | | | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 5 | 7 | 9 | 6 | 8 | 1 | 2 |
| 7 | 9 | 1 | 2 | 5 | 8 | 3 | 6 | 4 |
| 6 | 8 | 2 | 4 | 3 | 1 | 9 | 7 | 5 |
| 2 | 7 | 8 | 1 | 6 | 5 | 4 | 3 | 9 |
| 1 | 6 | 4 | 9 | 2 | 3 | 7 | 5 | 8 |
| 3 | 5 | 9 | 8 | 7 | 4 | 6 | 2 | 1 |
| 8 | 4 | 3 | 6 | 1 | 2 | 5 | 9 | 7 |
| 5 | 1 | 7 | 3 | 4 | 9 | 2 | 8 | 6 |
| 9 | 2 | 6 | 5 | 8 | 7 | 1 | 4 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜଜ୍ ନିଯୁକ୍ତି ଏବଂ କୋର୍ଟ ପ୍ରତିଷ୍ଠା କରାଯାଉ

ମହାଶୟ,

ଦେଶର ନାଗରିକଙ୍କୁ ସୁଚାରୁରୂପେ ଚଳାଇବା ପାଇଁ ଚାରିଟି ସାମ୍ବିଧାନିକ ବ୍ୟବସ୍ଥା ରହିଛି। ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଏବଂ ଗଣମାଧ୍ୟମ। ବ୍ୟବସ୍ଥାପିକା ଏବଂ କାର୍ଯ୍ୟପାଳିକାରେ ଏତେ ଦୁର୍ନୀତି ହେଉଛି ଯେ, ଲୋକେ ତାହା ଉପରୁ ଆସ୍ଥା ହରାଇ ବସିଲେଣି। ଗଣମାଧ୍ୟମ ଖବରକାଗଜ ବା ଟିଭି ପରଦାରେ ଯେଉଁ ଦୁର୍ନୀତିର ଚିତ୍ର ଦେଖାଉଛି, ତାହା ଉପରେ କାର୍ଯ୍ୟାନୁଷ୍ଠାନ ହେଉଛି। ଗଣମାଧ୍ୟମ ଯେଉଁଠି ସେହି ସଂସ୍ଥା ଦ୍ୱାରା ପ୍ରଭାବିତ ହୋଇଯାଏ, ସେତେବେଳେ ସେ ନୀରବତା ଅବଲମ୍ବନ କରେ। ଉପରୋକ୍ତ ତିନି ବ୍ୟବସ୍ଥା କଥା ଛାଡନ୍ତୁ। ଆମେ ନ୍ୟାୟପାଳିକା ଉପରେ ଆଲୋଚନା କରିବା। ନ୍ୟାୟପାଳିକାକୁ ସର୍ବୋଚ୍ଚ କ୍ଷମତା ଦିଆଯାଇଛି। ସେ ଯାହା ନିର୍ଦ୍ଦେଶ ଦିଅନ୍ତି ତାହା ନିଶ୍ଚିତ ଭାବେ ଗ୍ରହଣୀୟ। ଦେଖାଯାଇଛି ଲକ୍ଷ ଲକ୍ଷ ମାମଲା କୋର୍ଟରେ ପଡି ରହିଛି। ମୁଦାଲା ମୁଦେଇଙ୍କର ଦେହାନ୍ତ ହୋଇଗଲେ ମଧ୍ୟ ମାମଲା କୋର୍ଟରେ ଗଡି ଚାଲୁଛି। କୋର୍ଟ ବାରମ୍ବାର ତାରିଖ ଦେଇ ମାମଲାକୁ ଦୀର୍ଘସୂତ୍ରୀ କରି ଦେଉଛନ୍ତି। ଜଣେ ଅପରାଧୀ ଗିରଫ ହେବା ପୂର୍ବରୁ ମଧ୍ୟ ଜାମିନ ଅର୍ଡର ଧରି ଆସୁଛି। ତଳ କୋର୍ଟରୁ ଉପର କୋର୍ଟ ଯାଇ ସେଠାରୁ ନ୍ୟାୟ ମିଳିବାକୁ ୩ ବା ୪ ଦଶନ୍ଧି ବିତି ଯାଉଛି। ସରକାର କୋଟି କୋଟି ଟଙ୍କା ଅନ୍ୟ ଆଡେ ଖର୍ଚ୍ଚ କରୁଛନ୍ତି। ଜଜ୍ ନିଯୁକ୍ତି ଏବଂ କୋର୍ଟ ପ୍ରତିଷ୍ଠା କ୍ଷେତ୍ରରେ ଅର୍ଥ ବ୍ୟୟ କରି ଯଦି ଛଅ ମାସ ବା ବର୍ଷକ ମଧ୍ୟରେ କେସ୍‌ଗୁଡିକର ଫଇସଲା କରି ଦିଅନ୍ତେ, ତେବେ ଅପରାଧୀ ଅପରାଧ କରିବାକୁ ସାହସ କରନ୍ତା ନାହିଁ। ଏହା ଉପରେ ସରକାର ଗୁରୁତ୍ୱ ଦେଲେ ସାଧାରଣ ଲୋକ ଉପକୃତ ହୁଅନ୍ତେ।

**–ଅକ୍ଷୟ ମହାନ୍ତି, ନିର୍ମାଲ୍ୟ ଏନ୍‌କ୍ଲେଭ, ମହୁରା, ଖୋର୍ଦ୍ଧା**

## ଚିରନ୍ତନୀ

ତଥାପି ତୋର ଏ ଲଳିତ ମୂରତି ଆଜି
କଠିନ ବକ୍ଷେ ଉଠଇ ନିମେଷେ ବାଜି
ହତାଶ ପ୍ରୀତିର ହୁତାଶ ଜଳଇ ପୁଣି
ଚଞ୍ଚଳ କରି ମୋର ଅବୟବରାଜି।
–(ରୂପର ମୋହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ପୂର୍ଣ୍ଣଚନ୍ଦ୍ର


@ ଅଞ୍ଜଳି


@ ଶୁଭକାନ୍ତ


@ ସରସ୍ୱତୀ


@ ବିଭୂତି


@ ଧୀରେନ

# ଡାଏରୀ, ମୋବାଇଲରୁ ମୃତ୍ୟୁର କାରଣ ଖୋଜା

**ମହିଳା ଇଞ୍ଜିନିୟରଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା**

- ପ୍ରାଥମିକ ତଦନ୍ତରୁ ଆତ୍ମହତ୍ୟା
- ପୂର୍ବରୁ ଆତ୍ମହତ୍ୟା ଉଦ୍ୟମ କରିଥିଲେ ଶ୍ୱେତା

ଭୁବନେଶ୍ୱର,୨୧।୮(ବ୍ୟୁରୋ)

ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାରସ୍ଥିତ ଇନ୍ଫୋସିଟି ଗ୍ରୀନ୍ ଆପାର୍ଟମେଣ୍ଟରୁ ମହିଳା ସଫ୍ଟୱେର୍ ଇଞ୍ଜିନିୟର ଶ୍ୱେତା ଉତ୍କଳ କୁମାରୀ(୨୬)ଙ୍କ ମୃତଦେହ ମିଳିବା ଘଟଣାରେ ପୋଲିସ ଖୋଳତାଡ଼ ଜାରି ରଖିଛି। ମୃତ୍ୟୁକୁ ନେଇ ସସ୍ପେନ୍ସ ଲାଗି ରହିଥିବାବେଳେ ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ପୋଲିସ ଜାଣିବାକୁ ପାଇଛି। ତଥାପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫୬/୨୦୨୨) ରୁଜୁ କରି ତଦନ୍ତ ଚଳାଇବା ସହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ସେପଟେ ପରିବାର ଲୋକେ ଝିଅ ମୃତ୍ୟୁର କାରଣ ଜାଣିବାକୁ ଚାହିଁ ବସିଛନ୍ତି। ଝିଅ ଯଦି ଆତ୍ମହତ୍ୟା କରିଛି, ତେବେ କ'ଣ ପାଇଁ ସେ ଏଭଳି ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ ହେଲା, ତାହା ପୋଲିସ ଖୋଜି ବାହାର କରୁ ବୋଲି କହିଛନ୍ତି। ହେଲେ ପରିବାର ପକ୍ଷରୁ କୌଣସି ବ୍ୟକ୍ତିଙ୍କ ବିରୋଧରେ ଥାନାରେ ଅଭିଯୋଗ କରାଯାଇନାହିଁ। କିନ୍ତୁ ପୋଲିସ ଜବତ କରିଥିବା ଡାଏରୀ ଓ ମୋବାଇଲରୁ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇବାକୁ ଆଶା ରଖିଛି। ଶ୍ୱେତା ପ୍ରେମଜନିତ କାରଣରୁ ମାନସିକ ଚିନ୍ତାରେ ଥିଲେ ବୋଲି ସୂଚନା ପାଇବା ପରେ ପୋଲିସ ସେନେଇ ଅଧିକ ଖୋଳତାଡ଼ ଚଳାଇଛି। ମୃତ୍ୟୁ ପୂର୍ବରୁ ଶ୍ୱେତା କାହା ସହ କଥା ହୋଇଥିଲେ, କେଉଁ ବିଷୟରେ କଥା ହୋଇଥିଲେ, କେତେ ସମୟ କଥା ହୋଇଥିଲେ ଏହା ଜାଣିବାକୁ ପୋଲିସ କଲ୍ ଡିଟେଲ୍ସ ରିପୋର୍ଟ ଯାଞ୍ଚ କରୁଛି। ଏଥିସହ ଉକ୍ତ ଡାଏରୀରେ ଥିବା ପ୍ରତିଟି ଲେଖାକୁ ବିଶ୍ଳେଷଣ ମଧ୍ୟ କରୁଛି। ଏନେଇ ଥାନାଧିକାରୀ ପ୍ରକାଶ ଚନ୍ଦ୍ର ମାଝି କହିଛନ୍ତି, ଶ୍ୱେତା ପୂର୍ବରୁ ଥରେ ଆତ୍ମହତ୍ୟା ଉଦ୍ୟମ କରିଥିବା ପରିବାର ଲୋକେ ଆମକୁ କହିଛନ୍ତି। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ହୋଇଥିବାବେଳେ ଏହାର କାରଣ ଜାଣିବାକୁ ପ୍ରୟାସ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ତଦନ୍ତ ଆହୁରି ସହଜ ହୋଇଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଶ୍ୱେତାଙ୍କ ଘର ଭଦ୍ରକ ଟାଉନ୍‌ସ୍ଥିତ ଗଗସାହିରେ ହୋଇଥିବାବେଳେ ସେ ଭୁବନେଶ୍ୱରରେ ରହି ସ୍ଥାନୀୟ ଏକ ଅନ୍ତଃରାଷ୍ଟ୍ରୀୟ କମ୍ପାନୀରେ ସଫ୍ଟୱେର ଇଞ୍ଜିନିୟର ଭାବେ କାମ କରୁଥିଲେ। ଶୁକ୍ରବାର ସାଙ୍ଗମାନେ ଘରେ ନ ଥିଲେ। ପରିବାର ଲୋକେ ଓ ସାଙ୍ଗମାନେ ରାତିରେ ତାଙ୍କୁ ଫୋନ୍ କରିଥିଲେ। ମୋବାଇଲ ସୁଇଚ୍ ଅଫ୍ ଆସିବାରୁ ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ଶନିବାର ସକାଳେ ପୋଲିସ ଆପାର୍ଟମେଣ୍ଟସ୍ଥିତ ସି-ବ୍ଲକ୍‌ରେ ଥିବା ତାଙ୍କ ଘରକୁ ଯାଇଥିଲା। ଘର କବାଟ ବନ୍ଦ ଥିଲା। ତେଣୁ ପୋଲିସ ଉକ୍ତ କବାଟ ଭାଙ୍ଗି ଭିତରେ ପଶିଥିଲା। ଏହି ସମୟରେ ଶ୍ୱେତାଙ୍କ ମୃତଦେହ ଫ୍ୟାନରେ ଓଢ଼ଣି ଦ୍ୱାରା ଝୁଲୁଥିବା ଦେଖିବାକୁ ମିଳିଥିଲା।


ଶ୍ୱେତା ଉତ୍କଳ କୁମାରୀ

## ଗାଡ଼ି ଧକ୍କାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ଯାଁଳା,୨୧।୮(ଡି.ଏନ୍.ଏ.)

୧୬ ନମ୍ବର ଜାତୀୟ ରାଜପଥର ତଳଖେତା ଖରଖରି ବ୍ରିଜ୍ ନିକଟରେ ରବିବାର ଏକ ଗାଡ଼ି ଧକ୍କାରେ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ପୁରୀ ଜିଲା ଚନ୍ଦନପୁରର ବିଷ୍ଣୁପ୍ରସାଦ ଦାସ। ଇନ୍ଫୋସିଟି ପୋଲିସ ପହଞ୍ଚି ମୃତକଙ୍କ ସ୍ତ୍ରୀ କୁମୁଦିନୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲ ପଠାଇଥିଲା। ସୂଚନା ମୁତାବକ, ବିଷ୍ଣୁ ପ୍ରସାଦ ଓ ତାଙ୍କ ସ୍ତ୍ରୀ ସ୍କୁଟିରେ ଖୋର୍ଦ୍ଧା ଅଭିମୁଖେ ଯାଉଥିଲେ। ଖରଖରି ବ୍ରିଜ୍ ନିକଟରେ ରାଜପଥକୁ ଉଠିବା ବେଳେ ପଛରୁ ସେମାନଙ୍କୁ ଏକ ଗାଡ଼ି ଧକ୍କା ଦେଇଥିଲା। ଫଳରେ ଉଭୟେ ରାସ୍ତାରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ବିଷ୍ଣୁଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ତ୍ରୀ ଆହତ ହୋଇଥିଲେ। ତେବେ ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେବା ସହ ୪୫ ମିନିଟ୍ ଧରି ରାସ୍ତା ଜାମ୍ ହୋଇଥିଲା। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ଦେଶ ବିକାଶରେ ଡିପ୍ଲୋମା ଇଞ୍ଜିନିୟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ


ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବାସଂଘର ପ୍ଲାଟିନମ୍ ଜୁବିଲି ଉତ୍ସବରେ ରାଜ୍ୟପାଳ ପ୍ରଫେସର ଲାଲ୍ ଓ ଅନ୍ୟ ଅତିଥିମାନେ।

**ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବାସଂଘର ପ୍ଲାଟିନମ୍ ଜୁବିଲି**

ଭୁବନେଶ୍ୱର, ୨୧।୮ (ବ୍ୟୁରୋ)

ବିଜ୍ଞାନ, ବୈଷୟିକ ଜ୍ଞାନ ବହୁ ମାତ୍ରାରେ ଉନ୍ନତି କରିଛି। ପୁରାଣ କାଳରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ସବୁଥିରେ ଟେକ୍ନୋଲୋଜିର ବ୍ୟବହାର ହୋଇଆସୁଛି। ଏହି ଅନୁଯାୟୀ ଡିପ୍ଲୋମା ଇଞ୍ଜିନିୟରମାନେ ମଧ୍ୟ ରାଜ୍ୟ ଓ ଦେଶ ଗଠନରେ ନିଜ ଭୂମିକା ନିର୍ବାହ କରି ଆସୁଛନ୍ତି। ଟେକ୍ନୋଲୋଜିର ପରିବର୍ତ୍ତନ ସହିତ ନୂତନ ଜ୍ଞାନ କୌଶଳ ଆପଣାଇ କାର୍ଯ୍ୟ କରୁଛନ୍ତି। ଦେଶର ବିକାଶ ପାଇଁ ଏମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି।

ରବିବାର ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବାସଂଘ (ଓଡ଼େଶା)ର ପ୍ଲାଟିନମ୍ ଜୁବିଲି ଓ ୭୭ତମ ବାର୍ଷିକ ସାଧାରଣ ସଭା ସଂଘ ଭବନଠାରେ ଉଦ୍‌ଘାଟିତ ହୋଇଛି। ଏହି ଦୁଇଦିନିଆ ଉତ୍ସବରେ ମୁଖ୍ୟ ଅତିଥି ରାଜ୍ୟପାଳ ପ୍ରଫେସର ଲାଲ୍ ଯୋଗଦେଇ ରାଜ୍ୟର ତୃଣମୂଳ ସ୍ତରରେ କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟରଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ଏହି କର୍ମଚାରୀ ସେବାସଂଘ ଦୀର୍ଘବର୍ଷ ଧରି ନିରବଚ୍ଛିନ୍ନ ଭାବରେ ସଂଘୀୟ କାର୍ଯ୍ୟ ପରିଚାଳନା କରୁଥିବାରୁ ଡିପ୍ଲୋମା ଇଞ୍ଜିନିୟରଙ୍କ ଐକ୍ୟ ଓ ସଂଘୀୟ ମନୋଭାବ ଅନ୍ୟ ବର୍ଗର କର୍ମଚାରୀଙ୍କ ପାଇଁ ଉଦାହରଣ ବୋଲି ରାଜ୍ୟପାଳ ମତ ଦେଇଥିଲେ। ଜୁବିଲି କମିଟି ଅଧ୍ୟକ୍ଷ ଇଂ. ନିର୍ମଳ ଚନ୍ଦ୍ର ସ୍ୱାଇଁ ଅଧ୍ୟକ୍ଷତା କରିଥିବାବେଳେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ୍ ଓରାମ୍ ଓ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପ୍ଲାଟିନମ ଜୁବିଲି ସ୍ମରଣିକା ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏଥିସହ ସଂଘ ଭବନ ପରିସରରେ ନବନିର୍ମିତ ପ୍ଲାଟିନମ୍ ଜୁବିଲି ଭବନ ମଧ୍ୟ ଉଦ୍‌ଘାଟିତ ହୋଇଥିଲା। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଇଂ. ନରେନ୍ଦ୍ର କୁମାର ନାୟକ ସ୍ୱାଗତ ଭାଷଣ ଓ ସାଧାରଣ ସମ୍ପାଦକ ଇଂ. ଶ୍ରୀଧର ବାରିକ ବିବରଣୀ ପ୍ରଦାନ କରିଥିଲେ।

## ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ଜବତ

ଫୁଲନଖରା, ୨୧।୮(ଡି.ଏନ୍.ଏ.)

କଟକ ସଦର ଥାନା ନଡ଼ିଆଗୁରୁଡ଼ି ବଜାରର ଏକ ଦୋକାନ ଭିତରୁ ଜଣେ ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ରବିବାର ପୋଲିସ ଜବତ କରିଛି। ମୃତକ ହେଲେ ସ୍ଥାନୀୟ ନଡ଼ିଆଗୁରୁଡି ଗ୍ରାମର ଧନଞ୍ଜୟ ଜେନା(୪୦)। ସେ ଦୀର୍ଘଦିନ ଧରି ନଡ଼ିଆଗୁରୁଡ଼ି ବଜାରରେ ଜଳଖିଆ ଦୋକାନ କରିଥିଲେ। ରବିବାର ତାଙ୍କ ଦୋକାନ ଭିତରପଟୁ ବନ୍ଦ ରହିଥିଲା। ନିକଟସ୍ଥ ବ୍ୟବସାୟୀମାନେ ଝରକା ପଟେ ଧନଞ୍ଜୟଙ୍କ ମୃତଦେହ ଝୁଲୁଥିବା ଦେଖିଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

INDIAN PORT RAIL & ROPEWAY CORPORATION LTD. SAGARMALA
(A JV Company Under Ministry of Ports, Shipping & Waterways, Govt. of India)
Tender Notice No.- IPRCL/BBS/T/PPT/New signal station Building/113
Dated: 20.08.2022.
IPRCL invites e-tender for "CONSTRUCTION OF NEW SIGNAL STATION AT PARADIP."
Bidding document will be available for downloading from16 Hours of 22.08.2022, on the website www.etenders.gov.in/eprocure/app
Any corrigendum / addendum would be hosted on the above website only.

DIRECTORATE OF TECHNICAL EDUCATION & TRAINING, ODISHA
KILLAMAIDAN, BUXIBAZAR, CUTTACK-753001
Email:ccrdiploma2022@gmail.com
Website:http://www.dtetorissa.gov.in.
DIPLOMA ADMISSION - 2022
NOTICE
No. 10793/ Dt.20.08.2022
No.KK-93:This is for information of all concerned that the registration and submission of Online Application (CAF) for admission to Diploma Courses in 1st Sem./Year and Lateral Entry(LE) on the SAMS Portal www.samsodisha.gov.in has been re-opened till 29.08.2022. The verification of documents of candidates at the NCCs (all Govt. Polytechnics and Govt ITI, Bhubaneswar) has also been extended upto 30.08.2022
The detailed revised Admission Timeline shall be uploaded on the SAMS Portal shortly.
Sd./-Director of Technical Education & Training, Odisha
OIPR-44008/11/0011/2223

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ସେବା ସଂଘର ପ୍ଲାଟିନମ୍ ଜୁବିଲି, ଓଡେଶା ଭବନ, ପୂର୍ବାହ୍ନ ୧୧ଟା ୩୦।
- ବ୍ରେଭି ଆୱାର୍ଡ, ସୂଚନା ଭବନ, ଅପରାହ୍ନ ୪ଟା।
- ଅଭିନୟ ଜାଗୃତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଥିଏଟର ପକ୍ଷରୁ ନାଟକ 'ଏକା' ପରିବେଷଣ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

କଟକ
- ସିଡିଏ ସମସ୍ୟା ନେଇ ମେୟର ଓ କମିଶନରଙ୍କ ସ୍ୱତନ୍ତ୍ର ବୈଠକ, ସିଏମ୍‌ସି ସମ୍ମିଳନୀ କକ୍ଷ, ଅପରାହ୍ନ ୫ଟା।

## ଶ୍ୱେତଗଙ୍ଗାରେ ବୁଡ଼ି ଯୁବ କୁସ୍ତିଯୋଦ୍ଧାଙ୍କ ମୃତ୍ୟୁ

ପୁରୀ,୨୧।୮: ପୁରୀ ଶ୍ୱେତଗଙ୍ଗା ପୁଷ୍କରିଣୀରେ ବୁଡ଼ି ରବିବାର ଜଣେ ଯୁବ କୁସ୍ତିଯୋଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୀ ଟାଉନ ଥାନା କାଳିକାଦେବୀ ସାହିର ଦେବଦତ୍ତ ସାମନ୍ତରା(୧୮)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୦/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଦେବଦତ୍ତ ନିୟମିତ ଶ୍ୱେତଗଙ୍ଗା ପୁଷ୍କରିଣୀକୁ ସ୍ନାନ କରିବାକୁ ଯାଆନ୍ତି। ରବିବାର ସକାଳେ ସେ ସାଙ୍ଗମାନଙ୍କ ସହ ଶ୍ୱେତଗଙ୍ଗା ପୁଷ୍କରିଣୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ହଠାତ୍ ସେ ବୁଡ଼ିଯାଇଥିଲେ। ସାଙ୍ଗମାନେ ଚେଷ୍ଟା କରି ମଧ୍ୟ ତାଙ୍କୁ ବଞ୍ଚାଇ ପାରି ନ ଥିଲେ। ଏହାପରେ ତାଙ୍କ ପରିବାରବର୍ଗ ଓ ସାଙ୍ଗମାନେ ଖୋଜାଖୋଜି କରି ମଧ୍ୟ ଦେବଦତ୍ତଙ୍କ ପତ୍ତା ପାଇ ନ ଥିଲେ। ଶେଷରେ ଦେବଦତ୍ତଙ୍କ ସମ୍ପର୍କୀୟ ବିଜୟ କେଶରୀ ସାମନ୍ତରା ପୋଲିସକୁ ଖବର ଦେଇଥିଲେ। ପୋଲିସ, ଅଗ୍ନିଶମ ବାହିନୀ ଏବଂ ଆମ୍ବୁଲାନ୍ସ ପହଞ୍ଚି ଖୋଜ ଖୋଜି କରିଥିଲେ। ଅଗ୍ନିଶମ ବାହିନୀ ପୋଖରୀରୁ ଦେବଦତ୍ତଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲା। ସଙ୍ଗେସଙ୍ଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଅକୁ ହରାଇ ପରିବାର ଲୋକେ ଭାଙ୍ଗି ପଡ଼ିଥିବାବେଳେ ଦେବଦତ୍ତଙ୍କ ମୃତ୍ୟୁକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି।

# 'ଆମ ବାଣୀବିହାର ଆମର ଗର୍ବ'

**ପୁରାତନ ଛାତ୍ର ସଙ୍ଗଠନର ଦ୍ୱିତୀୟ ବାର୍ଷିକ ଉତ୍ସବ**

ଭୁବନେଶ୍ୱର, ୨୧।୮(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସଙ୍ଗଠନର ଦ୍ୱିତୀୟ ବାର୍ଷିକ ଉତ୍ସବ ରବିବାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସକାଳେ ବିଶ୍ୱବିଦ୍ୟାଳୟର ୩ହଜାରରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର, ସଙ୍ଗଠନର ଉପଦେଷ୍ଟା ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ, ସଭାପତି ପୂର୍ବତନ କୁଳପତି ପ୍ରଫେସର ଅଶୋକ କୁମାର ଦାସ, ସାଧାରଣ ସମ୍ପାଦକ ଗଦାଧର ରଥଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି 'ଆମ ବାଣୀବିହାର ଆମର ଗର୍ବ' ସ୍ଲୋଗାନ ସହ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଯୋଗଦେଇ ବାଣୀବିହାର ପରିସର ସ୍ୱଚ୍ଛ ଓ ସବୁଜ ରଖିବା ଏବଂ ପ୍ଲାଷ୍ଟିକ ଫ୍ରି କ୍ୟାମ୍ପସ କରିବା ପାଇଁ ସଙ୍କଳ୍ପବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ। ଏହାପରେ ଏକ ଶୋଭାଯାତ୍ରା ବାହାରି ବିଶ୍ୱବିଦ୍ୟାଳୟ ମୁଖ୍ୟ ପ୍ରବେଶ ଦ୍ୱାର ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, କୁଳସଚିବ ଅଭୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ବିଶ୍ୱବିଦ୍ୟାଳୟ ପରିସର ଏମ୍‌କେସିଜି ପ୍ରେକ୍ଷାଳୟରେ ଆୟୋଜିତ ସମାରୋହରେ ପୁରାତନ ଛାତ୍ର ତଥା ବିଧାୟକ ଅରୁଣ କୁମାର ସାହୁ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆଲୁମ୍ନି ବା ପୁରାତନ ଛାତ୍ରୀଛାତ୍ରଙ୍କ ଦାୟିତ୍ୱ ଓ ଭୂମିକା କିଭଳି ହେବା ଦରକାର, କ'ଣ କଲେ ଆଗକୁ ଆହୁରି ଶହଶହ ସଦସ୍ୟ ଯୋଡ଼ିପାରିବେ ସେନେଇ ବିଧାୟକ ସାହୁ ବକ୍ତବ୍ୟ ରଖିଥିଲେ। ଏହାପରେ ଅତିଥିମାନେ 'ଉତ୍କଳୟାନ' ପତ୍ରିକାକୁ ଉନ୍ମୋଚନ କରିଥିଲେ। କୁଳପତି ପ୍ରଫେସର ଆଚାର୍ଯ୍ୟ,ଏହି ସଙ୍ଗଠନ କିଭଳି ଅଧିକ ଗଠନମୂଳକ, ନିର୍ମାଣଯୋଗ୍ୟ କାର୍ଯ୍ୟ କରିବ ଏବଂ ଆଗକୁ ଆହୁରି ନୂତନ ପ୍ରସ୍ତାବ ଓ ଯୋଜନା କରାଯିବାକୁ ପ୍ରସ୍ତାବ ଦେଇଥିଲେ। ପିଜି କାଉନସିଲ ଚେୟାରମ୍ୟାନ୍ ଡ. ଦୁର୍ଗା ଶଙ୍କର ପଟ୍ଟନାୟକ, କୁଳସଚିବ ନାୟକ ଓ ଅନ୍ୟମାନେ ବକ୍ତବ୍ୟ ରଖିଥିଲେ। ଏହି ପରିପ୍ରେକ୍ଷୀରେ ଦିନ ତମାମ ଏମ୍‌କେସିଜି ପ୍ରେକ୍ଷାଳୟରେ ସଙ୍ଗୀତ, ରଚନା, ନାଟକ ପ୍ରତିଯୋଗିତା ହୋଇଥିଲା। ସନ୍ଧ୍ୟାରେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ଅଧ୍ୟକ୍ଷ ଚିନ୍ମୟ ସାହୁ, ଦେବାଶିଷ ମହାପାତ୍ର ଓ ଅନ୍ୟ ସମସ୍ତ କର୍ମକର୍ତ୍ତାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ମନୋରଞ୍ଜନ ଯୋଗାଇଥିଲା।



ବାର୍ଷିକ ଉତ୍ସବରେ ଅତିଥିମାନେ 'ଉତ୍କଳୟାନ'କୁ ଉନ୍ମୋଚନ କରୁଛନ୍ତି।



ପୁରାତନ ଛାତ୍ରୀଛାତ୍ରମାନେ ସ୍ୱଚ୍ଛ ଓ ସବୁଜ ବାଣୀବିହାରର ବାର୍ତ୍ତା ନେଇ ଶୋଭାଯାତ୍ରାରେ ବାହାରୁଛନ୍ତି।

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, KUCHINDA
No.O-853: E-mail:- eerw_kuchinda@yahoo.com
"e" Procurement Notice for Building Works
Identification No. Online Tender /03 / RWD, Kuchinda / 2022-23.
1. Name of the work :: Building Works
2. Total Number of Works :: 01 No.
3. Estimated Cost :: Rs. 32.61 lakhs
4. Class of Contractor :: Building Work (B & C Class of Contractor)
5. Period of Completion :: 06 calendar months
6. Availability of Tender online For bidding :: Dt 25.08.2022 at 11.00 A.M to dt 09.09.2022 at 5.00 P.M
7. Last date & time of seeking tender clarification :: Dt 08.09.2022 at 5.00 A.M
8. Date & time of opening of tender :: Dt.12.09.2022 at 11.00 A.M
Further details can be seen from the website www.tendersodisha.gov.in
Sd./- Executive Engineer, Rural Works Division, Kuchinda
OIPR-25151/11/0004/2223

## ମାଟ୍ରିକ୍ ମାର୍କଶିଟ୍ ପାଇଁ ଟଙ୍କା ଆଦାୟ ଘଟଣା: ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

ଗୋପ,୨୧।୮(ଡି.ଏନ୍.ଏ.):

ଗୋପ ବ୍ଲକ ଦିହୁଡା ନୀଳକଣ୍ଠେଶ୍ୱର ନୋଡାଲ ସ୍କୁଲରେ ଶନିବାର ମାଟ୍ରିକ୍ ମାର୍କଶିଟ୍ ପାଇଁ ଟଙ୍କା ନିଆଯାଇଥିଲା। ଏଥିସହ ୯ମ ଶ୍ରେଣୀ ପିଲାଙ୍କଠାରୁ ନାମ ରେଜିଷ୍ଟ୍ରେଶନ ଫି ଆଦାୟ ହୋଇଥିଲା। ସରକାରୀ ନିୟମ ଉଲ୍ଲଂଘନ ହୋଇଥିବା ନେଇ ଅଭିଭାବକ ଅଭିଯୋଗ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଏ ଘଟଣା ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବାକୁ ବ୍ଲକ ଶିକ୍ଷା ଅଧିକାରୀ ସୁଶିଳ ବ୍ରହ୍ମା ଏବଂ ପୁରୀ ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ୍ ଘୋଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରବିବାର ଜିଲା ଶିକ୍ଷା ଅଧିକାରୀ ଘୋଷ ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ୨ ଦିନ ମଧ୍ୟରେ ଏହାର ଉତ୍ତର ଦେବାକୁ ଚିଠି ନଂ. ୯୩୩୬(୨)ରେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

ସୂଚନା ମୁତାବକ, ଗୋପ ବ୍ଲକ ଅଧୀନ ୯ ପଞ୍ଚାୟତରେ କୁଶଭଦ୍ରା ଓ ଧନୁଆଁ ନଦୀ ବନ୍ୟାରେ ୫୦ ଗ୍ରାମବାସୀ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ଶନିବାର ସ୍କୁଲର ପ୍ରଧାନ ଶିକ୍ଷକ ବାସୁଦେବ ସାହୁ ମାଟ୍ରିକ୍ ପାସ୍ କରିଥିବା ୩୦ଜଣ ଛାତ୍ରୀଛାତ୍ରଙ୍କୁ ଡାକିଥିଲେ। ଏଥିସହ ୯ମ ଶ୍ରେଣୀର ୨୨ଜଣ ପିଲାଙ୍କୁ ନାମ ରେଜିଷ୍ଟ୍ରେଶନ ପାଇଁ ଡାକିଥିଲେ। ପିଲାମାନେ ବନ୍ୟା ସମୟରେ ଡଙ୍ଗା ଯୋଗେ ଆସି ସ୍କୁଲରେ ପହଞ୍ଚିଥିଲେ। ପିଲାଙ୍କଠାରୁ ମାଟ୍ରିକ୍ ମାକ୍ରଶିଟ୍ ବାବଦକୁ ୧୦୦ ଟଙ୍କା ଏବଂ ନାମ ରେଜିଷ୍ଟ୍ରେଶନ ଫି ବାବଦକୁ ୧୬୦ ଟଙ୍କା ପରିବର୍ତ୍ତେ ୨୮୦ ଟଙ୍କା ନିଆଯାଇଥିଲା। ଖବର ପାଇ ଗଣମାଧ୍ୟମ ପ୍ରତିନିଧି ସେଠାରେ ପହଞ୍ଚିଥିଲେ। ପ୍ରଧାନ ଶିକ୍ଷକଙ୍କ ଉପସ୍ଥିତିରେ ସ୍କୁଲର ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ପିଲାଙ୍କୁ ସାର୍ଟିଫିକେଟ୍ ବାଣ୍ଟୁଥିବା ଦେଖିବାକୁ ପାଇଥିଲେ।

Government of Odisha No.O-849:
Office of the Chief Construction Engineer, Rural Works Circle, Angul
E-Mail - sencrwangul@yahoo.co.in, Ph.:06764- 236404
e-Procurement Notice for Building works in Odisha
Bid Identification No. Building Online AGL- 10/2022-23
No.1562// Dt.19.8.22//
1. Name of the Work : Building Works
2. Total No.of work : 02 Nos.
3. Estimated cost : Rs.90.12 & Rs.192.04 Lakh
4. Class of Contractor : 'B' & 'A' Class
5. Period of completion : 12 (Twelve) Calendar Months
6. Other details.

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking tender clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle,Angul | Building Online-AGL-10/2022-23 | 24.08.2022 at 10.00 A.M. | 07.09.2022 upto 3.00 P.M. | 05.09.2022 upto 1.00 P.M. | 07.09.2022 upto 4.00 P.M. | Will be intimated separately |

(1) For detailed Notice Inviting Tenders, Please visit to the website www.tendersorissa.gov.in.
Sd./- Chief Construction Engineer, Rural Works Circle, Angul
OIPR-25180/11/0015/2223

**ଆଜି ଶ୍ରୀମନ୍ଦିରରେ ବଣଭୋଜି, କୋଳିବିକା ନୀତି**

**ପୁରୀ ଅଫିସ:** ଭାଦ୍ରବ ମାସ କୃଷ୍ଣ ପକ୍ଷ ଏକାଦଶୀ ତିଥି ସୋମବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ବଣଭୋଜି ବେଶ ଅନୁଷ୍ଠିତ ହେବ। ସେହିପରି କୋଳିବିକା ନୀତି ସହ ବକାସୁର, ଅଘାସୁର ବଧ ନୀତି ମଧ ଅନୁଷ୍ଠିତ ହେବ। ହାତରେ ବାଡ଼ି ଆଉ ଶିକାରେ ଲହୁଣୀ ଧରି ବେଶ ହେବେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଭାଇ ପ୍ରଭୁ ବଳଭଦ୍ର। ଗଜପତି ପ୍ରତାପରୁଦ୍ର ଦେବଙ୍କ ସମୟରେ ରାମାନନ୍ଦ ଓ ଶ୍ରୀଚୈତନ୍ୟଙ୍କ ସମୟରୁ ଏହି ବେଶ ଏବଂ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପ୍ରଚଳିତ ହୋଇ ଆସୁଥିବା ଜଣାଯାଏ।

## ସଂକ୍ଷେପରେ

### ବନ୍ଧୁକ, ଗୁଳି ଜବତ: ୨ ଅଟକ

ଯାଁଳା,୨୧।୮(ଡି.ଏନ୍.ଏ.): ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଗଙ୍ଗପଡ଼ାର ଏକ ସର୍ଭିସ୍ ଷ୍ଟେଶନରେ ଗାଡ଼ି ଧୋଇବାରେ ଡେରି ହେବାରୁ ଦୁଇଜଣ ଯୁବକ ବନ୍ଧୁକ ଦେଖାଇ କର୍ମଚାରୀଙ୍କୁ ଧମକାଇଥିଲେ। ଫଳରେ ସର୍ଭିସ୍ ଷ୍ଟେଶନରେ କାମ କରୁଥିବା କର୍ମଚାରୀମାନେ ଭୟଭୀତ ହୋଇ ଦୌଡ଼ିଥିଲେ। ସେମାନଙ୍କ ମଧରୁ ଜଣେ କର୍ମଚାରୀ ଥାନାକୁ ଫୋନ କରି ଘଟଣା ସମ୍ପର୍କରେ କହିଥିଲେ। ଖବରପାଇ ପୋଲିସ ପହଞ୍ଚି ୨ ଯୁବକଙ୍କୁ ଧରି ଥାନାରେ ଅଟକ ରଖିବା ସହ ସେମାନଙ୍କ ନିକଟରୁ ଏକ ବନ୍ଧୁକ ଓ ୬ଟି ଗୁଳି ଜବତ କରିଛି। ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି।

### ବରିଷ୍ଠ ନାଗରିକ ରମେଶ ବାରିକଙ୍କ ଦେହାନ୍ତ

ଭୁବନେଶ୍ୱର,୨୧।୮(ଡି.ଏନ୍.ଏ.): ଭୁବନେଶ୍ୱର ଚିନ୍ତାମଣିଶ୍ୱର ଅଞ୍ଚଳର ୪୫ନଂ. ୱାର୍ଡ କେନାଲ କଲୋନୀର ବରିଷ୍ଠ ନାଗରିକ ରମେଶଚନ୍ଦ୍ର ବାରିକ(୯୩)ଙ୍କ ଶନିବାର ମୃତ୍ୟୁ ଘଟିଛି। ସେ ଓଡିଶା ସର କାରଙ୍କ ଘରୋଇ ବିଭାଗରେ ଅଣ୍ଡର ସେକ୍ରେଟାରୀ (ଅନୁସଚିବ) ପଦବୀରେ ରହି ଅବସର ନେଇଥିଲେ। ମୃତ୍ୟୁ ସମୟରେ ତାଙ୍କ ପୁଅ, ବୋହୂ, ନାତି, ନାତୁଣୀ ଉପସ୍ଥିତ ଥିଲେ।

### ଦେହଜୀବୀଙ୍କୁ ପରିଚୟ ପତ୍ର ବଣ୍ଟନ

ଭୁବନେଶ୍ୱର, ୨୧।୮ (ବ୍ୟୁରୋ): ଦେହଜୀବୀଙ୍କ ପାଇଁ କାର୍ଯ୍ୟ କରୁଥିବା ଅନୁଷ୍ଠାନ 'ଆଶ୍ରୟ' ପକ୍ଷରୁ ରବିବାର ମାଳିସାହିରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦେହଜୀବୀମାନଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଛି। ଅନୁଷ୍ଠାନର ସଭାନେତ୍ରୀ ନାଗମଣୀ ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସୁପ୍ରିମ କୋର୍ଟ ଦେହଜୀବୀଙ୍କ ଉପରେ ଦେଇଥିବା ରାୟକୁ ଉତ୍ଥାପନ କରି କହିଲେ, ଯୌନକର୍ମୀମାନେ ରହୁଥିବା ଜାଗାଗୁଡ଼ିକରେ ପୋଲିସ ଚଢ଼ାଉ କରିପାରିବ ନାହିଁ କି ଜରିମାନା ମଧ ଆଦାୟ କରିପାରିବ ନାହିଁ। ଦେହଜୀବୀଙ୍କ ଅଧିକାରକୁ କେହି କ୍ଷୁଣ୍ଣ କରିପାରିବେ ନାହିଁ। ଓଡ଼ିଶା ଉଚ୍ଚନ୍ୟାୟାଳୟ ବିଭୂପ୍ରସାଦ ତ୍ରିପାଠୀ ଯୋଗଦେଇ କହିଲେ, କୌଣସି ପ୍ରାପ୍ତ ବୟସ୍କ ମହିଳା ସ୍ୱଇଚ୍ଛାରେ ଏପରି କାର୍ଯ୍ୟ କରିଥାନ୍ତି। ଯଦି ପୋଲିସ ଚଢ଼ାଉ କରି ଜରିମାନା ଆଦାୟ କରନ୍ତି, ତେବେ ତାହା ବେଆଇନ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ପ୍ରତାପ କୁମାର ସାହୁ ପରିଚାଳନା କରିଥିଲେ। ୪୧ ନମ୍ବର ୱାର୍ଡ଼ର କର୍ପୋରେଟର କବିତା ସ୍ୱାଇଁ, ଗ୍ରାମ ଉତ୍ଥାନର ପ୍ରକଳ୍ପ ନିର୍ଦ୍ଦେଶକ ଲକ୍ଷ୍ମୀଧର ପ୍ରଧାନ, ଦିପ୍ତିମୟୀ ଜେନା, ଆଶ୍ରୟର ବାସନ୍ତୀ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପୂର୍ବତନ କର୍ପୋରେଟର ଗୁରୁଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜିଠାରୁ ଆନ୍ଦୋଳନରେ ସଫେଇ କର୍ମଚାରୀ

- ବର୍ଦ୍ଧିତ ମଜୁରୀ ଦେବାକୁ ମନାକଲା ରାମ୍‌କୀ
- ୮ ୱାର୍ଡରେ କାର୍ଯ୍ୟବନ୍ଦ

ଭୁବନେଶ୍ୱର, ୨୧।୮(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ କାର୍ଯ୍ୟ କରୁଥିବା ବିଏମ୍‌ସି ସଫେଇ କର୍ମଚାରୀଙ୍କ ଦୈନିକ ମଜୁରୀକୁ ନେଇ ଉପୁଜିଥିବା ବିବାଦର ସମାଧାନ ହୋଇ ପାରୁନାହିଁ। ସଫେଇ କର୍ମଚାରୀମାନେ ଏଜେନ୍ସି ଦ୍ୱାରା ଦିଆଯାଉଥିବା ପାରିଶ୍ରମିକକୁ ନେଇ ଖୁସି ନାହାନ୍ତି। ଶ୍ରମ ନିୟମ ଅନୁଯାୟୀ ଦୈନିକ ମଜୁରୀ ୩୨୬ ଟଙ୍କା ହୋଇଥିବାବେଳେ ଏମାନଙ୍କୁ ୨୩୦ଟଙ୍କା ପ୍ରଦାନ କରାଯାଉଛି। ଫଳରେ ମଜୁରୀ ବୃଦ୍ଧି କରିବା ପାଇଁ ସେମାନେ ଦାବିକରି ଆସୁଛନ୍ତି। ବାରମ୍ବାର ଦାବି ଓ ଆଲୋଚନା ପରେ କୌଣସି ସୁଫଳ ନ ମିଳିବାରୁ ସୋମବାରଠାରୁ ରାମ୍‌କୀ ଅଧୀନରେ ଥିବା ୱାର୍ଡରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବ ବିଏମ୍‌ସି ସଫେଇ ମଜଦୁର ସଂଘ। ସଂସ୍ଥା ଅଧୀନରେ ୧୫ଟି ୱାର୍ଡ ଥିବାବେଳେ ସେଥିରୁ ୧୫, ୨୨, ୨୪, ୨୫, ୨୭, ୩୭, ୩୮ ଓ ୩୯ ନମ୍ବର ୱାର୍ଡରେ କାମ ବନ୍ଦ କରାଯିବ ବୋଲି ସଂଘ ସାଧାରଣ ସମ୍ପାଦକ ସହଦେବ ନାୟକ ସୂଚନା ଦେଇଛନ୍ତି।

ବର୍ଦ୍ଧିତ ଦରମା ପ୍ରଦାନ ଦାବି ନେଇ ଶନିବାର ରାମ୍‌କୀ କାର୍ଯ୍ୟାଳୟରେ ସଂଘ ସହିତ ଆଲୋଚନା ହୋଇଥିଲା। ଏଥିରେ ରାମ୍‌କୀ ଦୈନିକ ୩୨୬ ଟଙ୍କା ଦେବାକୁ ସିଧା ସିଧା ମନା କରି ଦେଇଥିଲା, ଯାହାକୁ ନେଇ ସଂଘ ଅସନ୍ତୋଷ ପ୍ରକାଶ କରିଛି। ଅନ୍ୟ ଏଜେନ୍ସି ଏହି ମୂଲ୍ୟ ଦେବାକୁ ରାଜି ଥିବାବେଳେ ରାମ୍‌କୀ କାହିଁକି ସେମାନଙ୍କ ଦାବି ପୂରଣ କରିବ ନାହିଁ ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି। ଅପରପକ୍ଷେ ବିଏମ୍‌ସି ପକ୍ଷରୁ ନୂତନ ସଫେଇ ସଂସ୍ଥା ସହିତ ଚୁକ୍ତି ହୋଇଥିବାବେଳେ ଏଥିରେ ରାମ୍‌କୀର ନାଁ ନାହିଁ। ତେଣୁ ସଂସ୍ଥା ଯିବା ପୂର୍ବରୁ ଚଳିତବର୍ଷ ଜୁନ୍ ମାସରୁ କର୍ମଚାରୀଙ୍କ ବର୍ଦ୍ଧିତ ଦେୟ ଦେବାକୁ ଦାବି କରାଯାଇଛି। ନଚେତ କୌଣସି କର୍ମଚାରୀ ସଂସ୍ଥାରୁ ରିଜାଇନ୍ ଦେବେ ନାହିଁ ବୋଲି ସହଦେବ ଚେତାବନୀ ଦେଇଛନ୍ତି। ଏନେଇ ସଂସ୍ଥା ପକ୍ଷରୁ କୁହାଯାଇଛି ଯେ, ସରକାର ୮ଘଣ୍ଟାକୁ ୩୨୬ ଟଙ୍କା ଦେବାକୁ ସ୍ଥିର କରିଥିବାବେଳେ ସଂସ୍ଥା ପକ୍ଷରୁ ୫ଘଣ୍ଟାକୁ ୨୪୧ଟଙ୍କା ଦିଆଯାଉଛି। ସରକାରୀ ହିସାବରେ ଘଣ୍ଟାକୁ ୪୦.୭୫ ଟଙ୍କା ପଡୁଥିବାବେଳେ ସଂସ୍ଥା ସେମାନଙ୍କୁ ଘଣ୍ଟାପିଛା ୪୮.୨ ଟଙ୍କା ଦେଉଛି। ନିର୍ଦ୍ଧାରିତ ସମୟ ପରେ ଯେଉଁମାନେ ସଫେଇ କରୁଛନ୍ତି ସେମାନଙ୍କୁ ଦିନକୁ ୧୩୦ଟଙ୍କା ଅଧିକ ଦିଆଯାଉଛି। ଏହାବାଦ ସେମାନଙ୍କୁ ଇପିଏଫ୍, ଇଏସ୍ଆଇ ଆଦି ସୁବିଧା ରହିଛି। ତେଣୁ ଏତେ ସୁବିଧା ପରେ ଆଉ ମଜୁରୀ ବଢ଼ାଇବା ସମ୍ଭବ ନୁହେଁ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ସଂସ୍ଥା ଅଧୀନରେ ୬ଶହରୁ ଅଧିକ କର୍ମଚାରୀ ଅଛନ୍ତି। ତେବେ ସଫେଇ କର୍ମଚାରୀ ଏବଂ ସଂସ୍ଥା ମଧ୍ୟରେ ବିବାଦ ତୁଟୁ ନ ଥିବାରୁ ଏହାର ପରିଣାମ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡିବ। ସହରରେ ସଫେଇ ବନ୍ଦ ହୋଇଗଲେ ପରିମଳ ବ୍ୟବସ୍ଥା ଆହୁରି ଭୁଶୁଡି ପଡିବ ବୋଲି ଆଶଙ୍କା କରାଯାଉଛି।

# ଗୋବିନ୍ଦ ସଭାପତି, ଆଦିତ୍ୟ ସାଧାରଣ ସମ୍ପାଦକ

## ଉତ୍କଳ ସାହିତ୍ୟ ସମାଜର କର୍ମକର୍ତ୍ତା ନିର୍ବାଚନ

କଟକ ଅଫିସ,୨୧।୮


ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ।


ଆଦିତ୍ୟ ପ୍ରତାପ ଧଳ।

ପ୍ରାଚୀନ ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜର ଆଗାମୀ ୩ ବର୍ଷ ନିମନ୍ତେ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଓ ସାଧାରଣ ସମ୍ପାଦକ ଭାବେ ଆଦିତ୍ୟ ପ୍ରତାପ ଧଳ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ଜୀବନାନନ୍ଦ ଅଧିକାରୀ, ସଙ୍ଗଠନ ସମ୍ପାଦକ ଭାବେ ଡ. ସୁନାମଣି ରାଉତ, ପାଠାଗାର ସମ୍ପାଦକ ଭାବେ ବ୍ରହ୍ମାନନ୍ଦ ବିଶ୍ୱାଳ ଓ କୋଷାଧ୍ୟକ୍ଷ ଭାବେ ଶିବାଶିଷ କର ନିର୍ବାଚିତ ହୋଇଛନ୍ତି। ଏଥିସହ କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଭାବେ ସରୋଜିନୀ ମିଶ୍ର, ଶଶିକାନ୍ତ ରାଉତ, ବ୍ରହ୍ମାନନ୍ଦ ମହାନ୍ତି, ବିଜୟଲକ୍ଷ୍ମୀ ନାୟକ, ମୁରଲୀଧର ଶତପଥୀ, ଡ. ଗାୟତ୍ରୀ ଦେବୀ, ତପନ କୁମାର ସ୍ୱାଇଁ, ଜେନା ଆଦିତ୍ୟ ପ୍ରତାପ ବାଘସିଂହ, ଦିଲ୍ଲୀପ କୁମାର ଦାସ, ସୁକାନ୍ତ ପ୍ରସାଦ ନନ୍ଦ ଓ ରାଧାଶ୍ୟାମ ରାଉଳ ମଧ ନିର୍ବାଚିତ ହୋଇଛନ୍ତି। ଉତ୍କଳ ସାହିତ୍ୟ ସମାଜ ପରିସରରେ କର୍ମକର୍ତ୍ତା ନିର୍ବାଚନ ପାଇଁ ସକାଳ ୮ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ୯ଟି ବୁଥ୍‌ରେ ଭୋଟ ଗ୍ରହଣ ହୋଇଥିଲା। ଅନୁଷ୍ଠାନର ୬ଜଣ କର୍ମକର୍ତ୍ତା ଓ ୧୧ଜଣ କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ପଦ ପାଇଁ ୩୪ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ବୋଲି ନିର୍ବାଚନ ଅଧିକାରୀ ନବକିଶୋର ଦାସ ସୂଚନା ଦେଇଛନ୍ତି।



### ଚିତ୍ରାଙ୍କନ ପ୍ରତିଯୋଗିତା 'ସ୍ୱାଭିମାନ'

ଭୁବନେଶ୍ୱର,୨୧।୮(ବ୍ୟୁରୋ)

ରାଜ୍ୟ ସଂଗ୍ରହାଳୟ ଓ ରୋଟାରୀ କ୍ଲବ ପକ୍ଷରୁ ସଂଗ୍ରହାଳୟ ପରିସରରେ ରବିବାର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା 'ସ୍ୱାଭିମାନ' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ସୁଲତା ଦେଓ, ରୋଟାରୀ ଡିଷ୍ଟ୍ରିକ ଗଭର୍ଣ୍ଣର ରୋଟାରିଆନ ପ୍ରଭୁଦତ୍ତ ସୁବୁଦ୍ଧି, ସମ୍ମାନିତ ଅତିଥି ଭାବେ ସଂଗ୍ରହାଳୟର ସୁପରିଣ୍ଟେଣ୍ଡେଣ୍ଟ ଭାଗ୍ୟଲିପି ମଲ୍ଲ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଡିଏଭି ପବ୍ଲିକ ସ୍କୁଲ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ବିଜେଇଏମ୍ ସ୍କୁଲ, ମଦର ପବ୍ଲିକ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ରୋଟାରୀ କ୍ଲବ ସଭାପତି ସାନ୍ତନୁ ମହାପାତ୍ର ରାଜ୍ୟ ସଂଗ୍ରହାଳୟ ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲେ। ରୋଟାରିଆନ ଅଶ୍ୱିନୀ କର ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। କଣ୍ଠଶିଳ୍ପୀ ଅନିନ୍ଦିତା ଦାସ ଏବଂ କୁମାରୀ ଧୃତିଦୀପା ପାତ୍ର ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ ।

### ୧୦ ଫୁଟର ଅଜଗର ଉଦ୍ଧାର

ବାରଙ୍ଗ,୨୧।୮(ଡି.ଏନ୍.ଏ.)

ବାରଙ୍ଗ-ବାଙ୍କୀ ରାସ୍ତାର ଗୋବିନ୍ଦପୁର ଛକ ନିକଟରୁ ରବିବାର ୧୦ ଫୁଟ ଲମ୍ବର ଏକ ଅଜଗର ସାପ ଉଦ୍ଧାର କରାଯାଇ ଚନ୍ଦକା ଜଙ୍ଗଲରେ ଛଡ଼ାଯାଇଛି। ସୂଚନା ମୁତାବକ, ଉକ୍ତ ରାସ୍ତାରେ ଯାନବାହନ ଯାତାୟାତ କରୁଥିବାରୁ ସାପଟି ରାସ୍ତା ଅତିକ୍ରମ କରିବାକୁ ଚେଷ୍ଟାକରି ବିଫଳ ହୋଇଥିଲା। ଏହା ଦେଖି କେତେଜଣ ଯୁବକ ବନ ବିଭାଗକୁ ଜଣାଇଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ସାପଟିକୁ ଉଦ୍ଧାର କରି ଚନ୍ଦକା ଜଙ୍ଗଲରେ ଛାଡ଼ିଥିବା ଜଣାପଡ଼ିଛି।

### ବର୍ଷା ପାଇଁ ଗ୍ରାମସଭା ବାତିଲ

ବାରଙ୍ଗ,୨୧।୮(ଡି.ଏନ୍.ଏ.)

ଭୁବନେଶ୍ୱର ଉପକଣ୍ଠ ଦାରୁଠେଙ୍ଗ ଭୁଆସୁଣୀରେ ଅଳିଆ ପକାଇବାକୁ ନେଇ ଚାଲିଥିବା ବିବାଦର ସମାଧାନ ପାଇଁ ରବିବାର ସନ୍ଧ୍ୟାରେ ଦାରୁଠେଙ୍ଗ ପଞ୍ଚାୟତ ପକ୍ଷରୁ ଗ୍ରାମସଭାରେ ଆଲୋଚନା ପାଇଁ ନିଷ୍ପତ୍ତି ହୋଇଥିଲା। ମାତ୍ର ବର୍ଷା ଯୋଗୁ ଗ୍ରାମସଭା ବାତିଲ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଭୁଆସୁଣୀରେ ଅଳିଆ ପକାଇବାକୁ ନେଇ ଦୁଇଦିନ ପୂର୍ବେ ଜାଗୃତି ମହିଳା ସମିତି ଘରେ ବିଏମ୍‌ସି, ଜିଲା ପ୍ରଶାସନ ଓ ଦାରୁଠେଙ୍ଗ ଗ୍ରାମବାସୀଙ୍କ ମଧ୍ୟରେ ଏକ ବୈଠକ ହୋଇଥିଲା। ଆଲୋଚନା ଫଳପ୍ରଦ ହୋଇ ନ ଥିବାବେଳେ ଗ୍ରାମସଭାରେ ଗ୍ରାମବାସୀଙ୍କ ନିଷ୍ପତ୍ତି କ'ଣ ହେବ ତାହାକୁ ପ୍ରଶାସନକୁ ଜଣାଇବୁ ବୋଲି ସରପଞ୍ଚ ଜଣାଇଥିଲେ। ଏହି ବୈଠକରେ ବିଏମ୍‌ସି ମେୟର, କମିଶନର, ଜଟଣୀ ବିଧାୟକ, ଡିସିପିଙ୍କ ସମେତ ଗ୍ରାମର ମୁରବିମାନେ ଉପସ୍ଥିତ ଥିଲେ। ଅଳିଆ ଗାଡ଼ି ଧକ୍କାରେ ଗ୍ରାମର ଜଣେ ଯୁବକ ମୃତ୍ୟୁବରଣ କରିବା ପରଠାରୁ ୧୫ଦିନ ହେବ ଅଳିଆ ଗାଡ଼ି ଭୁଆସୁଣୀକୁ ଆସୁନାହିଁ।

# ଲକ୍ଷେ ଟଙ୍କାର ବ୍ରାଉନସୁଗାର ଜବତ, ୩ ଗିରଫ


ଗିରଫ ୩ ଅଭିଯୁକ୍ତ।

ଖୋର୍ଦ୍ଧା ଅଫିସ,୨୧।୮

ବାଘମାରୀ ଥାନା ଅଧୀନ ଭୋଗଡ଼ା ଗ୍ରାମ ଶିବ ମନ୍ଦିର ନିକଟରୁ ରବିବାର ପୋଲିସ ୧୨.୧୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କଟକ ଜିଲା ବାଙ୍କୀ ଥାନା ଅଧୀନ ତୁଳସୀପୁର ଗ୍ରାମର ବଳିଆ ଶୁଣ୍ଡି ଓରଫ ବଳରାମ ସାହୁ, ଚକରା ଓରଫ ହିତୁ ପ୍ରଧାନ ଏବଂ ଲାଲୁ ଓରଫ ସୁରେନ୍ଦ୍ର ଦଳାଇ। ଏମାନଙ୍କଠାରୁ ପୋଲିସ ଏକ ନମ୍ବର ବିହୀନ ବାଇକ ଜବତ କରିଛି। ଜବତ ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ୧ଲକ୍ଷ ୨୦ ହଜାର ଟଙ୍କା ହେବ। ଏନେଇ ବାଘମାରୀ ଥାନାରେ ଏନ୍‌ଡିପିଏସ ଆକ୍ଟ ୟୁ/ଏସ-୨୧ (ବି)/ ୨୯/ ଆର୍‌ଡବ୍ଲ୍ୟୁଏସ/୩୪ ଆଇପିସିରେ ଏକ ମାମଲା (ନଂ. ୧୦୩/୨୨) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ପୂର୍ବାହ୍ନ ୯ଟା ୨୫ରେ ଅଭିଯୁକ୍ତମାନେ ଭୋଗଡ଼ା ଶିବ ମନ୍ଦିର ପାଖରେ ବ୍ରାଉନସୁଗାର ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। କୌଣସି ସୂତ୍ରରୁ ଏହି ଖବର ପାଇ ପୋଲିସ ଏବଂ ସ୍ପେଶାଲ ସ୍କ୍ୱାଡ୍ ସେଠାରେ ଚଢ଼ାଉ କରି ୩ଜଣଙ୍କୁ ଧରିଥିଲେ। ଚଢ଼ାଉରେ ଆଇଆଇସି ପି.ଆର୍. କର, ରଶ୍ମିରଞ୍ଜନ ଦାଶ, ଏଏସ୍ଆଇ ଆର୍.କେ.ପୁହାଣ, କନଷ୍ଟେବଳ ହୃଷିକେଶ ଦେହୁରୀ, ସନ୍ତୋଷ ବେହେରା ଏବଂ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ସାମିଲ ଥିଲେ।

# ବନ୍ୟାଞ୍ଚଳରେ ଜ୍ୱର, ଝାଡ଼ା ବ୍ୟାପୁଛି

କଣାସ, ୨୧।୮(ସ୍ୱ.ପ୍ର):

କଣାସ ବ୍ଲକରେ ୧୦ଦିନ ହେଲା ଦୟା ଓ ରାଜୁଆ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଦୋକନ୍ଦା, କଦଳୀ ଦଣ୍ଡା, ବାଲିପାଟଣା, ତରପଡ଼ା, ବଡ଼ାସ, କଖାରୁବସ୍ତ, ସବଳଙ୍ଗ, ଗଡ଼ବଳଭଦ୍ରପୁର ଗ୍ରାମ ପାଣିଘେରରେ ରହିଛି। ଏସବୁ ଗ୍ରାମର ଶତାଧିକ ବ୍ୟକ୍ତି ଝାଡ଼ା, ଜ୍ୱର ସାଙ୍ଗକୁ ପାଣିଖିଆ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ତେବେ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ସେମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇ ନ ଥିବା ତରପଡ଼ା ୱାର୍ଡସଭ୍ୟ ରଶ୍ମିତା ଦଳାଇ ଅଭିଯୋଗ କରିଛନ୍ତି।

ଗାଁ ଦାଣ୍ଡରେ ଚାରିଫୁଟରୁ ଉର୍ଦ୍ଧ୍ୱ ବନ୍ୟାଜଳ ପ୍ରବାହିତ ହେଉଛି। ସେହିପରି ଘରଗୁଡ଼ିକରେ ବନ୍ୟାଜଳ ପ୍ରବେଶ କରିଥିବାରୁ ପରିବାର ସଦସ୍ୟମାନେ ଖଟ ଉପରେ ବସି ରହିଛନ୍ତି। ୧୦ଦିନ ହେଲା ବନ୍ୟାପାଣିରେ ଯାତାୟାତ କରୁଥିବାରୁ ଲୋକଙ୍କ ଗୋଡ଼ହାତ ପାଣି ଖାଇ ଘା' ହୋଇଗଲାଣି। ପ୍ରତ୍ୟେକ ଗ୍ରାମରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧାବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତେ ଜ୍ୱର ଓ ଝାଡ଼ାରେ ପୀଡ଼ିତ ହୋଇଛନ୍ତି। ତୁରନ୍ତ ସମ୍ପୃକ୍ତ ଗ୍ରାମଗୁଡ଼ିକୁ ଔଷଧ ସହ ଡାକ୍ତରୀ ଟିମ୍ ପଠାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଭାରତୀୟ ସଫ୍ଟବଲ୍ ଦଳରେ ପୁରୀର ମନୋଜ

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା

ପୁରୀ ଅଫିସ, ୨୧।୮

ଆସନ୍ତା ସେପ୍ଟେମ୍ବର ୩ରୁ ୯ ତାରିଖ ପର୍ଯ୍ୟନ୍ତ ଜାପାନରେ ସଫ୍ଟବଲ୍ ଏସିଆନ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଭାରତ ସମେତ ଏସିଆ ମହାଦେଶର ବିଭିନ୍ନ ଦେଶ ଭାଗନେବେ। ଭାରତୀୟ ଦଳରେ ପୁରୀର ଯୁବ ପ୍ରତିଭାବାନ କ୍ରୀଡ଼ାବିତ୍ ମନୋଜ କୁମାର ପ୍ରଧାନ ସ୍ଥାନ ପାଇଛନ୍ତି। ଏହା ପୁରୀ ଜିଲା ସମେତ ସାରା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ମନୋଜଙ୍କୁ ରବିବାର ପୁରୀ ଜିଲା ସଫ୍ଟବଲ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସେ ପୁରୀରୁ ଦିଲ୍ଲୀ ଅଭିମୁଖେ ଗସ୍ତ କରିଛନ୍ତି। ସେଠାରୁ ଜାପାନ ଯିବେ। ମନୋଜ ଗରିବ ଶ୍ରେଣୀର ଏବଂ ସେ ଜୋମାଟୋ ବୟ ଭାବେ କାମ କରୁଥିଲେ। କଠିନ ପରିଶ୍ରମ ବଳରେ ସେ ଭାରତୀୟ ଦଳରେ ସ୍ଥାନ ପାଇପାରିଛନ୍ତି। ପଦକ ଜିତିବେ ବୋଲି ମନୋଜ ଆଶା ପ୍ରକାଶ କରିଛନ୍ତି।

# ଭାରତୀୟ ଶିକ୍ଷାଧାରା ଉପରେ ଆଲୋଚନାଚକ୍ର

ଭୁବନେଶ୍ୱର,୨୧।୮(ବ୍ୟୁରୋ)

ଅଲ୍ ଇଣ୍ଡିଆ ଏଜୁକେଶନ ହେଲ୍‌ଥ ଆଣ୍ଡ ଲିଟେରାରି ଟ୍ରଷ୍ଟ(ଆଲ୍‌ଟ) ପକ୍ଷରୁ ଭୁବନେଶ୍ୱର ରୟାଲ ଗାର୍ଡେନ ପରିସରରେ ଏକ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। '୭୫ ବର୍ଷର ଭାରତୀୟ ଶିକ୍ଷାଧାରା: ଏକ ଐତିହାସିକ ଦୃଷ୍ଟିଭଙ୍ଗୀ' ଶୀର୍ଷକ ଏହି କାର୍ଯ୍ୟକ୍ରମ ଇଂଲିଶ ଭାଷାରେ ଗୁଗୁଲ୍ ମିଟ୍ ଦ୍ୱାରା ସଭାପତି ପ୍ରଫେସର ଡ. ନାରାୟଣ ବାରିକ୍‌ଙ୍କର ତତ୍ତ୍ୱାବଧାନ ଓ ସମ୍ପାଦିକା ଡକ୍ଟର କୁଞ୍ଜଲତା ଦାସଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ବିର୍ଲା ସଫ୍ଟ ଲିମିଟେଡ୍, ହାଇଦ୍ରାବାଦର ଇଂ. ସର୍ବେଶ୍ୱର ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ଏଥିରେ ୱେଷ୍ଟବେଙ୍ଗଲ, ଓଡ଼ିଶା, ମୁମ୍ବାଇ, କର୍ଣ୍ଣାଟକ ଓ ଦିଲ୍ଲୀର ଡ. ହିମାଂଶୁ ବାରିକ୍, ପ୍ରଫେସର ଦୀପାଂଶୁ ଭୂଷଣ ପତି, ପ୍ର. ମାଳିନୀ ପଟ୍ଟନାୟକ, ଡ. ଏସ୍. ତ୍ରିନାଥ ପାତ୍ର, ପ୍ର. କମଳା ପତି, ପ୍ରଫେସର.(ଡ.) ଭି. ନାଗପାଲ୍ ଭାରତରୁ ଏବଂ ୟଂଗନାମ୍ ୟୁନିଭର୍‌ସିଟି ସାଉଥ୍ କୋରିଆର ଇଣ୍ଟରନ୍ୟାଶନାଲ୍ ପ୍ରଫେସର ଡ. ସିଦ୍ଧାର୍ଥ ସବ୍ୟସାଚୀ, ଲାଷ୍ଟ ହସ୍ପିଟାଲ ସାଉଥ୍ କୋରିଆର କିସ୍ପେଲୋଜିଷ୍ଟ ଡକ୍ଟର ଅର୍ପିତା ପ୍ରମୁଖ ଯୋଗଦାନ କରି ପ୍ରବନ୍ଧମାନ ପାଠ କରିଥିଲେ। ଆଲଟ୍‌ର ସଭାପତି ପ୍ରଫେସର ବାରିକ୍ ଭାରତର ବିଭିନ୍ନ ରାଜ୍ୟ ଓ ସାଉଥ୍ କୋରିଆ ଏବଂ ଘାନାର ସମସ୍ତ ଅଂଶଗ୍ରହଣକାରୀ ପ୍ରଫେସର, ଶିକ୍ଷାବିତ୍ ଓ ଆଲଟ୍‌ର ସମସ୍ତ ଟ୍ରଷ୍ଟିଙ୍କୁ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ଶେଷରେ ଆଫ୍ରିକା ମହାଦେଶ, ଘାନାର ଫାଇନାନ୍ସ ଏକ୍‌ଜିକ୍ୟୁଟିଭ ଏସ୍. ରଞ୍ଜନ୍ ଧନ୍ୟବାଦ ଦେଇଥିଲେ।

# ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ନାରୀଙ୍କ ଭୂମିକା

**ଐତିହ୍ୟର ଓଡ଼ିଶା**

- ଗାଈଗୋଠ ପରିଚାଳନାରେ ସମ୍ପୃକ୍ତ ନାରୀଙ୍କ ମୁଖିଆ ଥିଲେ ସୁଖୀ ମହାଭୋଇ
- ନାରୀ ସୁଆଁସିଆଙ୍କୁ କୁହାଯାଉଥିଲା କାମିକା ମୂଲିଆଣୀ
- ଗାଈଙ୍କ ସେବା ପାଇଁ ନିଯୁକ୍ତ ଥିଲେ ୭୪ଜଣ ନାରୀ

ଡ. ସୁରେନ୍ଦ୍ର କୁମାର ମିଶ୍ର


ଶ୍ରୀ ପଦ୍ମକେଶର ନାଟ ମନ୍ଦିର ଗାତ୍ରରେ ଗଜପତି ଲାଙ୍ଗୁଳା ନରସିଂହ ଦେବ ଓ ମହାରାଣୀ ମହାଦେବୀ କସ୍ତୁରିକା ମୋହିନୀ ଦେବୀ।

ଶିଳ୍ପୀମାନଙ୍କ ଗାଈଗୋଠ ବ୍ୟବସ୍ଥା କରିଥିଲେ ଗଜପତି। ମୂଳରୁ ଏ ଦିଗ ପ୍ରତି ସେ ନିଘା ରଖିଥିଲେ। ଶହେଜଣ ଗାଈଆଳ ଥିଲେ। ଜଣେ ଗାଈଆଳ ୩୦ଟି ଗାଈଙ୍କ ଦାୟିତ୍ୱରେ ଥିଲେ। ଶହେ ଗାଈଆଳଙ୍କ ମୁଖିଆ ଥିଲେ ଭାଗୀରଥି ମହାଭୋଇ। ସମସ୍ତଙ୍କ ପକ୍ଷରୁ ଭାଗୀରଥି ଗ୍ରହଣ କରିଥିଲେ ଉପହାର। ଉପହାର ନିଜେ ଉପସ୍ଥିତ ରହି ଦେଇଥିଲେ ମହାଶ୍ରମ (ଗଜପତି)। ଗାଈଙ୍କ ପାଇଁ ମୋଟାଧାନ ଯୋଗାଇଦେବାର ବ୍ୟବସ୍ଥା ହୋଇଥିଲା। ଦୁହାଁଳିଆ ଗାଈଙ୍କ ଖାଦ୍ୟ ଦିଗକୁ ମଧ ନଜର ରଖାଯାଇଥିଲା। ଭରଣ ଭରଣ (୮୦ଗୌଣୀ) ଅକୁଟା ଧାନ ଗାଈଙ୍କ ଖାଦ୍ୟ ପାଇଁ ଖଞ୍ଜା ରହିଥିଲା। କେବଳ ଗଜପତି ମହାଭୋଇଙ୍କୁ ଉପହାର ଦେଇଥିଲେ ତାହା ନୁହେଁ, ମହାରାଣୀ ମଧ ଦେଇ ଥିବାର ଜଣାଯାଏ। ନିଜେ ମହାରାଣୀ ଗାଈଗୋଠ ପରିଦର୍ଶନ କରିଥିଲେ। ଅନ୍ୟତମ ମୁଖିଆ ରାମ ମହାଭୋଇଙ୍କୁ ଉପହାର ଦେଇଥିଲେ। ଗାଈଙ୍କ କାମ କରିବା ପାଇଁ ନାରୀମାନଙ୍କୁ ନିଯୁକ୍ତ କରାଯାଇଥିଲା। ଏଥିପାଇଁ ୭୪ଜଣ ନାରୀ କାର୍ଯ୍ୟ କରୁଥିଲେ। ନାରୀଙ୍କ ମୁଖିଆ ଥିଲେ ସୁଖୀ ମହାଭୋଇ। ସେ ମଧ ୭୪ ଜଣଙ୍କ ପାଉଣା ଗ୍ରହଣ କରୁଥିଲେ। ବାସ୍ତବରେ ଗାଈଗୋଠର ପରିଚାଳନା ପାଇଁ ନାରୀ ଅପରିହାର୍ଯ୍ୟ। ଗୋ-ପାଳନ, ଗୋ-ସୁରକ୍ଷା ସହଜ ବ୍ୟାପାର ନୁହେଁ। ଦୁହାଁଳିଆ ଗାଈ ରଖାଯାଇଥିଲା। ଦୁଗ୍ଧ ବନ୍ଦ କଲେ ସେମାନଙ୍କୁ ଅଲଗା ରଖାଯାଇ ପୁଣି ଦୁହାଁଳିଆ ଗାଈ ଆଣି ଗୋଠରେ ସାମିଲ କରାଯାଉଥିଲା। ଉଦ୍ଦେଶ୍ୟ ସ୍ପଷ୍ଟ। ଚାରି ଶିବିର, ଶିବିର ବାଦ ବି ଶ୍ରମିକ, ପଥୁରିଆ, କର୍ମଚାରୀ ଅଛନ୍ତି। ସମସ୍ତଙ୍କୁ ଦୁଗ୍ଧ, ଦହି, ଛେନା ଓ ଘିଅ ଯୋଗାଇଦେବା ଗଜପତିଙ୍କର ଅସଲ ଉଦ୍ଦେଶ୍ୟ ଥିଲା। ସେତେବେଳେ ତ ଆଉ ଓମ୍‌ଫେଡ କ୍ଷୀର କି ଦହି, କି ଘିଅ ବିକ୍ରି ବ୍ୟବସ୍ଥା ନ ଥିଲା। ମନ୍ଦିର ନିର୍ମାଣ ସମୟରେ ଯେଉଁମାନେ ପାଇଟିଆଳ ବା ମୂଲିଆ ଥିଲେ ସେମାନଙ୍କୁ 'ସୁଆଁସିଆ' କୁହାଯାଉଥିଲା। ଏମାନେ ମୁଖ୍ୟତଃ ଅସମାନ ପଥର, ବନ୍ଧୁର ବା ମସୃଣ ନ ହୋଇଥିବା ପଥରକୁ ଚଉପଟ କରିବା କାମ କରୁଥିଲେ। ପ୍ରତିବର୍ଷ ବର୍ଷାଋତୁରେ କିଛିଦିନ ନିର୍ମାଣ କାର୍ଯ୍ୟ ବନ୍ଦ ରହୁଥିଲା। କାମ ବନ୍ଦ ହେଲେ ବି ଶିଳ୍ପୀମାନେ ଯେପରି ସେମାନଙ୍କ ପାଉଣା ପାଇବେ ତା'ର ବ୍ୟବସ୍ଥା ଥିଲା, ସୁଆଁସିଆଙ୍କୁ ସେହିପରି ପାଉଣା ଦିଆଯାଉଥିଲା। 'କାମ ନାହିଁ ତ ପଇସା ନାହିଁ' ଏପରି ନୀତି ନ ଥିଲା। ସୁଆଁସିଆଙ୍କ ମଧ୍ୟରୁ କେତେଜଣ ଜଗୁଆଳି କାର୍ଯ୍ୟ କରୁଥିଲେ। ୩୦ଜଣ ଜଗୁଆଳି ଦିନରାତି କାମରେ ନିଯୁକ୍ତ ଥିଲେ। ସୁଆଁସିଆ ଓ ଜଗୁଆଳି ପୁରୀ ରଥଯାତ୍ରା ଦେଖିବାକୁ ଚାହିଁଲେ ସେମାନଙ୍କୁ ସୁଯୋଗ ଦିଆଯାଉଥିଲା। ସୁଆଁସିଆ ଦଳର ମୁଖିଆଙ୍କୁ 'ସୁଆଁସିଆ ନାୟକ' କୁହାଯାଉଥିଲା। ଆବଶ୍ୟକ ହେଲେ ବାହାରୁ ଅସ୍ଥାୟୀ ସୁଆଁସିଆ ଆଣି କାମ ତୁଲାଉଥିଲେ। ପଥରଖମ୍ବ କଳ ଗୟଳରେ ଉଠାଇବା, ଗାତ ଖୋଳିବା, ଗାତ ପୋତିବା, କଳ-ଗୟଳ ଗଣ୍ଠିବା, ଚୂନ ପଥର ଚଟାଣ ଉପରେ କଳାମୁଗୁନି ପଥର ଖଞ୍ଜିବାରେ ମହାରଣାଙ୍କୁ ସହାୟତା କରିବା, ପଥର ପାହାଚ ନିର୍ମାଣବେଳେ ୨୭ ଶ୍ରମିକଙ୍କ ସହଯୋଗ, ବାଉଁଶ କିଳା ସବୁ ମାପ ଅନୁଯାୟୀ ପୋତିବା କାର୍ଯ୍ୟ ସୁଆଁସିଆମାନେ ତୁଲାଉଥିଲେ। ସେହିପରି ନାରୀ ସୁଆଁସିଆଙ୍କ ପାଇଁ କାମିକା ଶବ୍ଦ ବ୍ୟବହାର ହୋଇଥିବାର ଦେଖାଯାଏ। ମୂଳଦୁଆ କାମ ସରିଲେ କିମ୍ବା ପଥର ଖମ୍ବ ଖଞ୍ଜାହେବା ପରେ ମାଟିରେ ପୋତାଯାଉ ନ ଥିଲା। ତା' ମୂଳରେ ଚୂନପଥର ଭର୍ତ୍ତି ହୋଇ ଜାବ ଦିଆଯାଉଥିଲା। ଖାଲି ଚୂନପଥର ନୁହେଁ, ତା' ସହିତ ଅନ୍ୟାନ୍ୟ ଦ୍ରବ୍ୟ ମିଶାଯାଉଥିଲା। ଏହି ମିଶେଇବା କାମ ଓ ମୂଳଦୁଆ ପୋତିବା କାମ ନାରୀ ଶ୍ରମିକମାନେ କରୁଥିଲେ।

# ଏବର୍ଷ ଭକ୍ତ ମେଳରେ ଗଣପତି

## ରାଜଧାନୀରେ ଗଣେଶ ପୂଜା ପ୍ରସ୍ତୁତି ଜୋରଦାର୍



ଭୁବନେଶ୍ୱର ୟୁନିଟ୍-୧ ମାର୍କେଟରେ ଗ୍ରାହକମାନେ ଗଣେଶ ମୂର୍ତ୍ତି କିଣୁଛନ୍ତି।

### ଆକର୍ଷଣ ସାଜିବେ ଉଚ୍ଚ ଗଣେଶ

ଭୁବନେଶ୍ୱର,୨୧।୮(ବ୍ୟୁରୋ)

ଆଗକୁ ଆସୁଛି ଗଣେଶ ପୂଜା। ଆସନ୍ତା ୩୧ ତାରିଖରେ ହେବାକୁ ଥିବା ଏହି ପୂଜା ପାଇଁ ଚଳଚଞ୍ଚଳ ହୋଇ ଉଠିଛି ରାଜଧାନୀ ଭୁବନେଶ୍ୱର। ୨ବର୍ଷ ପରେ ବିନା କରୋନା କଟକଣାରେ ବିଘ୍ନରାଜ ଗଣପତି ବାବା ଭକ୍ତଙ୍କ ମେଳରେ ପୂଜା ପାଇବେ। ଏଥିପାଇଁ କାରିଗର, ଆୟୋଜକ ଓ ଭକ୍ତଙ୍କ ମନରେ ଅନେକ ଉତ୍ସାହ ଓ ଆଗ୍ରହ ଦେଖିବାକୁ ମିଳିଲାଣି। ସ୍କୁଲ, କଲେଜ ସହ ବିଭିନ୍ନ ଅନୁଷ୍ଠାନରେ ମଧ୍ୟ ଏବର୍ଷ ଧୁମ୍‌ଧାମ୍‌ରେ ଗଣେଶ ପୂଜା ପାଳନ ପାଇଁ ଆରମ୍ଭ ହୋଇଗଲାଣି ସ୍ୱତନ୍ତ୍ର ପ୍ରସ୍ତୁତି। ଅନେକ ସ୍ଥାନରେ ମୂର୍ତ୍ତି ଗଢ଼ା ଓ ଅନ୍ୟାନ୍ୟ କାମ ଜୋର୍‌ସୋରରେ ଚାଲିଥିବାବେଳେ ଚଳିତ ଗଣେଶ ପୂଜାର ଆକର୍ଷଣ ସାଜିବ ବହୁ ଉଚ୍ଚତା ବିଶିଷ୍ଟ ମୂର୍ତ୍ତି ସହ ପ୍ରସାଦ ଓ ସାଜସଜ୍ଜା।

#### ୫୧ ଫୁଟର ମୂର୍ତ୍ତିକୁ ୫୦ କେଜି ଲଡ୍ଡୁ

ବ୍ରାଇଟ୍ ଷ୍ଟାର ୟୁଥ୍ ଆସୋସିଏଶନ ବଡ଼ଗଡ଼ ପକ୍ଷରୁ ଗଜାନନଙ୍କୁ ସ୍ୱାଗତ କରିବା ପାଇଁ ଆୟୋଜନ ହେବ ବଡଗଡ ଗଣେଶ ମହୋତ୍ସବ। ୫୧ଫୁଟ ମୂର୍ତ୍ତିକୁ ୮ଫୁଟର ମୂଷା ତିଆରି କରାଯିବ। ଏଥିସହ ଭୋଗ ପାଇଁ ପ୍ରସ୍ତୁତ ହେବ ୫୦କେଜିର ଲଡୁ। ଓଲିଉଡ୍ କଣ୍ଠଶିଳ୍ପୀଙ୍କୁ ନେଇ ୪ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ସେପ୍ଟେମ୍ବର ୧ରେ କଣ୍ଠଶିଳ୍ପୀ ସୋହିନୀ ମିଶ୍ର, କୌଶିକ ସ୍ୱର୍ଣ୍ଣଲକ୍ଷ୍ମୀ, ରାଜେଶ ଓ ଅର୍କେଷ୍ଟ୍ରା, ୨ ତାରିଖରେ ନାଭ୍ୟା ଯାଇତି ଓ ମାନସ ପ୍ରୀତମଙ୍କ ବ୍ୟାଣ୍ଡ୍ ଏବଂ ୩ ତାରିଖରେ ହ୍ୟୁମାନ ସାଗର ଓ ବ୍ୟାଣ୍ଡ୍ ସଙ୍ଗୀତ ପରିବେଷଣ କରିବେ। ଆସୋସିଏଶନ ସମ୍ପାଦକ ସଂଗ୍ରାମ ମାର୍ଥା କହିଛନ୍ତି, କରୋନା ପାଇଁ ଗତ ୨ ବର୍ଷ ହେବ ନିରାଡ଼ମ୍ବରରେ ପୂଜା ଅନୁଷ୍ଠିତ ହୋଇଥିଲା। ସବୁବର୍ଷ ପରି ଚଳିତ ବର୍ଷ ମଧ୍ୟ ମୂର୍ତ୍ତିରେ କୌଣସି ପ୍ରକାରର ରାସାୟନିକ ରଙ୍ଗର ବ୍ୟବହାର କରାଯାଉ ନାହିଁ। ଉନ୍ନତମାନର ଆଲୋକ ସାଜସଜ୍ଜା ସାଙ୍ଗକୁ ୪ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ସେପ୍ଟେମ୍ବର ୪ରେ ପାରମ୍ପରିକ ବାଜା, ଡିଜେ ସହ ଭସାଣି ଉତ୍ସବ ସମ୍ପନ୍ନ ହେବ ବୋଲି ମାର୍ଥା କହିଛନ୍ତି।





#### ୫୦ ଫୁଟର ଗଜାନନ, ୧୧ ଦିନ କାର୍ଯ୍ୟକ୍ରମ

ନୂଆପଲ୍ଲୀ ନୂଆସାହିର ଶ୍ରୀଶ୍ରୀ ଆଖଣ୍ଡଳମଣି ସେବା ସଂସଦ ପକ୍ଷରୁ ୧୧ଦିନ ଧରି ଗଣେଶ ପୂଜା ସମାରୋହ ଚାଲିବ। ୫୦ଫୁଟ ଉଚ୍ଚତା ବିଶିଷ୍ଟ ମୂର୍ତ୍ତି ସହ ୫୦କେଜି ଲଡୁ ଲୋକଙ୍କୁ ଆକୃଷ୍ଟ କରିବ। ୧୦ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଛି। ୩ଟି ଲାଇଟ୍ ଗେଟ୍ ସହ ୬୦ଫୁଟ ଉଚ୍ଚର ତୋରଣ ନିର୍ମାଣ କରାଯିବ। ଭଜନ ସମାରୋହ, କୁନି ପିଲାଙ୍କ ନୃତ୍ୟ କାର୍ଯ୍ୟକ୍ରମ, ସମ୍ବର୍ଦ୍ଧନା ସହ ମେଲୋଡ଼ିର ଆୟୋଜନ କରାଯାଇଥିବା ସଂସଦର ସଂଯୋଜକ ଦେବବ୍ରତ ମହାନ୍ତି ସୂଚନା ଦେଇଛନ୍ତି।

### ପ୍ଲାଷ୍ଟର ଅଫ୍ ପ୍ୟାରିସ୍‌ରେ ୪୦ ଫୁଟର ଗଜାନନ

ଶୈଳଶ୍ରୀବିହାର ତଳପଡ଼ିଆ ଗଣେଜ ପୂଜା କମିଟି ପକ୍ଷରୁ ବିନା ନଡ଼ା ଆଉ ମାଟିରେ ତିଆରି ହେଉଛନ୍ତି ଗଜାନନ। ସୋଲ ଓ ପ୍ଲାଷ୍ଟର ଅଫ୍ ପ୍ୟାରିସରେ ମୂର୍ତ୍ତି ଗଢୁଛନ୍ତି କାରିଗର। ମୂର୍ତ୍ତିରେ ଅଖା, ସୋଲ, ପ୍ଲାଷ୍ଟର ଅଫ୍ ପ୍ୟାରିସ୍, ସୁତୁଲି ବ୍ୟବହାର କରାଯାଉଛି। ଯାଜପୁରର ୩ଜଣ କାରିଗର ମାସେ ହେଲାଣି ମୂର୍ତ୍ତି ତିଆରିରେ ଲାଗିଛନ୍ତି। ୪୦ଫୁଟର ମୂର୍ତ୍ତି ସହ ୫ ଫୁଟର ମୂଷା ଦେଖିବାକୁ ମିଳିବ। ୨୦ କେଜି ଲଡୁର ବ୍ୟବସ୍ଥା ହେବା ସହ ମଣ୍ଡପରେ ମହୀଶୂର ଇନ୍‌ଡୋର ହଲ୍ ତୋରଣ ଶୋଭା ବଢ଼ାଇବ। ଗଣେଶଙ୍କ ଛଡ଼ା ମଣ୍ଡପ ବାହାରେ ୧୬ ଦେବଦେବୀଙ୍କ ମୂର୍ତ୍ତି ରହିବ। ଦର୍ଶକଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ, ମେଲୋଡ଼ି, ଡ୍ରାମାର ଆୟୋଜନ କରାଯାଇଛି।



## ସଂକ୍ଷେପରେ

### ଗଣେଶ ପୂଜାରେ ଆର୍ଯ୍ୟସମାଜର ନୂଆ ବିବାହ ମଣ୍ଡପ

#### ଗରିବ ଲୋକଙ୍କ ପାଇଁ ମାଗଣା

ଭୁବନେଶ୍ୱର, ୨୧।୮(ବ୍ୟୁରୋ): ଆର୍ଯ୍ୟସମାଜ ପକ୍ଷରୁ ଗଣେଶପୂଜା ଅବସରରେ ଜାତି, ଯୌତୁକ ଓ ଜାତକବିହୀନ ବିବାହ ମଣ୍ଡପ ଉଦ୍‌ଘାଟନ କରାଯିବ। ଚନ୍ଦ୍ରଶେଖରପୁରସ୍ଥିତ ଶ୍ରୀ ଅରବିନ୍ଦ ନଗରଠାରେ ୨ହଜାର ବର୍ଗ ଫୁଟରେ ଏହି ବହୁମୁଖୀ ମଣ୍ଡପ ନିର୍ମାଣ କରାଯାଇଛି। ବିଶେଷକରି ଅର୍ଥନୈତିକ ଦୁର୍ବଳ ଶ୍ରେଣୀ ଏବଂ ଝିଅ ବିବାହ କରିପାରୁ ନ ଥିବା ବ୍ୟକ୍ତିଙ୍କ ପାଇଁ ଏହା ସମ୍ପୂର୍ଣ୍ଣ ମାଗଣାରେ ଉଦ୍ଦିଷ୍ଟ ହେବ ବୋଲି ଅନୁଷ୍ଠାନର ଅଧକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସୂଚନା ଦେଇଛନ୍ତି। ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ଶିବଚିଦାନନ୍ଦ ସରସ୍ୱତୀ, ଜଗନ୍ନାଥାନନ୍ଦ ସରସ୍ୱତୀ, ଅଭିରାମ ସରସ୍ୱତୀ, ବାଲକାନନ୍ଦ ଦାସ ମହାରାଜ, ସଂସ୍କୃତ ବିଦ୍ୱାନ୍ ପ୍ରଫେସର ହରେକୃଷ୍ଣ ଶତପଥୀ ପ୍ରମୁଖଙ୍କ ଉପସ୍ଥିତିରେ ଏହି ମଣ୍ଡପ ଉଦ୍‌ଘାଟନ କରାଯିବାର କାର୍ଯ୍ୟକ୍ରମ ରହିଛି। ତେବେ ପୂର୍ବରୁ ସ୍ୱାମୀ ବ୍ରହ୍ମାନନ୍ଦ ସର୍ଭିସ ମିଶନ ପକ୍ଷରୁ ୨୦୧୬ରୁ ଅରବିନ୍ଦ ନଗରଠାରେ ଏକ ଭବନ ନିର୍ମାଣ ହୋଇଛି। ଏଠାରେ ବିଭିନ୍ନ ଧର୍ମର ୩୮ଟି ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିବା ଡ. ଜ୍ଞାନେନ୍ଦ୍ର କହିଛନ୍ତି।

#### ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣା

### ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯାଉ

କଟକ ଅଫିସ, ୨୧।୮: କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଅଧୀନ ଜଲେଶପଟ୍ଟା ଆଶ୍ରମରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ୨୦୦୮ ଅଗଷ୍ଟରେ ହତ୍ୟା କରାଯାଇଥିଲା। ଇତିମଧ୍ୟରେ ଉକ୍ତ ଘଟଣାକୁ ୧୪ବର୍ଷ ପୁରଣ ହେବାକୁ ବସିଥିଲେ ମଧ ଏପର୍ଯ୍ୟନ୍ତ ହତ୍ୟାକାରୀଙ୍କୁ ଗିରଫ କରାଯାଇନାହିଁ। ଏଣୁ ତୁରନ୍ତ ହତ୍ୟାକାରୀଙ୍କୁ ଗିରଫ ସହ ସରକାର ତଦନ୍ତ କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ କରିବାକୁ ଓଡ଼ିଶା ପ୍ରାନ୍ତ ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପରିଷଦର କେନ୍ଦ୍ରୀୟ ମହାମନ୍ତ୍ରୀ ମିଲିନ୍ଦ ପାରାଣ୍ଡେ ଦାବି କରିଛନ୍ତି। ଓଡ଼ିଶାରେ ଧର୍ମାନ୍ତରୀକରଣ ବିରୋଧୀ ଆଇନ ଥିବା ସତ୍ତ୍ୱେ ଖ୍ରୀଷ୍ଟିଆନ୍ ମିଶନାରୀମାନେ ବ୍ୟାପକ ଭାବେ ଧର୍ମାନ୍ତରଣ କରୁଛନ୍ତି। ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ସହ ଝାଡଖଣ୍ଡ ବାଟ ଦେଇ ପଶ୍ଚିମବଙ୍ଗକୁ ହେଉଥିବା ଗୋରୁ ଚାଲାଣକୁ ମଧ ବନ୍ଦ କରିବାକୁ ସେ ଦାବି କରିଥିଲେ।

### ଲେଖକ ସାମ୍ମୁଖ୍ୟର ଆଲୋଚନା ଚକ୍ର ଓ ବର୍ଷାବରଣ କବିତା ଆସର

ଭୁବନେଶ୍ୱର,୨୧।୮(ବ୍ୟୁରୋ): ଲେଖକ ସାମ୍ମୁଖ୍ୟ ଓଡ଼ିଶା ପକ୍ଷରୁ ରବିବାର ରାଜଧାନୀ କଳାସଂସଦରେ ମାସିକ ସାରସ୍ୱତ ବୌଦ୍ଧିକ ଆଲୋଚନାଚକ୍ର ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏହାକୁ ସୂର୍ଯ୍ୟମଣି ତ୍ରିପାଠୀ ଅଧକ୍ଷତା କରିଥିଲେ। ଏହି ଆଲୋଚନାଚକ୍ରରେ କେତେକ ସାଂଗଠନିକ ସମସ୍ୟା ଉପରେ ସଦସ୍ୟମାନେ ମତ ରଖିଥିଲେ। ସୂର୍ଯ୍ୟମଣି ତ୍ରିପାଠୀ 'ମିଶର ଗସ୍ତ: କିଛି ସ୍ମୃତି କିଛି ଅନୁଭୂତି' ଉପରେ ଏକ ସାର ଗର୍ଭକ ବକ୍ତବ୍ୟ ଉପସ୍ଥାପନା କରିଥିଲେ। ବିଭୂତି ଭୂଷଣ ପାଣିଗ୍ରାହୀଙ୍କ ଅଧକ୍ଷତାରେ ବର୍ଷା ବରଣ କବିତା ଆସରରେ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ସହ ସମ୍ପାଦକ ସଞ୍ଜୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଡ. କମଳା ପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ଭୁବନେଶ୍ୱର,(ବ୍ୟୁରୋ)୨୧।୮

ଚନ୍ଦକା ଥାନା ଅନ୍ତର୍ଗତ ଗିରିଙ୍ଗାପୁଟ ଶ୍ମଶାନ ନିକଟରେ ନବଜାତ ଶିଶୁପୁତ୍ର ଉଦ୍ଧାର ହେବା ଘଟଣା ରବିବାର ନୂଆ ମୋଡ ନେଇଛି। ଶିଶୁପୁତ୍ରର ମା' ବୋଲି ଦାବି କରୁଥିବା ୧୬ ବର୍ଷୀୟ ନାବାଳିକାଙ୍କ ଅଭିଯୋଗକ୍ରମେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସମ୍ପୃକ୍ତ ନାବାଳିକାଙ୍କୁ ବଳାତ୍କାର ପରେ ଏଭଳି ଘଟିଥିବା ଅଭିଯୋଗ ଆସିବା ପରେ ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ.୧୯୧/୨୦୨୨) ରୁଜୁ କରି ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ବବୁଲ ବାଗ୍‌ସିଂ(୨୨)। ଥାନାଧିକାରୀ ସୁରେନ୍ଦ୍ର ବଳ କହିଛନ୍ତି, ସୋମବାର ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା କରାଯିବା ପରେ କୋର୍ଟଚାଲାଣ କରାଯିବ। କେଉଁ ପରିସ୍ଥିରେ ଏଭଳି ଘଟିଛି, ସେନେଇ ତଦନ୍ତ କରାଯାଉଛି ବୋଲି ସେ କହିଛନ୍ତି। ଚାଇଲ୍ଡଲାଇନ୍ ଅଧକ୍ଷ ବେଣୁଧର ସେନାପତି କହିଛନ୍ତି, ଶନିବାର ଶିଶୁପୁତ୍ରଙ୍କୁ କୋଳଥିଆସ୍ଥିତ ଶୁଭଦ୍ରା ମହତାବ ସେବା ସଦନରେ ରଖାଯାଇଛି। ରବିବାର ତାଙ୍କ ମା' କୁହାଯାଉଥିବା ନାବାଳିକାଙ୍କୁ ମଧ ସେଠାରେ ରଖାଯାଇଛି। ଶିଶୁପୁତ୍ରଙ୍କୁ ଜନ୍ମ ଦେଇଥିବା ପ୍ରମାଣ ମିଳିବା ପରେ ସିଡବ୍ଲ୍ୟୁସିଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ମା'ଙ୍କୁ ହସ୍ତାନ୍ତର କରାଯିବ ବୋଲି ସେ କହିଛନ୍ତି। ତେବେ ବବୁଲ ଓ ନାବାଳିକାଙ୍କ ମଧ୍ୟରେ ଶାରୀରିକ ସମ୍ପର୍କର ୯ ମାସ ପରେ ଜଣେ ଶିଶୁପୁତ୍ର ଜନ୍ମହେବା ଘଟଣା ଚର୍ଚ୍ଚା ସୃଷ୍ଟି ହୋଇଛି। ନାବାଳିକାଙ୍କ ପରିବାର ଲୋକ ସମ୍ପୃକ୍ତ ଯୁବକଙ୍କୁ ବିରୋଧରେ କାହିଁକି ଅଭିଯୋଗ କରୁ ନ ଥିଲେ, ତେଣୁ ସେମାନଙ୍କ ଭୂମିକା ଉପରେ ସନ୍ଦେହ ହୋଇଛି। ଏସବୁ ସେମାନଙ୍କ ଜାଣତରେ ହୋଇଥିବା ନେଇ ପୋଲିସ ତଦନ୍ତରେ ଜାଣିବାକୁ ପାଇଛି। ସୂଚନା ଅନୁଯାୟୀ, ଶନିବାର ଶ୍ମଶାନ ନିକଟରେ ଶିଶୁପୁତ୍ର କାନ୍ଦୁଥିବା ଦେଖି ଉକ୍ତ ଗ୍ରାମର ସାରିଆ ଜେନା ନାମ୍ନୀ ମହିଳା ଉଦ୍ଧାର କରି ପୋଲିସକୁ ଦେଇଥିଲେ। ଚାଇଲ୍ଡଲାଇନକୁ ଏନେଇ ଜଣାଇ ଦିଆଯାଇଥିଲା। ଘଟଣା ପ୍ରଘଟ ପରେ ନାବାଳିକା ଜଣକ ଥାନାରେ ପହଞ୍ଚି ଉକ୍ତ ଶିଶୁପୁତ୍ର ତାଙ୍କର ବୋଲି ଦାବି କରିଥିଲେ। ତେବେ ପଚରାଉଚରା ପରେ ନାବାଳିକା ଜଣକ ପୂର୍ବ ଘଟଣା ବିଷୟରେ ଲିଖିତ ଭାବରେ ପୋଲିସକୁ ଜଣାଇଥିଲେ।

#### ନବଜାତ ଶିଶୁପୁତ୍ର ଉଦ୍ଧାର ଘଟଣାର ନୂଆ ମୋଡ଼

- ଆଜି ଡାକ୍ତରୀ ପରୀକ୍ଷା ପରେ କୋର୍ଟଚାଲାଣ
- ମା' ଦାବି କରୁଥିବା ନାବାଳିକାଙ୍କ ଏତଲା ଆଧାରରେ କାର୍ଯ୍ୟାନୁଷ୍ଠାନ
- ଶୁଭଦ୍ରା ମହତାବ ସେବା ସଦନରେ ରହିଲେ ଶିଶୁପୁତ୍ର, ନାବାଳିକା

## ରାଜଧାନୀରେ ବୋମା ମାଡ଼, ଜଣେ ଆହତ

ଭୁବନେଶ୍ୱର,(ବ୍ୟୁରୋ)୨୧।୮

ଦିନକୁ ଦିନ ଅଶାନ୍ତ ହୋଇପଡୁଛି ରାଜଧାନୀ ଭୁବନେଶ୍ୱର। ହତ୍ୟା, ଲୁଟ୍, ଆକ୍ରମଣ, ପ୍ରତି ଆକ୍ରମଣ ଘଟଣା ବଢ଼ିଚାଲିଛି। ରବିବାର ରାତିରେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପଞ୍ଚୁପଲ୍ଲୀ ଅଞ୍ଚଳରେ ବୋମାମାଡ ହୋଇଥିବା ସୂଚନା ମିଳିଛି। କେତେଜଣ ଦୁର୍ବୃତ୍ତ ଜଣେ ବ୍ୟକ୍ତିଙ୍କ ଉପରେ ବୋମା ମାଡ କରି ଫେରାର ହୋଇଯାଇଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବରପାଇ ଏୟାରଫିଲ୍ଡ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ପଚରାଉଚରା କରିବା ସହ ଖୋଲତାଡ ଜାରି ରଖିଛି। ଏଥିସହ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରି ଦୁର୍ବୃତ୍ତଙ୍କୁ ଧରିବା ଲାଗି ଉଦ୍ୟମ ଚଳାଇଛି। କିଏ ଓ କାହିଁକି ବୋମାମାଡ଼ କଲା ତାହା ସ୍ପଷ୍ଟ ହୋଇନାହିଁ। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବୋମା ହୋଇଥିବା ପୋଲିସ ସନ୍ଦେହ କରୁଛି। ବୋମାମାଡ ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

### ଶିଶୁକନ୍ୟାଙ୍କୁ ଅସଦାଚରଣ, ଅଭିଯୁକ୍ତ ଅଟକ

ଭୁବନେଶ୍ୱର,(ବ୍ୟୁରୋ)୨୧।୮: ଓଲ୍ଡ ଟାଉନ ଅଞ୍ଚଳରେ ଜଣେ ୫ ବର୍ଷର ଶିଶୁକନ୍ୟା ଅସଦାଚରଣର ଶିକାର ହୋଇଛି। ସେ ଖେଳୁଥିବାବେଳେ ଜଣେ ବ୍ୟକ୍ତି ତାଙ୍କୁ ଉଠାଇ ନେଇ ଅସଦାଚରଣ କରିଥିବା ଲିଙ୍ଗରାଜ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରି କରୁଥିବା ପୋଲିସ କହିଛି।

## 'ଶ୍ରମିକଙ୍କ ନ୍ୟାଯ୍ୟ ହକ୍ ପାଇଁ ଲଢ଼େଇ କରାଯିବ'

ଭୁବନେଶ୍ୱର,୨୧।୮(ବ୍ୟୁରୋ)

#### ବିଜୁ ଶ୍ରମିକ ସାମ୍ମୁଖ୍ୟ ଭୁବନେଶ୍ୱର କମିଟିର ପ୍ରଥମ ସମ୍ମିଳନୀ

କାର୍ଯ୍ୟରତ ଶ୍ରମିକଙ୍କୁ ସେମାନଙ୍କ ନ୍ୟାଯ୍ୟ ହକ୍ ଦେବା ପାଇଁ ବିଜୁ ଶ୍ରମିକ ସାମ୍ମୁଖ୍ୟ କାର୍ଯ୍ୟ ଜାରି ରଖିବ। ସାମ୍ମୁଖ୍ୟ ଆହୁରି ଶକ୍ତିଶାଳୀ ହେବା ସହ ଏହା ଶ୍ରମିକଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବ ବୋଲି ବିଜୁ ଶ୍ରମିକ ସାମ୍ମୁଖ୍ୟ ଭୁବନେଶ୍ୱର କମିଟିର ପ୍ରଥମ ସମ୍ମିଳନୀରେ ମତ ପ୍ରକାଶ ପାଇଛି। ଶ୍ରମିକ ନେତା ନବକିଶୋର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଥିଲେ। ରାଜ୍ୟରେ ଶ୍ରମିକଙ୍କ ସମସ୍ୟା ସମାଧାନ କ୍ଷେତ୍ରରେ ବିଶେଷକରି ମଜୁରି ବୃଦ୍ଧି ଓ ଆଇନସମ୍ମତ ଦାବି ପୂରଣରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ପଦକ୍ଷେପ ନେବ ବୋଲି ସେ କହିଛନ୍ତି।

ବିଧାୟକ ସୁଶାନ୍ତ ରାଉତ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟକ୍ରମ ଜରିଆରେ ଶ୍ରମିକ ଶ୍ରେଣୀ ପାଇଁ ଅନେକ ଜନହିତକର କାମ ହେବାକୁ ଯାଉଛି। ସାମ୍ମୁଖ୍ୟକୁ ମଜଭୁତ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ବିଧାୟକ ଅନନ୍ତ ନାରାୟଣ ଜେନା କହିଛନ୍ତି, ସେ ନିଜେ ଶ୍ରମିକ ଆନ୍ଦୋଳନରେ ସାମିଲ ଅଛନ୍ତି। ସାମ୍ମୁଖ୍ୟ ସହ ମିଶି ସଙ୍ଗଠନକୁ ଅଧିକ ଶକ୍ତିଶାଳୀ କରିବା ଦିଗରେ ସେ ପ୍ରାଧାନ୍ୟ ଦେବେ। ସାମ୍ମୁଖ୍ୟ ମହାସଚିବ ସୁବାସ ସିଂହ କହିଛନ୍ତି, ଶ୍ରମିକଙ୍କ ଦାବି ପୂରଣ ସହ ସେମାନଙ୍କ ପାଇଁ କାର୍ଯ୍ୟକ୍ରମ ଜାରି ରହିଛି। ଆଗକୁ ସାମ୍ମୁଖ୍ୟକୁ ଶକ୍ତିଶାଳୀ କରାଯିବ। ଶ୍ରମଜୀବୀଙ୍କ ଦାବି ହାସଲ ଦିଗରେ ଏହା କାର୍ଯ୍ୟ କରିବ। ଏହି ଅବସରରେ ହିନ୍ଦ୍ ମଜଦୁର ସଭାର ସଂଯୁକ୍ତା ମହଲ, ବିଦ୍ୟୁତ୍ କର୍ମଚାରୀ ମହାସଂଘ ନେତା ରାଜୀବ ମହାନ୍ତି ପ୍ରମୁଖ ଯୋଗ ଦେଇଛନ୍ତି। ଦିବ୍ୟରଞ୍ଜନ ସେଠୀ ସାଙ୍ଗଠନିକ ରିପୋର୍ଟ ପାଠ କରିଛନ୍ତି। ଏହି ଅବସରରେ କର୍ମକର୍ତ୍ତା ନିର୍ବାଚନ କରାଯାଇଛି। ନବକିଶୋର ମହାନ୍ତି ଭୁବନେଶ୍ୱର ବିଜୁ ଶ୍ରମିକ ସାମ୍ମୁଖ୍ୟ ସଭାପତି, ବିକ୍ରମ ନାୟକ ସାଧାରଣ ସମ୍ପାଦକ ସମେତ ୪୫ ଜଣିଆ କାର୍ଯ୍ୟକର୍ତ୍ତା ନିର୍ବାଚିତ ହୋଇଛନ୍ତି। ଏଥିରେ ୪ ଜଣ ଉପସଭାପତି, ୬ ଜଣ ସମ୍ପାଦକ, ୨ ଜଣ ସାଙ୍ଗଠନିକ ସମ୍ପାଦକ, ୨ ଯୁଗ୍ମ ସମ୍ପାଦକ ଏବଂ ଜଣେ କୋଷାଧ୍ୟକ୍ଷ ରହିଛନ୍ତି।



ଭାରତ ବିକାଶ ପରିଷଦ ବାଣୀବିହାର ଶାଖା ପକ୍ଷରୁ ରାଜଧାନୀ କଳା ସଂସଦରେ ରବିବାର ଅନୁଷ୍ଠିତ ଜାତୀୟ ବୃନ୍ଦଗାନ ପ୍ରତିଯୋଗିତାରେ ଭାଗ ନେଇଥିବା ରେଲ୍‌ୱେ କଲୋନୀ ହାଇସ୍କୁଲ ମଞ୍ଚେଶ୍ୱରର ପିଲାମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।



କଳାକାର ଥିଏଟର ଓ ରିଜିଓନାଲ କଲେଜ ଅଫ୍ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ରବିବାର ପରିବେଷିତ ନାଟକ 'ରାଗ'ର ଏକ ଦୃଶ୍ୟ।

## ସଂକ୍ଷେପରେ

### ସ୍ୱାଧୀନତା ସଂଗ୍ରାମୀଙ୍କ ନାଁରେ ହେବ ୨୩ ଏମ୍ସ ହସ୍ପିଟାଲ

**ନୂଆଦିଲ୍ଲୀ,୨୧।୮:** ଦେଶରେ ଥିବା ସମସ୍ତ ୨୩ଟି ଯାକ ଏମ୍ସ ହସ୍ପିଟାଲର ନାମକରଣ ପାଇଁ କେନ୍ଦ୍ର ସରକାର ଏକ ଯୋଜନା ପ୍ରସ୍ତୁତ କରିଛନ୍ତି। ସ୍ୱାଧୀନତା ସଂଗ୍ରାମୀ, ଐତିହାସିକ ସମାରୋହ ଏବଂ ଐତିହ୍ୟର ନାମ ଅନୁସାରେ ଏହି ହସ୍ପିଟାଲଗୁଡ଼ିକର ନାମ ରଖାଯିବ। କେନ୍ଦ୍ରୀୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରଥମେ ଏହି ପ୍ରସ୍ତାବ ଦିଆଯିବା ପରେ ସମସ୍ତ ହସ୍ପିଟାଲ କର୍ତ୍ତୃପକ୍ଷ କିଛି ନାମ ତାଲିକା ମନ୍ତ୍ରଣାଳୟକୁ ହସ୍ତାନ୍ତର କରିଥିବା ରିପୋର୍ଟ ପ୍ରକାଶ ପାଇଛି। କିଛି ଏମ୍ସ ଡାକ୍ତରଖାନା କାର୍ଯ୍ୟକାରୀ ହୋଇଥିବାବେଳେ ଆଉକିଛି ହସ୍ପିଟାଲର ନିର୍ମାଣ କାର୍ଯ୍ୟ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା (ପିଏମ୍ଏସ୍ଏସ୍ୱାଇ) ଅଧୀନରେ ଜାରି ରହିଛି।

### ଆଫଗାନିସ୍ତାନରେ ବନ୍ୟା: ୨୦ ମୃତ

**କାବୁଲ, ୨୧।୮:** ଆଫଗାନିସ୍ତାନର ଲୋଗାର ପ୍ରଦେଶରେ ଲଗାଣ ବର୍ଷା ଯୋଗୁ ଖୋସି ଜିଲାରେ ବନ୍ୟା ହୋଇଛି। ଏଥିରେ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ଶିଶୁ ରହିଛନ୍ତି। ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଘର କ୍ଷତିଗ୍ରସ୍ତ ହୋଇଛି। ଗତ ସପ୍ତାହରେ ଆଫଗାନିସ୍ତାନର ଉତ୍ତର ଭାଗରେ ବନ୍ୟା ଯୋଗୁ ଅନ୍ୟୁନ ୩୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଯୁଦ୍ଧ ପ୍ରଭାବିତ ଏହି ଦେଶରେ ପ୍ରତି ବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଲୋକଙ୍କ ଦୁର୍ଦ୍ଦଶା ବଢ଼ାଉଛି। ପ୍ରତ୍ୟେକ ବର୍ଷ ଏଥିଯୋଗୁ ୨ ଲକ୍ଷ ଲୋକ ପ୍ରଭାବିତ ହେଉଛନ୍ତି।

#### ନ୍ୟୁଡ୍ ଫଟୋଶୁଟ୍ ତଦନ୍ତ ମାମଲା

### ୨ ସପ୍ତାହ ମାଗିଲେ ରଣବୀର



**ମୁମ୍ବାଇ,୨୧।୮:** ନ୍ୟୁଡ୍ ଫଟୋଶୁଟ୍ ତଦନ୍ତରେ ରଣବୀର ସୋମବାର ଥାନାରେ ହାଜର ହେବେ ନାହିଁ। ଏ ନେଇ ସେ ଆଉ ଦୁଇ ସପ୍ତାହ ସମୟ ମାଗିଛନ୍ତି। ପେପର ମାଗଜିନ୍ ପାଇଁ ରଣବୀର ଉଲଗ୍ନ ଫଟୋ ଉତ୍ତୋଳନ କରିଥିବା ବେଳେ ଏହାକୁ ବିରୋଧକରି ଅଣ ସରକାରୀ ସଂସ୍ଥା ମୁମ୍ବାଇ ଥାନାରେ ଏଫ୍ଆଇଆର୍ କରିଥିଲା। ଏହି ଫଟୋ ମହିଳାଙ୍କ ଭାବନାକୁ ଆଘାତ ଦେଉଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ତେବେ ଘଟଣାର ତଦନ୍ତ ପାଇଁ ମୁମ୍ବାଇ ପୋଲିସ ରଣବୀରଙ୍କୁ ଥାନାରେ ହାଜର ହେବା ଲାଗି ନୋଟିସ୍ ଜାରି କରିଥିଲା।

### ଦୁର୍ଘଟଣାସ୍ଥଳରେ ଦୁର୍ଘଟଣା: ୩୨ ମୃତ

**ଇସ୍ତାନବୁଲ,୨୧।୮:** ତୁର୍କୀର ଦକ୍ଷିଣପୂର୍ବାଞ୍ଚଳର ଗାଜିଆଣ୍ଟେପସ୍ଥିତ ଏକ ସ୍ଥାନରେ ଶନିବାର ଦୁର୍ଘଟଣା ଘଟିଥିଲା। ସେଠାରେ ଦୁର୍ଘଟଣାଗ୍ରସ୍ତ ଭ୍ୟାନଗୁଡ଼ିକ ପଡ଼ିରହିଥିବାବେଳେ ଆଉ ଏକ ଯାତ୍ରୀବାହୀ ବସ୍ ମାଡ଼ିଆସି ଧକ୍କା ଦେଇଥିଲା। ଫଳରେ ୩୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ କେତେଜଣ ଜରୁରୀ ସେବା ପ୍ରଦାନକାରୀ କର୍ମଚାରୀ ଓ ଖବରଦାତା ଅଛନ୍ତି।

## ପରଲୋକରେ ପାକ୍ ମେଲୋଡି କୁଇନ୍


ନାୟାରା ନୂର୍

ଭାରତ ଜନ୍ମିତ ପାକିସ୍ତାନ ମେଲୋଡି କୁଇନ୍ ନାୟାରା ନୂର୍ଙ୍କ ରବିବାର ପରଲୋକ ହୋଇଛି। ତାଙ୍କୁ ୭୧ ବର୍ଷ ହୋଇଥିଲା। ଅସୁସ୍ଥତା ଯୋଗୁ କିଛିଦିନ ହେଲା ସେ ଚିକିତ୍ସାଧୀନ ଥିଲେ। ୧୯୫୦ରେ ଆସାମର ଗୁଆହାଟୀରେ ଗାୟିକା ନାୟାରାଙ୍କ ଜନ୍ମ। ତାଙ୍କୁ ୭ ବର୍ଷ ହୋଇଥିବାବେଳେ ପରିବାର ସହ ସେ ପାକିସ୍ତାନ ପଳାଇଯାଇଥିଲେ। ପିଲାବେଳୁ ତାଙ୍କୁ ବେଗମ୍ ଅଖ୍ତର ଗଜଲ୍, କାନନ ଦେବୀ ଭଜନ ବେଶ୍ ପସନ୍ଦ ଥିଲା। ଗଜଲ ପାଇଁ ନାୟାରା ଅଧିକ ଲୋକପ୍ରିୟତା ହାସଲ କରିଥିଲେ। ୧୯୭୧ରେ ସେ ପାକିସ୍ତାନୀ ସିରିଏଲ୍‌ରେ ଡେବ୍ୟୁ କରିବା ସହ ଫିଲ୍ମରେ ଗୀତ ଗାଇବା ଆରମ୍ଭ କରିଥିଲେ। ୧୯୭୩ରେ ତାଙ୍କୁ ସର୍ବଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା ଭାବେ ନାଇଗର ଏବଂ ୨୦୦୬ରେ ବୁଲ୍‌ବୁଲ୍-ଏ-ପାକିସ୍ତାନ ସମ୍ମାନ ପ୍ରଦାନ କରାଯାଇଥିଲା।

## ଡାକ୍ତରଙ୍କୁ ପିଟିଲେ ମୁଖ୍ୟମନ୍ତ୍ରୀଙ୍କ ଝିଅ


ମିଲାରି ଛାଙ୍ଗ୍‌ଟେ

ଝିଅ ପାଇଁ ଅଡୁଆରେ ପଡ଼ିଛନ୍ତି ମିଜୋରାମ ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗା। ଜଣେ ଡାକ୍ତରଙ୍କୁ ଝିଅ ମିଲାରି ଛାଙ୍ଗ୍‌ଟେ ମାଡ଼ ମାରିବା ଭିଡିଓ ବହୁଳ ପ୍ରସାରିତ ହେବା ପରେ ଜୋରାମଥାଙ୍ଗା ସର୍ବସାଧାରଣରେ ଏଥିପାଇଁ କ୍ଷମା ମାଗିଛନ୍ତି। ଘଟଣାଟି ବୁଧବାର ଦିନର। ମିଲାରି ଆଇଜଲ୍ ସ୍ଥିତ ଚର୍ମ ବିଭାଗ ଡାକ୍ତରଙ୍କ ନିକଟକୁ ଯାଇଥିଲେ। ତାଙ୍କ ପାଖରେ ଆପଏଣ୍ଟମେଣ୍ଟ ନ ଥିବାରୁ ଡାକ୍ତର ଜଣକ ମିଲାରିଙ୍କୁ ଦେଖିବାକୁ ମନାକରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଡାକ୍ତରଙ୍କୁ ସେ ମାଡ଼ ମାରିଥିଲେ। କେତେଜଣ ଲୋକ ମିଲାରିଙ୍କୁ ଅଟକାଇବାକୁ ଚେଷ୍ଟା କରୁଥିବା ମଧ୍ୟ ଭିଡିଓରେ ଦେଖିବାକୁ ମିଳିଛି। ଏହା ଭାଇରାଲ ହେବା ପରେ ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ପରିବାରକୁ କଡ଼ା ସମାଲୋଚନା କରାଯାଇଥିଲା। ଭାରତୀୟ ମେଡିକାଲ ଆସୋସିଏଶନର ମିଜୋରାମ ୟୁନିଟ୍ ପକ୍ଷରୁ ଶନିବାର ଏହାର ପ୍ରତିବାଦରେ ବିକ୍ଷୋଭ କରାଯାଇଥିଲା। ପରେ ଜୋରାମଥାଙ୍ଗା ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏକ ହାତଲେଖା ନୋଟ୍ ପୋଷ୍ଟ କରି ଝିଅର ଏପରି ବ୍ୟବହାର ପାଇଁ କ୍ଷମା ମାଗିଛନ୍ତି।

# ୨୪ରେ ବଡ଼ ଆକ୍ରମଣ କରିବ ରୁଷିଆ

## ୟୁକ୍ରେନୀୟଙ୍କୁ ସତର୍କ କରାଇଲେ ଜେଲେନ୍‌ସ୍କି

**କିଭ୍, ୨୧।୮**

ସୋଭିଏଟ୍ ସଂଘଠାରୁ ଅଲଗା ହୋଇଥିବା ୟୁକ୍ରେନ୍ ଆସନ୍ତା ୨୪ ତାରିଖରେ ଏହାର ସ୍ୱାଧୀନତା ଦିବସ ପାଳନ କରିବ। ପ୍ରାୟ ୬ ମାସ ଧରି ରୁଷିଆ ଆକ୍ରମଣର ମୁକାବିଲା କରୁଥିବା ଏହି ପୂର୍ବ ୟୁରୋପୀୟ ଦେଶର ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ୩୧ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଲୋକଙ୍କୁ ଅଧିକ ସତର୍କ ରହିବାକୁ ଅପିଲ୍ କରିଛନ୍ତି। ଏହି ଦିନ ରୁଷିଆ ବଡ଼ ଧରଣର ଆକ୍ରମଣ କରିପାରେ ବୋଲି ସେ କହିଛନ୍ତି। ମସ୍କୋ ନିୟନ୍ତ୍ରଣରେ ଥିବା କ୍ରିମିଆ ଉପଦ୍ୱୀପରେ ନିକଟରେ ହୋଇଥିବା ବିସ୍ଫୋରଣ, ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଅତି ନିକଟତମ ସହଯୋଗୀ ଆଲେକ୍‌ଜାଣ୍ଡର ଡଗିନ୍‌ଙ୍କ ଝିଅ ଏକ କାର୍ ବିସ୍ଫୋରଣରେ ନିହତ ହେବା ଘଟଣାର ରାଗ ଶୁଝାଇବା ପାଇଁ ୟୁକ୍ରେନ୍ ଉପରେ ଭୟଙ୍କର ଆକ୍ରମଣ ନିର୍ଦ୍ଦେଶ ଦେଇପାରନ୍ତି ବୋଲି ଆଶଙ୍କା କରାଯାଇଛି। ତେବେ ଏଥିରେ ୟୁକ୍ରେନ୍‌ର କୌଣସି ସମ୍ପୃକ୍ତି ନ ଥିବା କିଭ୍ କହିଛି। ୟୁକ୍ରେନ୍‌ବାସୀଙ୍କୁ ଟାର୍ଗେଟ କରି ସେମାନଙ୍କୁ ଭୟଭୀତ କରିବା ନିମନ୍ତେ ମସ୍କୋର ଏହି ଯୋଜନାକୁ ସଫଳ ହେବାକୁ ଦିଆଯିବ ନାହିଁ ବୋଲି ଜେଲେନ୍‌ସ୍କି ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି।


ରୁଷିଆର ମିଶାଇଲ ଆକ୍ରମଣରେ ୟୁକ୍ରେନ୍‌ର ମାଇକୋଲେଭରେ ଥିବା ଏକ ବିଲ୍ଡିଂ ନଷ୍ଟ ହୋଇଯାଇଛି।

ୟୁକ୍ରେନ୍ ସୀମା ନିକଟରେ ରୁଷିଆ ବହୁ ମାତ୍ରାରେ ଅସ୍ତ୍ରଶସ୍ତ୍ର ଏବଂ ମିଶାଇଲ ଠୁଳ କରୁଥିବା କିଭ୍‌ର ଏକ ଏନ୍‌ଜିଓ ସେଣ୍ଟର ଫର୍ ଷ୍ଟ୍ରାଟେଜିକ୍ କମ୍ୟୁନିକେଶନ (ଷ୍ଟ୍ରାଟ୍‌କମ୍) ପୂର୍ବରୁ ସତର୍କ କରାଇଛି। ସୀମାରେ ଏସ୍-୩୦୦ କ୍ଷେପଣାସ୍ତ୍ର ମଧ୍ୟ ରହିଛି। ସ୍ୱାଧୀନତା ଦିବସ ପୂର୍ବରୁ ରୁଷିଆରୁ କେତେକ ଟ୍ରେନ୍ ସେଠାକୁ ଆସିବାକୁ ଥିବା ଏବଂ ବହୁସଂଖ୍ୟାରେ ରୁଷୀୟ ସୈନ୍ୟ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଥିବା କିଭ୍ ପୋଷ୍ଟରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ରୁଷିଆ ଏବେ ପୂର୍ବ ୟୁକ୍ରେନ୍‌କୁ ଦଖଲ କରିବାକୁ ଧ୍ୟାନ କେନ୍ଦ୍ରୀଭୂତ କରିଥିବାବେଳେ କିଭ୍ କ୍ରିମିଆକୁ ଫେରାଇଆଣିବାକୁ ରଣନୀତି ପ୍ରସ୍ତୁତ କରୁଥିବା କୁହାଯାଉଛି। ନିକଟରେ କ୍ରିମିଆ ଉପରେ ସିରିଜ୍ ବିସ୍ଫୋରଣ ନେଇ ଜେଲେନ୍‌ସ୍କି କହିଥିଲେ, ଏବେ କ୍ରିମିଆକୁ ସମସ୍ତେ ଅନୁଭବ କରିପାରୁଥିବେ। ଜୋରଜବରଦସ୍ତି କବ୍‌ଜା ଅସ୍ଥାୟୀ। ୟୁକ୍ରେନ୍‌ର ସେହି ଅଂଶ ଫେରୁଛି। ତେବେ ସ୍ୱାଧୀନତା ଦିବସ ଅବସରରେ ରୁଷିଆର ଆକ୍ରମଣ ଆଶଙ୍କାକୁ ନେଇ ଚିନ୍ତା ଉପୁଜିଛି। ୟୁକ୍ରେନ୍‌ର ଦ୍ୱିତୀୟ ବୃହତ୍ତମ ସହର ଖର୍କିଭରେ ବୁଧବାର ପର୍ଯ୍ୟନ୍ତ କର୍ଫ୍ୟୁ ବଢ଼ାଯାଇଛି। ଲୋକଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ସେପଟେ ଗତ ମାର୍ଚ୍ଚରୁ ରୁଷିଆ ନିୟନ୍ତ୍ରଣରେ ଥିବା ଜାପୋରିଜିଝିଆ ନ୍ୟୁକ୍ଲିଅର ପାୱାର ପ୍ଲାଣ୍ଟ ନିକଟରେ ସେଲ୍‌ମାଡ଼କୁ ନେଇ ମସ୍କୋ ଏବଂ କିଭ୍ ପରସ୍ପର ଉପରେ ଦୋଷାରୋପ କରିଚାଲିଛନ୍ତି। ୟୁରୋପର ସର୍ବବୃହତ ପାୱାର ପ୍ଲାଣ୍ଟର ସୁରକ୍ଷା ପାଇଁ ଜେଲେନ୍‌ସ୍କି ଜାତିସଂଘକୁ ନିବେଦନ କରିଥିବାବେଳେ ଗତ ସପ୍ତାହରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍, ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟିପ୍ ଏର୍ଡୋଗାନ୍‌ଙ୍କ ସହ ସେ ଆଲୋଚନା କରିଛନ୍ତି।

## ମୁଁ ୫ ଜଣଙ୍କୁ ମାରିଛି


ଭାଜପା ନେତା ଜ୍ଞାନଦେବ ଆହୁଜା

**ଜୟପୁର,୨୧।୮**

ରାଜସ୍ଥାନର ଜଣେ ଭାଜପା ନେତା ୫ ଗୋଚାଲାଣକାରୀଙ୍କୁ ହତ୍ୟା କରିଥିବା କହିଛନ୍ତି। ତାଙ୍କର ଏହି ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବା ପରେ ପୋଲିସ ମାମଲା ରୁଜୁ କରିଛି। ଅଲୱରର ପୂର୍ବତନ ବିଧାୟକ ଜ୍ଞାନଦେବ ଆହୁଜା ଏକ ସାମ୍ପ୍ରଦାୟିକ ହିଂସାରେ ପ୍ରାଣ ହରାଇଥିବା ଚିରନ୍‌ଜୀଲାଲଙ୍କ ପରିବାରକୁ ଭେଟିବା ପାଇଁ ଶୁକ୍ରବାର ଗୋବିନ୍ଦଗଡ଼କୁ ଯାଇଥିଲେ। ସେଠାରେ ତାଙ୍କ ନିକଟରେ ବସିଥିବା ଜଣେ ବ୍ୟକ୍ତିଙ୍କୁ ସେ କହିଥିଲେ, ପଣ୍ଡିତଜୀ, ବର୍ତ୍ତମାନ ସୁଦ୍ଧା ଲାଲୱଣ୍ଡି ଓ ବେହରୋରରେ ମୁଁ ୫ ଜଣଙ୍କୁ ମାରିଛି। କିନ୍ତୁ ଏହି ଅଞ୍ଚଳରେ ପ୍ରଥମ ଥର ପାଇଁ ସେମାନେ ଜଣକୁ ହତ୍ୟା କରିଛନ୍ତି। ସେମାନଙ୍କୁ ମାରିବା ପାଇଁ ମୁଁ କର୍ମୀମାନଙ୍କୁ ମୁକୁଳା ଛାଡ଼ିଦେଇଛି।

## କାର୍ ବିସ୍ଫୋରଣ: ପୁଟିନ୍ ସହଯୋଗୀଙ୍କ ଝିଅ ନିହତ


ଡାରିଆ ଡଗିନା

**ମସ୍କୋ, ୨୧।୮:** ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ବ୍ରେନ୍ କୁହାଯାଉଥିବା ପଲିଟିକାଲ ଥିଓରିଷ୍ଟ ଆଲେକ୍‌ଜାଣ୍ଡର ଡଗିନ୍‌ଙ୍କ ଝିଅ ଶନିବାର ରାତିରେ ଏକ କାର୍ ବିସ୍ଫୋରଣରେ ପ୍ରାଣ ହରାଇଛନ୍ତି। ୨୯ ବର୍ଷୀୟା ଡାରିଆ ଡଗିନା ଏକ ଏସ୍‌ୟୁଭି କାର୍ ଚଳାଉଥିବାବେଳେ ସେଥିରେ ବୋମା ଖଞ୍ଜାଯାଇଥିବା କୁହାଯାଉଛି। ମସ୍କୋଠାରୁ ୪୦ କି.ମି. ଦୂର ବୋଲ୍‌ଶି ଭିଜୋମି ନିକଟ ରାଜପଥରେ ତାଙ୍କ କାର୍‌ଟି ବିସ୍ଫୋରଣ ହୋଇଥିବା ରୁଷିଆ ଇନ୍‌ଭେଷ୍ଟିଗେଟ୍ କମିଟି କହିଛି। ଘଟଣାସ୍ଥଳରେ ହିଁ ଡାରିଆଙ୍କ ମୃତ୍ୟୁ ଘଟିଥିଲା। ୟୁକ୍ରେନ୍ ଉପରେ ଆକ୍ରମଣକୁ ଆଲେକ୍‌ଜାଣ୍ଡର ସମର୍ଥନ କରିଆସିଛନ୍ତି। ଡଗିନା ମଧ୍ୟ କ୍ରେମେଲିନ୍ ସପକ୍ଷରେ ମତ ରଖିଥାନ୍ତି। ୟୁନାଇଟେଡ୍ ୱାର୍ଲ୍ଡ ଇଣ୍ଟରନ୍ୟାଶନାଲ ୱେବ୍‌ସାଇଟ୍‌ର ସେ ମୁଖ୍ୟ ସମ୍ପାଦକ ହୋଇଥିବାବେଳେ ଆମେରିକା ଗତ ମାର୍ଚ୍ଚରେ ତାଙ୍କ ଉପରେ କଟକଣା ଲଗାଇଥିଲା। ଏଥିପାଇଁ ଡୋନେସ୍କ ପିପୁଲ୍ସ ରିପବ୍ଲିକ୍‌ର ବିଚ୍ଛିନ୍ନତାବାଦୀ ନେତା ଡେନିସ୍ ପୁଶିଲିନ୍ ୟୁକ୍ରେନ୍‌କୁ ଦାୟୀ କରିଛନ୍ତି। ଏଭଳି ଆତଙ୍କବାଦୀ କାର୍ଯ୍ୟକଳାପ ରୁଷିଆ କରିପାରିବ, ୟୁକ୍ରେନ୍ ନୁହେଁ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ଜଣେ ପରାମର୍ଶଦାତା ମାଇଖାଇଲୋ ପୋଡୋଲାକ୍ କହିଛନ୍ତି।

## ଗିରଫଦାରି ନୂଆ ବିପ୍ଳବ ଆଣିବ: ଟିକାଏତ୍

**ନୂଆଦିଲ୍ଲୀ,୨୧।୮**

ଦେଶରେ ବେକାରଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିବାବେଳେ ଦରଦାମ ଆକାଶଛୁଆଁ ହୋଇଛି। ଏହାର ପ୍ରତିବାଦରେ ସୋମବାର ଦିଲ୍ଲୀର ଜନ୍ତରମନ୍ତରରେ ଭାରତୀୟ କିଷାନ ୟୁନିୟନ୍ (ବିକେୟୁ) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏଥିପାଇଁ କୃଷକ ନେତା ରାକେଶ ଟିକାଏତ୍ ରବିବାର ୟୁପିରୁ ଦିଲ୍ଲୀ ଯାଉଥିବାବେଳେ ପୋଲିସ ତାଙ୍କୁ ଅଟକ ରଖି କିଛି ଘଣ୍ଟା ପରେ ଛାଡ଼ିଥିଲା। ରାକେଶ ଏନେଇ ଟୁଇଟ୍ କରିଥିଲେ, ତାଙ୍କୁ ଗିରଫ କରାଯାଇଛି। ଏହି ଗିରଫଦାରି ଦେଶରେ ନୂଆ ବିପ୍ଳବ ଆଣିବ।

## ବିବାଦରେ ଜୋମାଟୋ ବିଜ୍ଞାପନ

**ନୂଆଦିଲ୍ଲୀ,୨୧।୮**

ଫୁଡ୍ ଡେଲିଭରି ଆପ୍ ଜୋମାଟୋ ବିଜ୍ଞାପନକୁ ନେଇ ଏବେ ବିବାଦ ମୁଣ୍ଡ ଟେକିଛି। ବଲିଉଡ୍ ଅଭିନେତା ହ୍ରିତିକ ରୋଶନଙ୍କ ଦ୍ୱାରା କରାଯାଇଥିବା ଜୋମାଟୋ ଆଡ୍‌କୁ ମଧ୍ୟପ୍ରଦେଶ ଉଜ୍ଜୈନ ମହାକାଳେଶ୍ୱର ମନ୍ଦିର ପୂଜକ ବିରୋଧ କରିଛନ୍ତି। ମହାକାଳରୁ ଖାଇବା ଅର୍ଡର କରୁଥିବାର ହ୍ରିତିକ୍ ଏହି ଆଡ୍‌ରେ କହୁଛନ୍ତି। ତେବେ ଏଥିରେ ବ୍ୟବହୃତ ମହାକାଳ ଶବ୍ଦ ହିନ୍ଦୁ ଧର୍ମୀୟ ଭାବନାକୁ ଆଘାତ ଦେଉଥିବା ମହାକାଳେଶ୍ୱର ମନ୍ଦିର ପୂଜକ ଦାବି କରିଛନ୍ତି। କମ୍ପାନୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ଲାଗି ପୂଜକମାନେ ଉଜ୍ଜୈନ ଜିଲାପାଳ ଆଶିଷ ସିଂଙ୍କୁ ଅନୁରୋଧ କରିଛନ୍ତି। ଆଶିଷ ସିଂ ମହାକାଳ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ଦାୟିତ୍ୱରେ ଅଛନ୍ତି। ଆଡ୍‌କୁ ବିରୋଧ କରାଯିବା ପରେ ଜମାଟୋ କମ୍ପାନୀ କ୍ଷମା ମାଗିବା ସହ ଏହାକୁ ତୁରନ୍ତ ହଟାଇ ଦିଆଯିବ ବୋଲି କହିଛନ୍ତି। କମ୍ପାନୀ ମତରେ ବିଜ୍ଞାପନରେ ଯେଉଁ ମହାକାଳ ଶବ୍ଦ ବ୍ୟବହାର କରାଯାଇଛି ତାହା ସ୍ଥାନୀୟ ଅଞ୍ଚଳରେ ଥିବା ମହାକାଳ ରେଷ୍ଟୁରାଣ୍ଟ ଉଦ୍ଦେଶ୍ୟରେ କୁହାଯାଇଛି। କୌଣସି ଧର୍ମୀୟ ବିଶ୍ୱାସକୁ ଆଘାତ ଦେବା ଆମ ଉଦ୍ଦେଶ୍ୟ ନୁହେଁ ବୋଲି ଜୋମାଟୋ କହିଛି। ତେବେ ଏ ମାମଲାର ତଦନ୍ତ କରିବା ପାଇଁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିବା ମଧ୍ୟପ୍ରଦେଶ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ର କହିଛନ୍ତି।


ହ୍ରିତିକ ରୋଶନ

## ଦିଲ୍ଲୀ ହସ୍ପିଟାଲରେ ବ୍ରେନ୍ ମ୍ୟାପିଙ୍ଗ୍ ସୁବିଧା

**ନୂଆଦିଲ୍ଲୀ,୨୧।୮**

### ଦେଶରେ ପ୍ରଥମ

ଦିଲ୍ଲୀର ଆଇବିଏସ୍ ହସ୍ପିଟାଲ ରବିବାର ବ୍ରେନ୍ ମ୍ୟାପିଙ୍ଗ ଟେକ୍ନୋଲୋଜି ସୁବିଧା ଉପଲବ୍ଧ ହୋଇଛି। କୌଣସି ଡାକ୍ତରଖାନାରେ ଏହି ଟେକ୍ନୋଲୋଜି ରହିବା ଦେଶରେ ପ୍ରଥମ। ଏହା ଜରିଆରେ ବ୍ରେନ୍ ଟ୍ୟୁମର ସାଙ୍ଗକୁ ଜଟିଳ ମସ୍ତିଷ୍କ ଅସ୍ତ୍ରୋପଚାର ସହଜରେ କରାଯାଇପାରିବ। ଏଥିସହ ମସ୍ତିଷ୍କର ଗୁରୁତ୍ୱପୂର୍ଣ୍ଣ ଅଂଶରେ ହୋଇଥିବା କୌଣସି ଡ୍ୟାମେଜ୍‌କୁ ଚିହ୍ନଟ କରାଯାଇ ତାହାର ନିରାକରଣ କରାଯାଇପାରିବ। ଅନ୍ୟପଟେ ମସ୍ତିଷ୍କ ଚିକିତ୍ସାରେ ବ୍ୟବହାର ହେଉଥିବା ଆଲଗୋରିଦିମ୍ ନିୟମାବଳୀ ସହଜ ହେବ ଏବଂ ବ୍ରେନ୍‌ର ଆନାଟୋମିକାଲ ଚିତ୍ରକୁ କମ୍ପ୍ୟୁଟରରେ ଡାକ୍ତର ସୁବିଧାରେ ଦେଖିପାରିବେ।

## ପାକ୍ ଚ୍ୟାନେଲରେ ଇମ୍ରାନ୍‌ଙ୍କ ଭାଷଣ ବ୍ୟାନ୍

### ପୋଲିସ, ବିଚାରପତିଙ୍କୁ ଧମକ ଅଭିଯୋଗରେ ମାମଲା



**ଇସ୍‌ଲାମାବାଦ, ୨୧।୮**

ଇସ୍‌ଲାମାବାଦର ଏକ ପାର୍କରେ ଭାଷଣ ଦେବାବେଳେ ବରିଷ୍ଠ ପୋଲିସ ଅଧିକାରୀ, ଜଣେ ମହିଳା ବିଚାରପତି, ସରକାରୀ ଅଫିସରଙ୍କୁ ଖୋଲାଖୋଲି ଧମକ ଅଭିଯୋଗରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଏଣିକି ପାକିସ୍ତାନ ତେହରିକ୍-ଏ-ଇନ୍‌ସାଫ୍ (ପିଟିଆଇ) ଅଧ୍ୟକ୍ଷ ଇମ୍ରାନ୍‌ଙ୍କ ଭାଷଣ ପ୍ରସାରଣ ଉପରେ ପାକିସ୍ତାନ ଇଲେକ୍ଟ୍ରୋନିକ୍ ମିଡିଆ ନିୟାମକ ପ୍ରାଧିକରଣ (ପିଇଏମ୍ଆର୍ଏ) କଟକଣା ଲଗାଇଛି। କୌଣସି ନୀତି ଉଲ୍ଲଂଘନ କରୁ ନ ଥିବା ଇମ୍ରାନ୍ ପୂର୍ବ ରେକର୍ଡ ବାର୍ତ୍ତାର ଗୁରୁତ୍ୱ ଓ ଆବଶ୍ୟକତାକୁ ଦେଖି ଚ୍ୟାନେଲଗୁଡ଼ିକ ପ୍ରସାରଣ କରିପାରିବେ। ଅପରପକ୍ଷେ ଆଇଜି ଏବଂ ଡିଆଇଜି ପୋଲିସ ବିରୋଧରେ ଇମ୍ରାନଙ୍କ ମନ୍ତବ୍ୟକୁ ନେଇ ତାଙ୍କ ନାଁରେ ଆତଙ୍କବାଦ ନିରୋଧୀ ଆକ୍ଟରେ ମାମଲା ରୁଜୁ ହୋଇଛି। ଏପରି କରି ସେ ଦେଶରେ ଘୃଣା ବିସ୍ତାର ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି।

# ଅପରାଧମୁକ୍ତ ହେବ ସମଲିଙ୍ଗୀ ସମ୍ପର୍କ

## ଘୋଷଣା କଲେ ସିଙ୍ଗାପୁର ପ୍ରଧାନମନ୍ତ୍ରୀ

**ସିଙ୍ଗାପୁର, ୨୧।୮**

ସିଙ୍ଗାପୁରରେ ପୁରୁଷଙ୍କ ସମଲିଙ୍ଗୀ ସମ୍ପର୍କକୁ ଅପରାଧମୁକ୍ତ କରାଯିବ ବୋଲି ରବିବାର ସେଠାର ପ୍ରଧାନମନ୍ତ୍ରୀ ଲି ସିଏନ୍ ଲୁଙ୍ଗ୍ ଘୋଷଣା କରିଛନ୍ତି। ବ୍ରିଟିଶ ଉପନିବେଶ ଯୁଗୀୟ ଆଇନ ଅନୁସାରେ ସିଙ୍ଗାପୁର ପେନାଲ କୋଡ୍‌ର ଧାରା ୩୭୭ ଏ ବଳରେ ପୁରୁଷଙ୍କ ମଧ୍ୟରେ ଶାରୀରିକ ସମ୍ବନ୍ଧ ଏକ ଅପରାଧ, ଯାହା ପାଇଁ ୨ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡବିଧାନ ରହିଛି। ଆଧୁନିକ ଯୁଗରେ ଏହି ପୁରୁଣାକାଳିଆ ଆଇନ ସିଙ୍ଗାପୁରର ସଂସ୍କୃତି ପାଇଁ ବିପଦ ଦର୍ଶାଇ ସମଲିଙ୍ଗୀ ଅଧିକାର କର୍ମୀମାନେ ଏହାକୁ ଉଚ୍ଛେଦ କରିବାକୁ ଦାବି କରିଆସୁଛନ୍ତି। ନ୍ୟାଶନାଲ ଡେ' ରାଲି ଅବସରରେ ପ୍ରଧାନମନ୍ତ୍ରୀ ଲି ଉଦ୍‌ବୋଧନ ଦେଇ କହିଛନ୍ତି, ୧୫ ବର୍ଷ ତଳର ଚିନ୍ତାଧାରା ଆଉ ନାହିଁ। ସେତେବେଳେ ଏହି ଆଇନ ରହିବା ଉଚିତ ବୋଲି ସରକାର ମନେ କରିଥିଲେ। କିନ୍ତୁ ଆଜି ଉପଯୁକ୍ତ ପଦକ୍ଷେପ ନେବାର ସମୟ ଆସିଛି। ଅଧିକାଂଶ ସିଙ୍ଗାପୁରବାସୀ ଏହି ନିଷ୍ପତ୍ତିକୁ ଗ୍ରହଣ କରିବେ। ଅନେକ ସ୍ଥାନରେ ପୁରୁଷ ସମଲିଙ୍ଗୀ ବିଶେଷକରି ସ୍ୱଳ୍ପ ବୟସ୍କଙ୍କ ଦ୍ୱାରା ଏହା ଆଦୃତ ହେଲାଣି। ନୂଆ ଆଇନ ପୁରୁଷ ସମଲିଙ୍ଗୀଙ୍କ ପାଇଁ ଆଶ୍ୱସ୍ତି ଆଣିଦେବ। ତେବେ ସିଟି-ଷ୍ଟେଟ୍‌ରେ ପୂର୍ବରୁ ପ୍ରଚଳିତ ବିବାହ ବ୍ୟବସ୍ଥାରେ କୌଣସି ପ୍ରକାର ପରିବର୍ତ୍ତନ ଅଣାଯିବ ନାହିଁ। ଅର୍ଥାତ୍ ସାବାଳକ ପୁରୁଷ ବନ୍ଧୁ ଏକାନ୍ତରେ ପରସ୍ପର ସହ ସମ୍ପର୍କ ରଖିପାରିବେ। କିନ୍ତୁ ବିବାହ କରିପାରିବେ ନାହିଁ। ଏହି ନୂଆ ସନ୍ତୁଳନ ସିଙ୍ଗାପୁରକୁ ଏକ ସହିଷ୍ଣୁ ଓ ସମାବେଶୀ ସମାଜ ଭାବମୂର୍ତ୍ତି ବଜାୟ ରଖିବାରେ ଦୀର୍ଘ ବର୍ଷ ଧରି ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।


ଲି ସିଏନ୍ ଲୁଙ୍ଗ୍

- ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲି ସିଏନ୍ ଲୁଙ୍ଗ୍‌ଙ୍କ ପୁତୁରା ଲି ହୁଆନ୍‌ୱୁ ଜଣେ ସମଲିଙ୍ଗୀ। ପ୍ରଧାନମନ୍ତ୍ରୀଙ୍କ ସାନଭାଇ ଲି ସିଏନ୍ ୟାଙ୍ଗ୍ ୨୦୧୯ରେ ଦକ୍ଷିଣ ଆଫ୍ରିକାରେ ତାଙ୍କ ପୁରୁଷ ବନ୍ଧୁଙ୍କୁ ବିବାହ କରିଥିଲେ। ହୁଆନ୍‌ୱୁ ସେହି ପିଙ୍କ୍ ଡଟ୍ ଇଭେଣ୍ଟରେ ନିଜ ମା' ବାପାଙ୍କ ସହ ଯୋଗ ଦେଇଥିଲେ।
- ଅନ୍ୟ ପୂର୍ବତନ ବ୍ରିଟିଶ ଉପନିବେଶଗୁଡ଼ିକରେ ପୁରୁଷ-ପୁରୁଷଙ୍କ ମଧ୍ୟରେ ଯୌନ ସମ୍ପର୍କକୁ ନେଇ ଭିନ୍ନ ଭିନ୍ନ ଆଇନ ରହିଛି। ମାଲେସିଆରେ ଜଣେ ପୂର୍ବତନ ଉପପ୍ରଧାନମନ୍ତ୍ରୀ ସମଲିଙ୍ଗୀ ସମ୍ପର୍କ ପାଇଁ ୨୦୦୦ ଓ ୨୦୧୪ ମସିହାରେ ୨ ଥର ଜେଲ ଯାଇଥିଲେ। ସମାଲୋଚକଙ୍କ ମତରେ ସେହି ଦଣ୍ଡ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଥିଲା।
- ୨୦୧୮ରେ ସୁପ୍ରିମକୋର୍ଟଙ୍କ ଏକ ଐତିହାସିକ ରାୟ ପରେ ଭାରତ ସମଲିଙ୍ଗୀ ସମ୍ପର୍କକୁ ଅପରାଧମୁକ୍ତ କରିଛି। ଆଇପିସି ଦଫା ୩୭୭ ବଳରେ ପୂର୍ବରୁ ଏଭଳି ସମ୍ପର୍କ ରଖୁଥିବା ବ୍ୟକ୍ତିଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଦିଆଯାଉଥିଲା।
- ଏସିଆର ଆଉ କେତେକ ଦେଶ ସମଲିଙ୍ଗୀ ବିବାହକୁ ବୈଧତା ପ୍ରଦାନ ପାଇଁ ପଦକ୍ଷେପ ନେଇଛନ୍ତି। ୨୦୧୯ରେ ତାଇୱାନ ଏପରି ବିବାହକୁ ସ୍ୱୀକୃତି ଦେବାରେ ପ୍ରଥମ। ନିକଟରେ ଥାଇଲାଣ୍ଡ ମଧ୍ୟ ସମଲିଙ୍ଗୀ ବିବାହକୁ ଅନୁମତି ଦେଇଛି।

# ସୁବର୍ଣ୍ଣରେଖାରେ ବଢୁଛି ଜଳସ୍ତର, ୨ ଦିନ ଗୁରୁତ୍ୱପୂର୍ଣ୍ଣ: ମନ୍ତ୍ରୀ

ଭୁବନେଶ୍ୱର, ୨୧।୮(ବ୍ୟୁରୋ)

ରାଜ୍ୟର ସୁବର୍ଣ୍ଣରେଖା ଓ ବୈତରଣୀ ନଦୀରେ ଅଧିକ ଜଳପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ଜଳ ସମ୍ପଦ ମନ୍ତ୍ରୀ ଟୁକୁନୀ ସାହୁ ରବିବାର ପୂର୍ବାହ୍ନରେ ସ୍ଥିତି ସମୀକ୍ଷା କରିଛନ୍ତି। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଅର୍ଚ୍ଚନା ପଟ୍ଟନାୟକ, ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ସୁବର୍ଣ୍ଣରେଖା ଜଳସେଚନ ଡିଭିଜନର ମୁଖ୍ୟଯନ୍ତ୍ରୀ, ବାଲେଶ୍ୱର ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ, ଜଳ ସମ୍ପଦ ବିଭାଗର ଅତିରିକ୍ତ ଶାସନ ସଚିବଙ୍କ ସମେତ ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀ ଓ ଯନ୍ତ୍ରୀମାନ ଉପସ୍ଥିତ ଥିଲେ। ବନ୍ୟା ପରିପ୍ରେକ୍ଷୀରେ ବିଭାଗ ପକ୍ଷରୁ ପ୍ରସ୍ତୁତିକୁ ଅଧିକ ବ୍ୟାପକ କରିବା ନେଇ ମନ୍ତ୍ରୀ ସାହୁ ଗୁରୁତ୍ୱାରୋପ କରିଛନ୍ତି।

ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ରବିବାର ସକାଳ ସୁଦ୍ଧା ଝାଡ଼ଖଣ୍ଡର ଗାଲୁଡିହ ଜଳଭଣ୍ଡାରରୁ ୧୬ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି। ଫଳରେ ଓଡ଼ିଶାରେ ସୁବର୍ଣ୍ଣରେଖା ନଦୀରେ ସନ୍ଧ୍ୟାରୁ ସୋମବାର ପୂର୍ବାହ୍ନ ୧୦ଟା ଭିତରେ ଜଳସ୍ତର ବୃଦ୍ଧି ପାଇବ। ସେଥିଯୋଗୁ ବଡ଼ ଧରଣର ବନ୍ୟା ସମ୍ଭାବନା ରହିଛି। ଫଳରେ ବାଲେଶ୍ୱର ଜିଲାର ଜଳେଶ୍ୱର, ଭୋଗରାଇ, ବାଲିଆପାଳ ଓ ବସ୍ତା ଅଞ୍ଚଳ ପ୍ରଭାବିତ ହେବ। ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ, ଆସନ୍ତା ୨ ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ନଦୀବନ୍ଧ ଦାୟିତ୍ୱରେ ଥିବା ଅଧିକାରୀ ଓ ଯନ୍ତ୍ରୀମାନେ ସତର୍କ ରହି ନିୟମିତ ତଦାରଖ କରନ୍ତୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦେଉଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ଜଳ ସମ୍ପଦ ବିଭାଗର ଅଧିକାରୀ, କ୍ଷେତ୍ରସ୍ତରରେ ଥିବା ଯନ୍ତ୍ରୀ ଓ କର୍ମଚାରୀମାନେ ଅଧିକ ଚଳଚଞ୍ଚଳ ରହି ବନ୍ୟା ମୁକାବିଲା କରିବା ଆବଶ୍ୟକ। ସମ୍ଭାବ୍ୟ ବନ୍ୟା ପରିପ୍ରେକ୍ଷୀରେ ଜନସାଧାରଣ ଭୟଭୀତ ନ ହେବାକୁ ସେ ଅନୁରୋଧ କରିଛନ୍ତି।



ଭିଡିଓ କନ୍‌ଫରେନ୍ସରେ ଜଳ ସମ୍ପଦ ମନ୍ତ୍ରୀ ଟୁକୁନୀ ସାହୁ ରବିବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ବନ୍ୟାସ୍ଥିତି ସମୀକ୍ଷା କରୁଛନ୍ତି।

- ପ୍ରଭାବିତ ହେବ ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତା ଅଞ୍ଚଳ
- ଜଳସ୍ତର, ଜଳପ୍ରବାହର ଠିକ୍ ରିପୋର୍ଟ ଦେବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ
- ମୁକାବିଲା ସକାଶେ ବାଲେଶ୍ୱର ଯାଇଛନ୍ତି ବରିଷ୍ଠ, ଅଭିଜ୍ଞ ଅଧିକାରୀ

ଏହାସହ ନଦୀଗୁଡ଼ିକରେ ବିଭିନ୍ନ ସମୟରେ ଜଳସ୍ତର ଓ ଜଳପ୍ରବାହ ସମ୍ପର୍କରେ ସଠିକ ସୂଚନା ପ୍ରଦାନ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସ୍ୱତନ୍ତ୍ର ଶାସନ ସଚିବ ଅର୍ଚ୍ଚନା ପଟ୍ଟନାୟକ କହିଛନ୍ତି, ସବୁ ସମୟରେ ସମ୍ପୃକ୍ତ ଜିଲାପାଳମାନଙ୍କ ସହିତ ଯୋଗାଯୋଗ କରାଯାଉଛି। ବନ୍ୟା ମୁକାବିଲା ପାଇଁ ବିଭାଗ ତରଫରୁ ବିଭିନ୍ନ ଜିଲାରେ ବରିଷ୍ଠ ଓ ଅଭିଜ୍ଞ ଅଧିକାରୀ ତଥା ଯନ୍ତ୍ରୀମାନଙ୍କୁ ପଠାଯାଇଛି। ସେମାନେ ବିଭାଗ ଏବଂ ଜିଲା ପ୍ରଶାସନ ସହିତ ସମନ୍ୱୟ ରଖି ବନ୍ୟାସ୍ଥିତି ଅନୁଧ୍ୟାନ କରି ବନ୍ୟା ପରିଚାଳନା କରୁଛନ୍ତି।

# ବନ୍ୟା ନିୟନ୍ତ୍ରଣରେ ସରକାର ବିଫଳ: ଭାଜପା

ଭୁବନେଶ୍ୱର,୨୧।୮(ବ୍ୟୁରୋ)



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ।

ବନ୍ୟାର ଚାରି ଦିନ ପରେ ମଧ୍ୟ ବନ୍ୟା ପରିଚାଳନା, ବନ୍ୟା ନିୟନ୍ତ୍ରଣ, ବନ୍ୟା ପ୍ରପୀଡ଼ିତଙ୍କୁ ସାହାଯ୍ୟ କରିବାରେ ରାଜ୍ୟ ସରକାର ଅସମର୍ଥ। ଜଳବନ୍ଦୀ ହୋଇ ରହିଥିବା ଅଧିକାଂଶ ସ୍ଥାନରେ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ସାତ ସପନ ହୋଇଛି। ବନ୍ୟା ପୀଡ଼ିତ ଲୋକେ ଭଗବାନ୍‌ଙ୍କୁ ଭରସା କରି ଜୀବନ କାଟୁଛନ୍ତି। ବନ୍ୟାଘେରରେ ରହୁଥିବା ଲୋକଙ୍କ ପାଇଁ ସରକାର ପଲିଥିନ୍ କି ମହମବତି ଯୋଗାଇ ନ ଥିବାବେଳେ ଖାଦ୍ୟ ପାଇଁ ଲୋକେ ଉହଲବିକଳ ହେଉଛନ୍ତି। ୨୨ ବର୍ଷ ଶାସନରେ ଥାଇ ମଧ୍ୟ ରାଜ୍ୟ ସରକାର ବନ୍ୟା ଏବଂ ଏହାର ପରବର୍ତ୍ତୀ ପରିସ୍ଥିତି ପରିଚାଳନାରେ ଅପାରଗ ସାବ୍ୟସ୍ତ ହୋଇଛନ୍ତି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି ଯେ, ସରକାରଙ୍କ ତ୍ରୁଟିପୂର୍ଣ୍ଣ ବନ୍ୟା ପରିଚାଳନା ଯୋଗୁ ଚଳିତବର୍ଷ ଲୋକମାନେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଭାଜପାର ୩ଟି ଟିମ୍ ଗତ ୪ ଦିନ ହେଲାଣି ବିଭିନ୍ନ ବନ୍ୟାଞ୍ଚଳ ଯାଇ ବାସ୍ତବ ସ୍ଥିତି, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟର ତଦାରଖ କରୁଛନ୍ତି। ସରକାରୀ ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ବନ୍ୟାରେ ୬ ଜଣ ଲୋକ ପ୍ରାଣ ହରାଇଛନ୍ତି। ବେସରକାରୀ ତଥ୍ୟ ଅନୁଯାୟୀ ଏହି ସଂଖ୍ୟା କିନ୍ତୁ ଢେର ଅଧିକ। ପାନୀୟ ଜଳ ଅଭାବ କାରଣରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ବନ୍ୟାପାଣି କାରଣରୁ ବିଷାକ୍ତ ସାପ ମଧ୍ୟ ଘର ଭିତରକୁ ପଶି ଯାଉଥିବାରୁ ବୟସ୍କ ଓ ଛୋଟ ପିଲାମାନଙ୍କ ଜୀବନ ବିପଦରେ ପଡ଼ିଛି। ବେସରକାରୀ ସଂସ୍ଥା ଓ ଅନୁଷ୍ଠାନଗୁଡ଼ିକ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ଅଗ୍ରଣୀ ଭୂମିକା ନେଉଥିବାବେଳେ ସରକାର ଏବଂ ପ୍ରଶାସନ ବନ୍ୟାଞ୍ଚଳବାସୀଙ୍କ ନିକଟରେ ଅପହଞ୍ଚ ହୋଇ ରହିବା ଅତ୍ୟନ୍ତ ଲଜ୍ଜାଜନକ। ରାଜ୍ୟରେ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ରାଜ୍ୟ ସରକାର ଅନେଇ ବସିଛନ୍ତି। ଏହି ଆଳରେ ସୁବିଧାରେ ଅର୍ଥ ହଡ଼ପ କରିବାର ସୁଯୋଗ ପାଇଯାଉଛନ୍ତି। ରାଜ୍ୟର ନଦୀବନ୍ଧ, ବାଡ଼ ମରାମତି ପାଇଁ କେନ୍ଦ୍ର ସରକାର ପଠାଉଥିବା କୋଟି କୋଟି ଟଙ୍କାକୁ ରାଜ୍ୟ ସରକାର ଚଳୁ କରିଦେଉଛନ୍ତି। ଦଳୀୟ ଠିକାଦାରଙ୍କ ସହାୟତାରେ ଶାସକ ବିଜେଡିର ନେତା ଓ ମନ୍ତ୍ରୀ ବ୍ୟାପକ ହରିଲୁଟ୍ କରୁଛନ୍ତି। ଅସମ୍ବେଦନଶୀଳ ରାଜ୍ୟ ସରକାରଙ୍କ ପାଖରେ 'ଜିରୋ କାଜୁଆଲିଟି' ଏବଂ 'ପ୍ରତ୍ୟେକ ଜୀବନ ମୂଲ୍ୟବାନ୍'ର କୌଣସି ମୂଲ୍ୟ ନାହିଁ ବୋଲି ପୃଥ୍ୱୀରାଜ କହିଛନ୍ତି।

# ମେହବୁବା ମୁଫ୍‌ତି ଗୃହବନ୍ଦୀ



ଶ୍ରୀନଗର,୨୧।୮: ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ମୁଫ୍‌ତିଙ୍କୁ ରବିବାର ଗୃହବନ୍ଦୀ କରାଯାଇଛି। ଏନେଇ ସେ ଟୁଇଟ୍ କରି ସୂଚନା ଦେଇଛନ୍ତି। ଶ୍ରୀନଗରସ୍ଥିତ ଗୁପ୍‌କାର ଅଞ୍ଚଳରେ ଥିବା ତାଙ୍କ ଘର ବାହାରେ ତାଲା ପଡ଼ିଥିବା ଫଟୋକୁ ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ନିକଟରେ ଆତଙ୍କବାଦୀଙ୍କ ଦ୍ୱାରା ଟାର୍ଗେଟ କିଲିଂର ଶିକାର ହୋଇଥିବା କଶ୍ମୀରୀ ପଣ୍ଡିତ ସୁନୀଲ କୁମାରଙ୍କ ପରିବାର ଲୋକଙ୍କୁ ସାକ୍ଷାତ୍ ପାଇଁ ବାହାରିଥିବାବେଳେ ତାଙ୍କୁ ଗୃହବନ୍ଦୀ କରାଯାଇଛି। କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଯବାନମାନେ ତାଙ୍କ ଘର ବାହାରେ ମୁତୟନ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ଦୁର୍ବଳ ନୀତି ଯୋଗୁ କଶ୍ମୀରୀ ପଣ୍ଡିତମାନଙ୍କୁ ଟାର୍ଗେଟ ହତ୍ୟା କରାଯାଉଥିବା ମେହବୁବା ଅଭିଯୋଗ ଆଣିଛନ୍ତି।

# ହିମାଚଳ କଂଗ୍ରେସ ଷ୍ଟିୟରିଂ କମିଟି ଅଧ୍ୟକ୍ଷ ପଦରୁ ଆନନ୍ଦଙ୍କ ଇସ୍ତଫା

ନୂଆଦିଲ୍ଲୀ,୨୧।୮: ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସକୁ ଝଟ୍‌କା ଲାଗିଛି। ବରିଷ୍ଠ କଂଗ୍ରେସ ନେତା ଆନନ୍ଦ ଶର୍ମା ରବିବାର ରାଜ୍ୟ କଂଗ୍ରେସ ଷ୍ଟିୟରିଂ କମିଟି ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିକଟକୁ ପଠାଇଦେଇଛନ୍ତି। ନିଜ ଆତ୍ମସମ୍ମାନ ସହ ସେ ସାଲିସ କରିପାରିବେ ନାହିଁ ବୋଲି କଂଗ୍ରେସର ଅସନ୍ତୁଷ୍ଟ ଗୋଷ୍ଠୀ ଜି୨୩ ସଦସ୍ୟ ଆନନ୍ଦ ଶର୍ମା ନିଜ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆନନ୍ଦ ଶର୍ମାଙ୍କୁ ଏପ୍ରିଲ ୨୬ରେ ଏହି ପଦରେ ନିଯୁକ୍ତ କରାଯାଇଥିଲା। ଏହା ପୂର୍ବରୁ ଉକ୍ତ ଗୋଷ୍ଠୀର ବରିଷ୍ଠ ନେତା ଗୁଲାମନବୀ ଆଜାଦ ମଧ୍ୟ ଜମ୍ମୁ-କଶ୍ମୀର ପ୍ରଚାର କମିଟି ଅଧ୍ୟକ୍ଷ ପଦ ଛାଡ଼ି ସାରିଛନ୍ତି।


ଆନନ୍ଦ ଶର୍ମା

# ସବୁ ଜିଲାରେ ସଙ୍ଗଠନ ସୁଦୃଢ଼ କରାଯିବ: ବୀରେନ୍ଦ୍ର ସିଂ

## ଆପ୍‌ର ରାଜ୍ୟସ୍ତରୀୟ କର୍ମୀ ସମ୍ମିଳନୀ

ଭୁବନେଶ୍ୱର, ୨୧।୮(ବ୍ୟୁରୋ)

ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଓଡ଼ିଶାର ରାଜ୍ୟସ୍ତରୀୟ କର୍ମୀ ସମ୍ମିଳନୀ ରବିବାର ଚନ୍ଦ୍ରଶେଖରପୁର ବିଏମ୍‌ସି କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଓଡ଼ିଶାର ପ୍ରତ୍ୟେକ ଜିଲାରୁ ଆସିଥିବା ପ୍ରାୟ ଏକ ହଜାର ସକ୍ରିୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ଏବଂ ପାର୍ଟିର 'ମିଶନ ଓଡ଼ିଶା' କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଶପଥ ନେଇଛନ୍ତି। ଆପ୍ ପ୍ରଭାରୀ ତଥା ଦିଲ୍ଲୀ କ୍ୟାଣ୍ଟର ବିଧାୟକ ବୀରେନ୍ଦ୍ର ସିଂହ କାଡିଆନ ସମ୍ମିଳନୀକୁ ସମ୍ବୋଧିତ କରିବା ସହିତ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅରବିନ୍ଦ କେଜ୍‌ରିୱାଲ ରାଷ୍ଟ୍ରୀୟ ରଣନୀତିରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ସ୍ଥିତିକୁ ଗ୍ରହଣ କରିଥିବା ସୂଚନା ଦେଇଛନ୍ତି। ଆପ୍‌ର 'ମେକ୍ ଇଣ୍ଡିଆ ନମ୍ବର ୱାନ୍' ଅଭିଯାନରେ ସମସ୍ତ ଓଡ଼ିଶାବାସୀ ସାମିଲ ହେବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଓଡ଼ିଶାର ପ୍ରତ୍ୟେକ ଜିଲା ଗସ୍ତ କରି ଆଗାମୀ ଦିନରେ ସଙ୍ଗଠକୁ ସୁଦୃଢ଼ କରିବା ପାଇଁ ସେ କାର୍ଯ୍ୟ କରିବେ ବୋଲି ଘୋଷଣା କରିଛନ୍ତି।



ଆପ୍‌ର ରାଜ୍ୟସ୍ତରୀୟ କର୍ମୀ ସମ୍ମିଳନୀରେ ପ୍ରଭାରୀ ବୀରେନ୍ଦ୍ର ସିଂହ କାଡିଆନ ଓ ଅନ୍ୟ ନେତୃବୃନ୍ଦ।

ଆମ୍ ଆଦ୍‌ମୀ ପାର୍ଟିର ରାଜ୍ୟ ଅଧ୍ୟକ୍ଷ ନିଶିକାନ୍ତ ମହାପାତ୍ର କାର୍ଯ୍ୟକର୍ତ୍ତାମାନଙ୍କୁ ଆଗାମୀ ବର୍ଷେ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଦଳର ସଙ୍ଗଠନ ନିର୍ମାଣରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ଓଡ଼ିଶାରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି, ରୋଜଗାରର ଆନ୍ଦୋଳନକୁ ମଜଭୁତ କରିବା ସହିତ ବନ୍ୟା ପ୍ରପୀଡ଼ିତ ଜିଲାଗୁଡ଼ିକରେ କର୍ମୀମାନେ ସାଧ୍ୟମତେ ଜନତାଙ୍କ ସେବା କରିବା ପାଇଁ ଆଗେଇ ଆସିବା ଦିଗରେ କାର୍ଯ୍ୟ କରିବା ଲାଗି ସେ ନିବେଦନ କରିଛନ୍ତି। ଏହି ସମ୍ମିଳନୀରେ ପ୍ରତ୍ୟେକ ରାଜ୍ୟବାସୀଙ୍କୁ ନୂତନ ଏବଂ ସମୃଦ୍ଧ ଓଡ଼ିଶା ଗଠନ ଆନ୍ଦୋଳନରେ ସାମିଲ ହେବା ପାଇଁ ରାଜ୍ୟ ସାଧାରଣ ସମ୍ପାଦକ ସୌମ୍ୟ ରଞ୍ଜନ ସ୍ୱାଇଁ ଆହ୍ୱାନ ଦେଇଛନ୍ତି। ଓଡ଼ିଶାର କୃଷକ, ଶ୍ରମିକ, ଯୁବାବର୍ଗ, ମହିଳା, ବୁଦ୍ଧିଜୀବୀ, ଶିଳ୍ପପତି, ବଣିକ ଆଦି ସମସ୍ତେ ଏକାଠି ହେବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ସୋମନାଥ ରାଉତ ମଞ୍ଚ ପରିଚାଳନା କରିଛନ୍ତି। ରାୟଗଡ଼ା ଜିଲା ସଭାପତି ଜନ୍ମେଜୟ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଖେଳ ଖବର

# ଜାଏଣ୍ଟ୍ସକୁ ପରାଜୟ ଚଖାଇଲା ଜଗରନଟ୍ସ

ଭୁବନେଶ୍ୱର, ୨୧।୮
(କ୍ରୀଡ଼ା ପ୍ରତିନିଧି)

**ଅଲ୍‌ଟିମେଟ ଖୋ ଖୋ**

ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଅଲ୍‌ଟିମେଟ୍ ଖୋ ଖୋ ଲିଗ୍‌ର ରବିବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଓଡ଼ିଶା ଜଗରନଟ୍ସ ୩ (୫୦-୪୭) ପଏଣ୍ଟରେ ଗୁଜରାଟ ଜାଏଣ୍ଟ୍ସକୁ ପରାସ୍ତ କରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଦିଲୀପ ଖାଣ୍ଡଭି ଓ ବିଶାଲଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଓଡ଼ିଶା ଦଳ ବିଜୟୀ ହୋଇଛି। ଭିନ୍ନ ଭିନ୍ନ ସମୟରେ ନାଟକୀୟ ମୋଡ଼ ନେବାପରେ ଶେଷରେ ଜଗରନଟ୍ସ ବିଜୟ ହାସଲ କରିଥିଲା। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପୂର୍ବ ମୁକାବିଲାରେ ଗୁଜରାଟ ୫ ପଏଣ୍ଟରେ ବିଜୟୀ ହୋଇଥିଲା। ତେଣୁ ଏଠାରେ ବିଜୟ ହାସଲ ସହ ଜଗରନଟ୍ସ ପରାଜୟର ମଧୁର ପ୍ରତିଶୋଧ ନେଇଛି। ଲିଗ୍‌ରେ ଗୁଜରାଟକୁ ପ୍ରଥମଥର ପାଇଁ ପରାଜୟ ସ୍ୱାଦ ଚଖାଇଛି ଓଡ଼ିଶା ଜଗରନଟ୍ସ। ଏହି ଦଳର ଦିଲୀପ ୪ ମିନିଟ ୩୩ ସେକେଣ୍ଡ ଏବଂ ବିଶାଲ ୩ ମିନିଟ ୪ ସେକେଣ୍ଡ ଡିଫେଣ୍ଡ କରିବାରେ ସକ୍ଷମ ହୋଇଥିଲେ। ୱାଜିର ଶୁଭାଶିଷ ସାନ୍ତ୍ରା ୪ ଖେଳାଳିଙ୍କୁ ଆଉଟ କରି ୧୦ ପଏଣ୍ଟ ଏବଂ ମିଲିନ୍ଦ ଚଭାରେକର ୭ ପଏଣ୍ଟ ହାସଲ କରି ଦଳକୁ ଫାଇଦାରେ ରଖିଥିଲେ। ଜାଏଣ୍ଟ୍ସ ପକ୍ଷରୁ ଅନିକେତ ପୋଟେ ଓ ସୟାଶ ଗାର୍ଗେଟ ଯଥାକ୍ରମେ ୯ ଓ ୮ ପଏଣ୍ଟ ହାସଲ କରିଥିଲେ। ଏହି ମ୍ୟାଚରେ ୬ ପଏଣ୍ଟ ହାସଲ କରିଥିବାରୁ ଗୁଜରାଟ ଅଲ୍‌ରାଉଣ୍ଡର ଅଭିନନ୍ଦନ ପାଟିଲ ମୁମ୍ବାଇ ଖିଲାଡିଜ୍‌ର ଦୁର୍ଭେଶ ସାଲୁଙ୍କେ (୩୦ ପଏଣ୍ଟ)ଙ୍କୁ ପଛରେ ପକାଇ ଲିଗ୍‌ର ଟପ୍ ୱାଜିର ହୋଇଛନ୍ତି। ତାଙ୍କ ପଏଣ୍ଟ ସଂଖ୍ୟା ୩୫ରେ ପହଞ୍ଚିଛି। ଓଡ଼ିଶା ଜଗରନଟ୍ସ ଟସ୍ ଜିତି ଡିଫେଣ୍ଡ ନିଷ୍ପତ୍ତି ନେଇଥିଲା। ପ୍ରଥମ ଟର୍ନ ଶେଷବେଳକୁ ଜାଏଣ୍ଟ୍ସ ୨୨-୪ରେ ଅଗ୍ରଣୀ ହୋଇଥିଲା। ମାତ୍ର ଓଡ଼ିଶା ଦଳ ଆଟାକ୍‌ରେ ୨୪ ପଏଣ୍ଟ ସଂଗ୍ରହ କରିବାରୁ ପ୍ରଥମ ଇନିଂସ ଶେଷବେଳକୁ ୨୮-୨୪ରେ ଅଗ୍ରଣୀ ହାସଲ କରିଥିଲା। ଓଡ଼ିଶା ଦଳର ଦିଲୀପଙ୍କ ଦୃଢ଼ ଡିଫେନ୍ସ ଯୋଗୁ ଗୁଜରାଟ ଦ୍ୱିତୀୟ ଆଟାକ୍‌ରେ ମାତ୍ର ୧୯ ପଏଣ୍ଟ ପାଇଥିଲା। ପରେ ଏମ.କେ. ଗୋଥାମ ଗୁଜରାଟର ସାଗର ପୋଟଦାରଙ୍କୁ ଆଉଟ କରିବା ସହ ଓଡ଼ିଶା ପାଇଁ ବିଜୟ ସ୍ପଷ୍ଟ କରିଥିଲେ। ଜାଏଣ୍ଟ୍ସ ନିଜର ପ୍ରଥମ ୩ ମ୍ୟାଚ୍‌ରେ ମୁମ୍ବାଇ ଖିଲାଡିଜ୍‌କୁ ୨ଥର ଏବଂ ଓଡ଼ିଶା ଜଗରନଟ୍ସକୁ ଥରେ ପରାସ୍ତ କରିଥିଲା। ୪ ମ୍ୟାଚରୁ ୧୦ ପଏଣ୍ଟ ସହ ଗୁଜରାଟ ଟେବୁଲର ଶୀର୍ଷସ୍ଥାନରେ ଅପରିବର୍ତ୍ତିତ ରହିଛି। ଅନ୍ୟପକ୍ଷରେ ଜଗରନଟ୍ସ ୪ ମ୍ୟାଚରୁ ୩ ବିଜୟ ସହ ୯ ପଏଣ୍ଟରେ ପହଞ୍ଚିଛି। ଏହି ଦଳ ଚେନ୍ନାଇ କୁଇକ୍ ଗନ୍ସକୁ ହରାଇ ଅଭିଯାନ ଆରମ୍ଭ କରିଥିବାବେଳେ ଦ୍ୱିତୀୟ ମ୍ୟାଚରେ ଗୁଜରାଟ ଦଳ ନିକଟରୁ ହାରିଯାଇଥିଲା। ତେବେ ତୃତୀୟ ମ୍ୟାଚ୍‌ରେ ରାଜସ୍ଥାନ ୱାରିୟର୍ସକୁ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ରବିବାର ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ତେଲୁଗୁ ଯୋଦ୍ଧାସ ୮୩-୪୫ ପଏଣ୍ଟରେ ରାଜସ୍ଥାନ ୱାରିୟର୍ସକୁ ହରାଇ ଦେଇଛି। ଫଳରେ ଯୋଦ୍ଧାସ ୨ୟ ଓ ଜଗରନଟ୍ସ ୩ୟ ସ୍ଥାନରେ ରହିଛନ୍ତି।



ଓଡ଼ିଶା ଜଗରନଟ୍ସ ଓ ଗୁଜରାଟ ଜାଏଣ୍ଟ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଓଡ଼ିଶାକୁ ଆଉ ୭ ପଦକ



ଖେଲୋ ଇଣ୍ଡିଆ ଜୁନିୟର ମହିଳା ସୁଇମିଂ ସିରିଜରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀ।

ଭୁବନେଶ୍ୱର, ୨୧।୮ (କ୍ରୀଡ଼ା ପ୍ରତିନିଧି): ମଧ୍ୟପ୍ରଦେଶର ହୋସାଙ୍ଗାବାଦ୍‌ରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଜୁନିୟର ମହିଳା ସୁଇମିଂ ସିରିଜର ଅନ୍ତିମ ଦିବସରେ ଓଡ଼ିଶା ସନ୍ତରଣକାରୀମାନେ ମୋଟ ୭ଟି ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୩ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ସାମିଲ। ଶନିବାର ଓଡ଼ିଶା ପ୍ରତିଯୋଗୀମାନେ ୮ଟି ପଦକ ହାସଲ କରିଥିଲେ। ଏଥିରେ ୨ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ରହିଥିଲା।

# ଫିଫାର ସମସ୍ତ ଦାବିକୁ ଗ୍ରହଣ କଲେ ସରକାର

ନୂଆଦିଲ୍ଲୀ, ୨୧।୮ (ପି.ଟି.)

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଉପରୁ ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂଗଠନ 'ଫିଫା'ର ବାସନ୍ଦ ଦଣ୍ଡକୁ ହଟାଇବା ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ରବିବାର ସୁପ୍ରିମ୍‌କୋର୍ଟଙ୍କୁ ଏକ ଦରଖାସ୍ତ କରିଛନ୍ତି। ଏଥିରେ ବର୍ତ୍ତମାନ ଏଆଇଏଫ୍‌ଏଫ୍ ସାମୟିକ ପରିଚାଳନା ଦାୟିତ୍ୱରେ ରହିଥିବା କମିଟି ଅଫ୍ ଆଡ୍‌ମିନିଷ୍ଟ୍ରେଟର୍ସ (ସିଓଏ) କର୍ତ୍ତୃତ୍ୱର ଅନ୍ତ ଘଟାଇବା ଲାଗି ନିବେଦନ କରାଯାଇଛି। ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ଗୁରୁତ୍ୱପୂର୍ଣ୍ଣ ଶୁଣାଣିର ଦିନକ ପୂର୍ବରୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏହି ଉଦ୍ୟମ କରାଯାଇଛି। ତୃତୀୟ ପକ୍ଷ ହସ୍ତକ୍ଷେପ କାରଣକୁ ନେଇ ଫିଫା ଅଗଷ୍ଟ ୧୫ରେ ଏଆଇଏଫ୍‌ଏଫ୍ ଉପରେ ବାସନ୍ଦ ଦଣ୍ଡ ଲାଗୁ କରିଛି। ଫଳତଃ ଦେଶ ଅକ୍ଟୋବରରେ ହେବାକୁଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ଆୟୋଜନରୁ ବଞ୍ଚିତ ହେବ। ଟୁର୍ଣ୍ଣାମେଣ୍ଟ ଆୟୋଜନ ଏକ ସମ୍ମାନର ପ୍ରଶ୍ନ ହୋଇଥିବାରୁ ସରକାରଙ୍କ ତରଫରୁ ଏଭଳି ପ୍ରୟାସ କରାଯାଇଥିବା କୁହାଯାଉଛି। ସରକାର ତାଙ୍କ ଆବେଦନପତ୍ରରେ ଫିଫାର ସମସ୍ତ ଦାବିକୁ ଗ୍ରହଣ କରିଛନ୍ତି। ତନ୍ମଧ୍ୟରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ସିଓଏ କାର୍ଯ୍ୟକାଳର ପରିସମାପ୍ତି ଘଟାଇବା ଏବଂ ଇଲେକ୍ଟୋରାଲ କଲେଜରେ ବ୍ୟକ୍ତିଗତ ସଦସ୍ୟମାନଙ୍କୁ ଅନୁମତି ଦିଆ ନ ଯିବା ସାମିଲ। ଏଥିସହିତ ସରକାର ପ୍ରଫୁଲ୍ଲ ପଟେଲଙ୍କ ନେତୃତ୍ୱାଧୀନ ଗୋଷ୍ଠୀକୁ ଏଆଇଏଫ୍‌ଏଫ୍‌ରୁ ବହିଷ୍କାର କରାଯିବା ଆବଶ୍ୟକ ବୋଲି ଦର୍ଶାଇଛନ୍ତି। ଆବେଦନପତ୍ରରେ ଆହୁରି ମଧ୍ୟ ଅଗଷ୍ଟ ୨୨ଠାରୁ ଏଆଇଏଫ୍‌ଏଫ୍ ଉପରେ ସିଓଏ ଓ ପୂର୍ବ ନିର୍ବାଚିତ ପରିଷଦର କୌଣସି ପ୍ରଶାସନିକ ଭୂମିକା ରହିବ ନାହିଁ। ବରଂ ଏଆଇଏଫ୍‌ଏଫ୍‌ର ଦୈନନ୍ଦିନ ପରିଚାଳନା ଦାୟିତ୍ୱ କାର୍ଯ୍ୟକାରୀ ସମ୍ପାଦକଙ୍କ ନେତୃତ୍ୱାଧୀନ ପ୍ରଶାସନ ହାତରେ ରହିବା ଆବଶ୍ୟକ। ଏ ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଚାହିଁଛି କ୍ରୀଡ଼ା ମନ୍ତ୍ରଣାଳୟ।

# ଓଡ଼ିଶା ଏଚ୍‌ପିସି, ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ

ଭୁବନେଶ୍ୱର, ୨୧।୮(କ୍ରୀଡ଼ା ପ୍ରତିନିଧି)

**ଖେଲୋ ଇଣ୍ଡିଆ ମହିଳା ହକି ଲିଗ୍**

ନୂଆଦିଲ୍ଲୀରେ ଚାଲିଥିବା ୧୬ ବର୍ଷରୁ କମ୍ ଖେଲୋ ଇଣ୍ଡିଆ ମହିଳା ହକି ଲିଗ୍‌ରେ ରବିବାର ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର (ଓଡ଼ିଶା ଏଚ୍‌ପିସି) ଓ ସ୍ପୋର୍ଟ୍ସ ହଷ୍ଟେଲ ଦଳ ବିଜୟ ହାସଲ କରିଛନ୍ତି। ପୁଲ୍ 'ବି'ର ଏକ ମ୍ୟାଚ୍‌ରେ ଓଡ଼ିଶା ଏଚ୍‌ପିସି ୫-୧ ଗୋଲରେ ସାଲ୍ୟୁଟ୍ ହକି ଏକାଡେମୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ନିହାରିକା ଟପ୍ପୋ ୪୦, ୪୨ ଓ ୬୦ତମ ମିନିଟ୍‌ରେ ୩ଟି ଗୋଲ ଦେଇ ହାଟ୍ରିକ୍ ଅର୍ଜନ କରିଥିବାବେଳେ ପ୍ରଜ୍ଞା ପଟେଲ ୨୧ ଓ ଅନୁସ୍କା ଭାଓରେ ୨୬ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ବିପକ୍ଷ ଦଳର କାଜଲ ୫୩ତମ ମିନିଟ୍‌ରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ପୁଲ୍ 'ଏ'ର ଏକ ମ୍ୟାଚ୍‌ରେ ଅନ୍ୟତମ ଓଡ଼ିଶା ଦଳ ସ୍ପୋର୍ଟ୍ସ ହଷ୍ଟେଲ ୫-୧ ଗୋଲରେ ରାୟପୁରର ସ୍ମାର୍ଟ ହକି ଏକାଡେମୀକୁ ହରାଇ ଦେଇଛି। ସ୍ପୋର୍ଟ୍ସ ହଷ୍ଟେଲ ଅଧିନାୟକ ଅମିଶା ଏକ୍କା ୨୩, ୪୦ ଓ ୪୮ତମ ମିନିଟ୍‌ରେ ୩ଟି ଗୋଲ ଦେଇ ହାଟ୍ରିକ୍ ଅର୍ଜନ କରିଥିଲେ। ଅର୍ଚ୍ଚନା ଖାଲ୍‌କୋ ୧୨ ଓ ସୁସ୍ମିତା ଡୁଙ୍ଗ୍‌ଡୁଙ୍ଗ ୧୫ତମ ମିନିଟ୍‌ରେ ଅନ୍ୟ ୨ଟି ଗୋଲ ଦେଇଥିଲେ। ରାୟପୁର ଦଳର ନିଶୁ ଭିହାନ ୩୦ତମ ମିନିଟ୍‌ରେ ଗୋଟିଏ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ଅନ୍ୟ ମ୍ୟାଚ୍‌ଗୁଡ଼ିକ ମଧ୍ୟରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ୧୮-୦ ଗୋଲରେ ଘୁମାନହିରା ରାଇଜର୍ସ ଏକାଡେମୀ, ସିଟିଜେନ ହକି ଏକାଦଶ ୩-୨ରେ ଭାଇ ବେହଲୋ ହକି ଏକାଡେମୀ ଭଗତା, ପ୍ରୀତମ ସିୱାଚ୍ ହକି ଏକାଡେମୀ ସୋନେପତ ୩୯-୦ ଗୋଲରେ ମୁମ୍ବାଇ ସ୍କୁଲ ସ୍ପୋର୍ଟ୍ସ ଆସୋସିଏଶନ, ହର୍ ହକି ଏକାଡେମୀ ୩-୨ରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ 'ବି', ଅନନ୍ତପୁର ହକି ଏକାଡେମୀ ୩-୧ରେ ଦିଲ୍ଲୀ ହକି ଏବଂ ମଧ୍ୟପ୍ରଦେଶ ହକି ଏକାଡେମୀ ୧୩-୦ ଗୋଲରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଗୁଜରାଟ ଏକାଡେମୀକୁ ପରାସ୍ତ କରିଛି।


ଅନନ୍ତପୁର ହକି ଏକାଡେମୀ ଓ ଦିଲ୍ଲୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ଆଜିଠାରୁ ସଭରେନ୍ ଗୋଲ୍ଡ ବଣ୍ଡ୍ ସିରିଜ୍-୨

**ନୂଆଦିଲ୍ଲୀ:** ଚଳିତ ଆର୍ଥିକବର୍ଷର ୨ୟ ଥର ପାଇଁ କେନ୍ଦ୍ର ସରକାରଙ୍କ ସଭରେନ୍ ଗୋଲ୍ଡ ବଣ୍ଡ ସ୍କିମ୍‌ର ସିରିଜ୍-୨ ସୋମବାରଠାରୁ ଆରମ୍ଭ ହେଉଛି। ଏପରିକି ଅଗଷ୍ଟ ୨୨ରୁ ୨୬ ପର୍ଯ୍ୟନ୍ତ ଏହାର ଆବେଦନ ସମୟ ସୀମା ରହିଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ସେହିଭଳି ରିଜର୍ଭ ବ୍ୟାଙ୍କ ଉକ୍ତ ବଣ୍ଡର ଇସ୍ୟୁ ପ୍ରାଇସ୍ ସମ୍ପର୍କରେ ନିକଟରେ ଘୋଷଣା କରିଥିଲା। ଏହା ଗ୍ରାମ ପିଛା ୫,୧୯୭ ଟଙ୍କା ଧାର୍ଯ୍ୟ ହୋଇଛି। ହେଲେ ଅନ୍‌ଲାଇନରେ ବଣ୍ଡ୍ ପାଇଁ ଆବେଦନ ଓ ଅର୍ଥ ପୈଠ କଲେ ଗ୍ରାମ ପିଛା ୫୦ ଟଙ୍କାର ରିହାତି ମିଳିବ। ଫଳରେ ଏହି ବର୍ଗର ଲୋକଙ୍କ ପାଇଁ ଗ୍ରାମ ପିଛା ମୂଲ୍ୟ ୫,୧୪୭ ଟଙ୍କା ରହିବ ବୋଲି କୁହାଯାଇଛି।

# ମହଙ୍ଗା ହୋଇପାରେ ୟୁପିଆଇ କାରବାର

ନୂଆଦିଲ୍ଲୀ,୨୧।୮

କେନ୍ଦ୍ର ସରକାର ଡିଜିଟାଲ ଇଣ୍ଡିଆ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ସେଥିମଧ୍ୟରୁ ନଗଦ ଟଙ୍କା କାରବାରକୁ ବନ୍ଦ କରିବା ସହ ଡିଜିଟାଲ ପଦ୍ଧତିରେ ଅର୍ଥ ନେଣଦେଣ କରିବା ପାଇଁ ୟୁନିଫାଏଡ୍ ପେମେଣ୍ଟ୍ସ ଇଣ୍ଟରଫେସ୍ (ୟୁପିଆଇ) ସେବାର ଶୁଭାରମ୍ଭ କରିଥିଲେ। ଏହା କମ ଦିନରେ ଲୋକଙ୍କ ଭରସା ସହ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚି ପାରିଛି। ହେଲେ ବର୍ତ୍ତମାନ ଏହାର କାରବାର ଉପରେ ସରକାର ଆବଶ୍ୟକ ଶୁଳ୍କ ବା ଚାର୍ଜ ନେବାକୁ ଯୋଜନା କରୁଛନ୍ତି। ଏପରିକି ଅର୍ଥ ମନ୍ତ୍ରଣାଳୟ ମଧ୍ୟ ଏ ସମ୍ପର୍କରେ ବିସ୍ତୃତ ବିଚାରବିମର୍ଶ କରୁଥିବା କୁହାଯାଉଛି। ବିଶେଷକରି ୟୁପିଆଇ ଜରିଆରେ




ହିତାଧିକାରୀମାନେ ସହଜରେ ପେମେଣ୍ଟ କରିପାରୁଥିଲେ। ହେଲେ ଏବେ ଉକ୍ତ ସେବା ବା କାରବାର ପାଇଁ ଅର୍ଥ ପୈଠ କରିବାକୁ ପଡ଼ିବ ବୋଲି କୁହାଯାଇଛି। ପୂର୍ବରୁ ଏହା ଉପରେ ହିତାଧିକାରୀଙ୍କୁ କୌଣସି ଚାର୍ଜ ବା ଦେୟ ଦେବାକୁ ପଡୁନଥିଲା। ଫଳରେ ଉଭୟ ଖର୍ଚ୍ଚ କାଟ ଓ ସମୟ ରକ୍ଷା ହୋଇପାରୁଥିବାରୁ ଏହାର ଚାହିଦା ମଧ୍ୟ ଅଳ୍ପ ଦିନରେ ସାରା ଦେଶର କୋଣ ଅନୁକୋଣରେ ପହଞ୍ଚି ପାରିଥିଲା। ତେବେ ଆଗାମୀ ଦିନରେ ଏହାର ବ୍ୟବହାର ଓ କାରବାର ଉପରେ ବ୍ୟାପକ ପରିବର୍ତ୍ତନ ହୋଇପାରେ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏଥିଲାଗି ଡିସ୍କସନ ପେପର ଅନ୍ ଚାର୍ଜେସ୍ ଇନ ପେମେଣ୍ଟ ସିଷ୍ଟମ (ଡିପିସିପିଏସ୍) ମଧ୍ୟ ଜାରି କରିଛନ୍ତି। ଏଥିପାଇଁ ଆରବିଆଇ ସର୍ବସାଧାରଣଙ୍କ ପରାମର୍ଶ ଲୋଡ଼ିଛନ୍ତି। ଉଲ୍ଲେଖଯୋଗ୍ୟ, ୟୁପିଆଇରୁ ଶୁଳ୍କ ଅସୁଲି ଲାଗି ଆରବିଆଇ ଏବେ ବିକଳ୍ପ ସନ୍ଧାନ ଖୋଜୁଛନ୍ତି। ଏପରିକି ଆରବିଆଇ ପକ୍ଷରୁ ଜାରି ପେପରରେ ୟୁପିଆଇ ମଧ୍ୟ ଇମିଡିଏଟ୍ ପେମେଣ୍ଟ ସର୍ଭିସ (ଆଇଏମ୍‌ପିଏସ୍) ଭଳି ଏକ ଫଣ୍ଡ ଟ୍ରାନ୍ସଫର ସିଷ୍ଟମ ଓ ଏହା ଉପରେ ଟ୍ରାନ୍ସଫର ଟ୍ରାଞ୍ଜାକ୍ସନରେ ଚାର୍ଜେସ୍ ଲାଗିବା ଦରକାର ବୋଲି ମତ ବାଢ଼ିଛି। ଆରବିଆଇ କହିବା ଅନୁଯାୟୀ, ପୃଥକ୍ ପୃଥକ୍ ଆମାଉଣ୍ଟ ଲାଗି ଅଲଗା ଅଲଗା ଚାର୍ଜ ନିର୍ଦ୍ଧାରଣ କରାଯାଇପାରେ।

## ଜୁନରେ ୧୮.୩୬ ଲକ୍ଷ ନୂଆ ସଦସ୍ୟ

ନୂଆଦିଲ୍ଲୀ,୨୧।୮

କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନ (ଇପିଏଫ୍‌ଓ)ର ସଦସ୍ୟ ସଂଖ୍ୟା ପୂର୍ବାପେକ୍ଷା ଅଧିକ ବୃଦ୍ଧି ପାଉଛି। କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ସୂଚନା ଅନୁସାରେ, ଚଳିତବର୍ଷ ଜୁନରେ ଇପିଏଫ୍‌ଓରେ ୧୮.୩୬ ଲକ୍ଷ ନୂଆ ସଦସ୍ୟ ଯୋଡ଼ି ହୋଇଛନ୍ତି। ଏପରିକି ଗତବର୍ଷ ଜୁନ ତୁଳନାରେ ପ୍ରାୟ ୪୩% ଅଧିକ ବୋଲି କୁହାଯାଇଛି। ୨୦୨୧ ଜୁନରେ ଏହି ସଂଖ୍ୟା ୧୨.୮୩ ଲକ୍ଷ ରହିଥିଲା। ୨୦୨୨ ଏପ୍ରିଲଠାରୁ ନୂତନ ସଭ୍ୟ ଯୋଗଦେବା ଧାରାରେ ବୃଦ୍ଧି ପରିଲକ୍ଷିତ ହୋଇଛି। ପ୍ରାୟ ୭.୮୨ ଲକ୍ଷ ସଦସ୍ୟ ଚାକିରି ପରିବର୍ତ୍ତନ ସତ୍ତ୍ୱେ ଇପିଏଫ୍‌ଓରେ ପୁନଃ ଯୋଗଦେଇ ତାଙ୍କ ପୂର୍ବ ଭବିଷ୍ୟନିଧି ପାଣ୍ଠିକୁ ଅର୍ଥ ହସ୍ତାନ୍ତର କରିଛନ୍ତି।

## ଏମ୍‌ଡି ଭାବେ ବିଜୟ ଶେଖରଙ୍କ ପୁନଃ ନିଯୁକ୍ତି

ନୂଆଦିଲ୍ଲୀ,୨୧।୮

ପେଟିଏମ୍‌ର ସହ ପ୍ରତିଷ୍ଠାତା ବିଜୟ ଶେଖର ଶର୍ମା ପୁଣିଥରେ ଫିନଟେକ୍ କମ୍ପାନୀର ସିଇଓ ଏବଂ ଏମ୍‌ଡି ଭାବେ ନିଯୁକ୍ତ ହୋଇଛନ୍ତି। ପେଟିଏମ୍‌ର ପେରେଣ୍ଟ କମ୍ପାନୀ ୱାନ୍ ୯୭ କମ୍ୟୁନିକେଶନ ଲିଃ. ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଏହାର ୯୯.୬୭% ଶେୟାର ହୋଲ୍ଡର ଶେଖର ଶର୍ମାଙ୍କୁ ପୁଣି ଥରେ ବା ଆଗାମୀ ୫ବର୍ଷ ପାଇଁ କମ୍ପାନୀର ଏମ୍‌ଡି କରିବା ପ୍ରସ୍ତାବ ପକ୍ଷରେ ଭୋଟ ଦେଇଛନ୍ତି। ଏହି ନିଷ୍ପତ୍ତି ପରେ ତାଙ୍କ କାର୍ଯ୍ୟକାଳ ୨୦୨୨ ଡିସେମ୍ବର ୧୯ରୁ ୨୦୨୭ ଡିସେମ୍ବର ୧୮ଯାଏ ରହିବ। ଏ ସମ୍ପର୍କରେ କମ୍ପାନୀ କହିଛି, ଏ ନେଇ ସମସ୍ତ ସାତ ପ୍ରସ୍ତାବ ସହ ୯୪%ରୁ ଅଧିକ ଭୋଟର ସମର୍ଥନ ଦେଇଛନ୍ତି। ଅପରପକ୍ଷରେ ଆସନ୍ତା ୩ବର୍ଷ ପାଇଁ ଶେଖର ଶର୍ମାଙ୍କ



ବିଜୟ ଶେଖର ଶର୍ମା

ବେତନ, କାର୍ଯ୍ୟକାରୀ ନିର୍ଦ୍ଦେଶକ, ସଭାପତି ଏବଂ ମୁଖ୍ୟ ଆର୍ଥିକ ଅଧିକାରୀ ଭାବେ ମଧୁର ଦେଓଡାଙ୍କ ପୁନଃ ନିଯୁକ୍ତି, ପ୍ରାରମ୍ଭିକ ନିବେଶକଙ୍କ ଏଲିଭେଶନ କ୍ୟାପିଟାଲର କୋ-ମ୍ୟାନେଜିଂ ପାର୍ଟନର ରବି ଆଦୁସୁମଲ୍ଲୀଙ୍କୁ କମ୍ପାନୀର ନିର୍ଦ୍ଦେଶକ ଭାବେ ନିଯୁକ୍ତି ସାମିଲ ରହିଛି। ଏପରିକି ଏଜିଏମ୍‌ରେ ମଧ୍ୟ ଏହା ଉପରେ ଚର୍ଚ୍ଚା ହୋଇନଥିଲା।



୧୩ତମ କଟନ୍ ଫାବ୍ ପ୍ରଦର୍ଶନୀର ୭ମ ସପ୍ତାହ (ରବିବାର)ର ଲଟେରି ଉଠାଣ କାର୍ଯ୍ୟକ୍ରମରେ ୩ଜଣ ଭାଗ୍ୟଶାଳୀ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଦ୍ୱିତୀୟ ପୁରସ୍କାର ବିଜେତା ଅପର୍ଣ୍ଣା ମିଶ୍ର ମେଳାର ସମ୍ପାଦକ ଜାଭେଦ ଆଲାମଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ଆଜି ସରୁଛି କଟନ୍ ଫାବ୍ ମେଳା

**ଭୁବନେଶ୍ୱର,୨୧।୮:** ଚଳିତବର୍ଷ ଜୁଲାଇ ୨ରୁ ଆରମ୍ଭ ହୋଇଥିବା ୧୩ତମ କଟନ୍ ଫାବ୍ ମେଳା ସୋମବାର ଶେଷ ହେଉଥିବା ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷ କରି ସ୍ଥାନୀୟ ପ୍ରଦର୍ଶନୀ ପଡିଆରେ ଜାରି ରହିଥିବା ଉକ୍ତ ମେଳାରେ ସାରା ଦେଶରୁ ୧୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଓ ବୁଣାକାର ରଙ୍ଗ ବେରଙ୍ଗର ହାତ ତିଆରି ଶାଢ଼ିଠାରୁ ଆରମ୍ଭ କରି ରେଜେଇ ଏବଂ କପ୍‌ରୁ ନେଇ କଟନ୍ ସାମଗ୍ରୀ (ପୋଷାକ ଏବଂ ସଜାସଜ୍ଜା ସାମଗ୍ରୀ) ଭଳି ଗୃହୋପକରଣର ସମ୍ଭାର ଉପଲବ୍ଧ ହେଉଛି। ଏ ସମ୍ପର୍କରେ ମେଳାର ସମ୍ପାଦକ ଜାଭେଦ ଆଲାମ କହିଛନ୍ତି, ଦୀର୍ଘ ଦିନ ହେବ ପ୍ରଦର୍ଶନୀ ପଡ଼ିଆରେ ମେଳା ଆୟୋଜନ କରି ଉଭୟ ଆୟୋଜକ ଓ ବ୍ୟବସାୟୀ ଭଲ କାରବାର ସାଙ୍ଗକୁ ଗ୍ରାହକ ସମ୍ପର୍କ ବୃଦ୍ଧି ପାଇଛି। ଆଗାମୀ ଦିନରେ ମଧ୍ୟ ଏହି ମେଳାର ଆୟୋଜନ ପାଇଁ ଯୋଜନା ରହିଛି।

## ନାଲ୍‌କୋ ପକ୍ଷରୁ ୨୯ଶ୍ରେଷ୍ଠ ମାଟ୍ରିକ୍ୟୁଲେଟ୍ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୨୧।୮

ଚଳିତ ବର୍ଷର ଦଶମ ବୋର୍ଡ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ପିଲାମାନଙ୍କୁ ନାଲ୍‌କୋ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରତି ବର୍ଷ ପରି ଚଳିତବର୍ଷ ମଧ୍ୟ କମ୍ପାନୀର ଉତ୍ପାଦନ ୟୁନିଟ୍ ଅନୁଗୁଳ ଏବଂ ଦାମନଯୋଡ଼ିର ପାରିପାର୍ଶ୍ୱିକ ବିଦ୍ୟାଳୟଗୁଡ଼ିକର ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ସାହାଯ୍ୟ ଏବଂ ପ୍ରୋତ୍ସାହିତ କରିଆସୁଛି। ନାଲ୍‌କୋ ନଗରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଯୋଗ ଦେଇ ନାଲ୍‌କୋର ଅଧକ୍ଷ ତଥା ଏମ୍‌ଡି ଶ୍ରୀଧର ପାତ୍ର ଶ୍ରେଷ୍ଠ ୨୯ ଛାତ୍ରଙ୍କୁ ସମ୍ବର୍ଦ୍ଧିତ ସହ ପୁରସ୍କାର ସ୍ୱରୂପ ନଗଦ ୫,୦୦୦ ଟଙ୍କା ଏବଂ ପ୍ରଶଂସା ପ୍ରମାଣପତ୍ର ପ୍ରତି ଛାତ୍ରଙ୍କୁ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନାଲ୍‌କୋ ମହିଳା ସମିତି ଅଧ୍ୟକ୍ଷା ସସ୍ମିତା ପାତ୍ର ଏବଂ ନାଲ୍‌କୋର କାର୍ଯ୍ୟପାଳକ ନିର୍ଦ୍ଦେଶକ (ଏସ.ଆଣ୍ଡ.ପି) ଏ.ପି. ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷକମାନଙ୍କ ଉକ୍ତ ସମାବେଶକୁ ସମ୍ବୋଧିତ କରି ଶ୍ରୀଧର ପାତ୍ର ପିଲାମାନଙ୍କୁ ସଫଳତାର ଏହି ଧାରା ବଜାୟ ରଖିବାକୁ ଏବଂ ଜୀବନରେ ଲକ୍ଷ୍ୟ ହାସଲ କରିବା ପର୍ଯ୍ୟନ୍ତ ସଂଘର୍ଷ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ସେହିଭଳି 'ଅଧ୍ୟୟନ କରିବା, ସଂଘର୍ଷ କରିବା ଏବଂ ସଫଳତା ହାସଲ କରିବା' ହିଁ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ଜୀବନର ମନ୍ତ୍ର ହେବା ଉଚିତ ବୋଲି ସେ କହିଥିଲେ। ଏହି ପରିପ୍ରେକ୍ଷୀରେ ସସ୍ମିତା ପାତ୍ରଙ୍କର ଉଦ୍‌ବୋଧନ ପିଲାମାଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲା। ଏକ ଉତ୍ତମ ଛାତ୍ର ହେବା ସହ ଏକ ଦୃଢ଼ ଏବଂ ନୈତିକ ମୂଲ୍ୟବୋଧ ଭିତ୍ତିକ ବିକଶିତ ବ୍ୟକ୍ତିତ୍ୱ ତଥା ଭବିଷ୍ୟତରେ ଏକ ସମର୍ଥ ନାଗରିକ ହେବା ପାଇଁ ଚେଷ୍ଟା କରିବା ମଧ୍ୟ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ଶ୍ରେଷ୍ଠ ମାଟ୍ରିକ୍ୟୁଲେଟ୍ ପୁରସ୍କାର ଅନୁଗୁଳସ୍ଥିତ ନାଲ୍‌କୋର ଏସ.ଆଣ୍ଡ.ପି. କମ୍ପ୍ଲେକ୍ସର ପାରିପାର୍ଶ୍ୱିକ ୨୨ଟି ବିଦ୍ୟାଳୟ ଏବଂ ଛେଣ୍ଡିପଦାସ୍ଥିତ କୋଇଲା ଖଣି ଅଞ୍ଚଳର ୫ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ପ୍ରଦାନ କରାଯାଉଛି।




## କ୍ରମ୍ପଟନର ସ୍ମାର୍ଟ ଷ୍ଟୋରେଜ୍ ୱାଟର ହିଟର ଉନ୍ମୋଚିତ

ନୂଆଦିଲ୍ଲୀ,୨୧।୮

ଦେଶର ପ୍ରମୁଖ ବୈଦ୍ୟୁତିକ ସାମଗ୍ରୀ ଉତ୍ପାଦକ କମ୍ପାନୀ କ୍ରମ୍ପଟନ ଗ୍ରୀଭ୍‌ସ କଞ୍ଜ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ସ୍ମାର୍ଟ ଷ୍ଟୋରେଜ୍ ୱାଟର ହିଟରର ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଶୀତର ଆଗମନ ଏବଂ ତାପମାତ୍ରାର ହ୍ରାସ ସହ ୱାଟର ହିଟର'ର ଆରାମଦାୟକ ଗରମ ସାୱାର ଏବେ ଅନ୍ୟତମ ଆବଶ୍ୟକତାରେ ପରିଣତ ହୋଇଯାଇଛି। ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦିଆଯିବା ସହ ଦିନସାରା ଆପଣଙ୍କୁ ଶକ୍ତି ଯୋଗାଇବାରେ କିମ୍ବା ଦିନର ଶେଷରେ ପରଫେକ୍ଟ ହଟୱାଟର ସହ ଆରାମ କରିବାଠୁ ଅନ୍ୟ କୌଣସି ଭଲ ପ୍ରତିକାର ନାହିଁ। ୮୦ବର୍ଷରୁ ଅଧିକ ଉନ୍ନତ କାର୍ଯ୍ୟଦକ୍ଷତା ଆଣିବା ଏବଂ ନିଜର ଗ୍ରାହକଙ୍କ ପାଇଁ ଏହାର ସ୍ମାର୍ଟ ଉଦ୍ଭାବନକୁ ବୃଦ୍ଧି କରି କ୍ରମ୍ପଟନ ଗ୍ରୀଭ୍‌ସ କଞ୍ଜ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ ଏହାର ସ୍ମାର୍ଟ ଷ୍ଟୋରେଜ ୱାଟରହିଟର ଶୃଙ୍ଖଳା ସେଲେରିୟମ କ୍ୟୁବ୍ ଆଇଓଟି ଏବଂ ସେଲେରିୟମ କେୟାରକୁ




ନିକଟରେ ବଜାର ପ୍ରବେଶ କରାଇଛି। ସେମାନଙ୍କର ଉଚ୍ଚ ମାନ୍ୟତା ଏବଂ ପ୍ରଶଂସନୀୟ ସେଲେରିୟମ ପରିସରରୁ ନୂତନ ଉନ୍ନତ ୱାଟରହିଟର ଆପଣଙ୍କ ଆଙ୍ଗୁଠିରେ ସୁବିଧା ପ୍ରଦାନ କରିବାକୁ ବିଭିନ୍ନ ପ୍ରକାରର ଅଭିନବ ବୈଶିଷ୍ଟ୍ୟ ସହ ଏକ ଶୈଳୀର ସ୍ୱର୍ଶ ସହିତ ସ୍ମାର୍ଟପଣ ଆଣିଥାଏ।

ଏ ସମ୍ପର୍କରେ କ୍ରମ୍ପଟନ ଗ୍ରୀଭ୍‌ସ କଞ୍ଜ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡର ଉପାଧ୍ୟକ୍ଷ, (ଉପକରଣ ବ୍ୟବସାୟ) ସଚିନ ଫର୍ଟିୟାଲ କହିଛନ୍ତି, ୱାଟରହିଟର ପ୍ରତ୍ୟେକ ଘରେ ଏକ ଅତ୍ୟାବଶ୍ୟକ ଉପକରଣ।

### ଫୁର୍‌ସତ

# ସୋସିଆଲ ମିଡିଆଠାରୁ ଦୂରରେ ହଲିଉଡ୍


ସେଲେନା ଗୋମେଜ

ୱାଶିଂଟନ

ଯୁବପିଢ଼ିଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପାଇଁ ସୋସିଆଲ ମିଡିଆ ବରଦାନ ପାଲଟିଛି। ଏହା ଜରିଆରେ ପିଲା ପାଠ ପଢ଼ିବା ସହ ବିଭିନ୍ନ କ୍ଷେତ୍ରରେ ବ୍ୟକ୍ତିବିଶେଷମାନେ ନିଜ ପାରଦର୍ଶିତା ଦେଖାଇ ଲୋକ ଲୋଚନକୁ ଆସିପାରିଛନ୍ତି। ଅନେକ ଲୋକ ବିଭିନ୍ନ ସାମାଜିକ ଗଣମାଧ୍ୟମ ଜରିଆରେ କୋଟିପତି ହେଉଥିବାର ନଜିର ମଧ୍ୟ ରହିଛି। କିନ୍ତୁ ଲୋକପ୍ରିୟ ସେଲିବ୍ରିଟି ଏବେ ସୋସିଆଲ ମିଡିଆରୁ ବିମୁଖ ହେବାରେ ଲାଗିଛନ୍ତି। ଏହା ଜରିଆରେ ସେମାନଙ୍କ ମାନସିକ ଦୁଶ୍ଚିନ୍ତା ବଢ଼ିଥିବା କୁହାଯାଉଛି। ହଲିଉଡ୍‌ର ଏମିତି କେତେଜଣ ଲୋକପ୍ରିୟ କଳାକାରଙ୍କ ବିଷୟରେ ଜାଣିବା, ଯେଉଁମାନେ ସୋସିଆଲ ମିଡିଆଠାରୁ ବହୁ ଦୂରରେ ନିଜକୁ ରଖିଛନ୍ତି।

**ଟମ୍ ହୋଲାଣ୍ଡ:** ନିକଟରେ ହଲିଉଡ୍ ଅଭିନେତା ଟମ୍ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରିଥିଲେ, ଯେଉଁଥିରେ ସେ ସୋସିଆଲ ମିଡିଆରୁ ବିରତି ନେଉଥିବା ଜଣାଇଥିଲେ। ଇନ୍‌ଷ୍ଟାଗ୍ରାମ ଓ ଟୁଇଟର ତାଙ୍କୁ ମାନସିକ ଅଶାନ୍ତି ଦେଉଥିବା ଜାରି ଭିଡିଓରେ ସେ କହିଥିଲେ। ବିଭିନ୍ନ ଫଟୋ ଓ ଭିଡିଓରେ ତାଙ୍କ ନାମରେ କରାଯାଉଥିବା ନକାରାତ୍ମକ କମେଣ୍ଟ ତାଙ୍କୁ ବିଶେଷ ଭାବେ ପ୍ରଭାବିତ କରୁଥିବା ସେ କହିଥିଲେ।

**ସେଲେନା ଗୋମେଜ:** ସାମାଜିକ ଗଣମାଧ୍ୟମ ବର୍ତ୍ତମାନ ସମୟରେ ମିଥ୍ୟା ଖବର ପ୍ରସାର କରିବାର ଏକ ପ୍ରମୁଖ ମାଧ୍ୟମ ପାଲଟିଥିବା ସେଲେନା କହିଛନ୍ତି। ସେ ଯୁବପିଢ଼ି ନିଜକୁ ଏହାଠାରୁ ନିବୃତ୍ତ କରି ରଖିବା ଆବଶ୍ୟକ। ଯୁବପିଢ଼ିଙ୍କ ପାଇଁ ଏହା ବିପଜ୍ଜନକ ସାବ୍ୟସ୍ତ ହେବ ବୋଲି ନିଜର ଏକ ସାକ୍ଷାତକାରରେ ସେଲେନା କହିଛନ୍ତି। ହଲିଉଡର ଅନ୍ୟ କଳାକାରଙ୍କ ତୁଳନାରେ ସେଲେନାଙ୍କ ସୋସିଆଲ ମିଡିଆ ଫଲୋୟର୍ସ ଖୁବ୍ ବେଶି। ହଲିଉଡ୍‌ର ସବୁଠାରୁ ଅଧିକ ଫଲୋୟର୍ସ ଥିବା ସେଲିବ୍ରିଟି ହେଉଛନ୍ତି ସେଲେନା।

**ମିଲି ବବୀ ବ୍ରାଉନ୍:** ସୋସିଆଲ ମିଡିଆ ବିଶ୍ୱର ସବୁଠାରୁ ଉତ୍ତମ ମାଧ୍ୟମ ହେବା ସହ ଏହା ବହୁଳ ପ୍ରଚଳିତ ଏକ ହାନିକାରକ ମାଧ୍ୟମ। ମିଲି ନିଜ ଟୁଇଟର ପୋଷ୍ଟ ପାଇଁ ଅତି ଶୋଚନୀୟ ଭାବେ ଟ୍ରୋଲର ଶିକାର ହୋଇଥିଲେ।

**ଲିଜୋ:** ବିଗତ ଦିନକୁ ଲକ୍ଷ୍ୟ କଲେ ଲିଜୋ ସୋସିଆଲ ମିଡିଆରେ ବେଶ୍ ସକ୍ରିୟ। କିନ୍ତୁ ଏକାଧିକ ଥର ସୋସିଆଲ ମିଡିଆରେ ଟ୍ରୋଲ ହେବା ପରେ ସେ ସୋସିଆଲ ମିଡିଆଠାରୁ ନିଜକୁ ଦୂର କରି ଦେଇଛନ୍ତି।

**କେନ୍ଦାଲ ଜେନର:** ମାନସିକ ସ୍ଥିତିକୁ ଶାନ୍ତି ଦେବା ପାଇଁ କେନ୍ଦାଲ ଜେନର ସୋସିଆଲ ମିଡିଆରୁ ବିରତି ନେଇଥିବା ଚର୍ଚ୍ଚା ଜୋର୍ ଧରିଛି।

**ପେଟେ ଡେଭିଡସନ୍:** ଏସ୍‌ଏନ୍‌ଏଲ୍ ଷ୍ଟାର ପେଟେ ଡେଭିଡସନ୍ ସୋସିଆଲ ମିଡିଆରେ ଯଦିଓ ଖୁବ୍ ସକ୍ରିୟ ନୁହନ୍ତି କିନ୍ତୁ ଅତି ଖୋଲା ମନରେ ସେ ଇନ୍‌ଷ୍ଟାଗ୍ରାମ ଓ ଟୁଇଟରରେ ବିଭିନ୍ନ ସମୟରେ ଫଟୋ ଓ ଭିଡିଓ ପୋଷ୍ଟ କରନ୍ତି। ୨୦୧୮ରେ ଗର୍ଲଫ୍ରେଣ୍ଡଙ୍କ ସହ ବ୍ରେକ୍‌ଅପର ଖବର ପ୍ରସାରିତ ହେଲା ଏବଂ ଏ ନେଇ ସେ ନେଗେଟିଭ୍ କମେଣ୍ଟର ଶିକାର ହେବ ପରେ ପେଟେ ସୋସିଆଲ ମିଡ଼ିଆ ବ୍ୟବହାର ବନ୍ଦ କରିଥିଲେ। କିନ୍ତୁ ୨୦୨୦ରେ ସେ ପୁଣିଥରେ ଟୁଇଟରରେ ସକ୍ରିୟ ହୋଇଥିଲେ।


ଟମ୍ ହୋଲାଣ୍ଡ


ମିଲି ବବୀ ବ୍ରାଉନ୍


କେନ୍ଦାଲ ଜେନର


ଲିଜୋ


ପେଟେ ଡେଭିଡସନ୍

## ଚୁମ୍ବନ କରି କଏଦୀଙ୍କ ମୃତ୍ୟୁ

ୱାଶିଂଟନ

ଆମେରିକା ଟେନ୍ସରେ ଥିବା ଟର୍ନି ସେଣ୍ଟର ଇଣ୍ଡଷ୍ଟ୍ରିଆଲ କମ୍ପଲେକ୍ସ ଜେଲରେ ଜଣେ କଏଦୀଙ୍କ ମୃତ୍ୟୁ ଅତି ଆଶ୍ଚର୍ଯ୍ୟ ଜନକ ଭାବେ ହୋଇଛି। କଏଦୀ ଜୋସୁଆ ବ୍ରାଉନ୍‌ଙ୍କୁ ଭେଟିବା ପାଇଁ ତାଙ୍କ ବାନ୍ଧବୀ ରାଚଲ ଡୋଲାର୍ଡ ଯାଇଥିଲେ। ଦେଖା କରିବା ସମୟରେ ସେ ଜୋସୁଆଙ୍କୁ କିସ୍ କରିଥିଲେ। ଭେଟର କିଛି ସମୟ ମଧ୍ୟରେ ହିଁ ଜୋସୁଆଙ୍କ ମୃତ୍ୟୁ ହୋଇଯାଇଥିଲା। ପୋଷ୍ଟମର୍ଟମ ରିପୋର୍ଟ ଅନୁସାରେ ମୃତ୍ୟୁର କାରଣ ଡ୍ରଗ୍ସର ଓଭର ଡୋଜ୍ ଥିଲା। ଜେଲ୍ ଭିତରେ ଡ୍ରଗ୍ସ ଉପଲବ୍ଧ ନ ଥିବାବେଳେ ରାଚଲଙ୍କ ଉପରେ ପୋଲିସର ସନ୍ଦେହ ହୋଇଥିଲା। ସୂଚନାଯୋଗ୍ୟ ରାଚେଲ ଯେତେବେଳେ ଜୋସୁଆଙ୍କୁ ଭେଟିବାକୁ ଆସିଥିଲେ ସେ ପାଟିରେ ମେଥାମେଟାମାଇନ୍ ଡ୍ରଗ୍ସ ଲୁଚାଇ ଆଣିଥିଲେ। କିସ୍ କରିବା ସମୟରେ ରାଚଲ ଜୋସୁଆଙ୍କ ପାଟିରେ ସେହି ଡ୍ରଗ୍ସକୁ ଦେଇଥିଲେ, ଯାହାକୁ ସେ ଏକ କାଳୀନ ଗିଳିଦେଇଥିଲେ।



ଏହାପରେ ଡ୍ରଗ୍ସର ଓଭର ଡୋଜ୍ କାରଣରୁ ତାଙ୍କ ମୃତ୍ୟୁ ହୋଇଥିବା ଖବର ପ୍ରକାଶ ପାଇଛି। ପୋଲିସ ସମ୍ପୃକ୍ତ ମହିଳା ରାଚଲ ଡୋଲାର୍ଡଙ୍କୁ ଗିରଫ କରି ନେଇଛି। ଡ୍ରଗ୍ସ ଚୋରା ଚାଲାଣ ଓ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ପୋଲିସ ରାଚଲଙ୍କ ବିରୋଧରେ ମାମଲା ରୁଜୁ କରିଛି।

## ଜଗୁଆଳିଙ୍କୁ ଦୁର୍ବ୍ୟବହାର କରି ମହିଳା ଗିରଫ

**ନୂଆଦିଲ୍ଲୀ:** ଜଣେ ମହିଳା ସିକ୍ୟୁରିଟି ଗାର୍ଡଙ୍କୁ ଅଶାଳୀନ ବ୍ୟବହାର କରୁଥିବାର ଭିଡିଓ ଭାଇରାଲ ହେବା ପରେ ପୋଲିସ ଉକ୍ତ ମହିଳାଙ୍କୁ ଗିରଫ କରିଛି। ସମ୍ପୃକ୍ତ ମହିଳା ଭବ୍ୟା ରାୟ ସିକ୍ୟୁରିଟି ଗାର୍ଡଙ୍କ ଗଳାକୁ ଜୋର୍‌ରେ ଧରି ତାଙ୍କୁ ଧମକାଉ ଥିବା ଜାରି ଭିଡିଓରେ ଦେଖିବାକୁ ମିଳିଛି। ଅଭଦ୍ର ଭାଷାରେ ଭବ୍ୟା ଗାର୍ଡଙ୍କୁ ଗାଳି କରୁଥିବାର ମଧ୍ୟ ଦେଖିବାକୁ ମିଳିଛି। ଘଟଣା ସ୍ଥଳରେ ଥିବା ଅନ୍ୟ ସିକ୍ୟୁରିଟି ଗାର୍ଡ ମହିଳାଙ୍କୁ ଏ ପରିକାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ କହିଥିଲେ ସୁଦ୍ଧା ସେ ସିକ୍ୟୁରିଟି ଗାର୍ଡଙ୍କ କଲାର ଧରି ତାଙ୍କୁ ଧମକାଚମକା କରିଥିଲେ। ତେବେ ଗେଟ୍ ଖୋଲିବାରେ ବିଳମ୍ବ ହେବା ନେଇ ସମ୍ପୃକ୍ତ ମହିଳା ଜଣକ ହଠାତ୍ ରାଗିଯିବା ସହ ସିକ୍ୟୁରିଟି ଗାର୍ଡଙ୍କୁ ଦୁର୍ବ୍ୟବହାର କରିଥିଲେ। ଘଟଣା ପରେ ସିକ୍ୟୁରିଟି ଗାର୍ଡ ଜଣକ ଚାକିରି ଛାଡ଼ି ଦେଇଥିବା କଥା କହିଥିବାବେଳେ ଏ ନେଇ ପୋଲିସ ମହିଳାଙ୍କ ବିରୋଧରେ ମାମଲା ରୁଜୁ କରିଛି। ମହିଳାଙ୍କୁ ଗିରଫ ଯାଇଥିବାବେଳେ ତାଙ୍କ ଗାଡ଼ିକୁ ଥାନାରେ ଅଟକ ରଖାଯାଇଥିବା ପୋଲିସ କହିଛି।

ମନେ ପଡ଼ନ୍ତି
ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ସନତ କୁମାର ମହାପାତ୍ର
ସ୍ଥାନ: ଓଲ୍ଡ ଟାଉନ୍, ହରଚଣ୍ଡୀ ସାହି, ଭୁବନେଶ୍ୱର
ଆବିର୍ଭାବ-୦୪।୧୨।୧୯୬୯
ତିରୋଧାନ- ୧୧।୦୮।୨୦୨୨
ଆପଣଙ୍କ ଏମିତି ଚାଲିଯିବା ମନକୁ ବିଶ୍ୱାସ କରି ହେଉନି। ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରିବୁ। ଆପଣ ଦେଇଥିବା ଭଲପାଇବା, ସ୍ନେହ, ଶ୍ରଦ୍ଧାକୁ ପାଥେୟ କରି ଆଉ ଯେତେ ପଥ ଅଛି ଚାଲିବାକୁ ଚେଷ୍ଟା କରିବୁ। କେବଳ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ଭକ୍ତିପୂତ ନିବେଦନ।
ଶୋକସନ୍ତପ୍ତ: ସ୍ତ୍ରୀ: ଟୁନି, ଝିଅ: ସୋନୁ, ପିନ୍ତୁ, ଝିଆରୀ: ରୋଜା, ମୋନା, ପୁତୁରା: ରାଜା, ଗୁନୁ, ଶିବୁ, ବନ୍ଧୁ ଓ ପରିବାରବର୍ଗ।
ଧ-୧୩୦୩

## ଦ୍ୱିତୀୟ ବିବାହ କଲେ ଶେରିଲ

ୱାଶିଂଟନ

ମେଟାର ପୂର୍ବତନ ଚିଫ୍ ଅପରେଟିଂ ଅଫିସର (ସିଓଓ) ଶେରିଲ ସାଣ୍ଡବର୍ଗ ଆମେରିକାର ବିଜନେସ୍‌ମ୍ୟାନ୍ ଟମ୍ ବର୍ନଥାଲ୍‌ଙ୍କୁ ବିବାହ କରିଛନ୍ତି। ଆମେରିକାର ୱିଓମିଙ୍ଗରେ ଶନିବାର ଶେରିଲ ଓ ଟମ୍‌ଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଟମ୍ ପୂର୍ବରୁ ଏନ୍‌ସିବି ନ୍ୟୁଜ୍ ଚାନେଲରେ ନ୍ୟୁଜ୍ ପ୍ରଡ୍ୟୁଶର ଭାବେ କାର୍ଯ୍ୟ କରୁଥିବାବେଳେ କନ୍‌ସଲ୍ଟିଂ ଫାର୍ମ କେଲଟୋନ ଗ୍ଲୋବାଲର ସେ ସଂସ୍ଥାପକ। ହଲିଉଡ୍ ଆକ୍ଟର ଜନ୍ ବର୍ନଥେଲାଙ୍କ ଭାଇ ଟମ୍ ବିବାହକୁ ନେଇ ଉତ୍ସାହିତ ଥିବା ସହ ବହୁ ଦିନର ସ୍ୱପ୍ନ ପୂରା ହୋଇଥିବା ସେ କହିଛନ୍ତି। ପୂର୍ବରୁ ଶେରିଲ ସର୍ଭେମଙ୍କ ସିଇଓ ଡେଭ୍ ଗୋଲ୍ଡବର୍ଗଙ୍କୁ ବିବାହ କରିଥିଲେ। ୨୦୧୫ରେ ଡେଭ୍‌ଙ୍କ ମୃତ୍ୟୁ ପରେ ଶେରିଲ ଟମ୍‌ଙ୍କ ସହ ସମ୍ପର୍କରେ ଆସିଥିଲେ। ସେହିପରି ପୂର୍ବରୁ ଟମ୍‌ଙ୍କ ବିବାହ ବିଚ୍ଛେଦ ହୋଇସାରିଛି। ଚଳିତ ବର୍ଷ ଶେରିଲ ମେଟା କମ୍ପାନୀର ସିଓଓ ପଦରୁ ଇସ୍ତଫା ଦେଇଥିଲେ। ଏହାପରେ ଜାଭିଅର ଓଲିଭାନ ତାଙ୍କ ସ୍ଥାନ ନେଇଛନ୍ତି।



# ରକ୍ତ ସଞ୍ଚାଳନକୁ ସନ୍ତୁଳିତ ରଖେ ହଳଦୀ



ହଳଦୀରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ପାଚନକ୍ରିୟାକୁ ଆହୁରି ସକ୍ରିୟ କରିଥାଏ। କେବଳ ସେତିକି ନୁହେଁ, ଜଣେ ଡାଇବେଟିସ୍ ରୋଗୀ ଏହାକୁ ଖାଦ୍ୟ ତାଲିକାରେ ସାମିଲ କଲେ ରକ୍ତରେ ସୁଗାର ପରିମାଣ କେତେକାଂଶରେ ସନ୍ତୁଳିତ ରହିଥାଏ। ସବୁଠାରୁ ଖାସ୍ କଥା ହେଲା ଏଥିରେ 'କୁରୁକୁମିନ୍' ନାମକ ତତ୍ତ୍ୱ ରହିଛି, ଯାହା ରକ୍ତ ସଞ୍ଚାଳନକୁ ଠିକ୍ ରଖିଥାଏ। ତା' ସହ ରକ୍ତଚାପକୁ ଅନେକାଂଶରେ ସନ୍ତୁଳିତ ରଖିବାରେ ସହାୟକ ହୋଇଥାଏ ହଳଦୀ। ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ହଳଦୀରେ ଆଣ୍ଟିଅକ୍ସିଡାଣ୍ଟ ପିଗ୍‌ମେଣ୍ଟ ରହିଛି, ଯାହା ଆମ ଚର୍ମ କୋଷଗୁଡ଼ିକୁ ସୂର୍ଯ୍ୟକିରଣରୁ ରକ୍ଷା କରିଥାଏ। ମସ୍ତିଷ୍କ ବିକାଶରେ ଏହା କେତେକାଂଶରେ ସାହାଯ୍ୟ କରିଥାଏ। ଆଲଜିମର୍ସ ରୋଗୀଙ୍କ ପାଇଁ ହଳଦୀ ମଧ୍ୟ ଉପକାରୀ ସାବ୍ୟସ୍ତ ହୋଇଥାଏ। ଆର୍ଥ୍ରାଇଟିସ ସମସ୍ୟାରୁ ଏହା ମଧ୍ୟ ଉପଶମ ଦେଇଥାଏ। ଏହାକୁ ଖାଇବା ଦ୍ୱାରା ଓଜନ ସନ୍ତୁଳିତ ରହିଥାଏ।

# ଅତ୍ୟଧିକ ପେନ୍‌କିଲର ଓ ହୃଦ୍‌ଘାତ

ଆଜିକାଲି କେତେକ ରୋଗରୁ ଆରୋଗ୍ୟଲାଭ କରିବାକୁ ପେନ୍‌କିଲର ଖାଇବାକୁ ପଡୁଛି। ହେଲେ ଏପରି ଔଷଧ ଖାଇବା ପୂର୍ବରୁ ଡାକ୍ତରଙ୍କ ସହ ରୋଗ ବିଷୟରେ ପରାମର୍ଶ କରନ୍ତୁ। କେଉଁ ରୋଗ ପାଇଁ କି ପ୍ରକାର ଔଷଧ ଖାଇବାକୁ ପଡ଼ିବ ତାହା ସେ ନିର୍ଦ୍ଧାରଣ କରି ପ୍ରେସ୍‌କ୍ରିପ୍‌ସନରେ ଉଲ୍ଲେଖ କରିଥାଆନ୍ତି, ସେହି ଅନୁସାରେ ଆମକୁ ଔଷଧ ଖାଇବାକୁ ପଡ଼ିଥାଏ। ଯଦି ଆପଣ ଆବଶ୍ୟକଠାରୁ ଅଧିକ ପେନ୍‌କିଲର ଖାଉଛନ୍ତି, ତେବେ ତାହା ହୃଦ୍‌ଜନିତ ସମସ୍ୟାର କାରଣ ସାଜିପାରେ ବୋଲି ବୋଷ୍ଟନ ୟୁନିଭର୍ସିଟିର ହୃଦ୍‌ଶଲ୍ୟ ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ପ୍ରାୟ ଅଧିକାଂଶ ସମୟ ପେନ୍‌କିଲର ଖାଉଥିବା କେତେକ ବ୍ୟକ୍ତିଙ୍କର ହୃତ୍‌ପିଣ୍ଡ ପରୀକ୍ଷା କରି ସେମାନେ ଏ ବିଷୟରେ ଜାଣିପାରିଥିଲେ। ତେଣୁ ଜଣେ ବ୍ୟକ୍ତି ଡାକ୍ତରଙ୍କ ପରାମର୍ଶ ବିନା ଏପରି ଔଷଧ ଖାଇବା ଠିକ୍ ନୁହେଁ ବୋଲି ସେମାନେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।



# ଧ୍ରୁବତାରା ରହସ୍ୟ



ନିକୁଞ୍ଜ ବିହାରୀ ସାହୁ

ପୃଥିବୀର ଅକ୍ଷକୁ ଉତ୍ତରକୁ ବଢ଼ାଇଲେ ତାହା ଯେଉଁ ବିନ୍ଦୁରେ ଆକାଶଗୋଲକୁ ସ୍ପର୍ଶ କରେ ତାହାକୁ ଆକାଶର ଧ୍ରୁବ କହନ୍ତି। ପୃଥିବୀ ନିଜ ଅକ୍ଷ ଚାରିପଟେ ଘୂରିବା ଦ୍ୱାରା ସବୁ ତାରା ଦୈନିକ ଆକାଶରେ ବୃତ୍ତାକାର ପଥରେ ଗତି କରୁଥିବାର ଜଣାପଡ଼ନ୍ତି। ଆକାଶଗୋଲର ବିଷୁବରେଖା ନିକଟରେ ଥିବା ତାରାଗୁଡ଼ିକ ବଡ଼ ବଡ଼ ବୃତ୍ତରେ ଗତି କରୁଥିଲାବେଳେ ଉଭୟ ଧ୍ରୁବ ନିକଟସ୍ଥ ତାରାସବୁ କ୍ଷୁଦ୍ରାକୃତି ବୃତ୍ତରେ ଘୂରିଥାନ୍ତି। ରାତ୍ରି ଆକାଶର ଏହି ଚିରାଚରିତ ଗତିଶୀଳ ପୃଷ୍ଠ ଉପରେ ଠିକ୍ ଧ୍ରୁବ ଉପରେ ଥିବା ଏକ ତାରା ହିଁ ସ୍ଥିର ରହିଥାଏ। ଏହାକୁ ଧ୍ରୁବତାରା କହନ୍ତି।

ଧ୍ରୁବତାରା ଏକ ସ୍ଥିର ତାରା ହୋଇଥିବାରୁ କେଉଁ ଆବହମାନ କାଳରୁ ସମୁଦ୍ରଗାମୀ ନାବିକମାନେ ରାତିରେ ଏହାକୁ ଲକ୍ଷ୍ୟକରି ବିଶାଳ ସମୁଦ୍ରରେ ଦିଗ ନିରୂପଣ କରିଆସୁଛନ୍ତି। କୌଣସି ସ୍ଥାନରେ ଧ୍ରୁବତାରାର କୌଣିକ ଉନ୍ନତି ହିଁ ସେହି ସ୍ଥାନର ଅକ୍ଷାଂଶ। ଫଳରେ ନାବିକ ଧ୍ରୁବତାରା ସାହାଯ୍ୟରେ ମଧ୍ୟ ନିଜର ଅବସ୍ଥାନ ନିରୂପଣ କରିପାରେ।

ଆମ ପୁରାଣ ଅନୁସାରେ ଧ୍ରୁବଲୋକ ଭଗବାନ ବିଷ୍ଣୁଙ୍କର ପ୍ରିୟ ଭକ୍ତ ଧ୍ରୁବଙ୍କର ଆସ୍ଥାନ। ଧ୍ରୁବ ସ୍ୱୟଂଭୁବ ମନୁଙ୍କ ସନ୍ତାନ ରାଜା ଉତ୍ତାନପାଦଙ୍କ ପୁତ୍ର। ବିମାତାଙ୍କ ଦ୍ୱାରା ଲାଞ୍ଛିତ ହେଲାପରେ ବାଳକ ଧ୍ରୁବ ସଂସାର ପ୍ରତି ବୀତସ୍ପୃହ ହୋଇ ବିଷ୍ଣୁଙ୍କୁ ଧ୍ୟାନ କରେ। ବିଷ୍ଣୁ ତା' ଭକ୍ତିରେ ସନ୍ତୁଷ୍ଟ ହୋଇ ମୃତ୍ୟୁ ପରେ ତାକୁ ଧ୍ରୁବଲୋକରେ ଅବସ୍ଥାନ କରିବା ନିମନ୍ତେ ବର ପ୍ରଦାନ କରନ୍ତି। ତତ୍ପରେ ଧ୍ରୁବ ରାଜ୍ୟକୁ ଫେରିଯାଇ ପ୍ରଜାମାନଙ୍କ ଦ୍ୱାରା ବିପୁଳ ଅଭିନନ୍ଦିତ ହୁଅନ୍ତି ଓ ସୁଖରେ ପ୍ରଜାପାଳନ କରନ୍ତି। ପ୍ରାପ୍ତ ବର ଅନୁସାରେ, ସେ ନିଜର ମୃତ୍ୟୁ ଅନ୍ତେ ଧ୍ରୁବଲୋକରେ ଅବସ୍ଥାନପୂର୍ବକ ଲୋକମାନଙ୍କୁ ଦିଗ ଓ ଅକ୍ଷାଂଶ ଚିହ୍ନେଇବାରେ ସାହାଯ୍ୟ କରିଆସୁଛନ୍ତି।

ଧ୍ରୁବର ଅର୍ଥ ହେଉଛି ଚିରନ୍ତନ ସତ୍ୟ। ଆମ ପୁରାଣ ବିଶ୍ୱାସ କରେ ଯେ, ଧ୍ରୁବଲୋକ ସର୍ବଦା ସ୍ଥିର ତଥା ଅପରିବର୍ତ୍ତନୀୟ ଏବଂ ଏପରି କି ସେଠାରେ ଜନ୍ମ, ମୃତ୍ୟୁ, ଜରା, ବ୍ୟାଧି ନାହିଁ। ମାତ୍ର ଏହା କ'ଣ ସତ୍ୟ କି? ବାସ୍ତବରେ ଏହା ସତ୍ୟ ନୁହେଁ। କାରଣ, ପୃଥିବୀ ନିଜ ଅକ୍ଷ ଚାରିପଟେ ଘୂରିବା ସଙ୍ଗେସଙ୍ଗେ ଏହାର ଅକ୍ଷ ମଧ୍ୟ ଏକ ଶଙ୍କୁ ଆକାର ପଥରେ ଧୀରେ

> "ବର୍ତ୍ତମାନ ଯେଉଁ ତାରାଟି ଆମର ଉତ୍ତର ଧ୍ରୁବ ନିକଟରେ ଅଛି, ତା'କୁ ସାଧାରଣତଃ ଧ୍ରୁବତାରା କୁହାଯାଉଥିଲେ ସୁଦ୍ଧା ଏହାର ପ୍ରକୃତ ନାମ ପୋଲାରିସ୍। ଏହା କିନ୍ତୁ ଠିକ୍ ଧ୍ରୁବ ଉପରେ ନ ରହି ବରଂ ଧ୍ରୁବଠାରୁ ୧୦ ଡିଗ୍ରୀ କୋଣରେ ଛାଡ଼ିକରି ରହିଛି। ଫଳରେ ଏହା ମଧ୍ୟ ଅନ୍ୟ ତାରାଙ୍କ ଭଳି ଧ୍ରୁବ ଚାରିପଟେ ଘୂରିଥାଏ। ଅବଶ୍ୟ ଏହା ଏତେ ଛୋଟ ବୃତ୍ତରେ ଘୂରେ ଯେ ତାହା ଆମକୁ ଜଣା ନ ପଡ଼ି ତାରାଟି ସ୍ଥିର ରହିଲା ପରି ଦେଖାଯାଏ।"



ଧୀରେ ଅଗ୍ରସର ହେଉଥାଏ। ଏହାର କାରଣ ହେଲା, ପୃଥିବୀ ନିଜର ବିଷୁବରେଖାଠାରେ ଅଧିକ ସ୍ଫୀତ ହୋଇଥିବାରୁ ଏହି ଅଂଶ ଉପରେ ସୂର୍ଯ୍ୟ ଓ ଚନ୍ଦ୍ରର ଏକ ଅତିରିକ୍ତ ମିଳିତ ଆକର୍ଷଣ ବଳ କାର୍ଯ୍ୟକାରୀ ହୁଏ, ଯାହା ପୃଥିବୀର ଅକ୍ଷକୁ ବିସ୍ଥାପିତ କରିବା ପାଇଁ ଚେଷ୍ଟା କରେ। ଗତିବିଜ୍ଞାନର ନିୟମ ଅନୁଯାୟୀ, କୌଣସି ଘୂର୍ଣ୍ଣାୟମାନ ବସ୍ତୁର ଅକ୍ଷକୁ ବିସ୍ଥାପିତ କରିବା ପାଇଁ ଏକ ବଳ ପ୍ରଯୁକ୍ତ ହେଲେ ଏହାର ଅକ୍ଷ ତା'ର ପ୍ରତିରୋଧ କରି ଏକ ଶଙ୍କୁ ଆକାର ପଥରେ ଘୂରିଥାଏ। ଏହାକୁ 'ପ୍ରିସେସନ ଗତି' କହନ୍ତି।

ପୃଥିବୀ ଅକ୍ଷର ଏହି ପ୍ରିସେସନ ଗତି ଯୋଗୁ ଏହାର ଅକ୍ଷ ବିଭିନ୍ନ ସମୟରେ ଆକାଶର ଭିନ୍ନ ଭିନ୍ନ ଦିଗକୁ ମୁହଁ କରିଥାଏ। ମାତ୍ର ପୃଥିବୀ କ୍ଷେତ୍ରରେ ଏହି ଗତି ଏତେ ମନ୍ଥର ଯେ, ଏହାର ଅକ୍ଷକୁ ଗୋଟିଏ ବୃତ୍ତ ସମ୍ପୂର୍ଣ୍ଣ ଘୂରି ଆସିବାକୁ ହେଲେ ଦୀର୍ଘ ୨୬,୦୦୦ ବର୍ଷ ସମୟ ଲାଗିଥାଏ। ଅର୍ଥାତ୍, ଏହା ବର୍ଷକୁ ମାତ୍ର ୫୦.୨ ମିନିଟ୍ କୋଣ ଅତିକ୍ରମ କରିଥାଏ, ଯାହା ୧ ଡିଗ୍ରୀଠାରୁ ମଧ୍ୟ କମ୍। ସୁତରାଂ ବିଗତ ବର୍ଷଗୁଡ଼ିକରେ ଅନେକ ତାରା ଆମ ଆକାଶଗୋଲର ଧ୍ରୁବର ନିକଟବର୍ତ୍ତୀ ହୋଇ କ୍ରମେ ଦୂରେଇ ଯାଇଛନ୍ତି।

ବର୍ତ୍ତମାନ ଯେଉଁ ତାରାଟି ଆମର ଉତ୍ତର ଧ୍ରୁବ ନିକଟରେ ଅଛି, ତାକୁ ସାଧାରଣତଃ ଧ୍ରୁବତାରା କୁହାଯାଉଥିଲେ ସୁଦ୍ଧା ଏହାର ପ୍ରକୃତ ନାମ ପୋଲାରିସ୍। ଏହା କିନ୍ତୁ ଠିକ୍ ଧ୍ରୁବ ଉପରେ ନ ରହି ବରଂ ଧ୍ରୁବଠାରୁ ୧୦ ଡିଗ୍ରୀ କୋଣରେ ଛାଡ଼ିକରି ରହିଛି। ଫଳରେ ଏହା ମଧ୍ୟ ଅନ୍ୟ ତାରାଙ୍କ ଭଳି ଧ୍ରୁବ ଚାରିପଟେ ଘୂରିଥାଏ। ଅବଶ୍ୟ ଏହା ଏତେ ଛୋଟ ବୃତ୍ତରେ ଘୂରେ ଯେ ତାହା ଆମକୁ ଜଣା ନ ପଡ଼ି ତାରାଟି ସ୍ଥିର ରହିଲା ପରି ଦେଖାଯାଏ। ପୁନଶ୍ଚ, ଆମର ଉତ୍ତର ଧ୍ରୁବ ନିକଟରେ ଅନ୍ୟ କୌଣସି ଉଜ୍ଜ୍ୱଳ ତାରା ନ ଥିବାରୁ ଏହି ପୋଲାରିସ୍ ତାରାକୁ ହିଁ ଧ୍ରୁବତାରା ରୂପେ ଧରି ନିଆଯାଇଛି।

ପୋଲାରିସ୍ ତାରାଟି ଶିଶୁମାର ନକ୍ଷତ୍ରମଣ୍ଡଳର ପୁଚ୍ଛଭାଗରେ ତଥା ସପ୍ତର୍ଷିମଣ୍ଡଳର ସମ୍ମୁଖରେ ରହିଛି। ଏହା ଏକ ଦ୍ୱିତୀୟ ଉଜ୍ଜ୍ୱଳତର ତାରା ହୋଇଥିବାରୁ ଖାଲି ଆଖିକୁ ସ୍ପଷ୍ଟ ଜଣାପଡୁ ନ ଥିଲେ ସୁଦ୍ଧା କିଟିକିଟିଆ କଳା ଅନ୍ଧାର ରାତିରେ ଏହା ଉତ୍ତର ଆକାଶରେ ଦପ୍‌ଦପ୍ ହୋଇ ଆଲୁଅ ପ୍ରଦାନ କରୁଥିବାର ଏକ ଜ୍ୟୋତିଷ୍କ ରୂପେ ବେଶ୍ ବାରି ହୋଇପଡ଼େ। ବାସ୍ତବ କ୍ଷେତ୍ରରେ ଏହା ଦୁଇଟି ତାରାଙ୍କୁ ନେଇ ଗଠିତ। ଦ୍ୱିତୀୟ ତାରାଟି ଖାଲି ଆଖିକୁ ଦେଖାଯାଉ ନ ଥିଲେ ମଧ୍ୟ ଦୂରବୀକ୍ଷଣ ଯନ୍ତ୍ରରେ ସ୍ପଷ୍ଟ ଦେଖାଯାଏ। କୌତୂହଳର କଥା ହେଉଛି ଯେ, ଏହି ତାରାଟି ପୀତବର୍ଣ୍ଣର ଗୋଟିଏ ବିଶାଳକାୟ ନକ୍ଷତ୍ର ଯାହା ଏକ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ନିଜର ଉଜ୍ଜ୍ୱଳତା ହ୍ରାସ ବୃଦ୍ଧି କରିଥାଏ।

ଆମର ଏହି ପୋଲାରିସ୍ ଧ୍ରୁବତାରାକୁ ଚିହ୍ନିବା ଅତି ସହଜ। ଉତ୍ତର ଆକାଶରେ ଦୃଶ୍ୟ ହେଉଥିବା ପ୍ରଶ୍ନବାଚକ ଚିହ୍ନ ଆକୃତିର ସପ୍ତର୍ଷିମଣ୍ଡଳର ପ୍ରଥମ ଦୁଇଟି ତାରାଙ୍କୁ ଯୋଗକରି ପ୍ରାୟ ପାଞ୍ଚଗୁଣ ବାଟ ଆଗକୁ ଗଲେ ଏହି ତାରାଟି ପଡ଼େ। ଧ୍ରୁବତାରା ଚାରିପଟେ ସପ୍ତର୍ଷିମଣ୍ଡଳ ରାତିସାରା ଘୂରୁଥିବା ସତ୍ତ୍ୱେ ଏହାର ପ୍ରଥମ ଦୁଇଟି ତାରା ସଦାସର୍ବଦା ଧ୍ରୁବତାରାକୁ ନିର୍ଦ୍ଦେଶ କରିଥାନ୍ତି। ପୁରାଣରେ ବର୍ଣ୍ଣିତ ଅଛି ଯେ, ସପ୍ତର୍ଷିମଣ୍ଡଳରେ ଅଧିଷ୍ଠିତ ସାତଜଣ ପ୍ରାଚୀନ ଋଷି ଧ୍ରୁବଙ୍କୁ ଧ୍ୟାନପୂର୍ବକ ରାତିସାରା ପ୍ରଦକ୍ଷିଣ କରିଥାନ୍ତି। ପୁନଶ୍ଚ, ସପ୍ତର୍ଷିମଣ୍ଡଳ ସାତୋଟି ଉଜ୍ଜ୍ୱଳ ତାରାଙ୍କୁ ନେଇ ଗଠିତ ଏକ ଦର୍ଶନୀୟ ନକ୍ଷତ୍ରମଣ୍ଡଳ ହୋଇଥିବାରୁ ଏହାର ଉପସ୍ଥିତି ଆମର ଏହି ଚଳିତ ଧ୍ରୁବତାରାକୁ ଅନ୍ୟ ବିଗତ ଧ୍ରୁବତାରା ଅପେକ୍ଷା ବିଶେଷ ମାନ୍ୟତା ପ୍ରଦାନ କରିଛି।

ହିସାବରୁ ଜଣାପଡ଼େ, ଏହି ତାରାଟି ପୃଥିବୀର ପ୍ରିସେସନ୍ ଗତି ଯୋଗୁ ବିସ୍ଥାପିତ ହୋଇ ଆକାଶଗୋଲର ପ୍ରକୃତ ଧ୍ରୁବ ଆଡ଼କୁ କ୍ରମଶଃ ଅଗ୍ରସର ହେଉଛି ଏବଂ ଆଗାମୀ ୨୧୦୦ ଖ୍ରୀଷ୍ଟାବ୍ଦ ବେଳକୁ ଏହା ନିକଟତର ହୋଇ ଧ୍ରୁବଠାରୁ ମାତ୍ର ୧ ଡିଗ୍ରୀ ଦୂରତା ମଧ୍ୟରେ ଅବସ୍ଥାନ କରିବ। ତା'ପରେ ଏହା କ୍ରମଶଃ ଦୂରେଇ ଯାଇ ସମୟକ୍ରମେ ଆମ ପାଇଁ ଏକ ଅନାମଧେୟ ନକ୍ଷତ୍ରରେ ପରିଣତ ହେବ। ଏହା ଅତୀତରେ କଦାପି ଆମର ଧ୍ରୁବତାରା ନ ଥିଲା। ଗଣନାରୁ ଜଣାଯାଏ, ପୀରାମିଡ୍ ସବୁର ନିର୍ମାଣ ସମୟରେ ତକ୍ଷକ ନକ୍ଷତ୍ରମଣ୍ଡଳର ଥୁବାନ୍ ନାମକ ଏକ ତାରା ସେତେବେଳର ଧ୍ରୁବତାରା ଥିଲା ଏବଂ ଏହା ଏବେ ଦୂରକୁ ଘୁଞ୍ଚିଗଲାଣି। ଆଜିଠାରୁ ପ୍ରାୟ ୧୨,୦୦୦ ବର୍ଷ ପରେ ଅଭିଜିତ୍ (Vega) ନକ୍ଷତ୍ରମଣ୍ଡଳର ଏକ ତେଜୀୟାନ ତାରା ଧ୍ରୁବତାରାର ସ୍ଥାନ ମଣ୍ଡନ କରିବ। ସୁତରାଂ ଆମର ବହୁଚର୍ଚ୍ଚିତ ଧ୍ରୁବତାରାଟି ଯେ ପ୍ରକୃତରେ ଏକ ଧ୍ରୁବ କିମ୍ବା ସ୍ଥିର ତାରା ନୁହେଁ, ଏହା ଅବିଶ୍ୱାସ ହେଲେ ମଧ୍ୟ ସତ୍ୟ!

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୦୧୮୭୦୮୮୫୮

# ସକ୍ରିୟ ରହିବ ପାଚନକ୍ରିୟା

ଆମର ପାଚନକ୍ରିୟା ସବୁବେଳେ ଠିକ୍ ଭାବେ କାର୍ଯ୍ୟ କରିବା ଦରକାର। ନ ହେଲେ ବଦହଜମି ସହ ପେଟଜନିତ ସମସ୍ୟା ଦେଖାଦେଇଥାଏ। ତେବେ ପାଚନକ୍ରିୟା କିପରି ସକ୍ରିୟ ରହିବ ସେ ନେଇ କେତୋଟି କଥାକୁ ଗୁରୁତ୍ୱ ଦେଇପାରନ୍ତି। ସବୁବେଳେ ସନ୍ତୁଳିତ ଏବଂ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ଖାଆନ୍ତୁ। ବର୍ଷାଦିନେ ଅଧିକ ପରିମାଣରେ ସାଲାଡ୍ ଖାଆନ୍ତୁ ନାହିଁ। କାରଣ ଏହା ପାଚନକ୍ରିୟାକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ବର୍ଷାଦିନେ ବ୍ରେଡ୍‌ଜାତୀୟ ଖାଦ୍ୟ ବେଶିଦିନ ରଖନ୍ତୁ ନାହିଁ। ଏହା ଦ୍ୱାରା ସେଥିରେ ଫିମ୍ପି ହୋଇଯାଏ, ଯାହା ଶରୀର ପାଇଁ କ୍ଷତିକାରକ। ଏହି ଋତୁରେ ପାଚନକ୍ରିୟାକୁ ସକ୍ରିୟ ରଖିବା ଲାଗି ରାସ୍ତାକଡ଼ ଉଠାଦୋକାନରେ ପ୍ରସ୍ତୁତ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। କାରଣ ଏଭଳି ଖାଦ୍ୟ ପାଚନକ୍ରିୟାକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଏହି ଦିନରେ ଅଧିକ ପରିମାଣର ମାଛମାଂସ ନ ଖାଇବା ଭଲ। କାରଣ ଏଗୁଡ଼ିକର ପରିମାଣ ଅଧିକ ହେଲେ ଫୁଡ୍ ପଏଜନିଂର ଆଶଙ୍କା ରହିଛି।



# ମେଦବହୁଳତା କମାଇବା ଲାଗି..

ଆଜିକାଲି ମେଦବହୁଳତା ଏକ ସାଧାରଣ ସମସ୍ୟା କହିଲେ ଆଦୌ ଭୁଲ୍ ହେବ ନାହିଁ। ହେଲେ ଏପରି କେତେକ ଉପାୟ ରହିଛି, ଯାହାକୁ ଅନୁସରଣ କରି ଆପଣ ଏହାଠାରୁ ନିଜକୁ ଦୂରେଇ ରଖିପାରିବେ। ପ୍ରଥମ କଥା ହେଲା, ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ। କେଉଁ ପ୍ରକାର ବ୍ୟାୟାମ କଲେ ଓଜନ କମିବ ସେ ନେଇ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଶଦ୍ ଭାବରେ ଆଲୋଚନା କରନ୍ତୁ। ପ୍ରତିଦିନ ଏକ୍ସରସାଇଜ ବା ବ୍ୟାୟାମ କରିବା ଦ୍ୱାରା ମାଂସପେଶୀଜନିତ ସମସ୍ୟା ଦେଖାଦେଇ ନ ଥାଏ ଏବଂ ତା'ସହ ପେଟରୁ ଚର୍ବି କମିଥାଏ। ଦୁଗ୍ଧଜାତୀୟ ଖାଦ୍ୟ ଖାଇପାରନ୍ତି। କେତେକଙ୍କ ମନରେ ଭ୍ରାନ୍ତ ଧାରଣା ରହିଛି ଯେ, ଏପରି ଖାଦ୍ୟ ଚର୍ବି ବଢ଼ାଇଥାଏ। ହେଲେ ତାହା ଠିକ୍ ନୁହେଁ। ଓଜନ କମାଇବାକୁ ହେଲେ ପ୍ୟାକ୍‌ଡ ଫୁଡ୍ ଆଦୌ ଖାଆନ୍ତୁ ନାହିଁ। ସବୁଠାରୁ ଖାସ୍ କଥା ହେଲା, ପ୍ରତିଦିନ ସକାଳେ ବ୍ରେକ୍‌ଫାଷ୍ଟ କରିବାକୁ ଆଦୌ ଭୁଲନ୍ତୁ ନାହିଁ। ଏଥିରେ ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍, ସାଲାଡ୍ ସାମିଲ କରନ୍ତୁ। କାରଣ ଏହା ଚର୍ବି କମାଇବାରେ ସହାୟକ ହୋଇଥାଏ।



# ସକାରାତ୍ମକ ଚିନ୍ତାଧାରା ଅନ୍ତରାଳେ...

ଖୁସିରେ ରହିବାକୁ କିଏ ବା ନ ଚାହେଁ? କିନ୍ତୁ କେତେକ ପାରିପାର୍ଶ୍ୱିକ ପରିସ୍ଥିତି ଏହି ଖୁସିକୁ ବିଷାଦରେ ପରିଣତ କରିଦିଏ। ହେଲେ ସକାରାତ୍ମକ ଚିନ୍ତାଧାରା ପଛରେ ହସର ଭୂମିକା ରହିଛି। ନିକଟରେ ଏକ ସର୍ଭେରୁ ଏଭଳି କଥା ଜଣାପଡିଛି। 'ସକାରାତ୍ମକ ଚିନ୍ତାଧାରା ଓ ହସ' ଶୀର୍ଷକ ବିଷୟକୁ ନେଇ ଜର୍ମାନୀର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ଖୁସିର ପରିବେଶରେ ଅଧିକାଂଶ ସମୟ ରହୁଥିଲେ ସେମାନଙ୍କର ଚିନ୍ତାଧାରା ଅନ୍ୟମାନଙ୍କ ତୁଳନାରେ ସକାରାତ୍ମକ ରହୁଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଜୀବନରେ ଆସୁଥିବା ନକାରାତ୍ମକ ଜିନିଷଗୁଡ଼ିକୁ ନେଇ ଚିନ୍ତାଗ୍ରସ୍ତ ହେବା ଅପେକ୍ଷା କିପରି ସେଥିରୁ ମୁକୁଳିବେ ସେ ନେଇ ଯୋଜନା କରନ୍ତୁ। ଭଲ ପରିବେଶରେ ଭଲ ଲୋକଙ୍କ ସହ ମିଶନ୍ତୁ। ହସିବା ଦ୍ୱାରା ଆମ ମସ୍ତିଷ୍କ ହାଲୁକା ହୋଇଥାଏ ଓ ସବୁ ନିଷ୍ପତ୍ତିକୁ ଠିକ୍ ଭାବେ ନେବାକୁ ସକ୍ଷମ ହୋଇଥାଏ। ଏଭଳି ଉତ୍ତମ ବିଚାରଧାରା ପାଇଁ ଆପଣଙ୍କର ଜୀବନଶୈଳୀ କେତେ ସୁମଧୁର ହୋଇଉଠିବ ତାହା ନିଜେ ହିଁ ଅନୁଭବ କରିପାରିବେ।



# ଜାଣିରଖନ୍ତୁ

- ଛତୁରେ ଗ୍ଲୁକାନ୍ସ ନାମକ ଏକ ତତ୍ତ୍ୱ ରହିଛି, ଯାହା ଶରୀରରେ ଥଣ୍ଡା ସୃଷ୍ଟି କରୁଥିବା ବ୍ୟାକ୍ଟେରିଆକୁ ନଷ୍ଟ କରିଦେଇଥାଏ। କେବଳ ସେତିକି ନୁହେଁ, ଏଥିରେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ରହିଛି।
- ରସୁଣରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ରହିଛି। ପ୍ରତିଦିନ ସକାଳୁ ୨-୩ ପାଖୁଡ଼ା ରସୁଣ ଖାଇଲେ ଥଣ୍ଡା ସମସ୍ୟାରୁ ଉପଶମ ଦେଇଥାଏ।
- ମହୁ ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି ବ୍ୟାକ୍ଟେରିଆଲ ତତ୍ତ୍ୱ ରହିଛି। ଥଣ୍ଡାଜନିତ ସମସ୍ୟାରୁ ଉପଶମ ଦେବା ଲାଗି ମହୁମିଶ୍ରିତ ଚା' ବେଶ୍ ଉପକାରୀ।



- ବର୍ଷାଦିନେ ଅଧିକ ପରିମାଣର ମାଛ, ମାଂସ ଖାଆନ୍ତୁ ନାହିଁ। କାରଣ ଏଥିରୁ ଫୁଡ୍ ପଏଜନିଂ ହେବାର ଆଶଙ୍କା ରହିଛି।

# ସ୍ୱାସ୍ଥ୍ୟ ସୂଚନା

- ବର୍ତ୍ତମାନ ବର୍ଷାଦିନ। ତା' ସହ ଆମ ରାଜ୍ୟର କେତେକ ଅଞ୍ଚଳ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ତେଣୁ ଏବେ ଜଳଜନିତ ରୋଗ ହେବାର ଆଶଙ୍କା ଯଥେଷ୍ଟ ରହିଛି। ତେଣୁ ଏ ନେଇ ସତର୍କ ରୁହନ୍ତୁ। ସବୁବେଳେ ପାଣିକୁ ଫୁଟାଇ ପିଅନ୍ତୁ। ବର୍ଷାଦିନେ ତଟକା ତଥା ଉଷୁମ ଖାଦ୍ୟ ଖାଆନ୍ତୁ। ବାସି ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ।
- ବର୍ଷାଋତୁରେ ମ୍ୟାଲେରିଆ, ଡେଙ୍ଗୁ ଆଦି ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ଏହାର ଲକ୍ଷଣ ଜାଣିବା ମାତ୍ରେ ନିକଟସ୍ଥ ହସ୍ପିଟାଲକୁ ଯାଇ ଚିକିତ୍ସିତ ହୁଅନ୍ତୁ।
- ନିଜକୁ ଯେତେସମ୍ଭବ ଅବସାଦଠାରୁ ଦୂରେଇ ରଖନ୍ତୁ। କାରଣ ଏଭଳି ସମସ୍ୟା ଯଦି ନିୟମିତ ଲାଗି ରହେ, ତେବେ ତାହା ନିଜର ମାନସିକତାକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି।
- ବୟସ ୪୦ ଟପିଥିଲେ ଦୃଷ୍ଟିଶକ୍ତିଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ସେହି ସମୟରେ ନିୟମିତ ସମୟ ବ୍ୟବଧାନରେ ନିଜର ଚକ୍ଷୁ ପରୀକ୍ଷା କରାଇନିଅନ୍ତୁ।
- ଯଦି କୌଣସି କାମ ଦୀର୍ଘ ସମୟ ଧରି କରିବାର ଅଛି ତେବେ କାର୍ଯ୍ୟ ଭିତରେ କିଛି ସମୟ ବିଶ୍ରାମ ନିଅନ୍ତୁ।
- ଯଦି ଘରେ ଔଷଧ ରଖିଛନ୍ତି ତେବେ ତାହାର ଏକ୍ସପାୟରୀ ଡେଟ୍ ପ୍ରତି ସଚେତନ ରୁହନ୍ତୁ। ଯଦି ସମ୍ଭବ ତେବେ ଔଷଧର ନାମ ସହ ତାରିଖକୁ ଡାଏରିରେ ଟିପି ରଖନ୍ତୁ।
- ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଅନ୍ତୁ। ଏହାଦ୍ୱାରା ପାଚନକ୍ରିୟା ସବୁବେଳେ ସକ୍ରିୟ ରହିଥାଏ।



ଧରିତ୍ରୀ
DHARITRI



# ହେଭିଓ୍ୱେଟ୍ ଟାଇଟଲ ବଜାୟ ରଖିଲେ ୟୁସିକ୍



ଲଢ଼େଇ ଅବସରରେ ବ୍ରିଟେନର ଆନ୍ଥୋନୀ ଜୋଶୁଆଙ୍କୁ ପଞ୍ଚ୍ ମାରୁଛନ୍ତି ୟୁକ୍ରେନ୍ ବକ୍ସର ଓଲେକସାଣ୍ଡର ୟୁସିକ୍ (ଡାହାଣ)।

**କିଙ୍ଗ ଅବ୍‌ଦୁଲ୍ଲା ସ୍ପୋର୍ଟ୍ସ ସିଟି (ସୌଦି ଆରବ), ୨୧।୮(ଏପି):** ଆନ୍ଥୋନୀ ଜୋଶୁଆଙ୍କ ବିପକ୍ଷ ଏକ ରିମ୍ୟାଚ୍‌ରେ ବିଭାଜନ ନିଷ୍ପତ୍ତି ଜରିଆରେ ବିଜୟ ହାସଲ କରି ୟୁକ୍ରେନ୍ ବକ୍ସର ଓଲେକସାଣ୍ଡର ୟୁସିକ୍ ତାଙ୍କ ବିଶ୍ୱ ହେଭିଓ୍ୱେଟ୍ ଟାଇଟଲ ବଜାୟ ରଖିଛନ୍ତି। ଗତବର୍ଷ ଏହି ଦୁଇ ବକ୍ସରଙ୍କ ମଧ୍ୟରେ ହୋଇଥିବା ଲଢ଼େଇ ତୁଳନାରେ ଏହି ମୁକାବିଲା ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ୩୫ ବର୍ଷୀୟ ୟୁସିକ୍ ୟୁକ୍ରେନ୍ ଆର୍ମିର ଜଣେ ଯୋଦ୍ଧା। ସେ ୬ ମାସ ହେବ ନିଜ ପାଖରେ ଡବ୍ଲ୍ୟୁବିଏ, ଡବ୍ଲ୍ୟୁବିଓ ଏବଂ ଆଇବିଏଫ୍ ବେଲ୍ଟ ରଖିଛନ୍ତି। ଲଢ଼େଇ ପୂର୍ବରୁ ୟୁକ୍ରେନ୍ ରାଷ୍ଟ୍ରପତି ୟୁସିକ୍‌ଙ୍କ ନିକଟକୁ ବାର୍ତ୍ତା ପଠାଇ ତାଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ବେଲ ବେଳକୁ ଉଭୟ ବକ୍ସର କ୍ଲାନ୍ତ ଜଣାପଡୁଥିଲେ। ମୁକାବିଲା ପରେ ବ୍ରିଟିଶ୍ ପ୍ରଫେସନାଲ ଫାଇଟର ଜୋଶୁଆ ବିଭିନ୍ନ ପରିସ୍ଥିତିରେ ୟୁସିକ୍‌ଙ୍କ ଲଢୁଆ କୌଶଳର ପ୍ରଶଂସା କରିଥିଲେ। ଏହି ବିଜୟ ସହ ୟୁସିକ୍ ରିଙ୍ଗ୍ ମାଗାଜିନ୍ ବେଲ୍ଟ ହାସଲ କରିଛନ୍ତି। ୟୁକ୍ରେନ୍‌ର ଏହି ବକ୍ସର ଗୋଟିଏ ହେଭିଓ୍ୱେଟ୍ ଟାଇଟଲ ଜିତିବାରେ ସମର୍ଥ ହୋଇ ପାରିନାହାନ୍ତି, ତାହା ହେଲା ଡବ୍ଲ୍ୟୁବିସି। ଚଳିତବର୍ଷ ଟାଇସନ ଫ୍ୟୁରିଙ୍କ ଅବସର ପରେ ଏହା ଖାଲିପଡ଼ିଛି। ୟୁସିକ୍ କହିଛନ୍ତି, ଫ୍ୟୁରି ଅବସର ନେଇଥିବା ତାଙ୍କର ମନେ ହେଉନାହିଁ। ଟାଇସନ ଫ୍ୟୁରି ତାଙ୍କ ସହ ଲଢ଼େଇ କରିବାକୁ ଚାହାନ୍ତି ବୋଲି ତାଙ୍କର ଦୃଢ଼ ବିଶ୍ୱାସ। ଦୁଇଜଣ ଜଜ୍ ୟୁସିକ୍‌ଙ୍କ ସପକ୍ଷରେ ୧୧୫-୧୧୩ ଏବଂ ୧୧୬-୧୧୨ ପଏଣ୍ଟ ଦେଇଥିଲେ। ଅନ୍ୟ ଜଣେ ଜୋଶୁଆଙ୍କ ସପକ୍ଷରେ ୧୧୫-୧୧୩ ଦେଇଥିଲେ। ଜୋଶୁଆଙ୍କ ୨୭ଟି ଫାଇଟ୍ ମଧ୍ୟରୁ ଏହା ହେଉଛି ତାଙ୍କର ତୃତୀୟ ପରାଜୟ। ତାଙ୍କ କ୍ୟାରିୟର ବର୍ତ୍ତମାନ ଦୋଛକିରେ। ୟୁସିକ୍‌ଙ୍କ ପରବର୍ତ୍ତୀ କାର୍ଯ୍ୟକ୍ରମ ବର୍ତ୍ତମାନ ଫ୍ୟୁରିଙ୍କ ଉପରେ ନିର୍ଭର କରେ।

# କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ

**ହରାରେ,୨୧।୮(ପି.ଟି.):** ଜିମ୍ବାୱେ ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ୍‌ର ଅନ୍ତିମ ମ୍ୟାଚ ସୋମବାର ଖେଳାଯିବ। ଏହି ମୁକାବିଲା ଜିତି କ୍ଲିନ୍ ସୁଇପ୍ କରିବାକୁ ପ୍ରୟାସ କରିବ ଭାରତ। ପ୍ରଥମ ଦୁଇ ମ୍ୟାଚ୍ ଏକପାଖିଆ ଭାବେ ଶେଷ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ଘରୋଇ ଦଳର ବୋଲିଂ ସାମାନ୍ୟ ପ୍ରଭାବୀ ରହିଥିଲା। ଉଭୟ ଦଳର ଫର୍ମକୁ ଦେଖିଲେ ଭାରତ ସିରିଜ୍ ସୁଇପ୍ ନିମନ୍ତେ ଫେବରାଇଟ୍ ବୋଲି ଆପାତତଃ କୁହାଯାଇପାରେ। ଭାରତ ଆଗୁଆ ସିରିଜ୍ ଜିତିସାରିଥିବାରୁ ଏହି ମ୍ୟାଚ୍‌ରେ ଅଧିକ ପରୀକ୍ଷା ନିରୀକ୍ଷା ଦେଖିବାକୁ ମିଳିପାରେ। ଟିମ୍‌ରେ ନିଜ ସ୍ଥାନ ସୁରକ୍ଷିତ କରିବା ପାଇଁ ଯୁବ ଖେଳାଳିଙ୍କୁ ଆଉ ଏକ ସୁଯୋଗ ମିଳିବ। ଦୁଇଟିଯାକ ମ୍ୟାଚ୍‌ରେ ଜିମ୍ବାୱେର ବ୍ୟାଟିଂ ବିଫଳ ହୋଇଥିବା ବେଳେ ବ୍ୟାଟରମାନେ ନିଜ ତ୍ରୁଟି ସୁଧାରିବାକୁ ଏଥର ପ୍ରୟାସ କରିବେ। ଓପନିଂରେ ବିଫଳ ହୋଇଥିଲେ ହେଁ ଲୋକେଶ ରାହୁଲ ପୁଣି ବ୍ୟାଟିଂ ଓପନ୍ କରିପାରନ୍ତି। ଆଗଧାଡ଼ିର ବୋଲରମାନେ ଅନୁପସ୍ଥିତ ଥିଲେ ମଧ୍ୟ ସେମାନଙ୍କ ଅଭାବ ଅନୁଭୂତ ହୋଇନାହିଁ।

ଭାରତୀୟ ବ୍ୟାଟରଙ୍କୁ ଅଧିକ ସୁଯୋଗ ମିଳି ନ ଥିଲେ ହେଁ ସମସ୍ତ ଖେଳାଳି ଏହାର ଉପଯୋଗ କରିବାକୁ ପ୍ରୟାସ କରିବେ। ଦ୍ୱିତୀୟ ମ୍ୟାଚ୍‌ର ବିଫଳତାକୁ ପଛରେ ପକାଇ ଇଶାନ କିଷନ ବଡ଼ ସ୍କୋର ପ୍ରୟାସ କରିବେ। ସେଟ୍ ହୋଇ ଉଇକେଟ ଫୋପାଡ଼ିଥିବା ଶିଖର ଧାୱନ୍ ଓ ଶୁବମନ ଗିଲ୍‌ଙ୍କ ନିକଟରୁ ଅଧିକ ଦାୟିତ୍ୱବାନ୍ ବ୍ୟାଟିଂ ଆଶା କରାଯାଏ। ଦୀପକ ହୁଡା ଓ ସଞ୍ଜୁ ସାମ୍‌ସନ ଭଲ ବ୍ୟାଟିଂ କରିଥିବା ବେଳେ ଉଭୟଙ୍କ ନିକଟରୁ ସମାନ ପ୍ରଦର୍ଶନ ଆଶା କରିବ ମ୍ୟାନେଜ୍‌ମେଣ୍ଟ। ସେହିପରି କ୍ଲିନ୍ ସୁଇପ୍‌କୁ ରୋକିବା ଲାଗି ଜିମ୍ବାୱେ ପ୍ରୟାସ କରିବ। ସିକନ୍ଦର ରାଜା ଓ ସିନ୍ ୱିଲିୟମ୍ସଙ୍କ ବ୍ୟାଟିଂ ଉପରେ ଦଳର ପ୍ରଦର୍ଶନ ନିର୍ଭର କରୁଥିବା ବେଳେ ଉଭୟ ଆଶାନୁରୂପ ଖେଳିବାରେ ବିଫଳ ହୋଇଛନ୍ତି। ବୋଲିଂରେ ଭାରତ କୁଲଦୀପ ଯାଦବଙ୍କୁ ବାଦ୍ ଦେଇ ଦୀପକ ଚହର ଓ ଶାର୍ଦ୍ଦୂଳ ଠାକୁରଙ୍କୁ ଖେଳାଇପାରେ। ଦୀପକ ହୁଡା ଦ୍ୱିତୀୟ ସ୍ପିନର ଭାବେ ବୋଲିଂ କରିପାରନ୍ତି।

**ମ୍ୟାଚ୍ ଆରମ୍ଭ : ଅପରାହ୍ଣ ୧୨.୪୫**










E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

JYOTE MOTORS
BHUBANESWAR: LEWIS ROAD: 9798190190.
NAYAPALLI: 9798190190. KEONJHAR: 9798190190. NAYAGARH: 9798190190.
BALUGAON: 9798190190. ANANDPUR: 9798190190. KENDRAPARA: 9798190190.
BALASORE: 9798190190. BHADRAK: 9798190190. BARIPADA: 9798190190.
UDALA: 7064499950. RAIRANGPUR: 9853446906.
JALESWAR: 7064499950. BASUDEVPUR: 9798190190.

NARAYANI MOTORS
BHUBANESHWAR: RASULGARH: 9583022019, 7440019592, 9583022013.
JAGATSINGHPUR: 9583022090. PURI: 9583022035.
NIMPARA: 7381094851. PARADEEP: 9583022034/ 48.

SKY AUTOMOBILES
BHUBANESWAR: PATIA: 7381045356.
CUTTACK: 9776677771, 7381873818,
DHENKANAL: 8093027882. NARSINGHPUR: 8093027882.
KAMAKHYANAGAR: 8093027882. JAJPUR: 9776900777.
SALEPUR: 9583544555. CHANDIKHOL : 9583544555.
TANGI: 7381045356.

ODYSSEY MOTORS
ANGUL: 7752076136, 9776901481.
PALLAHARA: 7873565435, 9437831123.

TUSHI MOTORS
CUTTACK: 9078076450.
PANIKOILI: 9078076450.

*Offer includes consumer offer, exchange bonus and institutional offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Low down payment is provided by select financiers only. Credit at the sole discretion of the Bank. 100% on-road funding is provided by select financiers only. #Gold voucher is applicable on select models/variants only.Terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st August, 2022.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଚାଷୀଙ୍କ ପାଇଁ ସମସ୍ୟା ଜମି କିସମ ପରିବର୍ତ୍ତନ

**ପୁରୀ ଅଫିସ,୨୧।୮:**

ପୁରୀ ଜିଲା ଅର୍ଥନୀତିର ପ୍ରମୁଖ ଭାଗ କୃଷି ଉପରେ ନିର୍ଭରଶୀଳ। ଗ୍ରାମାଞ୍ଚଳର ଲୋକେ ବିଭିନ୍ନ ଚାଷକରି ଗୁଜରାଣ ମେଣ୍ଟାଇଥାଆନ୍ତି। ଏଭଳି ସ୍ଥଳେ ଚାଷଜମିର କିସମ ପରିବର୍ତ୍ତନ ଚାଷୀକୁଳ ପାଇଁ ସମସ୍ୟା ପାଲଟିଛି। ପୁରୀ ଜିଲାର ଅଧିକାଂଶ ସ୍ଥାନରେ ଚାଷଜମିର କିସମ ପରିବର୍ତ୍ତନ କରାଯାଉଥିବାରୁ କୃଷି ବ୍ୟାପକ ଭାବେ ପ୍ରଭାବିତ ହେଉଛି।

ଠିକାଦାର ଏବଂ ଜମି ଦଲାଲମାନେ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ସଂଶ୍ଲିଷ୍ଟ ଜମିକୁ ଛାଡ଼ି ଗ୍ରାମାଞ୍ଚଳମୁହାଁ ହୋଇଛନ୍ତି। ସେମାନେ ଜମି କିଣି ନେଇ ଘରବାରି କିସମ ଲାଗି ତହସିଲ କାର୍ଯ୍ୟାଳୟରେ ଆବେଦନ କରୁଛନ୍ତି। ଜମି ଘରବାରି କିସମରେ ପରିଣତ ହେବା ପରେ ସଂପୃକ୍ତ ଜମିକୁ ମାଟି ପକାଇ ପୋତାଯାଉଛି। ସେହି ସ୍ଥାନଟି ଉଚ୍ଚା ହୋଇଯିବା ପରେ ତାହାକୁ ଲାଗିରହିଥିବା ଚାଷଜମି ଆପେ ଆପେ ଖାଲୁଆ ହୋଇଯାଉଛି। ବର୍ଷା କିମ୍ବା ବନ୍ୟା ସମୟରେ ସେହି ସ୍ଥାନରେ ପାଣି ଜମୁଛି। ଫଳରେ ଚାଷୀ ସଂପୃକ୍ତ ଜମିରେ ଚାଷ କରିପାରୁନାହାଁନ୍ତି। ବିଶେଷକରି ପୁରୀ ସଦର ଓ ପିପିଲି ତହସିଲ ଅଧୀନରେ ଥିବା ସ୍ଥାନଗୁଡ଼ିକର କିସମ ପରିବର୍ତ୍ତନ କରାଯାଉଛି। ପୁରୀ ସହର ସଦର ଓ ଭୁବନେଶ୍ୱର ଆଡ଼କୁ ବଢ଼ିବାରେ ଲାଗିଛି। ଏଣୁ ଟାଉନ୍ ପ୍ଲାନିଂ ଆଧାରରେ କିସମ ପରିବର୍ତ୍ତନ ଅନୁମତି ଦିଆଯାଉଛି। ଜନବସତି ଲାଗି କିସମ ପରିବର୍ତ୍ତନ ଏକ ଆବଶ୍ୟକତା। ତେବେ ଏହା କେବଳ ମୁଖ୍ୟରାସ୍ତା ସଂଲଗ୍ନ ଜମିଜମା ପାଇଁ ଉଦ୍ଦିଷ୍ଟ ହେବା ଦରକାର। ଏହାକୁ ଲାଗିରହିଥିବା ଗ୍ରାମାଞ୍ଚଳ ଓ ଟାଉନ ପ୍ଲାନିଂରେ ନ ଥିବା ଅଞ୍ଚଳରେ କେହି ଜମି କିଣିଲେ ତାଙ୍କୁ କିସମ ପରିବର୍ତ୍ତନ ସକାଶେ ଅନୁମତି ମିଳିବା ଉଚିତ୍ ନୁହେଁ ବୋଲି ଅନେକ ବୁଦ୍ଧିଜୀବୀ ମତପୋଷଣ କରିଛନ୍ତି।

ସୂଚନା ଅନୁଯାୟୀ, ୨୦୨୧ ମସିହାରେ ଗ୍ରାମାଞ୍ଚଳ ଜମିର କିସମ ପରିବର୍ତ୍ତନର ମାତ୍ରା ବଢ଼ିଛି। ଠିକାଦାର ଓ ଜମି ଦଲାଲମାନେ ଗାଁ ଗାଁ ବୁଲି ଜମି କିଣି ନେଉଛନ୍ତି ଓ ତାହାର କିସମ ପରିବର୍ତ୍ତନ କରୁଛନ୍ତି। କେବଳ ପୁରୀ ସଦର, ବ୍ରହ୍ମଗିରି ଓ ପିପିଲି ଅଞ୍ଚଳରେ ଜମିର କିସମ ପରିବର୍ତ୍ତନ ପାଇଁ ୧୨ଶହରୁ ଉର୍ଦ୍ଧ୍ୱ ଆବେଦନ ହୋଇଛି। ଅନ୍ୟପକ୍ଷରେ ଚାଷୀମାନେ ଏନେଇ ଅଭିଯୋଗ କରୁଛନ୍ତି। ପିପିଲି ତହସିଲ ଅଧୀନ ଭୋଗପାଟଳୀ ମୌଜାର ଖାତା ନମ୍ବର-୧୧୦/୮୩, ଚକ ନଂ- ୮୫, ପ୍ଲଟ୍ ନଂ- ୧୦୭ ଏକ ଚାଷଜମି। ଏହି ଜମିର କିସମ ପରିବର୍ତ୍ତନ ପାଇଁ ଆବେଦନ କରାଯାଇଛି। କିସମ ପରିବର୍ତ୍ତନ ଅନୁମୋଦିତ ହେଲେ ସମ୍ପୃକ୍ତ ସ୍ଥାନରେ ମାଟି ପୋତି ପ୍ଲଟିଂ କରାଯିବ। ଫଳରେ ଆମ୍ଭମାନଙ୍କ ଜମିରୁ ଜଳ ନିଷ୍କାସନ ହୋଇପାରିବ ନାହିଁ ଓ ଚାଷକାର୍ଯ୍ୟ ପ୍ରଭାବିତ ହେବ। ଏଣୁ ସମ୍ପୃକ୍ତ ଜମିର କିସମ ପରିବର୍ତ୍ତନ ଲାଗି ଅନୁମତି ନ ଦେବାକୁ ଚାଷୀ ପଠାଣି ବରାଳ ସ୍ଥାନୀୟ ସର୍କଲ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ନିବେଦନ କରିଛନ୍ତି। ବିଭିନ୍ନ ତହସିଲ ଅଫିସ୍‌ରେ ଏଭଳି ଅଭିଯୋଗ ପଡ଼ିରହିଛି। ତହସିଲ କାର୍ଯ୍ୟାଳୟ ପକ୍ଷରୁ ଠିକ ଭାବେ ଯାଞ୍ଚ ବିନା କିସମ ପରିବର୍ତ୍ତନ କରାଯାଉଛି ବୋଲି ସୂଚନା ଅଧିକାର କର୍ମୀ ଦିଲୀପ ବରାଳ ଅଭିଯୋଗ କରିଛନ୍ତି। ରାଜସ୍ୱ ନିରୀକ୍ଷକ ଏଲ୍. ମିଶ୍ର କହିଛନ୍ତି, କିସମ ପରିବର୍ତ୍ତନ ପାଇଁ କେତେକ ନିର୍ଦ୍ଦେଶନାମା ବା ଗାଇଡ୍‌ଲାଇନ ରହିଛି। ସେହି ନିର୍ଦ୍ଦେଶନାମା ବା ଗାଇଡ୍‌ଲାଇନ ଅନୁଯାୟୀ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଥାଏ। ତେବେ ପ୍ଲଟିଂ କରୁଥିବା ଲୋକେ ଜଳ ନିଷ୍କାସନ ଲାଗି ରାସ୍ତା କିମ୍ବା ଡ୍ରେନେଜ୍ ବ୍ୟବସ୍ଥା କରିବା ଉଚିତ।




୨୧।୮।୨୦୨୨

| | |
|---|---|
| ୩, ୭୬, ୫୨୮ ଟଙ୍କା | |
| ସୁନା | ୨.୮୦୦ ଗ୍ରାମ |
| ରୁପା | ୧୦୬.୭୦୦ ଗ୍ରାମ |

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ନାବାଳକଙ୍କ ମୃତ୍ୟୁ

ଡେଲାଙ୍ଗ/ପିପିଲି,୨୧।୮(ଡି.ଏନ୍.ଏ./ସ୍ୱ.ପ୍ର): ପୋଖରୀରେ ଗାଧୋଇବାବେଳେ ଗୋଡ ଖସି ଜଣେ ନାବାଳକଙ୍କ ରବିବାର ମୃତ୍ୟୁ ଘଟିଛି। ସେ ହେଲେ କୁଆପଦା ଗ୍ରାମର ଚିତ୍ରସେନ ନିଶଙ୍କଙ୍କ ସାନପୁଅ ରାଜୀବ ନିଶଙ୍କ (୧୭)। ସାଙ୍ଗମାନେ ଗାଁ ଲୋକଙ୍କୁ ଡାକି ରାଜୀବଙ୍କୁ ଡେଲାଙ୍ଗ ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।

### ପୂର୍ବତନ ସରପଞ୍ଚଙ୍କୁ ଆକ୍ରମଣ ଅଭିଯୋଗ

କାର୍ଯ୍ୟାନୁଷ୍ଠାନ ଦାବି

ନିମାପଡ଼ା,୨୧।୮(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ଧନୁଆଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୋକୁଳାନନ୍ଦ ପରିଡାଙ୍କୁ ଜଣେ ଯୁବକ ମାଡମାରି ବେକରୁ ସୁନାଚେନ୍ ଝାମ୍ପି ନେଇଥିବା ଶନିବାର ରାତିରେ ଥାନାରେ ଅଭିଯୋଗ ହୋଇଛି। ଯୁବକ ଜଣକ ହେଲେ ଦେଖୋତା ଗ୍ରାମର ଗୋବିନ୍ଦ ନାୟକ। ଏନେଇ ପୋଲିସ ଏକ ମାମଲା (୨୮୧/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗିରଫ ହେବା ଭୟରେ ଗୋବିନ୍ଦ ଫେରାର ହୋଇଯାଇଥିବା ଜଣାପଡିଛି। ସୂଚନା ମୁତାବକ, ଧନୁଆଁ ପଞ୍ଚାୟତର ବନ୍ୟାବିପନ୍ନଙ୍କୁ ଗତ ଶନିବାର ଡଙ୍ଗାରେ ଭୂଆଁ ଗ୍ରାମକୁ ସ୍ଥାନାନ୍ତର ଏବଂ ରିଲିଫ୍ ବଣ୍ଟାଯାଇଥିଲା। ସେ ସମୟରେ ଗୋବିନ୍ଦ ନିଶାସକ୍ତ ଅବସ୍ଥାରେ କ୍ରୋଧାନ୍ୱିତ ହୋଇ ଡଙ୍ଗାକୁ ଜୋର ଜବରଦସ୍ତ ଅଟକାଇ ରିଲିଫ୍ ବଣ୍ଟନ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ଲୋକଙ୍କ ସମ୍ମୁଖରେ ପୂର୍ବତନ ସରପଞ୍ଚ ପରିଡାଙ୍କୁ ଗୋବିନ୍ଦ ଆକ୍ରମଣ କରି ଦୁର୍ବ୍ୟବହାର ସହ ଧମକଚମକ ଦେଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ଗୋବିନ୍ଦଙ୍କ ଏପରି କାର୍ଯ୍ୟକୁ ପଞ୍ଚାୟତବାସୀ ନିନ୍ଦା କରି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି।

# ଡିଭାଇଡରରେ ପିଟି ହେଲା କାର୍

**ପୁରୀ ଅଫିସ,୨୧।୮:**



ପୁରୀ ହେଲିପ୍ୟାଡ୍ ଛକସ୍ଥିତ ଆଇଟିଆଇ କଲେଜ ନିକଟରେ ଜଣେ ନିଶାସକ୍ତ କାର ଚାଳକ ଦୁର୍ଘଟଣା ଘଟାଇଛନ୍ତି। ଦ୍ରୁତ ଗତିରେ କାର ଚଳାଇ ନେଇ କଲେଜ ସମ୍ମୁଖରେ ଥିବା ଡିଭାଇଡରରେ ଗାଡ଼ିକୁ ଧକ୍କା କରିଥିଲେ। କାରରେ ତିନି ଜଣ ଯୁବକ ଥିବା ବେଳେ ତନ୍ମଧ୍ୟରୁ ଜଣେ ଘଟଣାସ୍ଥଳରୁ ଖସି ପଳାଇଥିଲେ। ଅନ୍ୟ ଦୁଇ ଜଣ ନିଶାସକ୍ତ ଅବସ୍ଥାରେ ସେହିଠାରେ ପଡ଼ି ରହିଥିଲେ। କାର ଚାଳକ ଗୁରୁତର ଅବସ୍ଥାରେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। କାର (ଓଡି ୧୩ ୭୪୪୯)ଟି ପୁରୀ ସହରର ହୋଇଥିବା ବେଳେ ସଂପୃକ୍ତ ଯୁବକମାନେ ସନ୍ଧ୍ୟାରୁ ନିଶାଶକ୍ତ ହୋଇ ହେଲିପ୍ୟାଡ୍ ଅଞ୍ଚଳରେ ବୁଲୁଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ପୁରୀ ହେଲିପ୍ୟାଡ୍, ଭୂଦାନ ଓ ତାଳବଣିଆ ଅଞ୍ଚଳରେ ରାତ୍ରରେ ନିଛାଟିଆ ହେଉଥିବାରୁ ନିଶାସକ୍ତ ଅବସ୍ଥାରେ ଯୁବକମାନେ ଏହି ଅଞ୍ଚଳରେ ମେଳି କରି ଦ୍ରୁତ ଗତିରେ ଗାଡ଼ି ଚଳାଉଛନ୍ତି।

# 'ଏବେ ପରମ୍ପରାର ଅବକ୍ଷୟ ଘଟିଛି'

**ପୁରୀ ଅଫିସ, ୨୧।୮:**

ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚ ଓ ଶ୍ରୀକ୍ଷେତ୍ର ୱାର୍କସ କ୍ଲବର ମିଳିତ ଆନୁକୁଲ୍ୟରେ ବାଘ ଆଖଡ଼ା ମଠ ପରିସରରେ ରବିବାର ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ମଞ୍ଚର ସଭାପତି ଡ. କାର୍ତ୍ତିକ କୁମାର ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଦାସ କହିଥିଲେ, ଯୌଥ ପରିବାର ଏବେ ଦେଖିବାକୁ ମିଳୁନାହିଁ। ବିଗତ ଦିନରେ ଜନସଂଖ୍ୟା କମ ଥିଲା। ପିଲାମାନେ ସଦାସର୍ବଦା ଗୁରୁଜନ, ପିତାମାତାଙ୍କୁ ସମ୍ମାନ ଜଣାଇବା ସହ ଶ୍ରଦ୍ଧା କରୁଥିଲେ । ମାତ୍ର ତାହା ଆଜି କା ଦିନରେ ଲୋପ ପାଇଛି । ବର୍ତ୍ତମାନ ପିଲାମାନେ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଗସ୍ତ କରିବା ସହ ସେଠାରେ ନିଜର ଜୀବିକା ନିର୍ବାହ କରୁଛନ୍ତି। ସେମାନେ ଯେତେବେଳେ ନିଜ ମାଟିକୁ ଫେରୁଛନ୍ତି ସେତେବେଳେ ଆମ ପରମ୍ପରା ସଂସ୍କୃତି ସମ୍ପର୍କରେ ସେମାନେ ଅଜ୍ଞ ରହୁଛନ୍ତି। ବୃଦ୍ଧ ପିତାମାତାଙ୍କ ପ୍ରତି କର୍ତ୍ତବ୍ୟ ଥିଲେ ମଧ୍ୟ ସେ ନିଜ ଜୀବନ ଓ ଜୀବିକାକୁ ଗୁରୁତ୍ୱ ଦେବା ସ୍ୱାଭାବିକ। ଏବେ ପରମ୍ପରାର ଅବକ୍ଷୟ ଘଟିଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମଞ୍ଚର ସମ୍ପାଦକ ଦେବେନ୍ଦ୍ର କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଉକ୍ତ ଆଲୋଚନା ଚକ୍ରରେ ଶ୍ରୀକର୍ଣ୍ଣ ପ୍ରଧାନ, ବିଭୂତି ଭୂଷଣ କର, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ତ୍ରିବିକ୍ରମ ମିଶ୍ର, ଚିତ୍ତ ରଞ୍ଜନ ମହାନ୍ତି, କେଶବ ଚନ୍ଦ୍ର ପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଗୋବିନ୍ଦ ପ୍ରସାଦ ମହାନ୍ତି, ଦେବରାଜ ପ୍ରଧାନ, ବଟକୃଷ୍ଣ ସ୍ୱାଇଁ, ସନ୍ତୋଷ କୁମାର ମହାନ୍ତି, ବିଜୟ ଚନ୍ଦ୍ର ପଣ୍ଡା ଓ ଶରତ କୁମାର ସାହୁ ପ୍ରମୁଖ ଅଂଶ ଗ୍ରହଣ କରି ମତ ପ୍ରଦାନ କରିଥିଲେ । ବରିଷ୍ଠ ନାଗରିକମାନେ ମଠ ପରିସରରେ ଥିବା ଗୋଶାଳା ସଫେଇ କରିଥିଲେ। ମଞ୍ଚର କୋଷାଧ୍ୟକ୍ଷ ଗୋଲକ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।




ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚ ଓ ଶ୍ରୀକ୍ଷେତ୍ର ୱାର୍କର୍ସ କ୍ଲବର ମିଳିତ ଆନୁକୂଲ୍ୟରେ ବାଘ ଆଖଡ଼ା ମଠ ପରିସରରେ ରବିବାର ବିଶ୍ୱ ବରିଷ୍ଠ ନାଗରିକ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ବରିଷ୍ଠ ନାଗରିକ।

ଛତାବର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

# ଟିଲୁ ୱାରିଅର ଚାମ୍ପିୟନ

**ଜଟଣୀ,୨୧।୮(ଡି.ଏନ୍.ଏ.):**

ଜଟଣୀ ବ୍ଲକ ଅଧୀନ ଛତାବର ପଞ୍ଚାୟତ ପକ୍ଷରୁ ଛତାବର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ପଞ୍ଚାୟତ ହାଇସ୍କୁଲ ଖେଳପଡ଼ିଆରେ ତିନିଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ଛତାବରର ୱାଇଏଫ୍‌ସିସି ଟିମ୍‌କୁ ହରାଇ ଟିଲୁ ୱାରିଅର ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ଭାଗ ନେଇଥିଲେ। ଶେଷ ଦିବସରେ ଟିଲୁ ୱାରିଅର ଏବଂ ୱାଇଏଫ୍‌ସିସି ମଧ୍ୟରେ ୧୨ ଓଭରବିଶିଷ୍ଟ ୩ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ୱାଇଏଫ୍‌ସିସି ଟିମ୍ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଟିଲୁ ୱାରିଅର ବିଜୟୀ ହୋଇଥିବା ବେଳେ ତୃତୀୟ ମ୍ୟାଚ୍ ଡ୍ର ହୋଇଥିଲା। ସୁପର ଓଭରରେ ମ୍ୟାଚ୍ ଟାଇ ହୋଇଥିଲା ବେଳେ ଥ୍ରୋ ବଲ ମାଧ୍ୟମରେ ଟିଲୁ ୱାରିଅର ବିଜୟୀ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପାଣ୍ଡବ ଜେନା ଫାଉଣ୍ଡେଶନ ଅଧ୍ୟକ୍ଷ ସନ୍ତୋଷ ଜେନା ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ ଟିମ୍‌କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ଛତାବର ସରପଞ୍ଚ ବିଷ୍ଣୁପ୍ରସାଦ ଡେଙ୍ଗ, ସମିତିସଭ୍ୟ ବ୍ରଜବନ୍ଧୁ ପ୍ରଧାନଙ୍କ ସମେତ ବହୁ ୱାର୍ଡସଭ୍ୟ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



ଅତିଥିଙ୍କଠାରୁ ଖେଳାଳି ଚାମ୍ପିୟନ ଟ୍ରଫି ଗ୍ରହଣ କରୁଛନ୍ତି।

# ଭାରତୀୟ ସଫ୍ଟବଲ୍ ଦଳରେ ପୁରୀର ମନୋଜ

ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା

**ପୁରୀ ଅଫିସ, ୨୧।୮:**

ଆସନ୍ତା ସେପ୍ଟେମ୍ବର ୩ରୁ ୯ ତାରିଖ ପର୍ଯ୍ୟନ୍ତ ଜାପାନରେ ସଫ୍ଟବଲ୍ ଏସିଆନ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଭାରତ ସମେତ ଏସିଆ ମହାଦେଶର ବିଭିନ୍ନ ଦେଶ ଭାଗନେବେ। ଭାରତୀୟ ଦଳରେ ପୁରୀର ଯୁବ ପ୍ରତିଭାବାନ କ୍ରୀଡ଼ାବିତ୍ ମନୋଜ କୁମାର ପ୍ରଧାନ ସ୍ଥାନ ପାଇଛନ୍ତି। ଏହା ପୁରୀ ଜିଲା ସମେତ ସାରା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ମନୋଜଙ୍କୁ ରବିବାର ପୁରୀ ଜିଲା ସଫ୍ଟବଲ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସେ ପୁରୀରୁ ଦିଲ୍ଲୀ ଅଭିମୁଖେ ଗସ୍ତ କରିଛନ୍ତି। ସେଠାରୁ ଜାପାନ ଯିବେ। ମନୋଜ ଗରିବ ଶ୍ରେଣୀର ଏବଂ ସେ ଜୋମାଟୋ ବୟ ଭାବେ କାମ କରୁଥିଲେ। କଠିନ ପରିଶ୍ରମ ବଳରେ ସେ ଭାରତୀୟ ଦଳରେ ସ୍ଥାନ ପାଇପାରିଛନ୍ତି। ପଦକ ଜିତିବେ ବୋଲି ମନୋଜ ଆଶା ପ୍ରକାଶ କରିଛନ୍ତି।

# ପୂର୍ବ ଶତ୍ରୁତାରୁ ମହିଳାଙ୍କୁ ଅସଦାଚରଣ

**ନିମାପଡ଼ା,୨୧।୮(ଡି.ଏନ୍.ଏ.):**

ପୂର୍ବ ବିବାଦକୁ କେନ୍ଦ୍ର କରି ଚାରିଛକ ଫାଣ୍ଡି ଅନ୍ତର୍ଗତ ଶୁଦ୍ଧବାଗିମଳ ଗ୍ରାମରେ ଜଣେ ମହିଳାଙ୍କୁ ଅସଦାଚରଣ କରିବା ସହ ତାଙ୍କ ସ୍ୱାମୀଙ୍କୁ ରାସ୍ତାରୁ ଉଠାଇ ନେଇ ଦୁର୍ବୃତ୍ତ ମାଡ ମାରିଛନ୍ତି। ଏଥିସହ ୧୫ଜଣ ଦୁର୍ବୃତ୍ତ ସଂଘବଦ୍ଧ ଭାବେ ଘରେ ପଶି ଆସବାବପତ୍ର ଫିଙ୍ଗା ଫୋପଡା, ଭଙ୍ଗାରୁଜା ସହ ୭ ହଜାର ଟଙ୍କା ଲୁଟି ନେଇଥିବା ରବିବାର ଚାରିଛକ ଫାଣ୍ଡିରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଅନେକ ଦଫା ଲଗାଇବା ସହ ଏକ ମାମଲା (୨୮୨/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ମୁତାବକ, ସୁମିତ୍ରା ମଲ୍ଲିକ(୫୪) ଗହୀରରେ ଏକୁଟିଆ ଥିବାର ସୁଯୋଗ ପାଇ ଗ୍ରାମର ବଂଶୀଧର ଭୋଇ ତାଙ୍କୁ ଅଶୀଳ ଇଙ୍ଗିତ ପ୍ରଦର୍ଶନ କରିବା ସହ ଦୁର୍ବ୍ୟବହାର କରିଥିଲେ। ଏଥିସହ ବଂଶୀଧରଙ୍କ ସହ ସମ୍ପର୍କ ନ ରଖିଲେ ପରିବାରକୁ ବରବାଦ କରିଦେବେ ବୋଲି ଧମକ ଦେଇଥିଲେ। ପରେ ଘରେ କେହି ନ ଥିବା ସୁଯୋଗରେ ବଂଶୀଧର, ସାଗର ଭୋଇ, ମଣ୍ଟୁ ଭୋଇ, ଦୀପା ଭୋଇ, ଅଜୁ ଭୋଇ, ରୋହିତ ଭୋଇଙ୍କ ସମେତ ୧୫ଜଣ ବ୍ୟକ୍ତି ସୁମିତ୍ରାଙ୍କ ଘରେ ସଂଘବଦ୍ଧ ଭାବେ ପଶିଥିଲେ। ଘର ଆସବାବପତ୍ର ଫୋପାଡି ୭ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ସୁମିତ୍ରାଙ୍କ ସ୍ୱାମୀ ଭ୍ରମର ମଲ୍ଲିକ ରାସ୍ତାରେ ଯିବାବେଳେ କିଛି ଦୁର୍ବୃତ୍ତ ତାଙ୍କୁ ଅଟୋରେ ଉଠାଇ ନେଇ ଆକ୍ରମଣ କରିଥିଲେ। ଭ୍ରମର ଆହତ ଅବସ୍ଥାରେ ଚାରିଛକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

# 'ଲୋକ ଭାଷା ବିବିଧତା, ଏକତାର ସ୍ୱାକ୍ଷର ବହନ କରେ'




'ଆମ ଲୋକ ମିଥ୍' ଏବଂ 'ଭଞ୍ଜଙ୍କ ସୁକ୍ତିମାଳା' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ପୁରୀ ଅଫିସ, ୨୧।୮:**

ପୁରୀ ଯୁଥ ହଷ୍ଟେଲ ସମ୍ମେଳନ କକ୍ଷରେ ରବିବାର 'ଓଡ଼ିଶାର ଲୋକ ଭାଷା' ଶୀର୍ଷକ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଗବେଷଣା ପ୍ରତିଷ୍ଠାନ ନିର୍ଦ୍ଦେଶକ ଡକ୍ଟର୍ ଦୁର୍ଗାମାଧବ ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଭାଷାବିତ୍ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ, ସାନ୍ତାଳୀ ଭାଷାର ଗବେଷିକା ପଦ୍ମଶ୍ରୀ ଡକ୍ଟର ଦମୟନ୍ତୀ ବେଶ୍ରା ମୁଖ୍ୟଅତିଥି, ଲୋକ ସଂସ୍କୃତି ଗବେଷକ ଡକ୍ଟର କମ୍ବୁପାଣି ସାମନ୍ତ ବିଶିଷ୍ଟ ଅତିଥି, ସାହିତ୍ୟିକା ଡ. ବାସନ୍ତୀ ମହାନ୍ତି ମୁଖ୍ୟବକ୍ତା ଓ ଜନଜାତି ସଂସ୍କୃତି ଗବେଷକ ଡକ୍ଟର କ୍ଷେତ୍ରବାସୀ ମାନସେଠ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ଭିନ୍ନ ଭିନ୍ନ ଲୋକଭାଷାର ଚଳନ୍ତି ରୂପ ଓ ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଲୋକତତ୍ତ୍ୱବିତ୍ ଡକ୍ଟର ରାଜେନ୍ଦ୍ର ପାଢ଼ୀ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ । ଡ. ଦୁର୍ଗାମାଧବ ନନ୍ଦ ସ୍ୱାଗତ ସମ୍ଭାଷଣ ଏବଂ ଡ. ନଳିନୀ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଉଦ୍‌ଘାଟନୀ ଭାଷଣରେ ଡ. ଟିକାୟତରାୟ କହିଥିଲେ, ଭାଷା ଥିଲେ ସଂସ୍କୃତି ସୃଷ୍ଟି ହେବ । ଲୋକ ଭାଷା ବିବିଧତା ଓ ଏକତାର ସ୍ୱାକ୍ଷର ବହନ କରେ।

ପ୍ରଥମ ବୈଷୟିକ ଅଧିବେଶନରେ ଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ ସମ୍ପାଦକ ଡ. ମଥୁରେନ୍ଦ୍ର ପୃଷ୍ଟି ପୌରୋହିତ୍ୟ କରିଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପସଚିବ ଡ. କୁଳମଣି ଓଝା ସମୀକ୍ଷକ ଭାବେ ଯୋଗଦେଇଥିଲେ। ଏହି ଅବସରରେ 'ଆମ ଲୋକ ମିଥ୍ ଓ ଭଞ୍ଜଙ୍କ ସୁକ୍ତିମାଳା' ପୁସ୍ତକ ଦୁଇଟି ଉନ୍ମୋଚିତ ହୋଇଥିଲା। ଡ. ନଳିନୀ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମରେ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ନାରୀଙ୍କ ଭୂମିକା

**ଡ. ସୁରେନ୍ଦ୍ର କୁମାର ମିଶ୍ର**




- ଗାଈଗୋଠ ପରିଚାଳନାରେ ସମ୍ପୃକ୍ତ ନାରୀଙ୍କ ମୁଖିଆ ଥିଲେ ସୁଖୀ ମହାଭୋଇ।
- ନାରୀ ସୁଆଁସିଆଙ୍କୁ କୁହାଯାଉଥିଲା କାମିକା ମୂଲିଆଣୀ।
- ଗାଈଙ୍କ ସେବା ପାଇଁ ନିଯୁକ୍ତ ଥିଲେ ୭୪ଜଣ ନାରୀ।

ଶିଳ୍ପୀମାନଙ୍କ ଗାଈଗୋଠ ବ୍ୟବସ୍ଥା କରିଥିଲେ ଗଜପତି। ମୂଳରୁ ଏ ଦିଗ ପ୍ରତି ସେ ନିଘା ରଖିଥିଲେ। ଶହେଜଣ ଗାଈଆଳ ଥିଲେ। ଜଣେ ଗାଈଆଳ ୩୦ଟି ଗାଈଙ୍କ ଦାୟିତ୍ୱରେ ଥିଲେ। ଶହେ ଗାଈଆଳଙ୍କ ମୁଖିଆ ଥିଲେ ଭାଗୀରଥି ମହାଭୋଇ। ସମସ୍ତଙ୍କ ପକ୍ଷରୁ ଭାଗୀରଥି ଗ୍ରହଣ କରିଥିଲେ ଉପହାର। ଉପହାର ନିଜେ ଉପସ୍ଥିତ ରହି ଦେଇଥିଲେ ମହାଶ୍ରମ (ଗଜପତି)। ଗାଈଙ୍କ ପାଇଁ ମୋଟାଧାନ ଯୋଗାଇଦେବାର ବ୍ୟବସ୍ଥା ହୋଇଥିଲା। ଦୁହାଁଳିଆ ଗାଈଙ୍କ ଖାଦ୍ୟ ଦିଗକୁ ମଧ୍ୟ ନଜର ରଖାଯାଇଥିଲା। ଭରଣ ଭରଣ (୮୦ଗୌଣୀ) ଅକୁଟା ଧାନ ଗାଈଙ୍କ ଖାଦ୍ୟ ପାଇଁ ଖଞ୍ଜା ରହିଥିଲା। କେବଳ ଗଜପତି ମହାଭୋଇଙ୍କୁ ଉପହାର ଦେଇଥିଲେ ତାହା ନୁହେଁ, ମହାରାଣୀ ମଧ୍ୟ ଦେଇ ଥିବାର ଜଣାଯାଏ। ନିଜେ ମହାରାଣୀ ଗାଈଗୋଠ ପରିଦର୍ଶନ କରିଥିଲେ। ଅନ୍ୟତମ ମୁଖିଆ ରାମ ମହାଭୋଇଙ୍କୁ ଉପହାର ଦେଇଥିଲେ। ଗାଈଙ୍କ କାମ କରିବା ପାଇଁ ନାରୀମାନଙ୍କୁ ନିଯୁକ୍ତ କରାଯାଇଥିଲା। ଏଥିପାଇଁ ୭୪ଜଣ ନାରୀ କାର୍ଯ୍ୟ କରୁଥିଲେ। ନାରୀଙ୍କ ମୁଖିଆ ଥିଲେ ସୁଖୀ ମହାଭୋଇ। ସେ ମଧ୍ୟ ୭୪ ଜଣଙ୍କ ପାଉଣା ଗ୍ରହଣ କରୁଥିଲେ। ବାସ୍ତବରେ ଗାଈଗୋଠର ପରିଚାଳନା ପାଇଁ ନାରୀ ଅପରିହାର୍ଯ୍ୟ। ଗୋ-ପାଳନ, ଗୋ-ସୁରକ୍ଷା ସହଜ ବ୍ୟାପାର ନୁହେଁ। ଦୁହାଁଳିଆ ଗାଈ ରଖାଯାଇଥିଲା। ଦୁଗ୍ଧ ବନ୍ଦ କଲେ ସେମାନଙ୍କୁ ଅଲଗା ରଖାଯାଇ ପୁଣି ଦୁହାଁଳିଆ ଗାଈ ଆଣି ଗୋଠରେ ସାମିଲ କରାଯାଉଥିଲା। ଉଦ୍ଦେଶ୍ୟ ସ୍ପଷ୍ଟ। ଚାରି ଶିବିର, ଶିବିର ବାଦ ବି ଶ୍ରମିକ, ପଥୁରିଆ, କର୍ମଚାରୀ ଅଛନ୍ତି। ସମସ୍ତଙ୍କୁ ଦୁଗ୍ଧ, ଦହି, ଛେନା ଓ ଘିଅ ଯୋଗାଇଦେବା ଗଜପତିଙ୍କର ଅସଲ ଉଦ୍ଦେଶ୍ୟ ଥିଲା। ସେତେବେଳେ ତ ଆଉ ଓମ୍‌ଫେଡ କ୍ଷୀର କି ଦହି, କି ଘିଅ ବିକ୍ରି ବ୍ୟବସ୍ଥା ନ ଥିଲା। ମନ୍ଦିର ନିର୍ମାଣ ସମୟରେ ଯେଉଁମାନେ ପାଇଟିଆଳ ବା ମୂଲିଆ ଥିଲେ ସେମାନଙ୍କୁ 'ସୁଆଁସିଆ' କୁହାଯାଉଥିଲା। ଏମାନେ ମୁଖ୍ୟତଃ ଅସମାନ ପଥର, ବନ୍ଧୁର ବା ମସୃଣ ନ ହୋଇଥିବା ପଥରକୁ ଚଉପଟ କରିବା କାମ କରୁଥିଲେ। ପ୍ରତିବର୍ଷ ବର୍ଷାଋତୁରେ କିଛିଦିନ ନିର୍ମାଣ କାର୍ଯ୍ୟ ବନ୍ଦ ରହୁଥିଲା। କାମ ବନ୍ଦ ହେଲେ ବି ଶିଳ୍ପୀମାନେ ଯେପରି ସେମାନଙ୍କ ପାଉଣା ପାଇବେ ତା'ର ବ୍ୟବସ୍ଥା ଥିଲା, ସୁଆଁସିଆଙ୍କୁ ସେହିପରି ପାଉଣା ଦିଆଯାଉଥିଲା। 'କାମ ନାହିଁ ତ ପଇସା ନାହିଁ' ଏପରି ନୀତି ନ ଥିଲା। ସୁଆଁସିଆଙ୍କ ମଧ୍ୟରୁ କେତେଜଣ ଜଗୁଆଳି କାର୍ଯ୍ୟ କରୁଥିଲେ। ୩୦ଜଣ ଜଗୁଆଳି ଦିନରାତି କାମରେ ନିଯୁକ୍ତ ଥିଲେ। ସୁଆଁସିଆ ଓ ଜଗୁଆଳି ପୁରୀ ରଥଯାତ୍ରା ଦେଖିବାକୁ ଚାହିଁଲେ ସେମାନଙ୍କୁ ସୁଯୋଗ ଦିଆଯାଉଥିଲା। ସୁଆଁସିଆ ଦଳର ମୁଖିଆଙ୍କୁ 'ସୁଆଁସିଆ ନାୟକ' କୁହାଯାଉଥିଲା। ଆବଶ୍ୟକ ହେଲେ ବାହାରୁ ଅସ୍ଥାୟୀ ସୁଆଁସିଆ ଆଣି କାମ ତୁଲାଉଥିଲେ। ପଥରଖମ୍ବ କଳ ଗୟଳରେ ଉଠାଇବା, ଗାତ ଖୋଳିବା, ଗାତ ପୋତିବା, କଳ-ଗୟଳ ଗଣ୍ଠିବା, ଚୂନ ପଥର ଚଟାଣ ଉପରେ କଳାମୁଗୁନି ପଥର ଖଞ୍ଜିବାରେ ମହାରଣାଙ୍କୁ ସହାୟତା କରିବା, ପଥର ପାହାଚ ନିର୍ମାଣବେଳେ ୨୭ ଶ୍ରମିକଙ୍କ ସହଯୋଗ, ବାଉଁଶ କିଳା ସବୁ ମାପ ଅନୁଯାୟୀ ପୋତିବା କାର୍ଯ୍ୟ ସୁଆଁସିଆମାନେ ତୁଲାଉଥିଲେ। ସେହିପରି ନାରୀ ସୁଆଁସିଆଙ୍କ ପାଇଁ କାମିକା ଶବ୍ଦ ବ୍ୟବହାର ହୋଇଥିବାର ଦେଖାଯାଏ। ମୂଳଦୁଆ କାମ ସରିଲେ କିମ୍ବା ପଥର ଖମ୍ବ ଖଞ୍ଜାହେବା ପରେ ମାଟିରେ ପୋତାଯାଉ ନ ଥିଲା। ତା' ମୂଳରେ ଚୂନପଥର ଭର୍ତ୍ତି ହୋଇ ଜାବ ଦିଆଯାଉଥିଲା। ଖାଲି ଚୂନପଥର ନୁହେଁ, ତା' ସହିତ ଅନ୍ୟାନ୍ୟ ଦ୍ରବ୍ୟ ମିଶାଯାଉଥିଲା। ଏହି ମିଶେଇବା କାମ ଓ ମୂଳଦୁଆ ପୋତିବା କାମ ନାରୀ ଶ୍ରମିକମାନେ କରୁଥିଲେ।



ଶ୍ରୀ ପଦ୍ମକେଶର ନାଟ ମନ୍ଦିର ଗାତ୍ରରେ ଗଜପତି ଲାଙ୍ଗୁଳା ନରସିଂହ ଦେବ ଓ ମହାରାଣୀ ମହାଦେବୀ କସ୍ତୁରିକା ମୋହିନୀ ଦେବୀ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୨ ଅଗଷ୍ଟ, ୨୦୨୨

**ଦୟାନଦୀରେ ଓଲଟି ପଡିଲା ୩୩ କେ.ଭି. ବିଦ୍ୟୁତ୍ ଖୁଣ୍ଟ**

ଡେଲାଙ୍ଗ,(ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତ ଏବେ ବନ୍ୟା ଘେରରେ ରହିଛି। ଏହା ମଧ୍ୟରେ ଦୟାନଦୀର ତିରିମଲ୍ଲଠାରେ ନଦୀ ମଧ୍ୟ ଦେଇ ଆସିଥିବା ୩୩ କେ.ଭି.ର ୩ଟି ବିଦ୍ୟୁତ୍ ଖୁଣ୍ଟ ଓଲଟି ପଡିଛି। ଫଳରେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଛି। ବିଦ୍ୟୁତ୍ ବିଭାଗ ଓ ଓଡ୍ରାଫ୍ ଟିମ୍ ପକ୍ଷରୁ ଦିନ ତମାମ ଅହରହ ଚେଷ୍ଟା କରାଯାଇଥିଲେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଫଳରେ ବନ୍ୟାବିପନ୍ନ ଏବେ ସରୀସୃପଙ୍କ ଭୟରେ ଅଛନ୍ତି। ଖବରପାଇ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ବିଡିଓ ଦିଲିପ ଷଡଙ୍ଗୀ ଘଟଣା ସ୍ଥଳରେ ପହଞ୍ଚି ଯଥାଶୀଘ୍ର କାମ ସାରିବାକୁ ପରାମର୍ଶ ଦେଇଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୮।୨୦୨୨

| | |
|---|---|
| ୩, ୭୬, ୫୨୮ ଟଙ୍କା | |
| ସୁନା | ୨.୮୦୦ ଗ୍ରାମ |
| ରୁପା | ୧୦୬.୭୦୦ ଗ୍ରାମ |

## ଚାଷୀଙ୍କ ପାଇଁ ସମସ୍ୟା ଜମି କିସମ ପରିବର୍ତ୍ତନ

ପୁରୀ ଅଫିସ,୨୧।୮:

ପୁରୀ ଜିଲା ଅର୍ଥନୀତିର ପ୍ରମୁଖ ଭାଗ କୃଷି ଉପରେ ନିର୍ଭରଶୀଳ। ଗ୍ରାମାଞ୍ଚଳର ଲୋକେ ବିଭିନ୍ନ ଚାଷକରି ଗୁଜରାଣ ମେଣ୍ଟାଇଥାଆନ୍ତି। ଏଭଳି ସ୍ଥଳେ ଚାଷଜମିର କିସମ ପରିବର୍ତ୍ତନ ଚାଷୀଙ୍କୁ ପାଇଁ ସମସ୍ୟା ପାଲଟିଛି। ପୁରୀ ଜିଲାର ଅଧିକାଂଶ ସ୍ଥାନରେ ଚାଷଜମିର କିସମ ପରିବର୍ତ୍ତନ କରାଯାଉଥିବାରୁ କୃଷି ବ୍ୟାପକ ଭାବେ ପ୍ରଭାବିତ ହେଉଛି।

ଠିକାଦାର ଏବଂ ଜମି ଦଲାଲମାନେ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ସଂଶ୍ଳିଷ୍ଟ ଜମିକୁ ଛାଡ଼ି ଗ୍ରାମାଞ୍ଚଳମୁହାଁ ହୋଇଛନ୍ତି। ସେମାନେ ଜମି କିଣି ନେଇ ଘରବାରି କିସମ ଲାଗି ତହସିଲ କାର୍ଯ୍ୟାଳୟରେ ଆବେଦନ କରୁଛନ୍ତି। ଜମି ଘରବାରି କିସମରେ ପରିଣତ ହେବା ପରେ ସଂପୃକ୍ତ ଜମିକୁ ମାଟି ପକାଇ ପୋତାଯାଉଛି। ସେହି ସ୍ଥାନଟି ଉଚ୍ଚା ହୋଇଯିବା ପରେ ତାହାକୁ ଲାଗିରହିଥିବା ଚାଷଜମି ଆପେ ଆପେ ଖାଲୁଆ ହୋଇଯାଉଛି। ବର୍ଷା କିମ୍ବା ବନ୍ୟା ସମୟରେ ସେହି ସ୍ଥାନରେ ପାଣି ଜମୁଛି। ଫଳରେ ଚାଷୀ ସଂପୃକ୍ତ ଜମିରେ ଚାଷ କରିପାରୁନାହାଁନ୍ତି। ବିଶେଷକରି ପୁରୀ ସଦର ଓ ପିପିଲି ତହସିଲ ଅଧୀନରେ ଥିବା ସ୍ଥାନଗୁଡ଼ିକର କିସମ ପରିବର୍ତ୍ତନ କରାଯାଉଛି। ପୁରୀ ସହର ସଦର ଓ ଭୁବନେଶ୍ୱର ଆଡ଼କୁ ବଢ଼ିବାରେ ଲାଗିଛି। ଏଣୁ ଟାଉନ୍ ପ୍ଲାନିଂ ଆଧାରରେ କିସମ ପରିବର୍ତ୍ତନ ଅନୁମତି ଦିଆଯାଉଛି। ଜନବସତି ଲାଗି କିସମ ପରିବର୍ତ୍ତନ ଏକ ଆବଶ୍ୟକତା। ତେବେ ଏହା କେବଳ ମୁଖ୍ୟରାସ୍ତା ସଂଲଗ୍ନ ଜମିଜମା ପାଇଁ ଉଦ୍ଦିଷ୍ଟ ହେବା ଦରକାର। ଏହାକୁ ଲାଗିରହିଥିବା ଗ୍ରାମାଞ୍ଚଳ ଓ ଟାଉନ ପ୍ଲାନିଂରେ ନ ଥିବା ଅଞ୍ଚଳରେ କେହି ଜମି କିଣିଲେ ତାଙ୍କୁ କିସମ ପରିବର୍ତ୍ତନ ସକାଶେ ଅନୁମତି ମିଳିବା ଉଚିତ୍ ନୁହେଁ ବୋଲି ଅନେକ ବୁଦ୍ଧିଜୀବୀ ମତପୋଷଣ କରିଛନ୍ତି।

ସୂଚନା ଅନୁଯାୟୀ, ୨୦୨୧ ମସିହାରେ ଗ୍ରାମାଞ୍ଚଳ ଜମିର କିସମ ପରିବର୍ତ୍ତନର ମାତ୍ରା ବଢ଼ିଛି। ଠିକାଦାର ଓ ଜମି ଦଲାଲମାନେ ଗାଁ ଗାଁ ବୁଲି ଜମି କିଣି ନେଉଛନ୍ତି ଓ ତାହାର କିସମ ପରିବର୍ତ୍ତନ କରୁଛନ୍ତି। କେବଳ ପୁରୀ ସଦର, ବ୍ରହ୍ମଗିରି ଓ ପିପିଲି ଅଞ୍ଚଳରେ ଜମିର କିସମ ପରିବର୍ତ୍ତନ ପାଇଁ ୧୨ଶହରୁ ଊର୍ଦ୍ଧ୍ୱ ଆବେଦନ ହୋଇଛି। ଅନ୍ୟପକ୍ଷରେ ଚାଷୀମାନେ ଏନେଇ ଅଭିଯୋଗ କରୁଛନ୍ତି। ପିପିଲି ତହସିଲ ଅଧୀନ ଭୋଗପାଟଳୀ ମୌଜାର ଖାତା ନମ୍ବର–୧୧୦/୮୩, ଚକ ନଂ–୮୫, ପ୍ଲଟ୍ ନଂ– ୧୦୭ ଏକ ଚାଷଜମି। ଏହି ଜମିର କିସମ ପରିବର୍ତ୍ତନ ପାଇଁ ଆବେଦନ କରାଯାଇଛି। କିସମ ପରିବର୍ତ୍ତନ ଅନୁମୋଦିତ ହେଲେ ସମ୍ପୃକ୍ତ ସ୍ଥାନରେ ମାଟି ପୋତି ପ୍ଲଟିଂ କରାଯିବ। ଫଳରେ ଆମ୍ଭମାନଙ୍କ ଜମିରୁ ଜଳ ନିଷ୍କାସନ ହୋଇପାରିବ ନାହିଁ ଓ ଚାଷକାର୍ଯ୍ୟ ପ୍ରଭାବିତ ହେବ। ଏଣୁ ସମ୍ପୃକ୍ତ ଜମିର କିସମ ପରିବର୍ତ୍ତନ ଲାଗି ଅନୁମତି ନ ଦେବାକୁ ଚାଷୀ ପଠାଣି ବରାଳ ସ୍ଥାନୀୟ ସର୍କଲ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ନିବେଦନ କରିଛନ୍ତି। ବିଭିନ୍ନ ତହସିଲ ଅଫିସ୍‌ରେ ଏଭଳି ଅଭିଯୋଗ ପଡ଼ିରହିଛି। ତହସିଲ କାର୍ଯ୍ୟାଳୟ ପକ୍ଷରୁ ଠିକ ଭାବେ ଯାଞ୍ଚ ବିନା କିସମ ପରିବର୍ତ୍ତନ କରାଯାଉଛି ବୋଲି ସୂଚନା ଅଧିକାର କର୍ମୀ ଦିଲୀପ ବରାଳ ଅଭିଯୋଗ କରିଛନ୍ତି। ରାଜସ୍ୱ ନିରୀକ୍ଷକ ଏଲ୍. ମିଶ୍ର କହିଛନ୍ତି, କିସମ ପରିବର୍ତ୍ତନ ପାଇଁ କେତେକ ନିର୍ଦ୍ଦେଶନାମା ବା ଗାଇଡ୍‌ଲାଇନ ରହିଛି। ସେହି ନିର୍ଦ୍ଦେଶନାମା ବା ଗାଇଡ୍‌ଲାଇନ ଅନୁଯାୟୀ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଥାଏ। ତେବେ ପ୍ଲଟିଂ କରୁଥିବା ଲୋକେ ଜଳ ନିଷ୍କାସନ ଲାଗି ରାସ୍ତା କିମ୍ବା ଡ୍ରେନେଜ୍ ବ୍ୟବସ୍ଥା କରିବା ଉଚିତ।



ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚ ଓ ଶ୍ରୀକ୍ଷେତ୍ର ୱାର୍କର୍ସ କ୍ଲବର ମିଳିତ ଆନୁକୂଲ୍ୟରେ ବାଘ ଆଖଡ଼ା ମଠ ପରିସରରେ ରବିବାର ବିଶ୍ୱ ବରିଷ୍ଠ ନାଗରିକ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ବରିଷ୍ଠ ନାଗରିକ।

## ଡିଭାଇଡରରେ ପିଟି ହେଲା କାର୍

ପୁରୀ ଅଫିସ,୨୧।୮:



ପୁରୀ ହେଲିପ୍ୟାଡ୍ ଛକସ୍ଥିତ ଆଇଟିଆଇ କଲେଜ ନିକଟରେ ଜଣେ ନିଶାସକ୍ତ କାର ଚାଳକ ଦୁର୍ଘଟଣା ଘଟାଇଛନ୍ତି। ଦ୍ରୁତ ଗତିରେ କାର ଚଲାଇ ନେଇ କଲେଜ ସମ୍ମୁଖରେ ଥିବା ଡିଭାଇଡରରେ ଗାଡ଼ିକୁ ଧକ୍କା କରିଥିଲେ। କାରରେ ତିନି ଜଣ ଯୁବକ ଥିବା ବେଳେ ତନ୍ମଧ୍ୟରୁ ଜଣେ ଘଟଣାସ୍ଥଳରୁ ଖସି ପଳାଇଥିଲେ। ଅନ୍ୟ ଦୁଇ ଜଣ ନିଶାସକ୍ତ ଅବସ୍ଥାରେ ସେହିଠାରେ ପଡ଼ି ରହିଥିଲେ। କାର ଚାଳକ ଗୁରୁତର ଅବସ୍ଥାରେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। କାର (ଓଡି ୧୩ ୭୪୪୯)ଟି ପୁରୀ ସହରର ହୋଇଥିବା ବେଳେ ସଂପୃକ୍ତ ଯୁବକମାନେ ସନ୍ଧ୍ୟାରୁ ନିଶାଶକ୍ତ ହୋଇ ହେଲିପ୍ୟାଡ୍ ଅଞ୍ଚଳରେ ବୁଲୁଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ପୁରୀ ହେଲିପ୍ୟାଡ୍, ଭୂଦାନ ଓ ତାଳବଣିଆ ଅଞ୍ଚଳରେ ରାତ୍ରରେ ନିଛାଟିଆ ହେଉଥିବାରୁ ନିଶାସକ୍ତ ଅବସ୍ଥାରେ ଯୁବକମାନେ ଏହି ଅଞ୍ଚଳରେ ମେଳି କରି ଦ୍ରୁତ ଗତିରେ ଗାଡ଼ି ଚଳାଉଛନ୍ତି।

## 'ଏବେ ପରମ୍ପରାର ଅବକ୍ଷୟ ଘଟିଛି'

ପୁରୀ ଅଫିସ, ୨୧।୮:

ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚ ଓ ଶ୍ରୀକ୍ଷେତ୍ର ୱାର୍କସ କ୍ଲବର ମିଳିତ ଆନୁକୂଲ୍ୟରେ ବାଘ ଆଖଡ଼ା ମଠ ପରିସରରେ ରବିବାର ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ମଞ୍ଚର ସଭାପତି ଡ. କାର୍ତ୍ତିକ କୁମାର ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଦାସ କହିଥିଲେ, ଯୌଥ ପରିବାର ଏବେ ଦେଖିବାକୁ ମିଳୁନାହିଁ। ବିଗତ ଦିନରେ ଜନସଂଖ୍ୟା କମ ଥିଲା। ପିଲାମାନେ ସଦାସର୍ବଦା ଗୁରୁଜନ, ପିତାମାତାଙ୍କୁ ସମ୍ମାନ ଜଣାଇବା ସହ ଶ୍ରଦ୍ଧା କରୁଥିଲେ । ମାତ୍ର ତାହା ଆଜି କା ଦିନରେ ଲୋପ ପାଇଛି । ବର୍ତ୍ତମାନ ପିଲାମାନେ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଗସ୍ତ କରିବା ସହ ସେଠାରେ ନିଜର ଜୀବିକା ନିର୍ବାହ କରୁଛନ୍ତି। ସେମାନେ ଯେତେବେଳେ ନିଜ ମାଟିକୁ ଫେରୁଛନ୍ତି ସେତେବେଳେ ଆମ ପରମ୍ପରା ସଂସ୍କୃତି ସମ୍ପର୍କରେ ସେମାନେ ଅଜ୍ଞ ରହୁଛନ୍ତି। ବୃଦ୍ଧ ପିତାମାତାଙ୍କ ପ୍ରତି କର୍ତ୍ତବ୍ୟ ଥିଲେ ମଧ୍ୟ ସେ ନିଜ ଜୀବନ ଓ ଜୀବିକାକୁ ଗୁରୁତ୍ୱ ଦେବା ସ୍ୱାଭାବିକ। ଏବେ ପରମ୍ପରାର ଅବକ୍ଷୟ ଘଟିଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମଞ୍ଚର ସମ୍ପାଦକ ଦେବେନ୍ଦ୍ର କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଉକ୍ତ ଆଲୋଚନା ଚକ୍ରରେ ଶ୍ରୀକର୍ଣ୍ଣ ପ୍ରଧାନ, ବିଭୂତି ଭୂଷଣ କର, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ତ୍ରିବିକ୍ରମ ମିଶ୍ର, ଚିତ୍ତ ରଞ୍ଜନ ମହାନ୍ତି, କେଶବ ଚନ୍ଦ୍ର ପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଗୋବିନ୍ଦ ପ୍ରସାଦ ମହାନ୍ତି, ଦେବରାଜ ପ୍ରଧାନ, ବଟକୃଷ୍ଣ ସ୍ୱାଇଁ, ସନ୍ତୋଷ କୁମାର ମହାନ୍ତି, ବିଜୟ ଚନ୍ଦ୍ର ପଣ୍ଡା ଓ ଶରତ କୁମାର ସାହୁ ପ୍ରମୁଖ ଅଂଶ ଗ୍ରହଣ କରି ମତ ପ୍ରଦାନ କରିଥିଲେ । ବରିଷ୍ଠ ନାଗରିକମାନେ ମଠ ପରିସରରେ ଥିବା ଗୋଶାଳା ସଫେଇ କରିଥିଲେ। ମଞ୍ଚର କୋଷାଧ୍ୟକ୍ଷ ଗୋଲକ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ନାବାଳକଙ୍କ ମୃତ୍ୟୁ

ଡେଲାଙ୍ଗ/ପିପିଲି,୨୧।୮(ଡି.ଏନ୍.ଏ./ସ୍ୱ.ପ୍ର): ପୋଖରୀରେ ଗାଧୋଇବାବେଳେ ଗୋଡ ଖସି ଜଣେ ନାବାଳକଙ୍କ ରବିବାର ମୃତ୍ୟୁ ଘଟିଛି। ସେ ହେଲେ କୁଆପଦା ଗ୍ରାମର ଚିତ୍ରସେନ ନିଶଙ୍କଙ୍କ ସାନପୁଅ ରାଜୀବ ନିଶଙ୍କ (୧୭)। ସାଙ୍ଗମାନେ ଗାଁ ଲୋକଙ୍କୁ ଡାକି ରାଜୀବଙ୍କୁ ଡେଲାଙ୍ଗ ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।

### ପୂର୍ବତନ ସରପଞ୍ଚଙ୍କୁ ଆକ୍ରମଣ ଅଭିଯୋଗ

କାର୍ଯ୍ୟାନୁଷ୍ଠାନ ଦାବି

ନିମାପଡ଼ା,୨୧।୮(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ଧନୁଆଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୋକୁଳାନନ୍ଦ ପରିଡାଙ୍କୁ ଜଣେ ଯୁବକ ମାଡମାରି ବେକରୁ ସୁନାଚେନ୍ ଝାମ୍ପି ନେଇଥିବା ଶନିବାର ରାତିରେ ଥାନାରେ ଅଭିଯୋଗ ହୋଇଛି। ଯୁବକ ଜଣକ ହେଲେ ଦେଖେତା ଗ୍ରାମର ଗୋବିନ୍ଦ ନାୟକ। ଏନେଇ ପୋଲିସ ଏକ ମାମଲା (୨୮୧/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗିରଫ ହେବା ଭୟରେ ଗୋବିନ୍ଦ ଫେରାର ହୋଇଯାଇଥିବା ଜଣାପଡିଛି। ସୂଚନା ମୁତାବକ, ଧନୁଆଁ ପଞ୍ଚାୟତର ବନ୍ୟାବିପନ୍ନଙ୍କୁ ଗତ ଶନିବାର ଡଙ୍ଗାରେ ଭୂଆଁ ଗ୍ରାମକୁ ସ୍ଥାନାନ୍ତର ଏବଂ ରିଲିଫ୍ ବଣ୍ଟାଯାଇଥିଲା। ସେ ସମୟରେ ଗୋବିନ୍ଦ ନିଶାସକ୍ତ ଅବସ୍ଥାରେ କ୍ରୋଧାନ୍ୱିତ ହୋଇ ଡଙ୍ଗାକୁ ଜୋର ଜବରଦସ୍ତ ଅଟକାଇ ରିଲିଫ୍ ବଣ୍ଟନ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ଲୋକଙ୍କ ସମ୍ମୁଖରେ ପୂର୍ବତନ ସରପଞ୍ଚ ପରିଡାଙ୍କୁ ଗୋବିନ୍ଦ ଆକ୍ରମଣ କରି ଦୁର୍ବ୍ୟବହାର ସହ ଧମକଚମକ ଦେଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ଗୋବିନ୍ଦଙ୍କ ଏପରି କାର୍ଯ୍ୟକୁ ପଞ୍ଚାୟତବାସୀ ନିନ୍ଦା କରି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି।

**ଛତାବର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

## ଟିଲୁ ୱାରିଅର ଚାମ୍ପିୟନ

ଜଟଣୀ,୨୧।୮(ଡି.ଏନ୍.ଏ.):



ଅତିଥିଙ୍କଠାରୁ ଖେଳାଳି ଚାମ୍ପିୟନ ଟ୍ରଫି ଗ୍ରହଣ କରୁଛନ୍ତି।

ଜଟଣୀ ବ୍ଲକ ଅଧୀନ ଛତାବର ପଞ୍ଚାୟତ ପକ୍ଷରୁ ଛତାବର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ପଞ୍ଚାୟତ ହାଇସ୍କୁଲ ଖେଳପଡ଼ିଆରେ ତିନିଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ଛତାବରର ୱାଇଏଫ୍‌ସିସି ଟିମ୍‌କୁ ହରାଇ ଟିଲୁ ୱାରିଅର ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ୍ ଭାଗ ନେଇଥିଲେ। ଶେଷ ଦିବସରେ ଟିଲୁ ୱାରିଅର ଏବଂ ୱାଇଏଫ୍‌ସିସି ମଧ୍ୟରେ ୧୨ ଓଭରବିଶିଷ୍ଟ ୩ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ୱାଇଏଫ୍‌ସିସି ଟିମ୍ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଟିଲୁ ୱାରିଅର ବିଜୟୀ ହୋଇଥିବା ବେଳେ ତୃତୀୟ ମ୍ୟାଚ୍ ଡ୍ର ହୋଇଥିଲା। ସୁପର ଓଭରରେ ମ୍ୟାଚ୍ ଟାଇ ହୋଇଥିଲା ବେଳେ ଥ୍ରୋ ବଲ ମାଧ୍ୟମରେ ଟିଲୁ ୱାରିଅର ବିଜୟୀ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପାଣ୍ଡବ ଜେନା ଫାଉଣ୍ଡେଶନ ଅଧ୍ୟକ୍ଷ ସନ୍ତୋଷ ଜେନା ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ ଟିମ୍‌କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ଛତାବର ସରପଞ୍ଚ ବିଷ୍ଣୁପ୍ରସାଦ ଡେଙ୍ଗ, ସମିତିସଭ୍ୟ ବ୍ରଜବନ୍ଧୁ ପ୍ରଧାନଙ୍କ ସମେତ ବହୁ ୱାର୍ଡସଭ୍ୟ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଭାରତୀୟ ସଫ୍ଟବଲ୍ ଦଳରେ ପୁରୀର ମନୋଜ

ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା

ପୁରୀ ଅଫିସ, ୨୧।୮:

ଆସନ୍ତା ସେପ୍ଟେମ୍ବର ୩ରୁ ୯ ତାରିଖ ପର୍ଯ୍ୟନ୍ତ ଜାପାନରେ ସଫ୍ଟବଲ୍ ଏସିଆନ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଭାରତ ସମେତ ଏସିଆ ମହାଦେଶର ବିଭିନ୍ନ ଦେଶ ଭାଗନେବେ। ଭାରତୀୟ ଦଳରେ ପୁରୀର ଯୁବ ପ୍ରତିଭାବାନ କ୍ରୀଡ଼ାବିତ୍ ମନୋଜ କୁମାର ପ୍ରଧାନ ସ୍ଥାନ ପାଇଛନ୍ତି। ଏହା ପୁରୀ ଜିଲା ସମେତ ସାରା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ମନୋଜଙ୍କୁ ରବିବାର ପୁରୀ ଜିଲା ସଫ୍ଟବଲ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସେ ପୁରୀରୁ ଦିଲ୍ଲୀ ଅଭିମୁଖେ ଗସ୍ତ କରିଛନ୍ତି। ସେଠାରୁ ଜାପାନ ଯିବେ। ମନୋଜ ଗରିବ ଶ୍ରେଣୀର ଏବଂ ସେ ଜୋମାଟୋ ବୟ ଭାବେ କାମ କରୁଥିଲେ। କଠିନ ପରିଶ୍ରମ ବଳରେ ସେ ଭାରତୀୟ ଦଳରେ ସ୍ଥାନ ପାଇପାରିଛନ୍ତି। ପଦକ ଜିତିବେ ବୋଲି ମନୋଜ ଆଶା ପ୍ରକାଶ କରିଛନ୍ତି।

## ପୂର୍ବ ଶତ୍ରୁତାରୁ ମହିଳାଙ୍କୁ ଅସଦାଚରଣ

ନିମାପଡ଼ା,୨୧।୮(ଡି.ଏନ୍.ଏ.):

ପୂର୍ବ ବିବାଦକୁ କେନ୍ଦ୍ର କରି ଚାରିଛକ ଫାଣ୍ଡି ଅନ୍ତର୍ଗତ ଶୁଦ୍ଧବାରିମଳ ଗ୍ରାମରେ ଜଣେ ମହିଳାଙ୍କୁ ଅସଦାଚରଣ କରିବା ସହ ତାଙ୍କ ସ୍ୱାମୀଙ୍କୁ ରାସ୍ତାରୁ ଉଠାଇ ନେଇ ଦୁର୍ବୃତ୍ତ ମାଡ ମାରିଛନ୍ତି। ଏଥିସହ ୧୫ଜଣ ଦୁର୍ବୃତ୍ତ ସଂଘବଦ୍ଧ ଭାବେ ଘରେ ପଶି ଆସବାବପତ୍ର ଫିଙ୍ଗା ଫୋପଡା, ଭଙ୍ଗାରୁଜା ସହ ୭ ହଜାର ଟଙ୍କା ଲୁଟି ନେଇଥିବା ରବିବାର ଚାରିଛକ ଫାଣ୍ଡିରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଅନେକ ଦଫା ଲଗାଇବା ସହ ଏକ ମାମଲା (୨୮୨/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ମୁତାବକ, ସୁମିତ୍ରା ମଲ୍ଲିକ(୫୪) ଗହୀରରେ ଏକୁଟିଆ ଥିବାର ସୁଯୋଗ ପାଇ ଗ୍ରାମର ବଂଶୀଧର ଭୋଇ ତାଙ୍କୁ ଅଶୀଳ ଇଙ୍ଗିତ ପ୍ରଦର୍ଶନ କରିବା ସହ ଦୁର୍ବ୍ୟବହାର କରିଥିଲେ। ଏଥିସହ ବଂଶୀଧରଙ୍କ ସହ ସମ୍ପର୍କ ନ ରଖିଲେ ପରିବାରକୁ ବରବାଦ କରିଦେବେ ବୋଲି ଧମକ ଦେଇଥିଲେ। ପରେ ଘରେ କେହି ନ ଥିବା ସୁଯୋଗରେ ବଂଶୀଧର, ସାଗର ଭୋଇ, ମଣ୍ଟୁ ଭୋଇ, ଦୀପା ଭୋଇ, ଅଜୁ ଭୋଇ, ରୋହିତ ଭୋଇଙ୍କ ସମେତ ୧୫ଜଣ ବ୍ୟକ୍ତି ସୁମିତ୍ରାଙ୍କ ଘରେ ସଂଘବଦ୍ଧ ଭାବେ ପଶିଥିଲେ। ଘର ଆସବାବପତ୍ର ଫୋପାଡି ୭ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ସୁମିତ୍ରାଙ୍କ ସ୍ୱାମୀ ଭ୍ରମର ମଲ୍ଲିକ ରାସ୍ତାରେ ଯିବାବେଳେ କିଛି ଦୁର୍ବୃତ୍ତ ତାଙ୍କୁ ଅଟୋରେ ଉଠାଇ ନେଇ ଆକ୍ରମଣ କରିଥିଲେ। ଭ୍ରମର ଆହତ ଅବସ୍ଥାରେ ଚାରିଛକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

## 'ଲୋକ ଭାଷା ବିବିଧତା, ଏକତାର ସ୍ୱାକ୍ଷର ବହନ କରେ'



'ଆମ ଲୋକ ମିଥ୍' ଏବଂ 'ଭଞ୍ଜଙ୍କ ସୁକ୍ତିମାଳା' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ପୁରୀ ଅଫିସ, ୨୧।୮:

ପୁରୀ ଯୁଥ ହଷ୍ଟେଲ ସମ୍ମେଳନ କକ୍ଷରେ ରବିବାର 'ଓଡ଼ିଶାର ଲୋକ ଭାଷା' ଶୀର୍ଷକ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଗବେଷଣା ପ୍ରତିଷ୍ଠାନ ନିର୍ଦ୍ଦେଶକ ଡକ୍ଟର୍ ଦୁର୍ଗାମାଧବ ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଭାଷାବିତ୍ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ, ସାନ୍ତାଳୀ ଭାଷାର ଗବେଷିକା ପଦ୍ମଶ୍ରୀ ଡକ୍ଟର ଦମୟନ୍ତୀ ବେଶ୍ରା ମୁଖ୍ୟଅତିଥି, ଲୋକ ସଂସ୍କୃତି ଗବେଷକ ଡକ୍ଟର କମ୍ବୁପାଣି ସାମନ୍ତ ବିଶିଷ୍ଟ ଅତିଥି, ସାହିତ୍ୟିକା ଡ. ବାସନ୍ତୀ ମହାନ୍ତି ମୁଖ୍ୟବକ୍ତା ଓ ଜନଜାତି ସଂସ୍କୃତି ଗବେଷକ ଡକ୍ଟର କ୍ଷେତ୍ରବାସୀ ମାନସେଠ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ଭିନ୍ନ ଭିନ୍ନ ଲୋକଭାଷାର ଚଳନ୍ତି ରୂପ ଓ ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଲୋକତତ୍ତ୍ୱବିତ୍ ଡକ୍ଟର ରାଜେନ୍ଦ୍ର ପାଢ଼ୀ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ । ଡ. ଦୁର୍ଗାମାଧବ ନନ୍ଦ ସ୍ୱାଗତ ସମ୍ଭାଷଣ ଏବଂ ଡ. ନଳିନୀ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଉଦ୍‌ଘାଟନୀ ଭାଷଣରେ ଡ. ଟିକାୟତରାୟ କହିଥିଲେ, ଭାଷା ଥିଲେ ସଂସ୍କୃତି ସୃଷ୍ଟି ହେବ । ଲୋକ ଭାଷା ବିବିଧତା ଓ ଏକତାର ସ୍ୱାକ୍ଷର ବହନ କରେ।

ପ୍ରଥମ ବୈଷୟିକ ଅଧିବେଶନରେ ଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ ସମ୍ପାଦକ ଡ. ମଧୁରେନ୍ଦ୍ର ପୃଷ୍ଟି ପୌରୋହିତ୍ୟ କରିଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପସଚିବ ଡ. କୁଳମଣି ଓଝା ସମୀକ୍ଷକ ଭାବେ ଯୋଗଦେଇଥିଲେ। ଏହି ଅବସରରେ 'ଆମ ଲୋକ ମିଥ୍ ଓ ଭଞ୍ଜଙ୍କ ସୁକ୍ତିମାଳା' ପୁସ୍ତକ ଦୁଇଟି ଉନ୍ମୋଚିତ ହୋଇଥିଲା। ଡ. ନଳିନୀ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମରେ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ନାରୀଙ୍କ ଭୂମିକା

ଡ. ସୁରେନ୍ଦ୍ର କୁମାର ମିଶ୍ର

**ଐତିହ୍ୟର ଓଡ଼ିଶା**

- ଗାଈଗୋଠ ପରିଚାଳନାରେ ସମ୍ପୃକ୍ତ ନାରୀଙ୍କ ମୁଖିଆ ଥିଲେ ସୁଖୀ ମହାଭୋଇ।
- ନାରୀ ସୁଆଁସିଆଙ୍କୁ କୁହାଯାଉଥିଲା କାମିକା ମୂଳିଆଣୀ।
- ଗାଈଙ୍କ ସେବା ପାଇଁ ନିଯୁକ୍ତ ଥିଲେ ୭୪ଜଣ ନାରୀ।

ଶିଳ୍ପୀମାନଙ୍କ ଗାଈଗୋଠ ବ୍ୟବସ୍ଥା କରିଥିଲେ ଗଜପତି। ମୂଳରୁ ଏ ଦିଗ ପ୍ରତି ସେ ନିଘା ରଖିଥିଲେ। ଶହେଜଣ ଗାଈଆଳ ଥିଲେ। ଜଣେ ଗାଈଆଳ ୩୦ଟି ଗାଈଙ୍କ ଦାୟିତ୍ୱରେ ଥିଲେ। ଶହେ ଗାଈଆଳଙ୍କ ମୁଖିଆ ଥିଲେ ଭାଗୀରଥି ମହାଭୋଇ। ସମସ୍ତଙ୍କ ପକ୍ଷରୁ ଭାଗୀରଥି ଗ୍ରହଣ କରିଥିଲେ ଉପହାର। ଉପହାର ନିଜେ ଉପସ୍ଥିତ ରହି ଦେଇଥିଲେ ମହାଶ୍ରମ (ଗଜପତି)। ଗାଈଙ୍କ ପାଇଁ ମୋଟାଧାନ ଯୋଗାଇଦେବାର ବ୍ୟବସ୍ଥା ହୋଇଥିଲା। ଦୁହାଁଳିଆ ଗାଈଙ୍କ ଖାଦ୍ୟ ଦିଗକୁ ମଧ୍ୟ ନଜର ରଖାଯାଇଥିଲା। ଭରଣ ଭରଣ (୮୦ଗୌଣୀ) ଅକୁଟା ଧାନ ଗାଈଙ୍କ ଖାଦ୍ୟ ପାଇଁ ଖଞ୍ଜା ରହିଥିଲା। କେବଳ ଗଜପତି ମହାଭୋଇଙ୍କୁ ଉପହାର ଦେଇଥିଲେ ତାହା ନୁହେଁ, ମହାରାଣୀ ମଧ୍ୟ ଦେଇ ଥିବାର ଜଣାଯାଏ। ନିଜେ ମହାରାଣୀ ଗାଈଗୋଠ ପରିଦର୍ଶନ କରିଥିଲେ। ଅନ୍ୟତମ ମୁଖିଆ ରାମ ମହାଭୋଇଙ୍କୁ ଉପହାର ଦେଇଥିଲେ। ଗାଈଙ୍କ କାମ କରିବା ପାଇଁ ନାରୀମାନଙ୍କୁ ନିଯୁକ୍ତ କରାଯାଇଥିଲା। ଏଥିପାଇଁ ୭୪ଜଣ ନାରୀ କାର୍ଯ୍ୟ କରୁଥିଲେ। ନାରୀଙ୍କ ମୁଖିଆ ଥିଲେ ସୁଖୀ ମହାଭୋଇ। ସେ ମଧ୍ୟ ୭୪ ଜଣଙ୍କ ପାଉଣା ଗ୍ରହଣ କରୁଥିଲେ। ବାସ୍ତବରେ ଗାଈଗୋଠର ପରିଚାଳନା ପାଇଁ ନାରୀ ଅପରିହାର୍ଯ୍ୟ। ଗୋ–ପାଳନ, ଗୋ–ସୁରକ୍ଷା ସହଜ ବ୍ୟାପାର ନୁହେଁ। ଦୁହାଁଳିଆ ଗାଈ ରଖାଯାଇଥିଲା। ଦୁଗ୍ଧ ବନ୍ଦ କଲେ ସେମାନଙ୍କୁ ଅଲଗା ରଖାଯାଇ ପୁଣି ଦୁହାଁଳିଆ ଗାଈ ଆଣି ଗୋଠରେ ସାମିଲ କରାଯାଉଥିଲା। ଉଦ୍ଦେଶ୍ୟ ସ୍ପଷ୍ଟ। ଚାରି ଶିବିର, ଶିବିର ବାଦ ବି ଶ୍ରମିକ, ପଥୁରିଆ, କର୍ମଚାରୀ ଅଛନ୍ତି। ସମସ୍ତଙ୍କୁ ଦୁଗ୍ଧ, ଦହି, ଛେନା ଓ ଘିଅ ଯୋଗାଇଦେବା ଗଜପତିଙ୍କର ଅସଲ ଉଦ୍ଦେଶ୍ୟ ଥିଲା। ସେତେବେଳେ ତ ଆଉ ଓମ୍‌ଫେଡ କ୍ଷୀର କି ଦହି, କି ଘିଅ ବିକ୍ରି ବ୍ୟବସ୍ଥା ନ ଥିଲା।



ଶ୍ରୀ ପଦ୍ମକେଶର ନାଟ ମନ୍ଦିର ଗାତ୍ରରେ ଗଜପତି ଲାଙ୍ଗୁଳା ନରସିଂହ ଦେବ ଓ ମହାରାଣୀ ମହାଦେବୀ କସ୍ତୁରିକା ମୋହିନୀ ଦେବୀ।

ମନ୍ଦିର ନିର୍ମାଣ ସମୟରେ ଯେଉଁମାନେ ପାଇଟିଆଳ ବା ମୂଳିଆ ଥିଲେ ସେମାନଙ୍କୁ 'ସୁଆଁସିଆ' କୁହାଯାଉଥିଲା। ଏମାନେ ମୁଖ୍ୟତଃ ଅସମାନ ପଥର, ବନ୍ଧୁର ବା ମସୃଣ ନ ହୋଇଥିବା ପଥରକୁ ଚଉପଟ କରିବା କାମ କରୁଥିଲେ। ପ୍ରତିବର୍ଷ ବର୍ଷାଋତୁରେ କିଛିଦିନ ନିର୍ମାଣ କାର୍ଯ୍ୟ ବନ୍ଦ ରହୁଥିଲା। କାମ ବନ୍ଦ ହେଲେ ବି ଶିଳ୍ପୀମାନେ ଯେପରି ସେମାନଙ୍କ ପାଉଣା ପାଇବେ ତା'ର ବ୍ୟବସ୍ଥା ଥିଲା, ସୁଆଁସିଆଙ୍କୁ ସେହିପରି ପାଉଣା ଦିଆଯାଉଥିଲା। 'କାମ ନାହିଁ ତ ପଇସା ନାହିଁ' ଏପରି ନୀତି ନ ଥିଲା। ସୁଆଁସିଆଙ୍କ ମଧ୍ୟରୁ କେତେଜଣ ଜଗୁଆଳି କାର୍ଯ୍ୟ କରୁଥିଲେ। ୩୦ଜଣ ଜଗୁଆଳି ଦିନରାତି କାମରେ ନିଯୁକ୍ତ ଥିଲେ। ସୁଆଁସିଆ ଓ ଜଗୁଆଳି ପୁରୀ ରଥଯାତ୍ରା ଦେଖିବାକୁ ଚାହିଁଲେ ସେମାନଙ୍କୁ ସୁଯୋଗ ଦିଆଯାଉଥିଲା। ସୁଆଁସିଆ ଦଳର ମୁଖିଆଙ୍କୁ 'ସୁଆଁସିଆ ନାୟକ' କୁହାଯାଉଥିଲା। ଆବଶ୍ୟକ ହେଲେ ବାହାରୁ ଅସ୍ଥାୟୀ ସୁଆଁସିଆ ଆଣି କାମ ତୁଲାଉଥିଲେ। ପଥରଖମ୍ବ କଳ ଗୟଳରେ ଉଠାଇବା, ଗାତ ଖୋଳିବା, ଗାତ ପୋତିବା, କଳ–ଗୟଳ ଗଞ୍ଜିବା, ଚୂନ ପଥର ଚଟାଣ ଉପରେ କଳାମୁଗୁନି ପଥର ଖଞ୍ଜିବାରେ ମହାରଣାଙ୍କୁ ସହାୟତା କରିବା, ପଥର ପାହାଚ ନିର୍ମାଣବେଳେ ୨୭ ଶ୍ରମିକଙ୍କ ସହଯୋଗ, ବାଉଁଶ କିଳା ସବୁ ମାପ ଅନୁଯାୟୀ ପୋତିବା କାର୍ଯ୍ୟ ସୁଆଁସିଆମାନେ ତୁଲାଉଥିଲେ। ସେହିପରି ନାରୀ ସୁଆଁସିଆଙ୍କ ପାଇଁ କାମିକା ଶବ୍ଦ ବ୍ୟବହାର ହୋଇଥିବାର ଦେଖାଯାଏ। ମୂଳଦୁଆ କାମ ସରିଲେ କିମ୍ବା ପଥର ଖମ୍ବ ଖଞ୍ଜାହେବା ପରେ ମାଟିରେ ପୋତାଯାଉ ନ ଥିଲା। ତା' ମୂଳରେ ଚୂନପଥର ଭର୍ତ୍ତି ହୋଇ ଜାବ ଦିଆଯାଉଥିଲା। ଖାଲି ଚୂନପଥର ନୁହେଁ, ତା' ସହିତ ଅନ୍ୟାନ୍ୟ ଦ୍ରବ୍ୟ ମିଶାଯାଉଥିଲା। ଏହି ମିଶେଇବା କାମ ଓ ମୂଳଦୁଆ ପୋତିବା କାମ ନାରୀ ଶ୍ରମିକମାନେ କରୁଥିଲେ।

## ସଂକ୍ଷେପରେ

### ୧୦୪ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

କଟକ ଅଫିସ,୨୧।୮: କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ରବିବାର ଗୋପାଳପୁର ଟ୍ରାଫିକ ଛକଠାରେ ଚଢ଼ାଉ କରାଯାଇ ଏକ କାର୍ ସହ ୧୦୪ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ମାଲକାନଗିରି ଜିଲାର ଭୀମ ମଣ୍ଡଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା(ନଂ.୩୧୦/୨୨-୨୩) ରୁଜୁ ହୋଇଛି। ଏହି ଗଞ୍ଜେଇ ମାଲକାନଗିରି ଜିଲାରୁ କୋଲକାତା ଚାଲାଣ ହେଉଥିବାବେଳେ ଅବକାରୀ ଟିମ୍ ଜବତ କରିଥିଲା।

### ‘ଅନ୍ଧବିଶ୍ୱାସ ସମାଜ ବିକାଶରେ ପ୍ରତିବନ୍ଧକ’

କଟକ ଅଫିସ,୨୧।୮: ସମାଜ ସଂସ୍କାରକ ଡା. ନରେନ୍ଦ୍ର ଧାଭୋଲକରଙ୍କ ସ୍ମୃତି ଉଦ୍ଦେଶ୍ୟରେ ସିଡିଏ ସେକ୍ଟର-୬ସ୍ଥିତ କାର୍ଯ୍ୟାଳୟରେ ଅନ୍ଧବିଶ୍ୱାସ ମୁକ୍ତି ଶୀର୍ଷକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ହେତୁବାଦୀ ସମାଜ କଟକ ଶାଖା ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ପ୍ରଦୀପ କୁମାର ସିହ୍ନା ଅଧକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ସଙ୍ଗଠନର ରାଜ୍ୟ ସମ୍ପାଦକ ତଥା ହେତୁବାଦୀ ଦେବେନ୍ଦ୍ର ସୁତାର ଯୋଗଦେଇ କହିଥିଲେ, ଅନ୍ଧବିଶ୍ୱାସ ଓ ଅମାନବୀୟ ଘଟଣା ସମାଜ ବିକାଶରେ ପ୍ରତିବନ୍ଧକ ସାଜିଛି। କୁଞ୍ଜ ବିହାରୀ ପଣ୍ଡା, ଦୁର୍ଗାପ୍ରସାଦ ମିଶ୍ର, ଶ୍ୟାମସୁନ୍ଦର ମହାନ୍ତି, ଲମ୍ବୋଦର ମହାରଣା, ହୃଷୀକେଶ ପାଣିଙ୍କ ସହ ଅନ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନନ୍ୟା ଆଦ୍ୟାଶା ଧନ୍ୟବାଦ ଦେଇଥିଲେ।

### ରକ୍ତଦାନ ଶିବିରରୁ ୧୩୪ ୟୁନିଟ୍ ରକ୍ତ ସଂଗ୍ରହ

ଆଠଗଡ,୨୧।୮(ସ୍ୱ.ପ୍ର.): ଆଠଗଡ଼ ବିଜେଡି ଏବଂ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ବିଜେଡିର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଠଗଡ ବ୍ଲକ ତରଡିଙ୍ଗ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ରକ୍ତଭଣ୍ଡାର ପକ୍ଷରୁ ପରିଚାଳନା କରାଯାଇଥିଲା। ଶିବିରକୁ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ୧୩୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଆଠଗଡ ଜୀବନ ବିନ୍ଦୁର ସଂଯୋଜକ ରାକେଶ ଦାଶ ଓ ଆବାହକ ପ୍ରଦୀପ୍ତ କୁମାର ଦାସ ଏହାକୁ ସଂଯୋଜନା କରିଥିଲେ। ସରପଞ୍ଚ ସିଦ୍ଧାନ୍ତ ଦଳାଇ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତ,ଆଠଗଡ ଏନ୍ଏସି ଅଧକ୍ଷା ସସ୍ମିତା ରାଉତ, ଛାତ୍ର ବିଜେଡି ସଭାପତି ସତ୍ୟପ୍ରିୟ ମହାନ୍ତି, ପ୍ରମୁଖ ସହଯୋଗ କରିଥିଲେ।

# ଅଙ୍ଗନୱାଡି କର୍ମୀଙ୍କୁ ରନ୍ଧନ ଗ୍ୟାସ ଚିନ୍ତା



■ ବ୍ଲକ ବାହାର ଏଜେନ୍ସିକୁ ଦିଆଯାଇଛି ଦାୟିତ୍ୱ
■ ୧୦ ମାସ ହେବ ଫିଲିଂ ହେଉନାହିଁ

ନିଶ୍ଚିନ୍ତକୋଇଲି,୨୧।୮(ସ୍ୱ.ପ୍ର)

ଧୂଆଁମୁକ୍ତ ରୋଷଘର ନାରା ଦେଇ ସରକାର ପ୍ରତି ଅଙ୍ଗନୱାଡି କେନ୍ଦ୍ରକୁ ରନ୍ଧନ ଗ୍ୟାସ୍ ଓ ଚୁଲା ଯୋଗାଣ କରିଥିଲେ। ମାତ୍ର ନିଶ୍ଚିନ୍ତକୋଇଲି ବ୍ଲକରେ ବାହାର ଏଜେନ୍ସିକୁ ରନ୍ଧନ ଗ୍ୟାସ୍ ଯୋଗାଣର ଦାୟିତ୍ୱ ଦିଆଯାଇଥିବାରୁ ଏହାର ଲାଭ କର୍ମୀଙ୍କୁ ମିଳିପାରୁନାହିଁ। ଫଳରେ ଶିଶୁମାନଙ୍କୁ ରନ୍ଧା ଖାଦ୍ୟ ପ୍ରଦାନରେ ଅଙ୍ଗନୱାଡି କର୍ମୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

ନିଶ୍ଚିନ୍ତକୋଇଲି ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ୨୫୯ ଅଙ୍ଗନୱାଡି କେନ୍ଦ୍ର ଓ ୨୫ ମିନି ଅଙ୍ଗନୱାଡି କେନ୍ଦ୍ର ରହିଛି। ଏସବୁ କେନ୍ଦ୍ରରେ ଶିଶୁମାନଙ୍କୁ ପ୍ରତିଦିନ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଏ। ସ୍ଥାନୀୟ ଅଞ୍ଚଳରେ ଜାଳେଣି କାଠର ଅଭାବ ଯୋଗୁ ରନ୍ଧାଖାଦ୍ୟ ଯୋଗାଇବାରେ ଅଙ୍ଗନୱାଡି କର୍ମୀମାନେ ସମସ୍ୟାର ସମ୍ମୁଖୀନ ହେଉଥିଲେ। ବିଶେଷ କରି ବର୍ଷା ଋତୁରେ ଜାଳେଣି ପାଇଁ ଅସୁବିଧା ହେଉଥିଲା। ପରବର୍ତ୍ତୀ ସମୟରେ ସରକାରଙ୍କ ପକ୍ଷରୁ ପ୍ରତି ଅଙ୍ଗନୱାଡି କେନ୍ଦ୍ରକୁ ଜାଳେଣି ଗ୍ୟାସ୍ ଯୋଗାଇ ଦିଆଯାଇଥିଲା। ଏନେଇ ଅଙ୍ଗନୱାଡିକର୍ମୀଙ୍କ ଜମାଖାତାକୁ ୭ହଜାର ୫ଶହ ଟଙ୍କା ଲେଖାଏ ପଠାଯାଇଥିଲା। ପରବର୍ତ୍ତୀ ସମୟରେ ସରକାରଙ୍କ ପକ୍ଷରୁ ଗ୍ୟାସ୍ ଟାଙ୍କି ଫିଲିଂ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ମାତ୍ର ନିଶ୍ଚିନ୍ତକୋଇଲି ବ୍ଲକରେ ଏକାଧିକ ଗ୍ୟାସ୍ ବିତରକ ଏଜେନ୍ସି ଥାଇ ମଧ ସାଲେପୁରସ୍ଥିତ ଏକ ଗ୍ୟାସ୍ ବିତରକୁ ଏଜେନ୍ସିକୁ ରନ୍ଧନ ଗ୍ୟାସ୍ ଯୋଗାଣ ଦାୟିତ୍ୱ ଦିଆଯାଇଥିଲା। ୨୦୨୧ ଅକ୍ଟୋବର ୨୭ରେ ଉକ୍ତ ଏଜେନ୍ସି ପକ୍ଷରୁ ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରକୁ ରନ୍ଧନ ଗ୍ୟାସ୍ ଯୋଗାଇ ଦିଆଯାଇଥିଲା। ଇତିମଧ୍ୟରେ ୧୦ ମାସ ଅତିକ୍ରାନ୍ତ ହେବାକୁ ବସିଥିବାବେଳେ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ରନ୍ଧନ ଗ୍ୟାସ୍ ଟାଙ୍କି ଫିଲିଂ କରାଯାଉନାହିଁ। ଫଳରେ ଅଙ୍ଗନୱାଡି କର୍ମୀମାନଙ୍କୁ ରନ୍ଧନ ଗ୍ୟାସ୍ ଯୋଗାଣ ପାଇଁ ବାରମ୍ବାର ହେବାକୁ ପଡୁଛି ବୋଲି ଜଣେ କର୍ମୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଗ୍ୟାସ୍ ଅଭାବ ଯୋଗୁ ଅଧିକାଂଶ କେନ୍ଦ୍ରରେ ରନ୍ଧନ ଖାଦ୍ୟ ଯୋଗାଣରେ ଅଚଳାବସ୍ଥା ସୃଷ୍ଟି ହୋଇଥିବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସିଡିପିଓ ଲୀଳାବତୀ ସେଠୀ କହିଛନ୍ତି, ରନ୍ଧନ ଗ୍ୟାସ୍ ଟାଙ୍କ ଫିଲିଂ ପାଇଁ ନିଶ୍ଚିନ୍ତକୋଇଲିର ଏକ ବିତରକ ଏଜେନ୍ସିକୁ ପତ୍ର ଲେଖାଯାଇଛି। ଖୁବ୍‌ଶୀଘ୍ର ଏହି କେନ୍ଦ୍ରଗୁଡ଼ିକୁ ରନ୍ଧନ ଗ୍ୟାସ୍ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# ସିପିଆଇର କଟକ ନଗର ସମ୍ମିଳନୀ, କର୍ମକର୍ତ୍ତା ନିର୍ବାଚନ

କଟକ ଅଫିସ,୨୧।୮

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ୨୨ତମ ନଗର ସମ୍ମିଳନୀ କଟକ ବାଲୁବଜାରସ୍ଥିତ ନବଯୁଗ ପ୍ରେସ୍ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ରାମଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ସମ୍ମିଳନୀକୁ ଜିଲା ସମ୍ପାଦକ ଅମରେନ୍ଦୁ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବେ ବରିଷ୍ଠ କମ୍ୟୁନିଷ୍ଟ ନେତା କିଶୋର ଜେନା ଓ ସମ୍ମାନିତ ଅତିଥି ଭାବେ ଜିଲା ସହ ସମ୍ପାଦକ ଉଦୟ କେଶରୀ ବର୍ମା, ରାଜ୍ୟ ପରିଷଦ ସଭ୍ୟ ତ୍ରୈଲୋକ୍ୟ ନାଥ, ମାହାଙ୍ଗା ଆଞ୍ଚଳିକ କମିଟି ସମ୍ପାଦକ ଆଦିକନ୍ଦ ମଲ୍ଲିକ ଓ ସୁଶାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ରାଜନୈତିକ ତଥା ଅର୍ଥନୈତିକ ଦିଗ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ନଗର ସମ୍ପାଦକ ବିନୋଦ କୁମାର ବେହେରା ବିବରଣୀ ପାଠ କରିଥିଲେ। କୃଷ୍ଣପ୍ରିୟା ମହାପାତ୍ର, ବିପିନ ବିହାରୀ ପାଢ଼ୀ, ଇନ୍ଦ୍ରଜିତ୍ ଘୋଷ, ସନ୍ତୋଷ ଖଟୁଆ, କବିତା ରାଉଳ, ମିହିର ବିଶ୍ୱାଳ, ରବୀନ୍ଦ୍ରନାଥ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆଗାମୀ ତିନି ବର୍ଷ ପାଇଁ ୨୩ ଜଣିଆ ନଗର କମିଟିର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। କଟକ ସହରରେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସିଏମ୍‌ସି ସମେତ ବିଭିନ୍ନ ବିଭାଗର ଯନ୍ତ୍ରୀଙ୍କ ଅଫିସ ସମ୍ମୁଖରେ ଆଗାମୀ ଦିନରେ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ସେପ୍ଟେମ୍ବର ୩ ଓ ୪ରେ ହେବାକୁ ଥିବା ଜିଲା ସମ୍ମିଳନୀକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ବିଦ୍ୟାପ୍ରସନ୍ନ ମହାପାତ୍ର, ଭାଗୀରଥି ବେହେରା ଓ ଜଗନ୍ନାଥ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସାନନ୍ଦ ସେଠୀ ଧନ୍ୟବାଦ ଦେଇଥିଲେ।

# ‘ନାରୀ ଶକ୍ତି ବିନା ଦେଶର ଉନ୍ନତି ଅସମ୍ଭବ’



ନୀଳିମା ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ନିଶ୍ଚିନ୍ତକୋଇଲି,୨୧।୮(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକମାଣପୁର ପଞ୍ଚାୟତର ଆଦର୍ଶ ଗ୍ରାମ କଲରାବାଙ୍କରେ ନୀଳିମାରାଣୀ ସ୍ମାରକୀ ସେବା ଆନୁକୂଲ୍ୟରେ ରବିବାର ନୀଳିମା ଉତ୍ସବ-୨୦୨୨ ଅନୁଷ୍ଠିତ ହୋଇଯାଇଛି। ନୀଳିମାଙ୍କ ୯୪ ତମ ଜୟନ୍ତୀ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ମହିଳା ସମାବେଶ ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟ ଜଙ୍ଗଲ ପରିବେଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ପ୍ରଦୀପ ଅମାତ ଯୋଗଦେଇ ନାରୀ ସମାଜର ଉନ୍ନତି ବିନା ରାଜ୍ୟ ଓ ଦେଶର ଉନ୍ନତି ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ସମାବେଶରେ କିମ୍‌ସ ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅମାତ ଯୋଗଦେଇ କହିଥିଲେ, ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ଅଗ୍ରାଧିକାର ଦେଉଛନ୍ତି। ସେମାନଙ୍କ ଉନ୍ନତି ନିମନ୍ତେ ବହୁ ଯୋଜନା କାର୍ଯ୍ୟକାରୀ କରାଯାଇଛି। ମୁଖ୍ୟବକ୍ତାଭାବେ ରାଜ୍ୟ ସଂସ୍କୃତି, ପର୍ଯ୍ୟଟନ ତଥା ଅବକାରୀ ମନ୍ତ୍ରୀ ଡ. ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ଡ. ସାମନ୍ତଙ୍କୁ ସମାଜ ସେବା ପାଇଁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା ଆଦର୍ଶଗ୍ରାମ କଲରାବାଙ୍କରେ ଶିକ୍ଷା, ସ୍ୱାସ୍ଥ୍ୟ ପରିବେଶ ତଥା ସାମାଜିକ ଉନ୍ନତିରେ ନୀଳିମାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିନ୍ନ କୁମାର କେଶ, ରବୀନ୍ଦ୍ର ସାମନ୍ତ, ଅନ୍ତର୍ଯାମୀ ସାମନ୍ତ, ପଣ୍ଡିତ ଶ୍ରୀରାମ ଦାସ ମହାରାଜ, କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଆଦର୍ଶଗ୍ରାମ କଲରାବାଙ୍କ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଏକ ମିଶନ ଶକ୍ତି ଗୃହ ଉଦ୍‌ଘାଟନ କରାଯାଇଥିଲା। ସାମାଜିକକର୍ମୀ ଅରୁଣନ୍ଧତୀ ଦେବୀ ଓ ଝାନ୍‌ସୀ ଦେବୀଙ୍କୁ ନୀଳିମା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ଖବରଦାତା ବିଜୟ କେତନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଜେଡି ନେତା ମନୋଜ କୁମାର ମହାନ୍ତି, ରମେଶ ଚନ୍ଦ୍ର ସ୍ୱାଇଁ, ସରୋଜ ବେହେରା, ଅକ୍ଷୟ ସେଠୀ, ସୁଶାନ୍ତ ସେଠୀ, ବିଜୟ ରାଉତ, ନରେଶ ରାଉତଙ୍କ ସମେତ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ସାମିଲ ହୋଇଥିଲେ।

# ଭାଜପା ପ୍ରତିନିଧି ମଣ୍ଡଳୀର ବନ୍ୟାଞ୍ଚଳ ପରିଦର୍ଶନ

ବାଙ୍କୀ,୨୧।୮(ସ୍ୱ.ପ୍ର.)

ବାଙ୍କୀ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ସୋମବାର ବାଙ୍କୀ ସରଣ୍ଡାସ୍ଥିତ ସୁବର୍ଣ୍ଣପୁର ବନ୍ୟାଞ୍ଚଳ ପରିଦର୍ଶନ କରି ବିପନ୍ନମାନଙ୍କ ସୁବିଧା ଅସୁବିଧା ବୁଝିଥିଲେ। ଭାଜପା ନେତା ଶୁଭ୍ରାଂଶୁମୋହନ ପାଢ଼ୀ ଏହାର ନେତୃତ୍ୱ ନେଇଥିଲେ। ବିପନ୍ନମାନେ ବନ୍ୟା ଘେରରେ ଥିଲେ ମଧ ପ୍ରଶାସନ ତରଫରୁ ସେମାନଙ୍କ ପାଇଁ ରନ୍ଧାଖାଦ୍ୟର ବ୍ୟବସ୍ଥା ହୋଇପାରିନାହିଁ ବୋଲି ଭାଜପା ପକ୍ଷରୁ ଏହି ଅବସରରେ ଅଭିଯୋଗ କରାଯାଇଛି। ବନ୍ୟାଞ୍ଚଳରେ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହୋଇଛି। ନଳକୂପଗୁଡ଼ିକ ବନ୍ୟାଜଳରେ ବୁଡ଼ି ରହିବା ଯୋଗୁ ପାନୀୟ ଜଳ ସ୍ଥିତି ଉତ୍କଟ ହୋଇଛି। ବହୁ ଲୋକ ମାଟିଘରେ ରହୁଥିବା ବେଳେ କାନ୍ଥ ଭୁଶୁଡି ପଡ଼ିଛି। ଏହାଛଡ଼ା ଗୃହପାଳିତ ପ୍ରାଣୀଙ୍କ ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଏସବୁ ସମସ୍ୟାର ତୁରନ୍ତ ସମାଧାନ ସହ ଚାଷୀମାନଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି। ଏହି ପ୍ରତିନିଧି ମଣ୍ଡଳୀରେ ବରିଷ୍ଠ ଭାଜପା ନେତା ଉତ୍କଳମଣି ମନ୍ତ୍ରୀ, ପ୍ରଦୀପ ପଟ୍ଟନାୟକ, ପୂର୍ବତନ ସମିତି ସଭ୍ୟ କାଶୀନାଥ ବେହେରା, ଭାଜପା ମଣ୍ଡଳ ସଭାପତି ପ୍ରସନ୍ନ ସ୍ୱାଇଁ, ଜଗନ୍ନାଥ ନାୟକ, ସୁନୀଲ କୁମାର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ବନ୍ୟାବିପନ୍ନଙ୍କୁ ସହାୟତା

ଟିଗିରିଆ,୨୧।୮(ଡି.ଏନ.ଏ)

ମହାନଦୀରେ ଆସିଥିବା ବନ୍ୟା ଯୋଗୁ ଟିଗିରିଆ ବ୍ଲକର ରଘୁରାମପୁର ଓ କୋଇଲକନ୍ୟା ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ଏହି ୨ ଗ୍ରାମରେ ଜମାତ ଅହମ୍ମଦିୟା ସମ୍ପ୍ରଦାୟର ହ୍ୟୁମାନିଟି ଫାଷ୍ଟ ତରଫରୁ ଜମାତ୍ ଅହମ୍ମଦିୟା ପଙ୍କାଳ ସହାୟତାରେ ବନ୍ୟାବିପନ୍ନମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ସେଗୁଡ଼ିକ ମଧ୍ୟରେ ଚୁଡା, ବିସ୍କୁଟ, ଚିନି ଓ ପିଇବା ପାଣି ଆଦି ରହିଛି। ଏହି କାର୍ଯ୍ୟକ୍ରମରେ ଜମାତ ଅହମ୍ମଦିୟା ପଙ୍କାଳର ପୂର୍ବତନ ସଭାପତି ରୋଶନ ଖାଁ, ଫର୍ଜନ ଅଲ୍ଲୀ ଖାଁ, ମୌଲାନା ଏସ. କେ କ୍ୱାଦିର, ଏସ୍. କେ ସମସୁଲ, ତୟବ ଅହମ୍ମଦ, ବୃଦ୍ଧ ଅହମ୍ମଦିୟା ସଭାପତି ଅଫ୍‌ଜଲ ଅହମ୍ମଦ ଖାଁ, ଯୁବ ଅହମ୍ମଦିୟା ସଭାପତି ଅଞ୍ଜୁମ ଖାଁ ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ମହେବୁ ଅହମ୍ମଦ ଖାଁ ପ୍ରମୁଖ ସହଯୋଗ କରିଥିଲେ।




ଜମାତ ଅହମ୍ମଦିୟା ସମ୍ପ୍ରଦାୟର ହ୍ୟୁମାନିଟି ଫାଷ୍ଟ ତରଫରୁ ବିପନ୍ନଙ୍କୁ ସହାୟତା ଦିଆଯାଉଛି।

# ବନ୍ୟାଞ୍ଚଳରେ ଶୁଖିଲା ଖାଦ୍ୟ ବାଣ୍ଟିଲା ବିଜେଡି

ବାଙ୍କୀ,୨୧।୮ (ସ୍ୱ.ପ୍ର.)

ବାଙ୍କୀ ବ୍ଲକ ଗୋଳାଗଣ୍ଡ ଗ୍ରାମ ପଞ୍ଚାୟତର ସାଁପୁର, ଡମପଡ଼ା ବ୍ଲକର କଇଁମୁଣ୍ଡି ଏବଂ ବାଙ୍କୀ ଏନଏସିର ୩ ନମ୍ବର ୱାର୍ଡରେ ବନ୍ୟାପାଣି ଘେରରେ ବହୁ ଲୋକ ରହିଛନ୍ତି। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ବିଶ୍ୱଜିତ୍ ମହାନ୍ତି ଓ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ବନ୍ୟାଞ୍ଚଳ ପରିଦର୍ଶନ କରି ବିପନ୍ନମାନଙ୍କ ଅସୁବିଧା ବୁଝିବା ସହ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ଏଥିରେ ଛାତ୍ର ବିଜେଡି ସଙ୍ଗଠନ ସମ୍ପାଦକ ବିଜୟ ବସନ୍ତିଆ, ଯୁବ ବିଜେଡି ଉପସଭାପତି ମିହିର ପରିଡା, ସମ୍ବିତ୍ ବେହେରା, ଏନଏସି କାଉନସିଲର ଅଶାନ୍ତି ରାଉତ, ସନାତନ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଜିଲା ପରିଷଦ ସଭ୍ୟା ରଶ୍ମିରେଖା ପଣ୍ଡା ସରଣ୍ଡାସ୍ଥିତ ୨୫ ନଂ. ଜୋନର ୭ ବନ୍ୟାଞ୍ଚଳ ପରିଦର୍ଶନ କରି ରିଲିଫ ସାମଗ୍ରୀ ତଦାରଖ କରିଥିଲେ। ଏଥିରେ ସାମାଜିକ କର୍ମୀ ରାଜେଶ ପଣ୍ଡା, ପୂର୍ବତନ ସରପଞ୍ଚ ତରୁଣ କୁମାର ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।



ବିଜେଡି ପକ୍ଷରୁ ବନ୍ୟା ବିପନ୍ନମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଉଛି।

# ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ନାରୀଙ୍କ ଭୂମିକା

ଡ. ସୁରେନ୍ଦ୍ର କୁମାର ମିଶ୍ର

ଐତିହ୍ୟରେ ଓଡ଼ିଶା

■ ଗାଈଗୋଠ ପରିଚାଳନାରେ ସମ୍ପୃକ୍ତ ନାରୀଙ୍କ ମୁଖିଆ ଥିଲେ ସୁଖୀ ମହାଭୋଇ
■ ନାରୀ ସୁଆଁସିଆଙ୍କୁ କୁହାଯାଉଥିଲା କାମିକା ମୂଲିଆଣୀ
■ ଗାଈଙ୍କ ସେବା ପାଇଁ ନିଯୁକ୍ତ ଥିଲେ ୭୪ଜଣ ନାରୀ

ଶିଳ୍ପୀମାନଙ୍କ ଗାଈଗୋଠ ବ୍ୟବସ୍ଥା କରିଥିଲେ ଗଜପତି। ମୂଳରୁ ଏ ଦିଗ ପ୍ରତି ସେ ନିଘା ରଖିଥିଲେ। ଶହେଜଣ ଗାଈଆଳ ଥିଲେ। ଜଣେ ଗାଈଆଳ ୩୦ଟି ଗାଈଙ୍କ ଦାୟିତ୍ୱରେ ଥିଲେ। ଶହେ ଗାଈଆଳଙ୍କ ମୁଖିଆ ଥିଲେ ଭାଗୀରଥି ମହାଭୋଇ। ସମସ୍ତଙ୍କ ପକ୍ଷରୁ ଭାଗୀରଥି ଗ୍ରହଣ କରିଥିଲେ ଉପହାର। ଉପହାର ନିଜେ ଉପସ୍ଥିତ ରହି ଦେଇଥିଲେ ମହାଶ୍ରମ (ଗଜପତି)। ଗାଈଙ୍କ ପାଇଁ ମୋଟାଧାନ ଯୋଗାଇଦେବାର ବ୍ୟବସ୍ଥା ହୋଇଥିଲା। ଦୁହାଁଳିଆ ଗାଈଙ୍କ ଖାଦ୍ୟ ଦିଗକୁ ମଧ୍ୟ ନଜର ରଖାଯାଇଥିଲା। ଭରଣ ଭରଣ (୮୦ଗୌଣୀ) ଅକୁଟା ଧାନ ଗାଈଙ୍କ ଖାଦ୍ୟ ପାଇଁ ଖଞ୍ଜା ରହିଥିଲା। କେବଳ ଗଜପତି ମହାଭୋଇଙ୍କୁ ଉପହାର ଦେଇଥିଲେ ତାହା ନୁହେଁ, ମହାରାଣୀ ମଧ୍ୟ ଦେଇ ଥିବାର ଜଣାଯାଏ। ନିଜେ ମହାରାଣୀ ଗାଈଗୋଠ ପରିଦର୍ଶନ କରିଥିଲେ। ଅନ୍ୟତମ ମୁଖିଆ ରାମ ମହାଭୋଇଙ୍କୁ ଉପହାର ଦେଇଥିଲେ। ଗାଈଙ୍କ କାମ କରିବା ପାଇଁ ନାରୀମାନଙ୍କୁ ନିଯୁକ୍ତ କରାଯାଇଥିଲା। ଏଥିପାଇଁ ୭୪ଜଣ ନାରୀ କାର୍ଯ୍ୟ କରୁଥିଲେ। ନାରୀଙ୍କ ମୁଖିଆ ଥିଲେ ସୁଖୀ ମହାଭୋଇ। ସେ ମଧ୍ୟ ୭୪ ଜଣଙ୍କ ପାଉଣା ଗ୍ରହଣ କରୁଥିଲେ। ବାସ୍ତବରେ ଗାଈଗୋଠର ପରିଚାଳନା ପାଇଁ ନାରୀ ଅପରିହାର୍ଯ୍ୟ। ଗୋ-ପାଳନ, ଗୋ-ସୁରକ୍ଷା ସହଜ ବ୍ୟାପାର ନୁହେଁ। ଦୁହାଁଳିଆ ଗାଈ ରଖାଯାଇଥିଲା। ଦୁଗ୍ଧ ବନ୍ଦ କଲେ ସେମାନଙ୍କୁ ଅଲଗା ରଖାଯାଇ ପୁଣି ଦୁହାଁଳିଆ ଗାଈ ଆଣି ଗୋଠରେ ସାମିଲ କରାଯାଉଥିଲା। ଉଦ୍ଦେଶ୍ୟ ସ୍ପଷ୍ଟ। ଚାରି ଶିବିର, ଶିବିର ବାଦ ବି ଶ୍ରମିକ, ପଥୁରିଆ, କର୍ମଚାରୀ ଅଛନ୍ତି। ସମସ୍ତଙ୍କୁ ଦୁଗ୍ଧ, ଦହି, ଛେନା ଓ ଘିଅ ଯୋଗାଇଦେବା ଗଜପତିଙ୍କର ଅସଲ ଉଦ୍ଦେଶ୍ୟ ଥିଲା। ସେତେବେଳେ ତ ଆଉ ଓମ୍‌ଫେଡ କ୍ଷୀର କି ଦହି, କି ଘିଅ ବିକ୍ରି ବ୍ୟବସ୍ଥା ନ ଥିଲା। ମନ୍ଦିର ନିର୍ମାଣ ସମୟରେ ଯେଉଁମାନେ ପାଇଟିଆଳ ବା ମୂଲିଆ ଥିଲେ ସେମାନଙ୍କୁ ‘ସୁଆଁସିଆ’ କୁହାଯାଉଥିଲା। ଏମାନେ ମୁଖ୍ୟତଃ ଅସମାନ ପଥର, ବନ୍ଧୁର ବା ମସୃଣ ନ ହୋଇଥିବା ପଥରକୁ ଚଉପଟ କରିବା କାମ କରୁଥିଲେ। ପ୍ରତିବର୍ଷ ବର୍ଷାଋତୁରେ କିଛିଦିନ ନିର୍ମାଣ କାର୍ଯ୍ୟ ବନ୍ଦ ରହୁଥିଲା। କାମ ବନ୍ଦ ହେଲେ ବି ଶିଳ୍ପୀମାନେ ଯେପରି ସେମାନଙ୍କ ପାଉଣା ପାଇବେ ତା’ର ବ୍ୟବସ୍ଥା ଥିଲା, ସୁଆଁସିଆଙ୍କୁ ସେହିପରି ପାଉଣା ଦିଆଯାଉଥିଲା। ‘କାମ ନାହିଁ ତ ପଇସା ନାହିଁ’ ଏପରି ନୀତି ନ ଥିଲା। ସୁଆଁସିଆଙ୍କ ମଧ୍ୟରୁ କେତେଜଣ ଜଗୁଆଳି କାର୍ଯ୍ୟ କରୁଥିଲେ। ୩୦ଜଣ ଜଗୁଆଳି ଦିନରାତି କାମରେ ନିଯୁକ୍ତ ଥିଲେ। ସୁଆଁସିଆ ଓ ଜଗୁଆଳି ପୁରୀ ରଥଯାତ୍ରା ଦେଖିବାକୁ ଚାହିଁଲେ ସେମାନଙ୍କୁ ସୁଯୋଗ ଦିଆଯାଉଥିଲା। ସୁଆଁସିଆ ଦଳର ମୁଖିଆଙ୍କୁ ‘ସୁଆଁସିଆ ନାୟକ’ କୁହାଯାଉଥିଲା। ଆବଶ୍ୟକ ହେଲେ ବାହାରୁ ଅସ୍ଥାୟୀ ସୁଆଁସିଆ ଆଣି କାମ ତୁଲାଉଥିଲେ। ପଥରଖମ୍ବ କଳ ଗୟଳରେ ଉଠାଇବା, ଗାତ ଖୋଳିବା, ଗାତ ପୋତିବା, କଳ-ଗୟଳ ଗଣ୍ଡିବା, ଚୂନ ପଥର ଚଟାଣ ଉପରେ କଳାମୁଗୁନି ପଥର ଖଞ୍ଜିବାରେ ମହାରଣାଙ୍କୁ ସହାୟତା କରିବା, ପଥର ପାହାଚ ନିର୍ମାଣବେଳେ ୨୭ ଶ୍ରମିକଙ୍କ ସହଯୋଗ, ବାଉଁଶ କିନ୍ତା ସବୁ ମାପ ଅନୁଯାୟୀ ପୋତିବା କାର୍ଯ୍ୟ ସୁଆଁସିଆମାନେ ତୁଲାଉଥିଲେ। ସେହିପରି ନାରୀ ସୁଆଁସିଆଙ୍କ ପାଇଁ କାମିକା ଶବ୍ଦ ବ୍ୟବହାର ହୋଇଥିବାର ଦେଖାଯାଏ। ମୂଳଦୁଆ କାମ ସରିଲେ କିମ୍ବା ପଥର ଖମ୍ବ ଖଞ୍ଜାହେବା ପରେ ମାଟିରେ ପୋତାଯାଉ ନ ଥିଲା। ତା’ ମୂଳରେ ଚୂନପଥର ଭର୍ତ୍ତି ହୋଇ ଜାବ ଦିଆଯାଉଥିଲା। ଖାଲି ଚୂନପଥର ନୁହେଁ, ତା’ ସହିତ ଅନ୍ୟାନ୍ୟ ଦ୍ରବ୍ୟ ମିଶାଯାଉଥିଲା। ଏହି ମିଶେଇବା କାମ ଓ ମୂଳଦୁଆ ପୋତିବା କାମ ନାରୀ ଶ୍ରମିକମାନେ କରୁଥିଲେ।



ଶ୍ରୀ ପଦ୍ମକେଶର ନାଟ ମନ୍ଦିର ଗାତ୍ରରେ ଗଜପତି ଲାଙ୍ଗୁଳା ନରସିଂହ ଦେବ ଓ ମହାରାଣୀ ମହାଦେବୀ କସ୍ତୁରିକା ମୋହିନୀ ଦେବୀ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୨ ଅଗଷ୍ଟ ୨୦୨୨



## କଂଗ୍ରେସର ମିଶ୍ରଣ ପର୍ବ

**କଟକ ଅଫିସ:** କଟକ କଲେଜ ଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଦଳର ଅନେକ କର୍ମୀ କଂଗ୍ରେସରେ ସାମିଲ ହୋଇଥିବା ନଗର ଜିଲା କଂଗ୍ରେସ ସଭାପତି ସୁରେଶ ମହାପାତ୍ର କହିଛନ୍ତି। ବିଶ୍ୱରଞ୍ଜନ ଜେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ମୀମାନଙ୍କୁ ସ୍ୱାଗତ କରାଯାଇଥିଲା। ଏଥିସହ ପୂର୍ବରୁ ଦଳ ଛାଡ଼ିଥିବା ବରଦା ସାହୁ, ଚନ୍ଦନ ପ୍ରଧାନ, ଆଲୋକ ମହନ୍ତ ଓ ସହଦେବ ବେହେରାଙ୍କୁ ମଧ ଦଳକୁ ସ୍ୱାଗତ କରାଯାଇଥିଲା। ପିସିସି ଅନୁସୂଚିତ ଜାତି ବିଭାଗ ଅଧକ୍ଷ ବାଙ୍କନିଧି ବେହେରା, କର୍ପୋରେଟର ଜେ. କାମେଶ ରାଓ, ବିଶ୍ୱନାଥ ଶତପଥୀ, ରାଜେନ୍ଦ୍ର ପଟ୍ଟନାୟକ, ସୁକାନ୍ତ ରାଉତ, ରାଜୀବ ମହାନ୍ତି, ଫଏଜଲ ଅହମ୍ମଦ, ନିରୁପମା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

### ସଙ୍କୁଳସ୍ତରୀୟ ବିଜ୍ଞାନ ମେଳା

କଟକ ଅଫିସ,୨୧।୮: ମର୍କତନଗର ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ସଙ୍କୁଳ ସଂଯୋଜକ ନାରାୟଣ ପ୍ରସାଦ ଷଡ଼ଙ୍ଗୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ କଲେଜଛକ, ଶଙ୍କରପୁର, ବାଲୁବଜାର, ତୁଳସୀପୁର, ମର୍କତନଗର ଶିଶୁବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ଯୋଗଦେଇ ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ମର୍କତନଗର ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁକାନ୍ତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗର ପୂର୍ବତନ ମୁଖ୍ୟ ନାରାୟଣ ମହାନ୍ତି ଓ ମୁଖ୍ୟବକ୍ତା ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ସ୍ୱର୍ଣ୍ଣଲତା ମିଶ୍ର ଯୋଗଦେଇଥିଲେ। ନନ୍ଦିତା ରାଓ, ପ୍ରସନ୍ନ ନନ୍ଦ, ପ୍ରେମାନନ୍ଦ ମହାନ୍ତି, ଲକ୍ଷ୍ମୀଧର ବେହେରା, ନଗେନ୍ଦ୍ର କୁମାର ମିଶ୍ର, ସୁକାନ୍ତ ସାହୁ ପ୍ରମୁଖ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ପରିଚାଳନା ସମିତି ସମ୍ପାଦକ ସତ୍ୟବ୍ରତ ମହାନ୍ତି, ଯୁଗ୍ମ ସମ୍ପାଦକ ମିନିରାଣୀ ରାଉତ, ସଂଘମିତ୍ରା ଦାସ ଉପସ୍ଥିତ ଥିଲେ। ମାନସୀ ଜେନା ଧନ୍ୟବାଦ ଦେଇଥିଲେ।

### ୧୯୮୪ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ

ନିଆଳି,୨୧।୮(ଡି.ଏନ୍.ଏ.)- ନିଆଳି ହାଇସ୍କୁଲ ୧୯୮୪ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଶୋଭନେଶ୍ୱର ମହାଦେବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର ଉନ୍ନତି, ଶିକ୍ଷା ପ୍ରଦାନ କ୍ଷେତ୍ରରେ ସମସ୍ତେ ଦୃଷ୍ଟି ଦେବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଆଗାମୀ ଦିନରେ ସ୍କୁଲରେ ଅମୃତ ମହୋତ୍ସବ ପାଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ପୁରାତନ ଛାତ୍ର ବଦ୍ରିକା ନାଥ ମହାପାତ୍ରଙ୍କ ଆହ୍ୱାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଭାତ ରଞ୍ଜନ ନାୟକ, ବିଜୟ କୁମାର ସାହୁ, ସୁରେଶ ଚନ୍ଦ୍ର ଦାଶ, ସର୍ବେଶ୍ୱର ବେହେରା, ମହାପାତ୍ର ଧରଣୀଧର ପଣ୍ଡା, ଗୋପାଳ ସିଂହ, ଯୋଗେନ୍ଦ୍ର ସାହୁଙ୍କ ସମେତ ଉକ୍ତ ବ୍ୟାଚ୍‌ର ଛାତ୍ରମାନେ ଯୋଗଦେଇଥିଲେ। କାଳନ୍ଦୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ସ୍ମୃତିସଭା

କଟକ ଅଫିସ,୨୧।୮- କଟକ କଲେଜ ଛକସ୍ଥିତ ସରସ୍ୱତୀ ଶିଶୁମନ୍ଦିର ଅଡ଼ିଟୋରିୟମରେ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ସ୍ମୃତିସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଧର୍ମଜାଗରଣ ସମନ୍ୱୟ କଟକ ମହାନଗର ସଂଯୋଜକ ମନୋହର ମହନ୍ତଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ଧର୍ମଜାଗରଣର ପୂର୍ବ ଭାରତ ପ୍ରମୁଖ ବିନୟ କୁମାର ଭୂୟାଁ, ମୁଖ୍ୟବକ୍ତା ଭାବେ ଡ. ଗଙ୍ଗାଧର ନନ୍ଦ ଯୋଗଦେଇଥିଲେ। ଏଥିରେ ଡ. କିଶନଲାଲ ଭରତିଆ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମାନନ୍ଦ ସରସ୍ୱତୀ, ପ୍ରବଚକ ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ, ସାମାଜିକ କର୍ମୀ ମୋହନଲାଲ ସିଂ, ଐକତା ତେଲୁଗୁ ଆସୋସିଏଶନ ସଭାପତି କେ.ଦୁର୍ଗା ପ୍ରସାଦ ଉପସ୍ଥିତ ଥିଲେ। ସାର୍ଥକ ନାୟକ ଧନ୍ୟବାଦ ଦେଇଥିଲେ।

# ପୂଜା ପୂର୍ବରୁ ରାସ୍ତା ମରାମତି ସରିବ

**କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟିର ଦୁର୍ଗାପୂଜା ଓ ଭସାଣି ଉତ୍ସବ ପ୍ରସ୍ତୁତି ବୈଠକ**

କଟକ ସଦର,୨୧।୮(ଡି.ଏନ୍.ଏ.)



ଦୁର୍ଗାପୂଜା ଓ ଭସାଣୀ ପ୍ରସ୍ତୁତି ବୈଠକରେ ଏମ୍‌ପି, ବିଧାୟକ, ଜିଲାପାଳ, ମେୟର, ଡିସିପିଙ୍କ ସହ ଅନ୍ୟମାନେ।

ଆସନ୍ତା ଦୁର୍ଗାପୂଜା ଓ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ କରିବା ପାଇଁ ୪୨ମୌଜା ଅନ୍ତର୍ଗତ ଶ୍ରୀରାମ ବଜାର କନକଦୁର୍ଗା ମଣ୍ଡପରେ କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ପକ୍ଷରୁ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ ଯୋଗଦେଇ ଅନେକ ଦାବି ଉପସ୍ଥାପନ କରିଥିଲେ। ସେଥିମଧ୍ୟରେ ସହରର ରାସ୍ତା ମରାମତି, ପ୍ରତି ବିଦ୍ୟୁତ୍ ଖୁଣ୍ଟରେ ଆଲୋକ ବ୍ୟବସ୍ଥା, ଡାକବାଜି ଯନ୍ତ୍ର ବାଜିବା ନିୟମରେ କୋହଳ, ପୂଜା ସମୟରେ ରାତି ୧୨ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଅନୁମତି, ପୂଜା କମିଟି କର୍ମକର୍ତ୍ତାମାନଙ୍କୁ ପରିଚୟପତ୍ର ସହ ଗାଡ଼ି ପାସ୍, ଅସ୍ଥାୟୀ ଜଳାଶୟରେ ମା'ଙ୍କ ମୂର୍ତ୍ତି ବିସର୍ଜନ କରିବା ଭଳି ପ୍ରମୁଖ ଦାବି ରହିଛି। ଚଳିତବର୍ଷ ପୂଜାରେ ପ୍ଲାଷ୍ଟିକ ଓ ପଲିଥିନ ବର୍ଜନ, ପ୍ରତି ପୂଜା ମଣ୍ଡପରେ ଡଷ୍ଟବିନ ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଥିଲା। ସରକାରୀ ନିୟମ ଅନୁସାରେ ପୂଜା କମିଟିର ଦାବିକୁ ବିଚାର କରାଯିବ ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି। ସେହିପରି କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଯୋଗଦେଇ ଦୁର୍ଗାପୂଜା ପୂର୍ବରୁ ରାସ୍ତା ମରାମତି, ଆଲୋକ ବ୍ୟବସ୍ଥା, ମା'ଙ୍କ ମୂର୍ତ୍ତି ବିସର୍ଜନ ପାଇଁ ଅସ୍ଥାୟୀ ପୋଖରୀ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଶ୍ରୀରାମ ପୂଜା କମିଟି ସଭାପତି ଅର୍ଜୁନ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏମ୍‌ପି ଭର୍ତ୍ତୃହରି ମହତାବ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ବାରବାଟି-କଟକ ବିଧାୟକ ଇଂ. ମହମ୍ମଦ ମୋକିମ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଡିସିପି ପିନାକ ମିଶ୍ର, ମହାନଗର ପୂଜା କମିଟି ସାଧାରଣ ସମ୍ପାଦକ ପ୍ରଭାତ ତ୍ରିପାଠୀ, ସୁରେଶ ଚନ୍ଦ୍ର ମହାପାତ୍ର, ମଧୁସୂଦନ ସାହୁ, ପୂର୍ବାଞ୍ଚଳ ଶାନ୍ତି କମିଟି ଉପସଭାପତି ରମେଶ ଚନ୍ଦ୍ର କର, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ଯୁଗ୍ମ ସମ୍ପାଦକ ଉମେଶ ଚନ୍ଦ୍ର ସାହୁ, କୋଷାଧକ୍ଷ ନିରଞ୍ଜନ ସାହୁ, ସଂଯୋଜକ ରମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ମତବ୍ୟକ୍ତ କରିଥିଲେ। ସମ୍ପାଦକ ସୂର୍ଯ୍ୟମଣି ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗୋବିନ୍ଦ ସଭାପତି, ଆଦିତ୍ୟ ସାଧାରଣ ସମ୍ପାଦକ

**ଉତ୍କଳ ସାହିତ୍ୟ ସମାଜର କର୍ମକର୍ତ୍ତା ନିର୍ବାଚନ**

କଟକ ଅଫିସ,୨୧।୮


ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ।


ଆଦିତ୍ୟ ପ୍ରତାପ ଧଳ।

ପ୍ରାଚୀନ ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜର ଆଗାମୀ ୩ ବର୍ଷ ନିମନ୍ତେ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଓ ସାଧାରଣ ସମ୍ପାଦକ ଭାବେ ଆଦିତ୍ୟ ପ୍ରତାପ ଧଳ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ଜୀବନାନନ୍ଦ ଅଧିକାରୀ, ସଙ୍ଗଠନ ସମ୍ପାଦକ ଭାବେ ଡ. ସୁନାମଣି ରାଉତ, ପାଠାଗାର ସମ୍ପାଦକ ଭାବେ ବ୍ରହ୍ମାନନ୍ଦ ବିଶ୍ୱାଳ ଓ କୋଷାଧକ୍ଷ ଭାବେ ଶିବାଶିଷ କର ନିର୍ବାଚିତ ହୋଇଛନ୍ତି। ଏଥିସହ କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଭାବେ ସରୋଜିନୀ ମିଶ୍ର, ଶଶିକାନ୍ତ ରାଉତ, ବ୍ରହ୍ମାନନ୍ଦ ମହାନ୍ତି, ବିଜୟଲକ୍ଷ୍ମୀ ନାୟକ, ମୁରଲୀଧର ଶତପଥୀ, ଡ. ଗାୟତ୍ରୀ ଦେବୀ, ତପନ କୁମାର ସ୍ୱାଇଁ, ଜେନା ଆଦିତ୍ୟ ପ୍ରତାପ ବାଘସିଂହ, ଦିଲ୍ଲୀପ କୁମାର ଦାସ, ସୁକାନ୍ତ ପ୍ରସାଦ ନନ୍ଦ ଓ ରାଧାଶ୍ୟାମ ରାଉଳ ମଧ ନିର୍ବାଚିତ ହୋଇଛନ୍ତି। ଉତ୍କଳ ସାହିତ୍ୟ ସମାଜ ପରିସରରେ କର୍ମକର୍ତ୍ତା ନିର୍ବାଚନ ପାଇଁ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ୯ଟି ବୁଥ୍‌ରେ ଭୋଟ ଗ୍ରହଣ ହୋଇଥିଲା। ଅନୁଷ୍ଠାନର ୬ଜଣ କର୍ମକର୍ତ୍ତା ଓ ୧୧ଜଣ କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ପଦ ପାଇଁ ୩୪ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ବୋଲି ନିର୍ବାଚନ ଅଧିକାରୀ ନବକିଶୋର ଦାସ ସୂଚନା ଦେଇଛନ୍ତି।

## 'ଅଧିକ ଜ୍ଞାନ ଲାଭ କଲେ ଗୁରୁ ହୋଇପାରିବା'

କଟକ ଅଫିସ,୨୧।୮

ଶିଶୁ ମଙ୍ଗଳ ସମିତି ପକ୍ଷରୁ କଟକ ବସୁନ୍ଧରା ଶିଶୁ ଗୃହ ସମ୍ମିଳନୀ କକ୍ଷରେ ବକ୍ତୃତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୈଜ୍ଞାନିକ ଡ. ବିଜୟ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଅଧିକରୁ ଅଧିକ ଜ୍ଞାନ ଲାଭ କଲେ ହିଁ ଆମେ ଗୁରୁ ହୋଇପାରିବା। ଏଥିସହ ନିଜର କିଛି ଉଦ୍ଭାବନକୁ ପ୍ରଦର୍ଶନ କରି ସେ ପିଲାମାନଙ୍କୁ ବୈଜ୍ଞାନିକ ହେବା ପାଇଁ ଅନୁପ୍ରାଣିତ କରିଥିଲେ। ଶିଶୁ ମଙ୍ଗଳ ସମିତି ଅଧକ୍ଷା ମନ୍ଦାକିନୀ ଜେମା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସଦସ୍ୟ ଅମିୟ ଭୂଷଣ ବିଶ୍ୱାଳ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଚିତ୍ତରଞ୍ଜନ ମହାନ୍ତି, ଇଂ. ଅନ୍ୱୟ ଅଭିନବଙ୍କ ସହ ଯଶୋଦା ସଦନ, ଶୋଭନୀୟ ଶିକ୍ଷାଶ୍ରମ ଓ ବସୁନ୍ଧରାର ଅନ୍ତେବାସୀ ଯୋଗ ଦେଇଥିଲେ। ଅକ୍ଷୟ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## 'ସଂସ୍କୃତ ଭାଷାର ପ୍ରସାର ପାଇଁ ଉଦ୍ୟମ ହେଉ'

**ସଂସ୍କୃତ ଦିବସ ସମାରୋହ**



ଖପୁରିଆ ଶିଳ୍ପାଞ୍ଚଳସ୍ଥିତ ଓଏଏସ୍‌ଏମ୍‌ଇ ସଭାଗୃହରେ ରବିବାର ଅନୁଷ୍ଠିତ ସମାରୋହରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

କଟକ ଅଫିସ,୨୧।୮

ସଂସ୍କୃତ ସଙ୍ଗୀତ ନାଟକ ଏକାଡେମୀ ଓ ସଂସ୍କୃତ ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଖପୁରିଆ ଶିଳ୍ପାଞ୍ଚଳସ୍ଥିତ ଓଏଏସ୍‌ଏମ୍‌ଇ ସଭାଗୃହରେ ସଂସ୍କୃତ ଦିବସ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ରାଜ୍ୟ ଉପଭୋକ୍ତା ମହାସଂଘର ସଭାପତି ତଥା ଅବସରପ୍ରାପ୍ତ ବିଚାରପତି ଦୁର୍ଗାପ୍ରସନ୍ନ ଚୌଧୁରୀ ଯୋଗଦେଇ ସଂସ୍କୃତ ଭାଷାର ପ୍ରଚାର, ପ୍ରସାର ପାଇଁ ଯଥେଷ୍ଟ ଉଦ୍ୟମ ହେବା ଆବଶ୍ୟକ। ସେହିପରି ମୁଖ୍ୟବକ୍ତା ଅଭିନେତା କୁନା ତ୍ରିପାଠୀ ସଂସ୍କୃତ ଭାଷା ଆନ୍ଦୋଳନ ବିଶ୍ୱବ୍ୟାପୀ ହେବା ଉଚିତ ବୋଲି କହିଥିଲେ। ବିହାରସ୍ଥିତ ରାଜେନ୍ଦ୍ର ପ୍ରସାଦ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଡା. ସୁରେନ୍ଦ୍ର ନାଥ ସେନାପତି ଓ ସାତ୍ତ୍ୱିକ ସ୍ୱାଇଁ ଯୋଗଦେଇଥିଲେ। ଏହି ଅବସରରେ ଡା. ସୁରେନ୍ଦ୍ର ନାଥ ସେନାପତିଙ୍କୁ ଭିଷକ୍ ରତ୍ନମ୍ ଓ ମୁଖ୍ୟବକ୍ତା କୁନା ତ୍ରିପାଠୀଙ୍କୁ ସଂସ୍କୃତ ସଂସ୍କୃତି ବିନୋଦ ଉପାଧି ପ୍ରଦାନ କରାଯାଇଥିଲା। ଏଥିସହ ବିଭିନ୍ନ ବିଦ୍ୟାଳୟରେ ଦଶମ ଶ୍ରେଣୀ ପରୀକ୍ଷାରେ ସଂସ୍କୃତରେ ସର୍ବାଧିକ ନମ୍ବର ରଖିଥିବା ବିଦ୍ୟାର୍ଥୀ ଓ ବିବିଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନମୋହନ ସ୍ମୃତି କବିତା ପାଠୋତ୍ସବକୁ ଡ. କାଳୀପ୍ରସନ୍ନ ଶତପଥୀ ସଂଯୋଜନା କରିଥିଲେ। ନୀରଦ ଚନ୍ଦ୍ର ଆର୍ଯ୍ୟ ମଞ୍ଚ ପରିଚାଳନା, ଡ. ବିପିନ ବିହାରୀ ଶତପଥୀ ବିବରଣୀ ପାଠ, ଗୁରୁପ୍ରସାଦ ରଥ ବେଦପାଠ ଓ ପ୍ରଦୀପ୍ତ କୁମାର ରଥ ଧନ୍ୟବାଦ ଦେଇଥିଲେ। ସଂଘମିତ୍ରା ନାୟକ, ଦିଲ୍ଲୀପ କୁମାର ପାଲ, ତପସ୍ୱିନୀ ତ୍ରିପାଠୀ, ପ୍ରିୟବ୍ରତ କର, ପ୍ରଫୁଲ୍ଲ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୨ ଗୋଷ୍ଠୀ ମାରପିଟ ଘଟଣା, ୨ ଗିରଫ

ମଙ୍ଗୁଳି,୨୧।୮(ଡି.ଏନ୍.ଏ.)

ଦୁଇ ଗୋଷ୍ଠୀ ମଧ ମାରପିଟ ଘଟଣାରେ ଟାଙ୍ଗୀ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟାଙ୍ଗୀ ଥାନା ଅଧୀନ ଗୋବିନ୍ଦପୁର ଗ୍ରାମର ସୋନୁ କର ଓ ଶୁଭ୍ରାଂଶୁ ସାମଲ। ଏହି ଘଟଣାରେ ଅନ୍ୟ ଗୋଷ୍ଠୀର ୯ ଜଣ ଫେରାର ଅଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ, ସୋନୁ ଏବଂ ସେହି ଗ୍ରାମର ତ୍ରୈଲୋକ୍ୟ ସାହୁ ଗୋବିନ୍ଦପୁର ଛକରେ ଢାବା କରିଛନ୍ତି। ବାକି ଟଙ୍କାକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ଶୁକ୍ରବାର ଗଣ୍ଡଗୋଳ ହୋଇଥିଲା। ଶନିବାର ଗ୍ରାମରେ ଏକ ବୈଠକ ଡକାଯାଇ ଉଭୟଙ୍କ ମଧ ଆପୋସ ସମାଧାନ ହେବାର ଥିଲା। ହେଲେ ଶନିବାର ଅପରାହ୍ନରେ ତ୍ରୈଲୋକ୍ୟ ଓ ତାଙ୍କ ପରିବାର ଲୋକେ ସୋନୁ ଏବଂ ତାଙ୍କ ସହଯୋଗୀ ଶୁଭ୍ରାଂଶୁଙ୍କୁ ମାଡ଼ ମାରିଥିଲେ। ଏପରି କି ସୋନୁଙ୍କ ବେକରୁ ସୁନାଚେନ୍ ଛିଣ୍ଡାଇ ନେଇଥିଲେ। ଅପରପକ୍ଷେ ତ୍ରୈଲୋକ୍ୟ ଓ ତାଙ୍କ ଭଉଣୀଙ୍କୁ ସୋନୁ ମାଡ଼ ମାରିଥିବା ଥାନାରେ ପାଲଟା ଅଭିଯୋଗ ହୋଇଛି। ପୋଲିସ ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ଦୁଇଟି ମାମଲା (ନଂ.୧୮୦,୧୮୧/୨୨) ରୁଜୁ କରିଛି।

## ପରିତ୍ୟକ୍ତ ଅବସ୍ଥାରେ ନୂତନ ପାର୍କ



କଟକ ଅଫିସ,୨୧।୮

ସହରବାସୀଙ୍କୁ ମୁକ୍ତାକାଶ ତଳେ ବ୍ୟାୟାମ ଓ ମନୋରଞ୍ଜନ ଯୋଗାଇବା ଉଦ୍ଦେଶ୍ୟରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସହରରେ ୩୪ଟି ପାର୍କ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲା। ପାର୍କଗୁଡ଼ିକରେ ପିଇବା ପାଣି, ଆଲୋକ ବ୍ୟବସ୍ଥା, ମହିଳା ଓ ପୁରୁଷଙ୍କ ପାଇଁ ଶୌଚାଳୟ, ଜିମ୍ ଉପକରଣ, ପିଲାଙ୍କ ପାଇଁ ଖେଳ ଉପକରଣ ବ୍ୟବସ୍ଥା କରାଯିବାକୁ ସ୍ଥିର ହୋଇଥିଲା। ପରବର୍ତ୍ତୀ ସମୟରେ ଖାନନଗରରୁ ପଞ୍ଚମୁଖୀ ହନୁମାନ ମନ୍ଦିର ଯିବା ରାସ୍ତାରେ ପ୍ରାୟ ୧୬ ଲକ୍ଷ ଟଙ୍କା ବ୍ୟୟରେ ୪ ମାସ ତଳେ ଏକ ପାର୍କ ନିର୍ମାଣ କରାଯାଇଥିଲା। ଏଠାରେ ଆବଶ୍ୟକ ସମସ୍ତ ଉପକରଣ ରଖାଯାଇଥିଲା। ହେଲେ ଏହି ପାର୍କ ଏପର୍ଯ୍ୟନ୍ତ ଉଦ୍‌ଘାଟନ ହୋଇପାରିନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ପିଲାଙ୍କ ପାଇଁ ରଖାଯାଇଥିବା ଉପକରଣରେ କଳଙ୍କି ଲାଗିଲାଣି। ସେହିପରି ଘାସ ସଫା କରାଯାଉ ନ ଥିବା ପାର୍କ ପରିତ୍ୟକ୍ତ ଅବସ୍ଥାରେ ରହିଛି। ପାର୍କରେ ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ରାତିହେଲେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ଏ ନେଇ ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି କହିଛନ୍ତି, ଆସନ୍ତା ସ୍ୱାୟତ୍ତଶାସନ ଦିବସରେ ଏହି ପାର୍କ ଉଦ୍‌ଘାଟନ କରାଯିବ। ଏହା ପୂର୍ବରୁ ପାର୍କ ପରିସର ସଫା କରାଯିବା ସହ ଅନାବନା ଗଛ କଟାଯିବ।

### ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣା

## ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯାଉ

କଟକ ଅଫିସ, ୨୧।୮: କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଅଧୀନ ଜଲେଶପଟ୍ଟା ଆଶ୍ରମରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ୨୦୦୮ ଅଗଷ୍ଟରେ ହତ୍ୟା କରାଯାଇଥିଲା। ଇତିମଧ୍ୟରେ ଉକ୍ତ ଘଟଣାକୁ ୧୪ବର୍ଷ ପୂରଣ ହେବାକୁ ବସିଥିଲେ ମଧ ଏପର୍ଯ୍ୟନ୍ତ ହତ୍ୟାକାରୀଙ୍କୁ ଗିରଫ କରାଯାଇନାହିଁ। ଏଣୁ ତୁରନ୍ତ ହତ୍ୟାକାରୀଙ୍କୁ ଗିରଫ ସହ ସରକାର ତଦନ୍ତ କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ କରିବାକୁ ଓଡ଼ିଶା ପ୍ରାନ୍ତ ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପରିଷଦର କେନ୍ଦ୍ରୀୟ ମହାମନ୍ତ୍ରୀ ମିଲିନ୍ଦ ପାରାଣ୍ଡେ ଦାବି କରିଛନ୍ତି। ଓଡ଼ିଶାରେ ଧର୍ମାନ୍ତରୀକରଣ ବିରୋଧୀ ଆଇନ ଥିବା ସତ୍ତ୍ୱେ ଖ୍ରୀଷ୍ଟିଆନ୍ ମିଶନାରୀମାନେ ବ୍ୟାପକ ଭାବେ ଧର୍ମାନ୍ତରଣ କରୁଛନ୍ତି। ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ସହ ଝାଡଖଣ୍ଡ ବାଟ ଦେଇ ପଶ୍ଚିମବଙ୍ଗକୁ ହେଉଥିବା ଗୋରୁ ଚାଲାଣକୁ ମଧ ବନ୍ଦ କରିବାକୁ ସେ ଦାବି କରିଥିଲେ।

# ଦାବି ପୂରଣ ପାଇଁ ଆନ୍ଦୋଳନ

### ଏଆଇଡିଏସ୍‌ଓ ପକ୍ଷରୁ ଜିଲା ଛାତ୍ର ସମ୍ମିଳନୀ

କଟକ ଅଫିସ,୨୧।୮

ଏଆଇଡିଏସ୍‌ଓ କଟକ ଜିଲା କମିଟି ପକ୍ଷରୁ ସ୍ଥାନୀୟ ଟାଉନ୍ ହଲ୍‌ଠାରେ ଜିଲାସ୍ତରୀୟ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତୀୟ ଶିକ୍ଷାନୀତି-୨୦୨୦ ବାତିଲ, ସରକାରୀ ବିଦ୍ୟାଳୟ ମିଶ୍ରଣ ନୀତି ପ୍ରତ୍ୟାହାର, ସ୍ଥାୟୀ ଭିତ୍ତିରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଓ କର୍ମଚାରୀ ନିଯୁକ୍ତି, ରିସର୍ଚ୍ଚ ପାଇଁ ଆବଶ୍ୟକୀୟ ପାଣ୍ଠି ପ୍ରଦାନ, ଇତିହାସ ଓ ବିଜ୍ଞାନର ବିକୃତିକରଣ ବନ୍ଦ କରିବା, ଶିକ୍ଷାର ସାମ୍ପ୍ରଦାୟିକରଣ ବନ୍ଦ ଭଳି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ଉକ୍ତ ଦାବି ପୂରଣ ପାଇଁ ଆଗାମୀ ଦିନରେ ଛାତ୍ର ଆନ୍ଦୋଳନ କରାଯିବ ବୋଲି ସର୍ବସମ୍ମତି କ୍ରମେ ଠିକା ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ସମ୍ମିଳନୀକୁ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଗୌତମ ମୁଖାର୍ଜୀ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଏସ୍‌ୟୁସିଆଇ(ସି) କଟକ ଜିଲା ସମ୍ପାଦକ ବିଶ୍ୱାବସୁ ଦାସ, ମୁଖ୍ୟବକ୍ତା ଭାବେ ଏଆଇଡିଏସଓ ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ ଯୋଗଦେଇଥିଲେ। କଟକ ଜିଲା ସଭାପତି ଭାଗ୍ୟରବି ଦାସ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ବିନୋଦ ସେଠୀ ସାଙ୍ଗଠନିକ ରିପୋର୍ଟ ଉପସ୍ଥାପନ କରିଥିଲେ। ଆଗାମୀ ଦିନରେ କଟକ ଜିଲାରେ ଛାତ୍ର ଆନ୍ଦୋଳନକୁ ଶକ୍ତିଶାଳୀ କରିବା ପାଇଁ ନୂତନଭାବେ ସଭାପତି ଇଶା ଧର, ଉପସଭାପତି ଶିବାନୀ ସାହୁ, ସମ୍ପାଦକ ତରୁଣସେନ ନାୟକ, କୋଷାଧକ୍ଷ ଶୁଭସ୍ମିତା ସାହୁ, ସମ୍ପାଦକ ମଣ୍ଡଳୀ ସଦସ୍ୟ ଅମରେନ୍ଦ୍ର ନାୟକ, ଜ୍ୟୋତ୍ସ୍ନାରାଣୀ ଦାସ, ସରୋଜ ମାନସିଂହ, ଭାଗ୍ୟଶ୍ରୀ ପ୍ରଧାନ, ରାଜେଶ ରାଉତ ପ୍ରମୁଖ ଜିଲା କମିଟିକୁ ନିର୍ବାଚିତ କରାଯାଇଛି। ଏଥିସସହ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ୫୮ ଜଣିଆ ଜିଲା କମିଟି ଗଠନ କରାଯାଇଛି।



କଟକ ଟାଉନ୍ ହଲ୍‌ଠାରେ ରବିବାର ଅନୁଷ୍ଠିତ ଜିଲାସ୍ତରୀୟ ଛାତ୍ର ସମ୍ମିଳନୀରେ ଅତିଥିଙ୍କ ସହ ଅନ୍ୟମାନେ।

# କ୍ରାଇମବ୍ରାଞ୍ଚ ତଦନ୍ତ ଦାବିରେ ଗଣଧାରଣା

**ଅଟୋଚାଳକ ଅବ୍‌ଦୁଲ୍ କାଦର୍ ହତ୍ୟା ଘଟଣା**

କଟକ ସଦର,୨୧।୮(ଡି.ଏନ୍.ଏ.)


କ୍ରାଇମବ୍ରାଞ୍ଚ ତଦନ୍ତ ଦାବିରେ ଥାନା ସମ୍ମୁଖରେ ଗଣଧାରଣା।

କିଶନନଗର ଥାନା ଅନ୍ତର୍ଗତ ପ୍ରହରାଜପୁର ଗ୍ରାମର ଅବ୍‌ଦୁଲ୍ କାଦର୍ ହତ୍ୟା ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଓ ତାଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଦାବିରେ ପ୍ରହରାଜପୁର ଗଣସଂଗ୍ରାମ କମିଟି ପକ୍ଷରୁ ରବିବାର ଥାନା ସମ୍ମୁଖରେ ଗଣଧାରଣା ଦିଆଯାଇଛି। କ୍ରାଇମବ୍ରାଞ୍ଚ ତଦନ୍ତ ଦ୍ୱାରା ପ୍ରକୃତ ହତ୍ୟାକାରୀଙ୍କୁ କାବୁ କରାଯାଇପାରିବ ବୋଲି କମିଟିର ବରିଷ୍ଠ କର୍ମକର୍ତ୍ତା ରାଜକିଶୋର ମଲ୍ଲିକ କହିଛନ୍ତି। ଏହି ଘଟଣାରେ ପୋଲିସ ଜଣେ ଭିନ୍ନକ୍ଷମ ଯୁବକଙ୍କ ସହ ୩ ଜଣଙ୍କୁ ଗିରଫ କରିଥିଲା। ଏଥିସହ ଆଉ ଜଣେ ନାବାଳକଙ୍କୁ କାବୁ କରି ଅନୁଗୋଳସ୍ଥିତ ଜୁଭେନାଇଲ ଜଷ୍ଟିସ୍ ବୋର୍ଡକୁ ପଠାଇଥିଲା। ସମ୍ପୃକ୍ତ ଭିନ୍ନକ୍ଷମଙ୍କୁ ଘଟଣାର ଡେମୋ ଦେଖାଇବା ପାଇଁ ପୋଲିସ ପ୍ରହରାଜପୁର ଗ୍ରାମକୁ ଶୁକ୍ରବାର ଆଣିଥିଲା। ସେଠାରୁ ଫେରିବାବେଳେ ଲୋକମାନେ ଭ୍ୟାନ୍ ଆଗରେ ଶୋଇ ରହିବା ସହ ପୋଲିସକୁ ଛାଡି ନ ଥିଲେ। କଟକ ଅତିରିକ୍ତ ଏସ୍‌ପି କୃଷ୍ଣଚନ୍ଦ୍ର ପଟ୍ଟନାୟକ ଓ ଡିଏସ୍‌ପି ରଣଜିତ୍ ପୃଷ୍ଟିଙ୍କ ସମେତ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚକୁ ଦିଆଯିବା ପାଇଁ କଟକ ଗ୍ରାମାଞ୍ଚଳ ଏସ୍‌ପି ବି. ଯୁଗୋଳ କିଶୋରଙ୍କ ସହିତ ଆଲୋଚନା କରାଯିବ ବୋଲି ଡିଏସ୍‌ପି ପୃଷ୍ଟି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଇତିମଧ୍ୟରେ ଦୁଇଦିନ ବିତିଥିଲେ ମଧ ପ୍ରତିଶ୍ରୁତି ପାଳନ କରାଯାଇନାହିଁ। ଏହାର ପ୍ରତିବାଦରେ ରବିବାର ଥାନା ସମ୍ମୁଖରେ ଧାରଣା ଦିଆଯାଇଛି। ଏହି ଗଣଧାରଣାରେ ପ୍ରହରାଜପୁର ସରପଞ୍ଚ ଅବଦୁଲ ୱାହିଦ୍ ଖାଁ, ସୋମନାଥ ସାହୁ, ଲିୟାକତ ଅଲ୍ଲୀ ଖାଁ ପ୍ରମୁଖ ସାମିଲ ହୋଇଥିଲେ। ଡିଏସ୍‌ପି ପୃଷ୍ଟି ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସୋମବାର ସନ୍ଧ୍ୟାରେ କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଗ୍ରାମର ମୁରବି ଓ ଏସ୍‌ପିଙ୍କ ମଧ୍ୟରେ ଆଲୋଚନା ହେବ ବୋଲି ପୃଷ୍ଟି ପୁନର୍ବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଖୁବ୍‌ଶୀଘ୍ର ଉକ୍ତ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ସାଲେପୁର ଏସ୍‌ଡିପିଓ ବିମଳ ବାରିକ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୧୦ ତାରିଖ ରାତିରେ ଅବ୍‌ଦୁଲ୍‌ଙ୍କ ଗଳା କାଟି ହତ୍ୟା କରାଯାଇଥିଲା। ପରେ ମୃତଦେହକୁ ସ୍ଥାନୀୟ ନମାଜ ପଡିଆ ନିକଟ ପାଚେରି ପାର୍ଶ୍ୱରେ ଫିଙ୍ଗି ଦିଆଯାଇଥିଲା। ୧୧ ତାରିଖ ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏ ନେଇ ଅବ୍‌ଦୁଲ୍‌ଙ୍କ ସ୍ତ୍ରୀ ୱାହିଦା ଖାତୁନ୍ ଅଭିଯୋଗ କରିବା ପରେ ଦଫା ୩୦୨ ଅନୁଯାୟୀ ପୋଲିସ ଏକ ହତ୍ୟା ମାମଲା(ନଂ.୧୪୩/୨୨) ରୁଜୁକରିଥିଲା।

## ସଂକ୍ଷେପରେ

### ଭସାଣି ପରଦିନ ଜଟଣୀ ବଜାର ବନ୍ଦ

ଜଟଣୀ,୨୧।୮(ଡି.ଏନ୍.ଏ.): ଜଟଣୀ ଗଣେଶ ପୂଜାକୁ ନେଇ ରବିବାର ବ୍ୟବସାୟୀ ମହାସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମା’ ଜଟିଆଣୀଙ୍କ ମନ୍ଦିର ପରିସରରେ ଆୟୋଜିତ ବୈଠକରେ ମହାସଂଘ ସଭାପତି ସୁଦର୍ଶନ ସୁନ୍ଦରାୟ ସଭାପତିତ୍ୱ କରିଥିଲେ। ସର୍ବସମ୍ମତିକ୍ରମେ ଚଳିତବର୍ଷ ଗଣେଶ ପୂଜାକୁ ଶାନ୍ତିଶୃଙ୍ଖଳା ଓ ଭାଇଚାରାରେ ପାଳନ କରିବା ପାଇଁ ଚେଷ୍ଟା କରିବେ ବୋଲି ମତପ୍ରକାଶ ପାଇଥିଲା। ବ୍ୟବସାୟୀ ମହାସଂଘର କର୍ମକର୍ତ୍ତା ପୂଜା ସମୟରେ ସମସ୍ତ ପୂଜା ପେଣ୍ଡାଲ ବୁଲି ତଦାରଖ କରି ସମସ୍ୟାର ସମାଧାନ କରିବା ଏବଂ ପ୍ରତିବର୍ଷ ଭଳି ଭସାଣି ପରଦିନ ଜଟଣୀ ସହର ମଧ୍ୟରେ ରହିଥିବା ସମସ୍ତ ବ୍ୟବସାୟ ପ୍ରତିଷ୍ଠାନକୁ ବନ୍ଦ ରଖିବା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଜଟଣୀ ବଜାରର ସମସ୍ତ ବ୍ୟବସାୟୀ ସଂଘର ସଭାପତି, ସମ୍ପାଦକଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ। ନିମାଇଁ ଚରଣ ଦାସ ଧନ୍ୟବାଦ ଦେଇଥିଲେ।

### ବନ୍ଧୁକ, ଗୁଳି ଜବତ: ୨ ଅଟକ

ଯାଁଳା,୨୧।୮(ଡି.ଏନ୍.ଏ.): ଇନଫୋସିଭ୍ୟାଲି ଥାନା ଅନ୍ତର୍ଗତ ଗଙ୍ଗପଡା ଏକ ସର୍ଭିସ ଷ୍ଟେଶନରେ ଗାଡି ଧୋଇବାରେ ଡେରି ହେବାରୁ ଦୁଇ ଜଣ ଯୁବକ ବନ୍ଧୁକ ଦେଖାଇ କର୍ମଚାରୀଙ୍କୁ ଧମକାଇଥିଲେ। ଫଳରେ ସର୍ଭିସ ଷ୍ଟେଶନରେ କାମ କରୁଥିବା କର୍ମଚାରୀମାନେ ଭୟଭୀତ ହୋଇ ଦୌଡ଼ିଥିଲେ। ସେମାନଙ୍କ ମଧ୍ୟରୁ ଜଣେ କର୍ମଚାରୀ ଥାନାକୁ ଫୋନ କରି ଘଟଣା ସମ୍ପର୍କରେ କହିଥିଲେ। ଖବରପାଇ ପୋଲିସ ପହଞ୍ଚି ୨ଜଣ ଯୁବକଙ୍କୁ ଧରି ଅଟକ ରଖିବା ସହ ସେମାନଙ୍କ ନିକଟରୁ ଏକ ବନ୍ଧୁକ ଓ ୬ଟି ଗୁଳି ଜବତ କରିଛି। ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି।

### ୧୦ ଫୁଟର ଅଜଗର ଉଦ୍ଧାର

ବାରଙ୍ଗ,୨୧।୮(ଡି.ଏନ୍.ଏ.): ବାରଙ୍ଗ-ବାଙ୍କୀ ରାସ୍ତାର ଗୋବିନ୍ଦପୁର ଛକ ନିକଟରୁ ରବିବାର ୧୦ ଫୁଟ ଲମ୍ବର ଏକ ଅଜଗର ସାପ ଉଦ୍ଧାର କରାଯାଇ ଚନ୍ଦକା ଜଙ୍ଗଲରେ ଛଡ଼ାଯାଇଛି। ସୂଚନା ମୁତାବକ, ଉକ୍ତ ରାସ୍ତାରେ ଯାନବାହନ ଯାତାୟାତ କରୁଥିବାରୁ ସାପଟି ରାସ୍ତା ଅତିକ୍ରମ କରିବାକୁ ଚେଷ୍ଟାକରି ବିଫଳ ହୋଇଥିଲା। ଏହା ଦେଖି କେତେଜଣ ଯୁବକ ବନ ବିଭାଗକୁ ଜଣାଇଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ସାପଟିକୁ ଉଦ୍ଧାର କରି ଚନ୍ଦକା ଜଙ୍ଗଲରେ ଛାଡ଼ିଥିବା ଜଣାପଡ଼ିଛି।

### ହାତୀ ଉପଦ୍ରବ, ଗ୍ରାମବାସୀ ଭୟଭୀତ

ନିରାକାରପୁର,୨୧।୮(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ହାତୀଙ୍କ ଉପଦ୍ରବ ଲାଗି ରହିଛି। ଶନିବାର ରାତିରେ ଦୁଇଟି ହାତୀ ଗୋଲବାଇ ପଞ୍ଚାୟତ ଅଞ୍ଚଳରେ ପଶି ଫସଲ ଖାଇବା ସହ ଦଳଚକଟି ନଷ୍ଟ କରିଦେଇଛନ୍ତି। ତେବେ ସନ୍ଧ୍ୟା ହେଲେ ହାତୀ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଥିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଭୂଷଣ୍ଡପୁର ଫରେଷ୍ଟର ରାକେଶ କୁମାର ପଣ୍ଡା କୁହନ୍ତି, ଶନିବାର ରାତି ୨ଟାରେ ହାତୀ ଗୋଲବାଇରେ ଥିବା ବେଳେ ଏବେ ଜଙ୍କିଆ ଅଞ୍ଚଳରେ ଅଛନ୍ତି। ବନ କର୍ମଚାରୀ ସେଠାରେ ପହଞ୍ଚି ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି ବୋଲି ସେ କହିଛନ୍ତି।

### ଭାରତୀୟ ଶିକ୍ଷାଧାରା ଉପରେ ଆଲୋଚନାଚକ୍ର

ଭୁବନେଶ୍ୱର,୨୧।୮(ବ୍ୟୁରୋ): ଅଲ୍ ଇଣ୍ଡିଆ ଏଜୁକେଶନ ହେଲ୍‌ଥ ଆଣ୍ଡ ଲିଟେରାରି ଟ୍ରଷ୍ଟ(ଆଲ୍‌ଟ) ପକ୍ଷରୁ ଭୁବନେଶ୍ୱର ରୟାଲ ଗାର୍ଡେନ ପରିସରରେ ଏକ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ‘୭୫ ବର୍ଷର ଭାରତୀୟ ଶିକ୍ଷାଧାରା: ଏକ ଐତିହାସିକ ଦୃଷ୍ଟିଭଙ୍ଗୀ’ ଶୀର୍ଷକ ଏହି କାର୍ଯ୍ୟକ୍ରମ ଇଂଲିଶ ଭାଷାରେ ଗୁଗୁଲ୍ ମିଟ୍ ଦ୍ୱାରା ସଭାପତି ପ୍ରଫେସର ଡ. ନାରାୟଣ ବାରିକ୍‌ଙ୍କର ତତ୍ତ୍ୱାବଧାନ ଓ ସମ୍ପାଦିକା ଡକ୍ଟର କୁଞ୍ଜଲତା ଦାସଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ବିର୍ଲା ସଫ୍ଟ ଲିମିଟେଡ୍, ହାଇଦ୍ରାବାଦର ଇଂ. ସର୍ବେଶ୍ୱର ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୱେଷ୍ଟବେଙ୍ଗଲ, ଓଡ଼ିଶା, ମୁମ୍ବାଇ, କର୍ନାଟକ ଓ ଦିଲ୍ଲୀର ଡ. ହିମାଂଶୁ ବାରିକ୍, ପ୍ରଫେସର ଦୀପାଂଶୁ ଭୂଷଣ ପତି, ପ୍ର. ମାଳିନୀ ପଟ୍ଟନାୟକ, ଡ. ଏସ୍. ତ୍ରିନାଥ ପାତ୍ର, ପ୍ର. କମଳା ପତି, ପ୍ରଫେସର. (ଡ.) ଭି. ନାଗପାଲ୍ ଭାରତରୁ ଏବଂ ୟଙ୍ଗନାମ୍ ୟୁନିଭର୍ସିଟି ସାଉଥ୍ କୋରିଆର ଇଣ୍ଟରନ୍ୟାଶନାଲ୍ ପ୍ରଫେସର ଡ. ସିଦ୍ଧାର୍ଥ ସବ୍ୟସାଚୀ, କୋରିଆର କିସ୍ମୋଲୋଜିଷ୍ଟି ଡକ୍ଟର ଅର୍ପିତା ଯୋଗଦେଇଥିଲେ। ଏସ୍. ରଞ୍ଜନ୍ ଧନ୍ୟବାଦ ଦେଇଥିଲେ।

# ମିଳୁନି ପାଲ, ପାନୀୟଜଳ


ଖୋର୍ଦ୍ଧା ବ୍ଲକ୍‌ର ଏକ ଗ୍ରାମରେ ବନ୍ୟାପାଣିରେ ବୁଡ଼ି ଯାଇଥିବା ନଳକୂପ।


ଟ୍ୟୁବ୍‌ରେ ସ୍ୱାସ୍ଥ୍ୟ କର୍ମଚାରୀମାନେ ଘର ଘର ବୁଲି ଔଷଧ ବାଣ୍ଟୁଛନ୍ତି।

ଖୋର୍ଦ୍ଧା ଅଫିସ,୨୧।୮

ଖୋର୍ଦ୍ଧା ବ୍ଲକ ଅଧୀନ ୩ ପଞ୍ଚାୟତର ୧୫ ଗାଁ ବନ୍ୟାପାଣି ଘେରରେ ରହିଛି। ଜଟଣୀ ତିରିମଲ୍ଲଠାରେ ରାଜୁଆ ନଦୀରେ ଶହେଫୁଟର ଘାଇ ହେବା ପରେ ଏହି ତିନି ପଞ୍ଚାୟତରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ପାଣି ଘରେ ପଶିବା ସହ ଗାଁ ରାସ୍ତାରେ ୩ରୁ ୪ ଫୁଟ ଉଚ୍ଚର ଲହଡ଼ି ମାରୁଛି। ବନ୍ୟାର ସପ୍ତାହେ ପରେ ମଧ୍ୟ ସ୍ଥିତି ସୁଧୁରୁନି। ଶରଧାପୁର ପରେ ଧବଳପୁର ଗ୍ରାମବାସୀଙ୍କ ଦୁର୍ଦ୍ଦଶା ଏବେ ଦ୍ୱିଗୁଣ ହୋଇଛି। ଧବଳପୁରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏହି ଗ୍ରାମର ରବୀନ୍ଦ୍ର ଓ ସୁରେନ୍ଦ୍ର ଭୂଆଁଙ୍କ ଘର ବର୍ଷାରେ ଭୁଶୁଡି ଯାଇଥିବା ଜଣାପଡ଼ିଛି। ଚାରିଆଡ଼େ ବନ୍ୟାପାଣି ରହିଥିବାରୁ ଲୋକେ ବିଶୁଦ୍ଧ ପାଣି ପିଇବା ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଅନ୍ୟପଟେ ରାସ୍ତାରେ ପାଣି ଲହଡ଼ି ମାରୁଥିବାରୁ ପାଣି ଟ୍ୟାଙ୍କର ଗାଁ ଭିତରକୁ ଯାଇପାରୁନି। ଫଳରେ ବଳପୁରକୁ ଯାଇ ଟ୍ୟାଙ୍କରରୁ ପାଣି ଆଣୁଛନ୍ତି ଗ୍ରାମବାସୀ। ପ୍ରଶାସନ ପକ୍ଷରୁ ଦିଆଯାଉଥିବା ରନ୍ଧାଖାଦ୍ୟ ଅପରାହ୍ନ ୩ଟାରେ ପହଞ୍ଚୁଥିବାରୁ ଛୋଟ ପିଲା, ବରିଷ୍ଠ ନାଗରିକ ଖାଇବା ଲାଗି ହଇରାଣ ହେଉଛନ୍ତି। ଶୁଖିଲା ଖାଦ୍ୟ ଖାଇ ରହିଛୁ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପଟେ ପଲିଥିନ ପାଇଁ ପ୍ରଶାସନ ନିକଟରେ ଅଭିଯୋଗ ସତ୍ତ୍ୱେ ଏଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ବହୁ ଲୋକ ଘର, ରାସ୍ତାକଡ଼ରେ ତମ୍ବୁ ଟାଣି ଆଶ୍ରୟ ନେଇଥିବା ବେଳେ ବର୍ଷା ଯୋଗୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାପାଣି ଚାଲିବା ଯୋଗୁ ପାଦ ପାଣି ଖାଇଯାଉଥିବା ବେଳେ ଗୋଡ଼ହାତ କୁଣ୍ଡାଇ ହେଉଛି। ପରିସ୍ଥିତି ଅସମ୍ଭାଳ ହେଲାଣି ବୋଲି ଧବଳପୁର ଗ୍ରାମବାସୀ କହିଛନ୍ତି। ରବିବାର ଅପରାହ୍ନରେ ବର୍ଷା ଯୋଗୁ ଜଳସ୍ତର ୨ ଫୁଟ ବଢିଛି। ପ୍ରମିଳା ଖଣ୍ଡା, କୁନିଲତା ଖଣ୍ଡା, ଭାନୁମତି ଭୂଆଁ ପ୍ରମୁଖ କୁହନ୍ତି, ସପ୍ତାହେ ହେଲାଣି ଘରେ ଚୁଲି ଜଳିନି। ବନ୍ୟାପାଣିରେ ସାପ ଆସୁଥିବାରୁ ଭୟରେ ଘରୁ ବାହାରି ହେଉନି। ପ୍ରତିବର୍ଷ ଏଭଳି ସମସ୍ୟା ଲାଗି ରହୁଥିଲେ ମଧ୍ୟ ଏହାର ସ୍ଥାୟୀ ପ୍ରତିକାର କରାଯାଉନାହିଁ।

**ସ୍ଥାୟୀ ପ୍ରତିକାର କରାଯାଉ**

ଗ୍ରାମର କେତେଜଣ ବରିଷ୍ଠ ନାଗରିକ କୁହନ୍ତି, ପିଲାବେଳୁ ବନ୍ୟା ପରିସ୍ଥିତି ଲାଗି ରହିଛି। ସ୍ଥାୟୀ ପ୍ରତିକାର ପାଇଁ ସରକାରଙ୍କ ନିକଟରେ ବାରମ୍ବାର ଦାବି ସତ୍ତ୍ୱେ ଗୁରୁତ୍ୱ ଦିଆଯାଉନି। ପ୍ରତିବର୍ଷ ଏଭଳି ସ୍ଥିତି ଉପୁଜୁଛି। ସରକାର ଏବଂ ଜନପ୍ରତିନିଧିମାନେ ଏଥିପ୍ରତି ଦୃଷ୍ଟି ଦେବା ସହ ସ୍ଥାୟୀ ପ୍ରତିକାର ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

**ପର୍ଯ୍ୟାପ୍ତ ମିଳୁନି ଗୋଖାଦ୍ୟ**

ଚାରିଆଡ଼େ ବନ୍ୟାପାଣି ଯୋଗୁ ଗୋରୁଗାଈ ଚରିବୁଲି ଯାଇପାରୁନାହାନ୍ତି। ଗୁହାଳ ଘରେ ପାଣି ପଶିଛି। ଉଚ୍ଚ ସ୍ଥାନରେ ସେମାନଙ୍କୁ ରଖାଯାଇଛି। ତେବେ ପ୍ରଶାସନ ପକ୍ଷରୁ ଯେତିକି ଗୋଖାଦ୍ୟ ଦିଆଯାଉଛି ତାହା ପର୍ଯ୍ୟାପ୍ତ ନୁହେଁ। ମାସେ ପର୍ଯ୍ୟନ୍ତ ଗୋଖାଦ୍ୟ ଦିଆଯିବା ଆବଶ୍ୟକ। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

### ଟ୍ୟୁବ୍‌ରେ ବସି ଚିକିତ୍ସା କରୁଛନ୍ତି ମେଡିକାଲ ଟିମ୍

ଖୋର୍ଦ୍ଧା ଅଫିସ,୨୧।୮: ଖୋର୍ଦ୍ଧା ବ୍ଲକ ୩ ପଞ୍ଚାୟତର ଏକାଧିକ ଗ୍ରାମ ବନ୍ୟାପାଣି ଘେରରେ ରହିଛି। ପାଣିରେ ପଶି ଯାତାୟାତ ଯୋଗୁ ପାଣିଖିଆ, ଚର୍ମରୋଗ, ଦୂଷିତ ପାଣି ପିଇବା ଦ୍ୱାରା ଜ୍ୱର, ହଇଜା ଆଦି ହେବା ଆଶଙ୍କା ରହିଛି। ହଳଦିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍, ସ୍ଥାନୀୟ ଆଶା ଓ ଅଙ୍ଗନୱାଡି କର୍ମୀ ଲୋକଙ୍କୁ ସେବା ଯୋଗାଉଛନ୍ତି। ସ୍ୱାସ୍ଥ୍ୟକର୍ମୀମାନେ ବାଉଁଶ ଭେଳା, ଟ୍ୟୁବ୍‌ରେ ବସି ଲୋକଙ୍କ ଚିକିତ୍ସା କରୁଛନ୍ତି। ମାନପୁର ବାତ୍ୟା ଆଶ୍ରୟସ୍ଥଳୀରେ ଏକ ଅସ୍ଥାୟୀ କ୍ୟାମ୍ପ କରାଯାଇଛି। ଏଥିସହ ଜଳବନ୍ଦୀରେ ରହିଥିବା ଗ୍ରାମର ଘର ଘର ବୁଲି ସ୍ୱାସ୍ଥ୍ୟ ଟିମ୍ ଚିକିତ୍ସା କରୁଛନ୍ତି ବୋଲି ସିଡିଏମ୍ଓ କହିଛନ୍ତି।

**ବୁଡ଼ି ରହିଛି ଚାଷଜମି**

ହିରିମୂଳ, ଡିହଖଲା, ଦୁର୍ଗାପୁର, ଓରବରସିଂ, ମଶାଣିଆ, କୃଷ୍ଣପୁର, ରାୟପୁର, ମାନପୁର, ବଳପୁର, ଧବଳପୁର, ଓରମୀ ଆଦି ଗ୍ରାମରେ ବନ୍ୟାଜଳ ଲହଡ଼ି ମାରୁଛି। ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଏକର ଏକର ଚାଷଜମି ପାଣିରେ ବୁଡ଼ି ରହିଛି। ଫଳରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ଆଗକୁ କ’ଣ ଖାଇବେ, କିପରି ପରିବାର ଚଳାଇବେ, ଋଣ କିପରି ଶୁଝିବେ ଏନେଇ ଚାଷୀ ଚିନ୍ତାରେ ଅଛନ୍ତି।

### ସହାୟତାର ହାତ ବଢ଼ାଇଲେ ସ୍ୱେଚ୍ଛାସେବୀ

ଖୋର୍ଦ୍ଧା ଅଫିସ,୨୧।୮

ଖୋର୍ଦ୍ଧା ବ୍ଲକ ଅଧୀନ ୩ ପଞ୍ଚାୟତର ଏକାଧିକ ଗ୍ରାମ ଗତ ସପ୍ତାହେ ଧରି ପାଣିଘେରରେ ରହିଛି। ଜଳସ୍ତର ବଢ଼ିବା ସହ ଲୋକଙ୍କ ସମସ୍ୟା ମଧ୍ୟ ବଢ଼ିଛି। ଲୋକଙ୍କ ଏହି ଦୁର୍ଦ୍ଦିନ ସମୟରେ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତାର ହାତ ବଢ଼ାଇଛନ୍ତି। ରବିବାର ଲାଇଫ୍‌ଲାଇନ୍ ଫାଉଣ୍ଡେଶନର କର୍ମକର୍ତ୍ତା ବଳପୁର, ଧବଳପୁର ଗ୍ରାମରେ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ସେହିପରି ଏସ୍‌ୟୁସିଆଇ ଖୋର୍ଦ୍ଧା ଶାଖା ପକ୍ଷରୁ ଡିହଖଲା, କୁରୁମପଡ଼ା ବନ୍ୟାପୀଡ଼ିତଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଅଶୋକ ସାହୁ, ଜୟନ୍ତ ମହାନ୍ତି, ଅବିନାଶ ପ୍ରଧାନ, ଶ୍ରୀକାନ୍ତ ନାୟକ, ସଂଘମିତ୍ରା ମହାପାତ୍ର, ଜିତେନ୍ଦ୍ର ବଳବନ୍ତରାୟ ପ୍ରମୁଖ ସାମିଲ ଥିଲେ। ସେହିଭଳି ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂ ବଳପୁର, ଧବଳପୁର ଗ୍ରାମରେ ପହଞ୍ଚି ବନ୍ୟାଘେରରେ ରହିଥିବା ଲୋକଙ୍କ ସମସ୍ୟା ବୁଝିବା ସହ ଶୁଖିଲା ଖାଦ୍ୟ ବାଣ୍ଟିଥିଲେ। ବ୍ଲକର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

### ‘ବାଣପୁର ବିକାଶ ମୋ ଲକ୍ଷ୍ୟ’

ବାଣପୁର,୨୧।୮(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଣପୁର ପଞ୍ଚାୟତ ସମିତିରେ ନୂତନ ବିଡିଓ ଭାବେ ବୁଲ୍‌ବୁଲ୍ ବେହେରା ଯୋଗଦେଇଛନ୍ତି। ସେ ପୂର୍ବରୁ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକରେ ବିଡିଓ ଭାବେ କାର୍ଯ୍ୟ କରୁଥିଲେ। ଏହା ପୂର୍ବରୁ ବାଣପୁରରେ କାର୍ଯ୍ୟରତ ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ ପୁରୀ ଜିଲା ବ୍ରହ୍ମଗିରି ବ୍ଲକକୁ ବିଡିଓ ଭାବେ ବଦଳି ହୋଇଛନ୍ତି। ତେବେ ନୂତନ ବିଡିଓ ବେହେରା ଯୋଗଦେବା ପରେ ଜନପ୍ରତିନିଧି ଓ ବିଭିନ୍ନ ସଙ୍ଗଠନର ସ୍ୱେଚ୍ଛାସେବୀ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇଥିଲେ।


ଜଟଣୀ: ରବିବାର ଗଣେଶ ମୂର୍ତ୍ତିରେ ଜଣେ ଶିଳ୍ପୀ ରଙ୍ଗ ଦେଉଛନ୍ତି।

### ବର୍ଷା ପାଇଁ ଗ୍ରାମସଭା ବାତିଲ

ବାରଙ୍ଗ,୨୧।୮(ଡି.ଏନ୍.ଏ.)

ଭୁବନେଶ୍ୱର ଉପକଣ୍ଠ ଦାରୁଠେଙ୍ଗ ଭୁଆସୁଣୀରେ ଅଳିଆ ପକାଇବାକୁ ନେଇ ଚାଲିଥିବା ବିବାଦର ସମାଧାନ ପାଇଁ ରବିବାର ସନ୍ଧ୍ୟାରେ ଦାରୁଠେଙ୍ଗ ପଞ୍ଚାୟତ ପକ୍ଷରୁ ଗ୍ରାମସଭାରେ ଆଲୋଚନା ପାଇଁ ନିଷ୍ପତ୍ତି ହୋଇଥିଲା। ମାତ୍ର ବର୍ଷା ଯୋଗୁ ଗ୍ରାମସଭା ବାତିଲ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଭୁଆସୁଣୀରେ ଅଳିଆ ପକାଇବାକୁ ନେଇ ଦୁଇଦିନ ପୂର୍ବେ ଜାଗୃତି ମହିଳା ସମିତି ଘରେ ବିଏମ୍‌ସି, ଜିଲା ପ୍ରଶାସନ ଓ ଦାରୁଠେଙ୍ଗ ଗ୍ରାମବାସୀଙ୍କ ମଧ୍ୟରେ ଏକ ବୈଠକ ହୋଇଥିଲା। ତେବେ ଆଲୋଚନା ଫଳପ୍ରଦ ହୋଇ ନ ଥିଲା।

### ବନ୍ୟାଞ୍ଚଳ ବୁଲିଲେ ବିଏମ୍‌ସି ମେୟର

ନିରାକାରପୁର,୨୧।୮(ଡି.ଏନ୍.ଏ.)

ବନ୍ୟା ଯୋଗୁ ଖୋର୍ଦ୍ଧା ଜିଲାର ଓରବର ସିଂହ, ନରଣଗଡ଼, ବ୍ରଜମୋହନପୁର ପଞ୍ଚାୟତର ୧୫ରୁ ଊର୍ଦ୍ଧ୍ୱ ଗାଁ ପାଣିଘେରରେ ରହିଛି। ବିପନ୍ନ ଲୋକେ ଖାଦ୍ୟ ଓ ପାଣି ପାଇଁ ହଇରାଣ ହେଉଛନ୍ତି। ବିଜେଡି ନେତ୍ରୀ ବାସନ୍ତୀ ମହାପାତ୍ର ଏନେଇ ଜଣାଇବା ପରେ ରବିବାର ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ମେୟର ସୁଲୋଚନା ଦାସ, ଜ୍ୟୋସ୍ନାରାଣୀ ପରିଡ଼ା, ଏଲିନା ଦାସ ପ୍ରମୁଖ ଓରବରସିଂହ ପଞ୍ଚାୟତର ମଶାଣିଆଁ, ରାୟପୁର, ଲେଖନପୁର, କୃଷ୍ଣପୁର ଆଦି ବନ୍ୟାଞ୍ଚଳ ପରିଦର୍ଶନ କରି ବିପନ୍ନ ପରିବାରଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। ଜିଲାପାଳଙ୍କ ସହ ଆଲୋଚନା କରାଯାଇ ଖୁବ୍‌ଶୀଘ୍ର ବିପନ୍ନଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ବିଜେଡି ନେତ୍ରୀ ମହାପାତ୍ର କହିଛନ୍ତି।


ବିଏମ୍‌ସି ମେୟର ସୁଲୋଚନା ଦାସ ବନ୍ୟା ପୀଡିତଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରୁଛନ୍ତି।

## ‘ଶ୍ରମିକଙ୍କ ନ୍ୟାଯ୍ୟ ହକ୍ ପାଇଁ ଲଢ଼େଇ କରାଯିବ’

ଭୁବନେଶ୍ୱର,୨୧।୮(ବ୍ୟୁରୋ)

କାର୍ଯ୍ୟରତ ଶ୍ରମିକଙ୍କୁ ସେମାନଙ୍କ ନ୍ୟାଯ୍ୟ ହକ୍ ଦେବା ପାଇଁ ବିଜୁ ଶ୍ରମିକ ସାମ୍ମୁଖ୍ୟ କାର୍ଯ୍ୟ ଜାରି ରଖିବ। ସାମ୍ମୁଖ୍ୟ ଆହୁରି ଶକ୍ତିଶାଳୀ ହେବା ସହ ଏହା ଶ୍ରମିକଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବ ବୋଲି ବିଜୁ ଶ୍ରମିକ ସାମ୍ମୁଖ୍ୟ ଭୁବନେଶ୍ୱର କମିଟିର ପ୍ରଥମ ସମ୍ମିଳନୀରେ ମତ ପ୍ରକାଶ ପାଇଛି। ଶ୍ରମିକ ନେତା ନବକିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଥିଲେ। ରାଜ୍ୟରେ ଶ୍ରମିକଙ୍କ ସମସ୍ୟା ସମାଧାନ କ୍ଷେତ୍ରରେ ବିଶେଷକରି ମଜୁରି ବୃଦ୍ଧି ଓ ଆଇନସମ୍ମତ ଦାବି ପୂରଣରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ପଦକ୍ଷେପ ନେବ ବୋଲି ସେ କହିଛନ୍ତି। ବିଧାୟକ ସୁଶାନ୍ତ ରାଉତ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟକ୍ରମ ଜରିଆରେ ଶ୍ରମିକ ଶ୍ରେଣୀ ପାଇଁ ଅନେକ ଜନହିତକର କାମ ହେବାକୁ ଯାଉଛି। ସାମ୍ମୁଖ୍ୟକୁ ମଜଭୁତ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ବିଧାୟକ ଅନନ୍ତ ନାରାୟଣ ଜେନା କହିଛନ୍ତି, ସେ ନିଜେ ଶ୍ରମିକ ଆନ୍ଦୋଳନରେ ସାମିଲ ଅଛନ୍ତି। ସାମ୍ମୁଖ୍ୟ ସହ ମିଶି ସଙ୍ଗଠନକୁ ଅଧିକ ଶକ୍ତିଶାଳୀ କରିବା ଦିଗରେ ସେ ପ୍ରାଧାନ୍ୟ ଦେବେ ବୋଲି କହିଛନ୍ତି। ସାମ୍ମୁଖ୍ୟ ମହାସଚିବ ସୁବାସ ସିଂହ କହିଛନ୍ତି, ଶ୍ରମିକଙ୍କ ଦାବି ପୂରଣ ସହ ସେମାନଙ୍କ ପାଇଁ କାର୍ଯ୍ୟକ୍ରମ ଜାରି ରହିଛି। ଆଗକୁ ସାମ୍ମୁଖ୍ୟକୁ ଶକ୍ତିଶାଳୀ କରାଯିବ। ଶ୍ରମଜୀବୀଙ୍କ ଦାବି ହାସଲ ଦିଗରେ ଏହା କାର୍ଯ୍ୟ କରିବ। ଏହି ଅବସରରେ ହିନ୍ଦ୍ ମଜଦୁର ସଭାର ସଂଯୁକ୍ତା ମହଲ, ବିଦ୍ୟୁତ୍ କର୍ମଚାରୀ ମହାସଂଘ ନେତା ରାଜୀବ ମହାନ୍ତି ପ୍ରମୁଖ ଯୋଗ ଦେଇଛନ୍ତି।

## ଖୁଦୁରୁକୁଣୀଙ୍କୁ ପୂଜିଲେ


ଝିଅମାନେ ପୂଜାର୍ଚ୍ଚନା କରୁଛନ୍ତି।

ଖୋର୍ଦ୍ଧା ଅଫିସ,୨୧।୮

ଖୋର୍ଦ୍ଧା ବ୍ଲକର ୩ ପଞ୍ଚାୟତର ୧୫ ଗାଁ ବନ୍ୟାପାଣି ଘେରରେ ରହିଛି। ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ତେବେ ଗତ ସପ୍ତାହେ ଧରି ପାଣିଘେରରେ ରହିଥିବା ସତ୍ତ୍ୱେ ଲୋକଙ୍କ ମଧ୍ୟରେ ଭକ୍ତି ଆରାଧନା ରହିଛି। ନିକଟରେ ଜନ୍ମାଷ୍ଟମୀ ପାଳନ କରିଥିବା ବେଳେ ରବିବାର ଖୁଦୁରୁକୁଣୀ ପୂଜା ଚାଲିଥିବା ଦେଖିବାକୁ ମିଳିଛି। ନରଣଗଡ ପଞ୍ଚାୟତର ବଳପୁର ଗ୍ରାମ ଜଳବନ୍ଦୀ ହୋଇ ରହିଛି। ଏହାରି ଭିତରେ ଯୁବତୀମାନେ ଭାଇର ଶୁଭ ମନାସୀ ରାସ୍ତାକଡ କାନ୍ଥରେ ମା’ ମଙ୍ଗଳାଙ୍କୁ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି। ଏନେଇ ବଳପୁର ଗ୍ରାମର କେତେଜଣ ଯୁବତୀ କୁହନ୍ତି, ପ୍ରତିବର୍ଷ ଆମେ ମିଳିମିଶି ପାଳନ କରିଥାଉ। ଚଳିତ ବର୍ଷ ଘରେ ପାଣି ପସିଛି। ମନ୍ଦିରରେ ମଧ୍ୟ ପାଣି ଜମି ରହିଛି। ତେଣୁ ରାସ୍ତାକଡ କାନ୍ଥ ଉପରେ ବାଲିରଖି ମହଦେବଙ୍କ ଲିଙ୍ଗ, ମଙ୍ଗଳାଙ୍କ ଫଟୋ ରଖି ପୂଜାର୍ଚ୍ଚନା କରୁଛୁ। ଗ୍ରାମକୁ ଆସିଥିବା ବିପତିରୁ ରକ୍ଷା କରିବା ଲାଗି ମା’ଙ୍କ ନିକଟରେ ପ୍ରାର୍ଥନା କରିଥିବା କହିଛନ୍ତି।

## ମାଷ୍ଟରମାଇଣ୍ଡଙ୍କୁ ପାଉନି ପୋଲିସ

ଖୋର୍ଦ୍ଧା ଅଫିସ,୨୧।୮

କୋଲକାତାରୁ ବାଲେଶ୍ୱର, ଜଳେଶ୍ୱର ଅଞ୍ଚଳରୁ ଗଳାବାଟ ଦେଇ ବ୍ରାଉନସୁଗାର ଖୋର୍ଦ୍ଧାରେ ପହଞ୍ଚୁଛି। ଏଠାରୁ ବିଭିନ୍ନ ଗ୍ରାମାଞ୍ଚଳ ଏବଂ ପଡ଼ୋଶୀ ଜିଲା ପୁରୀ ନିକଟବର୍ତ୍ତୀ ଅଞ୍ଚଳକୁ ପଠାଯାଉଛି। ସ୍ୱଳ୍ପ ସମୟରେ ଅଧିକ ଟଙ୍କା ରୋଜଗାର ଲାଳସାରେ ଯୁବପିଢି ଏଥିରେ ସାମିଲ ହୋଇ ବିପଦଗାମୀ ହେଉଛନ୍ତି। ତେବେ ଖୋର୍ଦ୍ଧାରେ ବାରମ୍ବାର ଚଢାଉ ସତ୍ତ୍ୱେ ଏହି କାରବାର ରୋକାଯାଇପାରୁନାହିଁ। ବ୍ରାଉନସୁଗାର କାରବାରର ମାଷ୍ଟର ମାଇଣ୍ଡକୁ ପୋଲିସ ଧରିବାରେ ବିଫଳ ହେଉଛି। ପୂର୍ବରୁ ଗୁରୁଜଙ୍ଗରେ ଟାଉନ ପୋଲିସ ଚଢ଼ାଉ ବେଳେ ଦୁଇଥର ବଡ ବେପାରୀ ଖସିଯିବା ଘଟଣା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଖୋର୍ଦ୍ଧାରେ କେତେକ ପରିବା ଦୋକାନ, ଗ୍ରୋସେରି, ଫୁଟପାଥ ଦୋକାନରେ ଚୋରା ନିଶା କାରବାର ଚାଲିଛି। ଖୋର୍ଦ୍ଧାରେ ଏକ ବଡ ନେଟୱର୍କ କାମ କରୁଛି। ସାମନ୍ତରାପୁର, ଠେଙ୍ଗାହାଟ, ଜବରଦସ୍ତିପୁର, ଗୁରୁଜଙ୍ଗ ସମେତ ଜଟଣୀ ବାଇପାସ, ୫୭ ଓ ୧୬ ନମ୍ବର ଜାତୀୟ ରାଜପଥ ଏମାନଙ୍କ ପାଇଁ ଗଳାବାଟ ପାଲଟିଛି। ଏସ୍‌ଡିପିଓ ସୁଶିଲ ମିଶ୍ର କହିଛନ୍ତି, ନିଶା କାରବାର ରୋକିବା ଲାଗି ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଗତ ଦୁଇବର୍ଷ ମଧ୍ୟରେ ଏକାଧିକ ବେପାରୀଙ୍କୁ ଗିରଫ କରାଯାଇଛି। ଗତବର୍ଷ ସାମନ୍ତରାପୁରର ଦୁଇଜଣ ନିଶା ବେପାରୀଙ୍କ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି କରିଥିଲା।

### ଲକ୍ଷେ ଟଙ୍କାର ବ୍ରାଉନସୁଗାର ଜବତ, ୩ ଗିରଫ

ବାଘମାରୀ ଥାନା ଅଧୀନ ଭୋଗଡ଼ା ଗ୍ରାମ ଶିବ ମନ୍ଦିର ନିକଟରୁ ରବିବାର ପୋଲିସ ୧୨.୧୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କଟକ ଜିଲା ବାଙ୍କୀ ଥାନା ଅଧୀନ ତୁଳସୀପୁର ଗ୍ରାମର ବଳିଆ ଶୁଣ୍ଢି ଓରଫ ବଳରାମ ସାହୁ, ଚକରା ଓରଫ ହିତୁ ପ୍ରଧାନ ଏବଂ ଲାଲୁ ଓରଫ ସୁରେନ୍ଦ୍ର ଦଳାଇ। ଏମାନଙ୍କଠାରୁ ପୋଲିସ ଏକ ନମ୍ବର ବିହୀନ ବାଇକ ଜବତ କରିଛି। ଜବତ ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ୧ଲକ୍ଷ ୨୦ ହଜାର ଟଙ୍କା ହେବ। ଏନେଇ ବାଘମାରୀ ଥାନାରେ ଏନ୍‌ଡିପିଏସ ଆକ୍ଟ ୟୁ/ଏସ-୨୧ (ବି)/ ୨୯/ ଆର୍‌ଡବ୍ଲ୍ୟୁଏସ/୩୪ ଆଇପିସିରେ ଏକ ମାମଲା (ନଂ. ୧୦୩/୨୨) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ପୂର୍ବାହ୍ନ ୯ଟା ୨୫ରେ ଅଭିଯୁକ୍ତମାନେ ଭୋଗଡ଼ା ଶିବ ମନ୍ଦିର ପାଖରେ ବ୍ରାଉନସୁଗାର ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। କୌଣସି ସୂତ୍ରରୁ ଏହି ଖବର ପାଇ ପୋଲିସ ଏବଂ ସ୍ପେଶାଲ ସ୍କ୍ୱାଡ୍ ସେଠାରେ ଚଢାଉ କରି ୩ଜଣଙ୍କୁ ଧରିଥିଲେ। ଚଢାଉରେ ଆଇଆଇସି ପି.ଆର୍. କର, ରଶ୍ମିରଞ୍ଜନ ଦାଶ, ଏଏସ୍‌ଆଇ ଆର୍.କେ.ପୁହାଣ, କନଷ୍ଟେବଳ ହୃଷିକେଶ ଦେହୁରୀ, ସନ୍ତୋଷ ବେହେରା ଏବଂ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ସାମିଲ ଥିଲେ।



## 'ସେଇ ବାଘ ଛୁଆଟି' ଉନ୍ମୋଚିତ

ପୁରୀ ଅଫିସ-ସଂସ୍କୃତି ଭବନରେ ରବିବାର ଶିକ୍ଷାବିତ୍ ତଥା ଶିଶୁ ସାହିତ୍ୟିକ ରାଧାମାଧବ ରଥଙ୍କ ଶିଶୁ ଗଳ୍ପ ସଂକଳନ 'ସେଇ ବାଘ ଛୁଆଟି' ଉନ୍ମୋଚିତ ହୋଇଯାଇଛି। ସାହିତ୍ୟିକ ଦାମୋଦର ମହାନ୍ତିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିମା ମିଶ୍ର, ଡ. କାର୍ତ୍ତିକ କୁମାର ଦାସ, ଡ. ହେମନ୍ତ କୁମାର ଛୋଟରାୟ ଏବଂ ଲକ୍ଷ୍ମୀକାନ୍ତ ଦଳାଇ ଅତିଥି ଭାବରେ ଯୋଗଦାନ କରି ଶିଶୁ ଗଳ୍ପ ସଂକଳନକୁ ଉନ୍ମୋଚନ କରିଥିଲେ। ଅତିଥିମାନେ କହିଥିଲେ ଆନନ୍ଦ ଓ ଆଲୋକର ସାହିତ୍ୟ ଶିଶୁ ସାହିତ୍ୟ । କାର୍ଯ୍ୟକ୍ରମକୁ ଅଭିନନ୍ଦନିକା ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ସଂଚାଳନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ରିଷ୍ଣା ମହାପାତ୍ର , ଅକ୍ଷଣ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ । ତାରା ନନ୍ଦନୀ ରଥ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ୧୫୦ ବିପନ୍ନଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର

ସାକ୍ଷୀଗୋପାଳ,୨୧।୮(ଡି.ଏନ୍.ଏ./ସ୍ୱ.ପ୍ର.): ଧନୁଆଁ ଓ କୁଶଭଦ୍ରା ନଦୀର ବନ୍ୟାଜଳ ପ୍ରଭାବରେ ରବିବାର ଅପରାହ୍ନ ପ୍ରାୟ ୨ଟା ସମୟରେ ନଳିତା ପହଣ୍ଡି ନନ୍ଦି ଗୋରଡ଼ା ରାସ୍ତାରେ ଏକ ଘାଇ ସୃଷ୍ଟି ହୋଇଛି। ଫଳରେ ବନ୍ୟାଜଳ ଦୁବପାଟଣା ନାଏକ ସାହି ଓ ବାଲି ଉପର ହରିଜନ ସାହିରେ ପ୍ରବେଶ କରି ଗ୍ରାମବାସୀଙ୍କ ଘରେ ବନ୍ୟାଜଳ ପଶି ଯାଇଛି। ଏହି ୨ ଗ୍ରାମର ୧୫୦ରୁ ଉର୍ଦ୍ଧ୍ୱ ବନ୍ୟାବିପନ୍ନଙ୍କୁ ଦୁବପାଟଣା ବିଦ୍ୟାଳୟ ଓ ବିଶ୍ୱନାଥ ଦେଉଳି ବାତ୍ୟା ଆଶ୍ରୟ ସ୍ଥଳରେ ଆଶ୍ରୟ ଦିଆଯାଇଛି। ସତ୍ୟବାଦୀ ବ୍ଲକ ଅଧକ୍ଷ ସୁନୀଲ ପଣ୍ଡା ଓ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅରକ୍ଷିତ ପ୍ରଧାନ, ସରପଞ୍ଚ ବିନତି ନାୟକ, ସାକ୍ଷୀଗୋପାଳ ଅଗ୍ନିଶମ ବାହିନୀ ବନ୍ୟାବିପନ୍ନଙ୍କୁ ସ୍ଥାନାନ୍ତର କରିବାରେ ସାହାଯ୍ୟ କରିଥିଲେ। ବିପନ୍ନଙ୍କୁ ପ୍ରଶାସନ ପକ୍ଷରୁ ଦୈନିକ ୨ ଥର ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟ ପ୍ରଦାନ କରାଯିବା ସହ ଗୃହ ପ୍ରାଣୀ ଓ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଥିବା ଜଣାପଡିଛି।

### ବନ୍ୟାଞ୍ଚଳ ବୁଲିଲେ ଜିଲା ପରିଷଦ ଉପାଧକ୍ଷ

ଅସ୍ତରଙ୍ଗ,୨୧।୮(ଡି.ଏନ୍.ଏ.): ପୁରୀ ଜିଲା ପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ ରବିବାର ଅସ୍ତରଙ୍ଗ ବ୍ଲକର ତାଳଦା ପଞ୍ଚାୟତର ପାଇଖଳା, ତାଳଦା, ଡିହକରଡ଼ା, ଡିଆ, ଏଡ଼ବାଂଶ, ଚନ୍ଦ୍ରପୁର, କୂଳସାହି ଆଦି ଅଞ୍ଚଳ ଗସ୍ତ କରିବା ସହ ବନ୍ୟା ବିପନ୍ନଙ୍କୁ ଭେଟି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ ପ୍ରତିନିଧିମାନେ ସାମିଲ ଥିଲେ। ପରେ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ କରି ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହିତ ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ ସମ୍ପର୍କରେ ଆଲୋଚନା କରିଥିଲେ। ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସହିତ ମଧ ବିପନ୍ନଙ୍କ ଥଇଥାନ ସମ୍ପର୍କରେ ଆଲୋଚନା କରିଥିଲେ। ସୋମବାର ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ଓ ଗୋଖାଦ୍ୟ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### କଂଗ୍ରେସ, ଜନ କଲ୍ୟାଣ ମଞ୍ଚ ପକ୍ଷରୁ ରିଲିଫ୍ ବଣ୍ଟନ

ଡେଲାଙ୍ଗ/ପିପିଲି,୨୧।୮(ଡି.ଏନ୍.ଏ.): କଂଗ୍ରେସ ପକ୍ଷରୁ ରବିବାର ରାଜ୍ୟ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ରବିବାର ଡେଲାଙ୍ଗ ବ୍ଲକର ବନ୍ୟା ପ୍ରଭାବିତ ଗ୍ରାମଗୁଡିକୁ ପରିଦର୍ଶନ କରିବା ସହିତ ରିଲିଫ୍ ବଣ୍ଟନ କରିଛନ୍ତି। ଡେଲାଙ୍ଗ- କୋଠବାଡ, ମୁନିନ୍ଦା ଓ ସୁଜନପୁର ପଞ୍ଚାୟତର ଅମୃତପୁର ଶଙ୍ଖପାଟ, ବାଲିଉପର, ଡିହଉପର, ଡାକପଡା ଆଦି ଗ୍ରାମକୁ ଯାଇ ୪ଶହ ପ୍ୟାକେଟ ଚୁଡା ଓ ବିସ୍କୁଟ ବାଣ୍ଟିଥିଲେ। ଅନ୍ୟମାନଙ୍କ ମଧରେ କଂଗ୍ରେସ ସଭାନେତ୍ରୀ ନିରୁପମା ପାତ୍ର, ଶେଖ୍ ବାବୁ, ଟିକନ ବିଶ୍ୱାଳ, ଜୟମନୁ ସାମନ୍ତରାୟ, ବିଶ୍ୱରଞ୍ଜନ ବଳବନ୍ତରାୟ ପ୍ରମୁଖ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। ଏଥିସହ ବନ୍ୟା ନିୟନ୍ତ୍ରଣ ପାଇଁ ଦୟାନଦୀର ପିପିଲିଠାରେ ଥିବା ୨ କାଜ ସମ୍ପର୍କରେ ଜଳସମ୍ପଦ ବିଭାଗର ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ଡେଲାଙ୍ଗ -ପିପିଲି ଜନକଲ୍ୟାଣ ମଞ୍ଚ ପକ୍ଷରୁ ମଞ୍ଚର ଆବାହକ ତଥା ସାମାଜିକ କର୍ମୀ ରାଧାମୋହନ ଓ ଉପଦେଷ୍ଟା ଜନ୍ମେଜୟ ଜେନା ବନ୍ୟାଞ୍ଚଳରେ ରିଲିଫ୍ ବାଣ୍ଟିଛନ୍ତି। ପାଣି ଘେରରେ ଥିବା ବାଲିହୁଙ୍କା, ଶିଶୁଆପଡା, ସେବତିପୁର, କଲ୍ୟାଣପୁର, ନୂଆହାଟ, ରାଢୁଅ, ସାନଆଙ୍କୁଲା, ଗଜପାଟଣା, ବେଲପଡା, ଡାକପଡା, ହରିପୁର ପ୍ରଭୃତି ଗ୍ରାମରେ ପହଞ୍ଚି ବନ୍ୟାବିପନ୍ନଙ୍କୁ ଶୁଖିଲା ଖାଦ୍ୟ ଓ ଗୋରୁଙ୍କ ପାଇଁ ଗୋ-ଖାଦ୍ୟ ବିତରଣ କରିଥିଲେ। ଅନ୍ୟମାନଙ୍କ ମଧରେ ମଞ୍ଚର ସଦସ୍ୟ ସୁକାନ୍ତ ସ୍ୱାଇଁ, ସଦାଶିବ ପରିଡା, ଚଣ୍ଡେଶ୍ୱର ଦାସ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

### ୧୩ରୁ ୩ ୱାର୍ଡରେ ମିଳିଛି ରିଲିଫ୍

ଡେଲାଙ୍ଗ,୨୧।୮(ଡି.ଏନ୍.ଏ.): ବନ୍ୟାରେ ଡେଲାଙ୍ଗ ସିଂହବ୍ରହ୍ମପୁର ପଞ୍ଚାୟତର ମଳିଗାଁ ୬ ଦିନ ଧରି ପାଣି ଘେରରେ ରହିଛି। ଗ୍ରାମର ୧୦ ଓ ୧୧ ନଂ. ୱାର୍ଡକୁ ୩ ଦିନ ପାଇଁ କେବଳ ଚୁଡା ଓ ଗୁଡ ଦିଆଯାଇଥିବାବେଳେ ରନ୍ଧାଖାଦ୍ୟ ମିଳି ନ ଥିବା ବିପନ୍ନ ଅଭିଯୋଗ କରିଛନ୍ତି। ଗ୍ରାମରେ ଏବେ ବି ୧୨ଶହରୁ ଉର୍ଦ୍ଧ୍ୱ ଲୋକ ଉଚ୍ଚ ସ୍ଥାନରେ ଆଶ୍ରୟ ନେଇଛନ୍ତି। ପଞ୍ଚାୟତରେ ୧୩ଟି ୱାର୍ଡରେ ୫ ହଜାର ୮୩୩ ଲୋକ ଥିବାବେଳେ କେବଳ ୩ଟି ୱାର୍ଡରେ ରିଲିଫ୍ ବଣ୍ଟାଯାଇଥିବା ବିପନ୍ନ ଲୋକେ କହିଛନ୍ତି। ଏନେଇ ସ୍ଥାନୀୟ ସରପଞ୍ଚ ରଶ୍ମିତା ବେହେରାଙ୍କୁ ପଚାରିବାରୁ, ସେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇପାରି ନ ଥିଲେ। ସୂଚନା ଅନୁଯାୟୀ, ବ୍ଲକ କାର୍ଯ୍ୟାଳୟରୁ ୪୩.୮୬ କୁଇଣ୍ଟାଲ ଚୁଡା ରେଭିନ୍ୟୁ ଗ୍ରାମ ମଳିଗାଁ, ସିଂହବ୍ରହ୍ମପୁର ପଶ୍ଚିମବାଡ, ବସନ୍ତପୁର, ନିପୁର, ସୁରଙ୍ଗପୁର ପାଇଁ ଆସିଛି। ରବିବାର ପଞ୍ଚାୟତ କାର୍ଯ୍ୟାଳୟରେ ରିଲିଫ୍ ବଣ୍ଟନକୁ ନେଇ ହୋହଲ୍ଲା ହୋଇଥିବାର ଦେଖିବାକୁ ମିଳିଥିଲା।

# ନୋଟିସକୁ ନେଇ ଅସନ୍ତୋଷ ତେଜୁଛି

ପୁରୀ ଅଫିସ,୨୧।୮:



ଖବରଦାତା ସମ୍ମିଳନୀରେ ଜମି ସମସ୍ୟା ସମାଧାନ ମଞ୍ଚର କର୍ମକର୍ତ୍ତାମାନେ।

**ମାଟିଆପଡ଼ା ରେଲ୍‌ୱେ ଓଭରବ୍ରିଜ୍ ପ୍ରସଙ୍ଗ**
- ଜମି ଅଧିଗ୍ରହଣ ମୂଲ୍ୟ ଶ୍ରୀମନ୍ଦିର ପ୍ରଶାସନ ନେବା ବେଆଇନ
- ସମାଧାନ ନ ହେଲେ ୨୬ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ମାଟିଆପଡ଼ା ରେଲୱେ ଓଭରବ୍ରିଜ୍ ପ୍ରସଙ୍ଗରେ ସ୍ଥାନୀୟ ଲୋକଙ୍କୁ ଜିଲା ପ୍ରଶାସନର ନୋଟିସ୍ ପରେ ଅସନ୍ତୋଷ ତେଜୁଛି। ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି ଯେ, ଜମି ଅଧିଗ୍ରହଣ ପାଇଁ ପ୍ରଶାସନ ଯେଉଁ ସର୍ତ୍ତ ରଖିଥିଲା ତାହାକୁ ପାଳନ କରୁନାହିଁ। ଜୋର ଜବରଦସ୍ତ ଜମି ଅଧିଗ୍ରହଣ ବାବଦକୁ କିଛି ଟଙ୍କା ଗ୍ରହଣ କରିବାକୁ ବାଧ କରାଯାଉଛି। ଜମିର ମୂଲ୍ୟ ଦିଆଯାଉନାହିଁ, କେବଳ କୋଠାର ମୂଲ୍ୟ ଦିଆଯାଉଛି। ତାହା ପୁଣି ୨୦୧୪ ମସିହାର ବଜାର ମୂଲ୍ୟରେ ଅର୍ଥ ଗ୍ରହଣ କରିବାକୁ କୁହାଯାଉଛି। ଜମି ସମସ୍ୟା ସମାଧାନ ମଞ୍ଚର ସଭାପତି ଶରତ ରାୟଗୁରୁ ଏନେଇ ରବିବାର ମାଟିଆପଡ଼ା ଛକ ଗୋସ୍ୱାମୀ ଭବନରେ ଖବରଦାତା ସମ୍ମିଳନୀ ଡାକି ଏଭଳି ଅଭିଯୋଗ କରିଛନ୍ତି।

ରାୟଗୁରୁ କହିଛନ୍ତି, ରେଲୱେ ଓଭରବ୍ରିଜ ପାଇଁ ଜମି ଅଧିଗ୍ରହଣ ନୋଟିସ କରାଗଲା। ଭୂଅର୍ଜନ ଅଧିକାରୀ ଲୋକଙ୍କୁ ଅଧିଗ୍ରହଣ ହୋଇଥିବା ଜମିର ମୂଲ୍ୟ ସହ କୋଠାର ମୂଲ୍ୟ ପ୍ରଦାନ କରିବେ ବୋଲି ନୋଟିସ୍ କରି ଜଣାଇଲେ। ନୋଟିସ୍ ମିଳିବା ପରେ ଗତ ମାର୍ଚ୍ଚରେ ଲୋକେ ପାଉତି ଓ ଅନ୍ୟ କାଗଜପତ୍ର ଦାଖଲ କଲେ। ମାତ୍ର ଗତ ଜୁନ ମାସରେ ଶ୍ରୀମନ୍ଦିର ପ୍ରଶାସନ ଭୂଅର୍ଜନ କାର୍ଯ୍ୟାଳୟକୁ ଚିଠି ଲେଖି ଅବଗତ କରାଇଥିଲେ ଯେ, ସମ୍ପୃକ୍ତ ଜମିର ମାଲିକାନା ମନ୍ଦିର ପ୍ରଶାସନ ଅଧୀନସ୍ଥ। ଏଣୁ ଶ୍ରୀମନ୍ଦିର ପ୍ରଶାସନକୁ ଜମି ମୂଲ୍ୟ ମିଳୁ ଓ ପ୍ରଜାସ୍ୱତ୍ତ୍ୱରେ ରହିଆସିଥିବା ଲୋକଙ୍କୁ କେବଳ କୋଠାର ମୂଲ୍ୟ ଦିଆଯାଉ। ଏହାପରେ ଭୂଅର୍ଜନ ଅଧିକାରୀ କେବଳ କୋଠାବାଡ଼ିର କ୍ଷତିପୂରଣ ଦେବାକୁ ନୋଟିସ୍ କଲେ। ଲୋକେ ଏହି ନୋଟିସ୍ ବିରୋଧରେ ଜିଲାପାଳଙ୍କ ନିକଟରେ ଆର୍ବିଟ୍ରେଶନ୍ (କ୍ଷତିପୂରଣରେ ଅସନ୍ତୁଷ୍ଟ ସମ୍ପର୍କିତ) ମାମଲା ଦାଏର କଲେ। ଜିଲାପାଳଙ୍କ ନିକଟରେ ଏହି ମାମଲା ବିଚାରାଧୀନ ଥିବାବେଳେ ଭୂଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସାନି ନୋଟିସ୍ ଆସିଛି। ଯେଉଁ ଅର୍ଥ କୋଠା ବାବଦକୁ ଦିଆଯାଉଛି ତାହାକୁ ଲୋକେ ଗ୍ରହଣ କରିନିଅନ୍ତୁ ନଚେତ୍ ପ୍ରଶାସନ ଘର ଭାଙ୍ଗିବ ବୋଲି ସ୍ପଷ୍ଟ କରିଛି। ତେବେ ସଂପୃକ୍ତ ନୋଟିସ୍‌କୁ ବେଆଇନ କହି ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ୭୩ଟି ପରିବାର ଆନ୍ଦୋଳନରେ ସାମିଲ ହେବେ।

ଅନ୍ୟପକ୍ଷରେ ୨୦୧୫ ଡିସେମ୍ବର ୧୬ରେ ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ, ଓଡ଼ିଶା ଜମିଦାରି ଉଚ୍ଛେଦ ଆଇନ ଶ୍ରୀଜଗନ୍ନାଥ ମନ୍ଦିର ସମ୍ପତ୍ତି ନିମନ୍ତେ ପ୍ରଯୁଜ୍ୟ ନୁହେଁ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସ୍ୱତ୍ତ୍ୱ ରାଜ୍ୟ ସରକାରଙ୍କ ନିକଟରେ ଭେଷ୍ଟ ହୋଇନାହିଁ। ଅର୍ଥାତ୍ ମନ୍ଦିର ଜମିଦାର ପ୍ରଜାସ୍ୱତ୍ତ୍ୱ ଓ କ୍ଷତିପୂରଣ ରାଶି ପାଇବେ। ମନ୍ଦିର କେବଳ ଖଜଣା ନେବ, ଜମିକୁ ବିକ୍ରି କରିପାରିବ ନାହିଁ। ଏଣୁ ଲୋକଙ୍କୁ ଜମିର ମୂଲ୍ୟ ଦିଆଯାଉ ବୋଲି ଜମି ସାମାଧାନ ମଞ୍ଚ ଦାବି କରିଛି। ସେହିଭଳି ପୁରୀ ସହରର ଅଧିକାଂଶ ସ୍ଥାନରେ ମଠ ମନ୍ଦିର ଜମିରେ ପ୍ରଜାସ୍ୱତ୍ତ୍ୱ ଅଧିକାର ବଳରେ ସ୍ଥାୟୀ ରୟତ ଭାବେ ବାସ କରୁଥିବା ଲୋକଙ୍କୁ ତୁରନ୍ତ ସ୍ଥାୟୀ ଜମିପଟ୍ଟା ଦିଆଯାଉ। ଜିଲା ଓ ଶ୍ରୀମନ୍ଦିର ପ୍ରଶାସନର ମିଳିତ ଉଦ୍ୟମରେ ଏହାର ସମାଧାନ କରା ନ ଗଲେ ଆସନ୍ତା ୨୬ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ରେଲୱେ ଓଭରବ୍ରିଜ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲୁ ରହିଛି। ଉଚ୍ଛେଦ ଚାଲିଥିବା ବେଳେ ୭୩ଟି ଜମିକୁ ନେଇ ଏହି ବିବାଦ ଉଠିଛି।



ପୁରୀ ସଂସ୍କୃତି ଭବନ ପରିସରରେ ରବିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ 'ସେଇ ବାଘ ଛୁଆଟି' ପୁସ୍ତକକୁ ଲୋକାର୍ପଣ କରୁଛନ୍ତି ।

# ଆଜି ଶ୍ରୀମନ୍ଦିରରେ ବଣଭୋଜି, କୋଳିବିକା ନୀତି

ପୁରୀ ଅଫିସ,୨୧।୮

ଭାଦ୍ରବ ମାସ କୃଷ୍ଣ ପକ୍ଷ ଏକାଦଶୀ ତିଥି ସୋମବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ବଣଭୋଜି ବେଶ ଅନୁଷ୍ଠିତ ହେବ। ସେହିପରି କୋଳିବିକା ନୀତି ସହ ବକାସୁର, ଅଘାସୁର ବଧ ନୀତି ମଧ ଅନୁଷ୍ଠିତ ହେବ। ହାତରେ ବାଡ଼ ଆଉ ଶିକାରେ ଲହୁଣୀ ଧରି ବେଶ ହେବେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଭାଇ ପ୍ରଭୁ ବଳଭଦ୍ର। ଗଜପତି ପ୍ରତାପରୁଦ୍ର ଦେବଙ୍କ ସମୟରେ ରାମାନନ୍ଦ ଓ ଶ୍ରୀଚୈତନ୍ୟଙ୍କ ସମୟରୁ ଏହି ବେଶ ଏବଂ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପ୍ରଚଳିତ ହୋଇ ଆସୁଥିବା ଜଣାଯାଏ। ସୋମବାର ଶ୍ରୀମନ୍ଦିରରେ ମଧାହ୍ନ ଧୂପ ପରେ ବଣଭୋଜି ବେଶ ପାଇଁ ପ୍ରଭୁ ବଳଭଦ୍ର ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦୁଇଟି ଅଞ୍ଜାମାଳ ଲାଗି କରାଯିବ। ମଧାହ୍ନ ଧୂପ ବଢ଼ିବା ପରେ ବଡଠାକୁର ଏବଂ ଶ୍ରୀଜଗନ୍ନାଥଙ୍କ ଆଞ୍ଜାମାଳକୁ ଦକ୍ଷିଣ ଘରକୁ ବିଜେ କରାଯିବ। ପରେ ରାମ ଓ କୃଷ୍ଣଙ୍କୁ ଏହି ଦୁଇଟି ଆଞ୍ଜାମାଳ ଲାଗି କରାଯିବ। ରାମକୃଷ୍ଣ ଏହି ଆଞ୍ଜାମାଳ ପାଇବା ପରେ ବଟଦ୍ୱାର ପାଖରେ ଥିବା ପାଲିଙ୍କିରେ ଅଧିଷ୍ଠିତ ହେବେ। ଏହି ପାଲିଙ୍କିକୁ ବିମାନ ବଡୁ ସେବକମାନେ ଘଣ୍ଟଛତା, କାହାଳୀ ସହ ପଟୁଆରରେ ନେଇ ଶ୍ରୀମନ୍ଦିର ସିଂହଦ୍ୱାର ପାର୍ଶ୍ୱ ବଡ଼ଛତା ମଠ ସମ୍ମୁଖ କାଠ ସିଂହାସନରେ ବିଜେ କରାଇବେ। ସେଠାରେ ଠାକୁରଙ୍କ କୋଳିବିକା ନୀତି ହେବ। ପରେ ପୁଷ୍ପାଳକ ସେବକମାନେ ଶ୍ରୀବିଗ୍ରମାନଙ୍କୁ ବଣଭୋଜି ବେଶରେ ଭୂଷିତ କରାଇବେ । ଏହି ବେଶର ମହାପ୍ରଭୁ ବିଭିନ୍ନ ସ୍ୱର୍ଣ୍ଣ ଅଳଙ୍କାର ପ୍ରାୟ ୧୮ ପ୍ରକାର ଅଳଙ୍କାର ଲାଗି ହେବେ। ବଡ଼ ଠାକୁର ବଳଭଦ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀହସ୍ତର ଗୋଟିଏ ପାଖରେ ଚାରି ଫୁଟ ଲମ୍ବାର କନା ଓ ଜରିରେ ନିର୍ମିତ ଶିକା ତଳ ଭାଗରେ ଥିବା ରୁପା ପିଙ୍ଗଣରେ ସର ଏବଂ ଅନ୍ୟ ହସ୍ତରେ ଏକ ବାଡ଼ି ଧରିଥାନ୍ତି। ବେଶରେ ଠାକୁରମାନେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଖୁଆପେଡାର ମାଳି ଧାରଣ କରିବେ। ପାଟଯୋଶୀ ମହାପାତ୍ରଙ୍କ ଘରୁ ଏହି ଖୁଆପେଡା ଯୋଗାଇ ଦିଆଯାଇଥାଏ। ପୁରାଣ ଏବଂ ପରମ୍ପରା ମୁତାବକ ଶ୍ରୀକୃଷ୍ଣ ବଳରାମଙ୍କ ବାଲ୍ୟଲୀଳାରେ ଗାଈ ବାଛୁରି ନେଇ ବନଭୋଜିକୁ ଯିବା ଘଟଣା ଆଧାରରେ ଶ୍ରୀମନ୍ଦିରରେ ଏହି ବନଭୋଜି ବେଶ ପାଳନ ହେଉଥିବା ଲୋକ ବିଶ୍ୱାସ ରହିଛି । ସେହିପରି କୃଷ୍ଣ ଲୀଳା କ୍ରମରେ ସାହି ପରମ୍ପରାରେ ବାଲିସାହି ଯାଗା ଆଖଡ଼ା ପକ୍ଷରୁ ବକାସୁର ବାହାରି ନଗର ପରିକ୍ରମା କରି ଶ୍ରୀମନ୍ଦିର ପରିଦର୍ଶନ କରିବା ପରେ ସେଠାରେ ବକାସୁର ବଧ ଓ ଅର୍ଘାସୁର ବଧ ନୀତି ସମ୍ପନ୍ନ ହେବ।

## ବନ୍ୟା ପ୍ରଭାବିତ ୩ ବ୍ଲକ୍‌ରେ ୨ଦିନ ସ୍କୁଲ ବନ୍ଦ

ପୁରୀ ଅଫିସ,୨୧।୮:

ପୁରୀ ଜିଲାର ନିମାପଡ଼ା, କଣାସ ଓ ଡେଲାଙ୍ଗ ବ୍ଲକରେ ବନ୍ୟାସ୍ଥିତି ନିୟନ୍ତ୍ରଣକୁ ଆସିନାହିଁ। ଫଳରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଏହି ତିନୋଟି ବ୍ଲକ୍‌ର ସମସ୍ତ ସରକାରୀ ଓ ଘରୋଇ ବିଦ୍ୟାଳୟ ଅଗଷ୍ଟ ୨୨ ଓ ୨୩ ତାରିଖରେ ବନ୍ଦ ରହିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏ ନେଇ ରବିବାର ଏକ ନୋଟିସ୍ ଜାରି କରାଯାଇଛି। ଜିଲା ଶିକ୍ଷାଧିକାରୀ, ସଂପୃକ୍ତ ବ୍ଲକ୍‌ର ଶିକ୍ଷାଧିକାରୀ ଏବଂ ବିଡିଓଙ୍କ ସମେତ ସମସ୍ତ ଅଧିକାରୀଙ୍କୁ ଉକ୍ତ ଚିଠିର ନକଲ ପଠାଯାଇଛି। ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି ଯେ, ସଂପୃକ୍ତ ବ୍ଲକ୍‌ର ଶିକ୍ଷାଧିକାରୀ ଓ ବିଦ୍ୟାଳୟ ସ୍ତରକୁ ଏନେଇ ଖବର ପଠାଯାଇଛି। ସେହିଭଳି ଅନ୍ୟ ବ୍ଲକ୍‌ରେ ବନ୍ୟାସ୍ଥିତିରେ ଛାତ୍ରୀଛାତ୍ରମାନେ କିଭଳି ସୁରକ୍ଷିତ ରହିବେ ସେନେଇ ବିଶେଷ ଧାନ ଦେବାକୁ ନିର୍ଦ୍ଦେଶନାମା ଜାରି ହୋଇଛି।

## ଗଣତନ୍ତ୍ର, ସମ୍ବିଧାନକୁ ନେଇ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

କାକଟପୁର/ଅସ୍ତରଙ୍ଗ, ୨୧।୮(ଡି.ଏନ୍.ଏ.):

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ତଥା ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ପୁରୀ ଜିଲା କାକଟପୁରସ୍ଥିତ ରାମକୃଷ୍ଣ ଶିଶୁ ମନ୍ଦିରରେ ରବିବାର 'ଆମ ଗଣତନ୍ତ୍ର ଓ ସମ୍ବିଧାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାଚୀ ୟୁଥ୍ ସୋସିଆଲ ଅର୍ଗାନାଇଜେଶନ ପକ୍ଷରୁ ଆୟୋଜିତ ଏହି ଆଲୋଚନାଚକ୍ରରେ ସର୍ବଶ୍ରୀ ଦାଶ ବେନହୁର, ଡ. ପ୍ରହ୍ଲାଦ ସିଂହ, ସାମାଜିକ କର୍ମୀ ଅମିୟ ପଟ୍ଟନାୟକ, ସ୍ୱାଧୀନତା ସଂଗ୍ରାମୀ ସୋମନାଥ ପାତ୍ର ପ୍ରମୁଖ ବକ୍ତା ଭାବେ ଯୋଗଦେଇଥିଲେ। ଶିକ୍ଷାବିତ୍ ସ୍ୱପ୍ନେଶ୍ୱର ସାହୁ ସଭାପତିତ୍ୱ କରିଥିଲେ। ଦେବରାଜ ଦୀକ୍ଷିତ, ପ୍ରଭାତ ଦୀକ୍ଷିତ, ସଞ୍ଜୟ ସାମଲ, ତୁଷାର ରଞ୍ଜନ ଦୀକ୍ଷିତ, ହିମାଂଶୁ ଭୂଷଣ ଦୀକ୍ଷିତ, ପ୍ରଦୀପ ପଣ୍ଡା, କମଳ ଲୋଚନ ଦୀକ୍ଷିତ, ଦୀପ୍ତି ମହାନ୍ତି, ଦୁର୍ଗା ମିଶ୍ର, କୈଳାସ ଦାଶ, ସାଧୁଚରଣ ବିଶ୍ୱାଳ, ରମେଶ ଚନ୍ଦ୍ର ବିଶ୍ୱାଳ, ଯୁଧିଷ୍ଠିର ବେହେରା, କୈଳାସ ବରାଳ, ନିରୋଦ ଚରଣ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଶ୍ରୋତା ଭାବେ ଉପସ୍ଥିତ ଥିଲେ।

## ୩ହଜାର ବନ୍ୟାବିପନ୍ନଙ୍କୁ ରିଲିଫ୍, ୨ଶହଙ୍କୁ ଔଷଧ ବଣ୍ଟନ

ନିମାପଡ଼ା,୨୧।୮(ଡି.ଏନ୍.ଏ.):

ନିମାପଡ଼ା ଅଞ୍ଚଳର ଜୟମାର୍ବେଲ, ସାଇ ବିଦ୍ୱାନ ଟିଉଟୋରିଆଲ, ସାପ୍ତାହିକ ଖବରକାଗଜ କଲମ ମୁନ, ଓଡିଶା ଷ୍ଟେଟ୍ ବ୍ରିଗେଡ୍ ସ୍କୁଲ, ଏସ୍‌ପି ଫାଉଣ୍ଡେଶନ, ଏସ୍‌ବିଆଇ ଲାଇଫ, ଆକାଶ ସ୍ୱେଚ୍ଛାସେବୀ ସଂଗଠନ, ଢେଙ୍କାନାଳ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନିମାପଡ଼ା ବ୍ଲକରେ ରବିବାର ରିଲିଫ୍ ବଣ୍ଟନ କରାଯାଇଥିଲା। ନିମାପଡ଼ା ବ୍ଲକ ଅନ୍ତର୍ଗତ ଧଳେଶ୍ୱର ପଞ୍ଚାୟତର ବୁଧେଇ, ପାଟେଳି ଗ୍ରାମ, କୋପିନ୍ଦା, ଅନ୍ତୁଆର ପଞ୍ଚାୟତର ଗୋପାଳପୁର ସମେତ ଶଗଡା ପଞ୍ଚାୟତର ୬ଶହ ବନ୍ୟାବିପନ୍ନ ପରିବାର ୩ହଜାର ବିପନ୍ନଙ୍କୁ ଚୁଡା, ଗୁଡ, ବିସ୍କୁଟ, ଅମୁଲ, ଚା'ପତି, ପାନୀୟ ଜଳ ବୋତଲ ଆଦି ଦିଆଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ସ୍ୱେଚ୍ଛାସେବୀ ସଂଗଠନ 'ବର୍ଣ୍ଣ ହେଲ୍ଥଅଲ୍' ପକ୍ଷରୁ ପ୍ରାୟ ୨ଶହ ବନ୍ୟା ବିପନ୍ନଙ୍କ ଅଣ୍ଡା, କାଶ, ଜ୍ୱର, ଚର୍ମରୋଗ, ଗ୍ୟାସ ଆଦି ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଖବରଦାତା ପ୍ରଦୀପ ବେହେରା, ବିରଞ୍ଜନ ମଲ୍ଲିକ, ଧଳେଶ୍ୱର ସରପଞ୍ଚ ସଚ୍ଚିଦାନନ୍ଦ ରାଉତରାୟ, ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ବରାଳ, ବିମ୍ବାଧର ବିଶ୍ୱାଳ, ବର୍ଣ୍ଣ ହେଲ୍ଥଅଲ୍‌ର ମୁଖ୍ୟ ପପକ ରଞ୍ଜନ ବାରିକ ପ୍ରମୁଖ ସାମିଲ ହୋଇ ରିଲିଫ ବଣ୍ଟନ କରିଥିଲେ।

## ପିଏନ୍‌ବିର ରିଲିଫ୍ ବଣ୍ଟନର ଶୁଭାରମ୍ଭ କଲେ ମନ୍ତ୍ରୀ


ରିଲିଫ ଗାଡ଼ିକୁ ମନ୍ତ୍ରୀ ସମୀର ରଞ୍ଜନ ଦାଶ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

ନିମାପଡ଼ା,୨୧।୮(ଡି.ଏନ୍.ଏ.):

ନିମାପଡ଼ା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ପକ୍ଷରୁ ଆୟୋଜିତ ବନ୍ୟାବିପନ୍ନଙ୍କ ପାଇଁ ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମ ରବିବାର ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏଥିରେ ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ଅଶୋକ ସାହୁ ପ୍ରମୁଖ ନେତୃବୃନ୍ଦ ସାମିଲ ହୋଇଥିଲେ। ପିଏନ୍‌ବି ଜୋନାଲ ମ୍ୟାନେଜର ଏ ଉଦୟଭାସ୍କର ରେଡ୍ଡି, ଡେପୁଟି ଜୋନାଲ ମ୍ୟାନେଜର ଜନ୍ମେଜୟ ଦୀକ୍ଷିତ୍, ସର୍କଲ ମଣ୍ଡଳ ମୁଖ୍ୟ ଚିତ୍ତରଞ୍ଜନ ପୃଷ୍ଟି, ଜୋନାଲ ମାର୍କେଟିଂ ମୁଖ୍ୟ ପ୍ରତାପ କୁମାର ବଇରି ରଞ୍ଜନ, ନିମାପଡ଼ା ଶାଖା ପରିଚାଳକ ଜିରୋଦ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ନିମାପଡ଼ା ବ୍ଲକ ଅନ୍ତର୍ଗତ ଶାଇଁସଶାସନ, ଅଲଣ୍ଡା, ଧନୁଆଁ, ଶଗଡା ଆଦି ବନ୍ୟାଞ୍ଚଳରେ ଥିବା ୫ଶହ ପରିବାରର ପ୍ରାୟ ୩ ହଜାର ବିପନ୍ନଙ୍କୁ ଚୁଡା, ଗୁଡ, ବିସ୍କୁଟ୍, ଛତୁଆ, ମହମବତି, ଦିଆସିଲି, ପାନୀୟ ଜଳ ଆଦି ରିଲିଫ୍ ବଣ୍ଟନ କରାଯାଇଥିଲା।

## ବରିଷ୍ଠ ନାଗରିକଙ୍କ ଭଲରେ ବଞ୍ଚିବାର ଅଧିକାର ରହିଛି

ସାକ୍ଷୀଗୋପାଳ, ୨୧।୮(ଡି.ଏନ୍.ଏ./ସ୍ୱ.ପ୍ର.):

ସତ୍ୟବାଦୀ ବିକାଶ ପରିଷଦ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ସତ୍ୟବାଦୀ ମନ୍ଦିର ନିକଟସ୍ଥ ପାନ୍ଥ ନିବାସ ପ୍ରାଙ୍ଗଣରେ ରବିବାର ପାଳନ କରାଯାଇଛି। ଅତିଥି ଓ ବରିଷ୍ଠ ନାଗରିକ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମନ୍ଦିରକୁ ଯାଇଥିଲେ। ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଅନୁଷ୍ଠାନ ସଭାପତି ଆଇନଜୀବୀ ଗୁଣ୍ଡିଚା ବରାଳ ଏଥିରେ ସଭାପତିତ୍ୱ କରିଥିଲେ। ଆୟୋଜିତ ସଭାରେ ଜିଲା ପ୍ରଶାସନ ପକ୍ଷରୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା, ଉପଆରକ୍ଷୀ ଅଧୀକ୍ଷକ ମନୋବ୍ରତା ଶତପଥୀ ଯୋଗଦେଇ କୈଳାସ ଚନ୍ଦ୍ର ଜେନା, ଫକୀର ଚରଣ ରଥ ପ୍ରମୁଖ ୬୦ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ। ପ୍ରତ୍ୟେକ ବରିଷ୍ଠ ନାଗରିକଙ୍କ ସମାଜରେ ଭଲରେ ବଞ୍ଚିବାର ଅଧିକାର ରହିଛି ବୋଲି ଅଧୀକ୍ଷକ ଶତପଥୀ କହିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀର ବରିଷ୍ଠ ନାଗରିକ ମଞ୍ଚ ସଭାପତି ବାସୁଦେବ ସାହୁ, ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର, ଉମା ବଲ୍ଲଭ ମହାପାତ୍ର, ସାକ୍ଷୀଗୋପାଳ ବଜାର କମିଟି ସଭାପତି ବୀରେନ୍ଦ୍ର ଭୂଷଣ ହୋତା, ମଞ୍ଚର ସାଧାରଣ ସମ୍ପାଦକ ଅଞ୍ଜନ ହୋତା, ପୂର୍ବତନ ଜିଲା ପରିଷଦ ଉପାଧକ୍ଷା ଶଶୀମଣି ବରାଳ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ଜୀବନ ସଂଗ୍ରାମରେ ଆବଶ୍ୟକତା ରହିଥିବା ସୁବିଧା ସୁଯୋଗ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଆଇନଜୀବୀ ସୁଶାନ୍ତ ରଥ ଓ ଉପେନ୍ଦ୍ର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅଞ୍ଚଳର ବୟୋଜ୍ୟେଷ୍ଠ ନାଗରିକ ବ୍ରଜବନ୍ଧୁ ନନ୍ଦ, ରାଜେନ୍ଦ୍ର ହୋତା, ବୁଧନାଥ ମଲ୍ଲିକ ଓ ବନମାଳୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଇନଜୀବୀ ଅମର ନନ୍ଦ ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

# ବନ୍ୟାଞ୍ଚଳରେ ଜ୍ୱର, ଝାଡ଼ା ବ୍ୟାପୁଛି

କଣାସ, ୨୧।୮(ସ୍ୱ.ପ୍ର):

କଣାସ ବ୍ଲକରେ ଦୟା ନଦୀ ବିପଦସଙ୍କେତ ଉପରେ ପ୍ରବାହିତ ହେଉଥିବାରୁ ୧୦ଦିନ ହେଲା ଦୟା ଓ ରାଜୁଆ ନଦୀର ମଧବର୍ତ୍ତୀ ଅଞ୍ଚଳ ଦୋକନ୍ଦା, କଦଳୀ ଦଣ୍ଡା, ବାଲିପାଟଣା, ତରପଡ଼ା, ବଡ଼ାସ, କଖାରୁବସ୍ତ, ସବଳଙ୍ଗ, ଗଡ଼ବଳଭଦ୍ରପୁର ଗ୍ରାମ ପାଣିଘେରରେ ରହିଛି। ଏସବୁ ଗ୍ରାମର ଶତାଧିକ ବ୍ୟକ୍ତି ଝାଡ଼ା, ଜ୍ୱର ସାଙ୍ଗକୁ ପାଣିଖିଆ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ତେବେ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ସେମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇ ନ ଥିବା ତରପଡ଼ା ୱାର୍ଡସଭ୍ୟ ରଶ୍ମିତା ଦଳାଇ ଅଭିଯୋଗ କରିଛନ୍ତି।

ଗାଁ ଦାଣ୍ଡରେ ଚାରିଫୁଟରୁ ଉର୍ଦ୍ଧ୍ୱ ବନ୍ୟାଜଳ ପ୍ରବାହିତ ହେଉଛି। ସେହିପରି ଘରଗୁଡ଼ିକରେ ବନ୍ୟାଜଳ ପ୍ରବେଶ କରିଥିବାରୁ ପରିବାର ସଦସ୍ୟମାନେ ଖଟ ଉପରେ ବସି ରହିଛନ୍ତି। ୧୦ଦିନ ହେଲା ବନ୍ୟାପାଣିରେ ଯାତାୟାତ କରୁଥିବାରୁ ଲୋକଙ୍କ ଗୋଡ଼ହାତ ପାଣି ଖାଇ ଘା' ହୋଇଗଲାଣି। ପ୍ରତ୍ୟେକ ଗ୍ରାମରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧାବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତେ ଜ୍ୱର ଓ ଝାଡ଼ାରେ ପୀଡ଼ିତ ହୋଇଛନ୍ତି। ତୁରନ୍ତ ସମ୍ପୃକ୍ତ ଗ୍ରାମଗୁଡ଼ିକୁ ଔଷଧ ସହ ଡାକ୍ତରୀ ଟିମ୍ ପଠାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ବେହେରା କହିଛନ୍ତି, ତରପଡ଼ା ଗ୍ରାମକୁ ଔଷଧ ଯାଇନାହିଁ। ସୋମବାର ପଠାଯିବ।

ସେହିପରି ୧୦ଦିନ ହେଲା ଗୋରୁ, ମେଣ୍ଢା, ଛେଳି ପ୍ରଭୃତି ଗୃହପାଳିତ ପ୍ରାଣୀଗୁଡ଼ିକ ଗୁହାଳରେ ବନ୍ଧା ହୋଇ ରୋଗାକ୍ରାନ୍ତ ହୋଇଗଲେଣି। କଣାସ ପ୍ରାଣୀ ଚିକିତ୍ସା କେନ୍ଦ୍ର ଏବଂ କାକଟପୁରରୁ ଆସିଥିବା ପ୍ରାଣୀ ଚିକିତ୍ସା ଟିମ୍ ତିନିଭାଗରେ ବିଭକ୍ତ ହୋଇ ବନ୍ୟା ପ୍ରଭାବିତ ଗ୍ରାମଗୁଡ଼ିକୁ ଯାଇ ୧୧୨୭ଟି ରୋଗାକ୍ରାନ୍ତ ଗୋରୁ, ମଇଁଷିଙ୍କୁ ଚିକିତ୍ସା କରିବା ସହ ୧୪ଶହ ଗୋରୁଙ୍କୁ ସାହାଣ ଓ ବଜବଜିଆ ଟିକା ଦେଇଥିବା କଣାସ ପ୍ରାଣୀ ଚିକିତ୍ସା କେନ୍ଦ୍ରର ମୁଖ୍ୟ ପ୍ରାଣୀ ଚିକିତ୍ସକ ଡା. ବିଶ୍ୱରଞ୍ଜନ ବେହେରା କହିଛନ୍ତି। ସେହିପରି ୧୬୦ କୁଇଣ୍ଟାଲ ଗୋଖାଦ୍ୟ ଦିଆଯାଇଛି।


ବନ୍ୟା ଯୋଗୁ ପିପିଲି ଅଞ୍ଚଳର ଏକ ଗ୍ରାମ ଜଳମଗ୍ନ ହୋଇପଡିଛି ।

## ରାତି ହେଲେ ସାପ ଭୟ

ପିପିଲି,୨୧।୮(ଡି.ଏନ୍.ଏ.):

ରାଜଧାନୀ ଉପକଣ୍ଠ ଦୟାନଦୀରେ ୭ ଦିନ ହେଲା ବନ୍ୟା ଯୋଗୁ ତଟବର୍ତ୍ତୀ ଅଞ୍ଚଳ ଏବେ ବି ଜଳମଗ୍ନ ହୋଇ ରହିଛି। ନଦୀର ଜଳସ୍ତର କମିଥିଲେ ମଧ ୫ ପଞ୍ଚାୟତର ୨୨ ଗ୍ରାମର ୬ ହଜାରରୁ ଉର୍ଦ୍ଧ୍ୱ ଲୋକେ ଆଣ୍ଠୁଏ ଉଚ୍ଚର ପାଣିରେ ଜଳବନ୍ଦୀରେ ଅଛନ୍ତି। ଗାଁକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଥିବାବେଳେ ଜରୁରୀ ପରିସ୍ଥିତିରେ ଡଙ୍ଗା ଏକମାତ୍ର ଭରସା ପାଲଟିଛି। ପ୍ରଶାସନ ପକ୍ଷରୁ ବିପନ୍ନଙ୍କୁ ଚୁଡା, ଗୁଡ ଯୋଗାଇ ଦିଆଯାଉଛି। ଅନେକ ନେତା ଅଞ୍ଚଳ ପରିଦର୍ଶନରେ ଆସି ପ୍ରଶାସନ ସହ ଆଲୋଚନା କରୁଛନ୍ତି। ହେଲେ ରନ୍ଧାଖାଦ୍ୟ ପାଇଁ ସହଯୋଗ କରୁନାହାନ୍ତି। ଅନ୍ୟପକ୍ଷେ ବନ୍ୟା ଆଶ୍ରୟ ସ୍ଥଳକୁ ଗଲେ ରନ୍ଧାଖାଦ୍ୟ ଯୋଗାଇ ଦେବାର ସରକାରୀ ନିୟମ ଥିବା ପ୍ରଶାସନ କହୁଛି। ଘରଗୁଡିକରେ ପାଣି ପଶି ଥିବାରୁ ରାନ୍ଧିବା ସମ୍ଭବ ହେଉନାହିଁ। ସଞ୍ଚିତ ବର୍ଷକର ଖାଦ୍ୟଶସ୍ୟ ନଷ୍ଟ ହୋଇଗଲାଣି। ଏ ସମୟରେ ରାତିର ଦୁଃଖ ଦିନଠାରୁ ବଳିପଡୁଛି। ବିଦ୍ୟୁତ୍ ସରବରାହ ବନ୍ଦ ଥିବାବେଳେ ବିଷଧର ସର୍ପଙ୍କ ଭୟ ରହିଥିବା ବିପନ୍ନ କହିଛନ୍ତି।